ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୫/୨୦୨୩ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 5/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୨୫୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 251 ମୂଲ୍ୟ₹୭/-




KP GROUP Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP GROUP Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୫/୨୦୨୩ | Bhubaneswar, Saturday, August 5/2023 | ପୃଷ୍ଠା-୧




**ଆଲେକ୍ସ ହେଲ୍ସଙ୍କ ଅବସର**

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଇଂଲଣ୍ଡ ଓପନିଂ ବ୍ୟାଟର ଆଲେକ୍ସ ହେଲ୍ସ।

୧୦ ୦୯

**ପ୍ରଭାସଙ୍କ ଇଚ୍ଛା ପୂରଣ କଲେ ଦୀପିକା**

ପ୍ରଭାସଙ୍କ ବହୁ ଦିନର ଇଚ୍ଛାକୁ ଅଭିନେତ୍ରୀ ଦୀପିକା ପାଦୁକୋନ ପୂରଣ କରିଥିବା ସେ ନିକଟରେ ଏକ ସାକ୍ଷାତ୍କାରରେ କହିଛନ୍ତି।



# ରାହୁଲଙ୍କୁ ଆଶ୍ୱସ୍ତି

'ସବୁ ମୋଦି ଚୋର' ମନ୍ତବ୍ୟ ଦେବା ଅଭିଯୋଗରେ ଆପରାଧିକ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଶୁକ୍ରବାର ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ସର୍ବୋଚ୍ଚ ଅଦାଲତ ଗୁଜରାଟ ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ ଜାରି କରିବା ସହ ବିରୋଧୀ ନେତା ରାହୁଲଙ୍କ ଲୋକ ସଭା ସଦସ୍ୟତା ପୁନଃ ଅବସ୍ଥାପିତ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ଆସନ୍ତା ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ରାହୁଲ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏବେ ଲୋକ ସଭା ବାଚସ୍ପତି ମଧ୍ୟ ତାଙ୍କୁ ନିମ୍ନ ସଦନର ସଦସ୍ୟତା ଫେରାଇବେ। ରାହୁଲ ଏହାକୁ 'ସତ୍ୟର ବିଜୟ' କହି ସମର୍ଥନ ପାଇଁ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ନୂଆଦିଲ୍ଲୀ,୪।୮

୨୦୧୯ରେ ମୋଦି ସାଙ୍ଗିଆକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଉପରେ ଗୁଜରାଟର ସୁରଟ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ରାୟର ୨୪ ଘଣ୍ଟା ମଧ୍ୟରେ ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରାଯାଇଥିଲା। ସେ ଏହା ବିରୋଧରେ ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ହାଇକୋର୍ଟ ଦଣ୍ଡ ବଳବତ୍ତର ରଖିଥିଲେ। ଫଳରେ ରାହୁଲ ସୁପ୍ରିମକୋର୍ଟ ଯାଇଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ତଳ



**'ସବୁ ମୋଦି ଚୋର' ମନ୍ତବ୍ୟ**

- **ଟ୍ରାଏଲ୍ କୋର୍ଟ, ହାଇକୋର୍ଟ ରାୟ ଉପରେ ସ୍ଥଗିତାଦେଶ**
- **ଲୋକ ସଭା ସଦସ୍ୟତା ଫେରିପାଇବେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ**

କୋର୍ଟ ତଥା ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ☞ପୃଷ୍ଠା-୨

# ମଣିପୁରରେ ଅସ୍ତ୍ରଭଣ୍ଡାର ଲୁଟ୍

## ପୋଲିସ କର୍ମଚାରୀ ନିହତ

**ଇମ୍ଫାଲ,୪।୮** :ମଣିପୁରର ଦୁଇଟି ସ୍ଥାନରେ ଗୁରୁବାର ସାନି ହିଂସାକାଣ୍ଡ ଘଟି ଜଣେ ପୋଲିସ କର୍ମଚାରୀ ନିହତ ହେବା ସହ ଏକ ଅସ୍ତ୍ରଭଣ୍ଡାର ଲୁଟ୍ ହୋଇଛି। କୌଟ୍ରୁକ୍, ହରାଓଥେଲ ଏବଂ ସେଞ୍ଜାମ ଚିରାଙ୍ଗ ଅଞ୍ଚଳରେ ସଶସ୍ତ୍ର ଆକ୍ରମଣକାରୀ ଏବଂ ସୁରକ୍ଷା ବଳ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ସେଞ୍ଜାମ ଚିରାଙ୍ଗରେ ପୋଲିସ କର୍ମଚାରୀଙ୍କ ମୁଣ୍ଡରେ ଗୁଳି ବାଜିବାରୁ ସେ ପ୍ରାଣ ହରାଇଥିବାବେଳେ ଗାଁର ଜଣେ ସ୍ୱେଚ୍ଛାସେବୀ ଆହତ ହୋଇଛନ୍ତି। ମଣିପୁରର ବିଷ୍ଣୁପୁର ଜିଲାରେ ଉତ୍ତ୍ୟକ୍ତ ଲୋକେ ନାରନସେନାରେ ଥିବା ଭାରତୀୟ ଦ୍ୱିତୀୟ ରିଜର୍ଭ ବାଟାଲିଅନରୁ ଅସ୍ତ୍ରଶସ୍ତ୍ର ଲୁଟିନେଇଛନ୍ତି। ସେମାନେ ହେଇଙ୍ଗାଙ୍ଗ ଏବଂ ସିଙ୍ଗଜାମେଇ ଥାନାରୁ ଅସ୍ତ୍ର ଓ ଗୁଳିଗୋଳା ଲୁଟିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସୁରକ୍ଷା ବଳ ସେମାନଙ୍କ ଆକ୍ରମଣକୁ ପଣ୍ଡ କରିଦେଇଥିଲା। ମେ' ୩ରୁ ମଣିପୁରରେ ଜାତିଆଣ ହିଂସା ଲାଗିରହିଛି। ଏପର୍ଯ୍ୟନ୍ତ ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ହଜାର ଘରଦ୍ୱାର ଛାଡ଼ି ପଳାଇଛନ୍ତି। ହିଂସା ଦମନରେ ବିଫଳତା ପାଇଁ କେନ୍ଦ୍ର ସରକାର ସମାଲୋଚିତ ହୋଇଛନ୍ତି। ପାର୍ଲାମେଣ୍ଟରେ ମଣିପୁର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବିରେ ବାରମ୍ବାର ଗୃହ ଅଚଳ ହେଉଛି।

# ଯୁକ୍ତ୨ ଛାତ୍ରଙ୍କୁ ସିନିୟରଙ୍କ ମାଡ଼

ଭୁବନେଶ୍ୱର,୪।୮(ସତ୍ୟଜିତ୍ ରାଉତ)

**ପୁଣି ବିଜେବି ଅଶାନ୍ତ**

- **ଛାତ୍ରୀଙ୍କୁ କମେଣ୍ଟମରାକୁ ବିରୋଧ କରିବାରୁ ଆକ୍ରମଣ**
- **୨ ଛାତ୍ର ଆହତ, ଥାନାରେ ମାମଲା, ୪ ଛାତ୍ର ଅଟକ**

କିଛିଦିନର ନୀରବତା ପରେ ପୁଣି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଶାନ୍ତ ହୋଇଉଠିଛି। ଜଣେ ଛାତ୍ରୀଙ୍କୁ କମେଣ୍ଟମରାକୁ କେନ୍ଦ୍ର କରି ସିନିୟର ଛାତ୍ରମାନେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଦୁଇଜଣ ଛାତ୍ରଙ୍କୁ ଶୁକ୍ରବାର ମାଡ଼ ମାରିଛନ୍ତି। ଆକ୍ରମଣରେ ଛାତ୍ରଦ୍ୱୟ ଆହତ ହୋଇଛନ୍ତି। ଏନେଇ ଅଭିଯୋଗ ପରେ ବଡ଼ଗଡ଼ ଥାନା ପୋଲିସ ଏକ ମାମଲା (ନଂ.୪୨୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାରେ ସମ୍ପୃକ୍ତ ୪ଜଣ ଛାତ୍ରଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ତେବେ ରାଜ୍ୟର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନରେ ବାରମ୍ବାର ଏଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଅଟକ ଥିବା ଛାତ୍ରମାନେ ଶନିବାର ଗିରଫ ହୋଇପାରନ୍ତି ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଗୁରୁବାର ଯୁକ୍ତ୨ କଳା ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କୁ ଆମ୍ବେଦକର ହଷ୍ଟେଲରେ ରହୁଥିବା ଯୁକ୍ତ୩ ଛାତ୍ରମାନେ କଲେଜ କ୍ୟାମ୍ପସରେ କମେଣ୍ଟ ମାରିଥିଲେ। ଏହାକୁ ଛାତ୍ରୀଜଣକ ବିରୋଧ କରିବା ସହ ଘଟଣା ସଂକ୍ରାନ୍ତରେ ସେ ତାଙ୍କ ସାଙ୍ଗମାନଙ୍କୁ ଜଣାଇଥିଲେ। ଏହାପରେ ଛାତ୍ରୀଙ୍କ ସାଙ୍ଗମାନେ କମେଣ୍ଟ ମାରିଥିବା ସିନିୟରମାନଙ୍କୁ ପଚାରିବାରୁ ସେମାନଙ୍କ ମଧ୍ୟରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସନ୍ଦେହରେ ନିଯୁକ୍ତି

# ଚନ୍ଦ୍ରୟାନ-୩ ମିଶନ ବିଫଳ ହୋଇପାରେ



ନୂଆଦିଲ୍ଲୀ,୪।୮

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଚନ୍ଦ୍ରୟାନ ମିଶନ ଶନିବାର ଚନ୍ଦ୍ରର ପ୍ରଭାବ କ୍ଷେତ୍ର ମଧ୍ୟରେ ପ୍ରବେଶ କରିବ। ଗତ ୧ ତାରିଖରେ ଏହା ପୃଥିବୀ କକ୍ଷ ଛାଡ଼ି ଚନ୍ଦ୍ରକକ୍ଷ ଅଭିମୁଖେ ଅଗ୍ରସର ହୋଇଥିଲା। ତେବେ ଏହି ମିଶନର ସଫଳତା ଏକ କଠିନ ପର୍ଯ୍ୟାୟ- ଚନ୍ଦ୍ର କକ୍ଷରେ ପ୍ରବେଶ ଉପରେ ନିର୍ଭର କରୁଛି। ଏଥିପାଇଁ ଚନ୍ଦ୍ରୟାନର ବେଗ କମାଇବାକୁ ଅତ୍ୟନ୍ତ ସତର୍କତାର ସହିତ ଯୋଜନାବଦ୍ଧ ଭାବେ ମାନେଭର କରିବାକୁ ପଡ଼ିବ, ଯେପରି ଚନ୍ଦ୍ରର ମାଧ୍ୟାକର୍ଷଣ କ୍ଷେତ୍ର ଏହାକୁ ସ୍ଥାୟୀ ଚନ୍ଦ୍ରକକ୍ଷ ମଧ୍ୟକୁ ଟାଣିପାରିବ। ଯଦି ଏହା ଚନ୍ଦ୍ରର ମାଧ୍ୟାକର୍ଷଣକୁ ଧରିବାରେ ବିଫଳ ହୁଏ ତେବେ ଉଲ୍ଲେଖନୀୟ ପରିଣାମ ଘଟିପାରେ। ମହାକାଶ ଯାନ ହୁଏତ ଚନ୍ଦ୍ରରେ ଧକ୍କା ଲାଗିପାରେ କିମ୍ବା ପୃଥିବୀର ମାଧ୍ୟାକର୍ଷଣ ଯୋଗୁ ଏହା ଚନ୍ଦ୍ରଠାରୁ ଦୂରେଇଯାଇପାରେ ବୋଲି କୁହାଯାଇଛି। ସେହିପରି ଚନ୍ଦ୍ରୟାନ ପୃଥିବୀକୁ ଫେରନ୍ତା ଯାତ୍ରା କଲାବେଳେ ଏହା ଉପରେ ଉଭୟ ପୃଥିବୀ ଓ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ ରହିବ। ଯଦି ମହାକାଶ ଯାନର ଅର୍ବିଟ ଚନ୍ଦ୍ର ପୃଷ୍ଠଠାରୁ ଅତି ନିକଟତର ହୁଏ, ତେବେ ଚନ୍ଦ୍ର ଏହାକୁ ଟାଣିନେଇ ଦୁର୍ଘଟଣା ଘଟାଇପାରେ। ଯଦି ଏହା ଚନ୍ଦ୍ରଠାରୁ ଅଧିକ ଦୂରରେ ରହେ, ତେବେ ପୃଥିବୀର ମାଧ୍ୟାକର୍ଷଣ ଏହାକୁ ଚନ୍ଦ୍ରଠାରୁ ସମ୍ପୂର୍ଣ୍ଣ ଅଲଗା କରିଦେବ। ପୃଥିବୀର ମାଧ୍ୟାକର୍ଷଣ ବିନା ମହାକାଶ ଯାନ ମହାକାଶରେ ଝୁଲିରହିବ। ଏଭଳି ସ୍ଥିତିରେ ଇସ୍ରୋ ମହାକାଶ ଯାନ ଉପରେ ପୁନର୍ବାର ନିୟନ୍ତ୍ରଣ ରଖି ଏହକୁ ପୃଥିବୀକୁ ଫେରାଇ ଆଣିବା ଲାଗି ଉଦ୍ୟମ କରିପାରେ। ଏଥିରେ ହିସାବ ଏବଂ ସମୟ ଆକଳନରେ ସାମାନ୍ୟ ତ୍ରୁଟି ହେଲେ ଜଟିଳ ସମସ୍ୟା ସୃଷ୍ଟି ହୋଇପାରେ। ଭୁଲ୍ ଆକଳନ ଯୋଗୁ ଏହା ପୃଥିବୀ କିମ୍ବା ଚନ୍ଦ୍ରରେ ଧକ୍କା ହୋଇପାରେ ବୋଲି କୁହାଯାଉଛି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରୁଛି ତପ;**
**ମାଳି ଗଡ଼ଉଚି ଟପ ଟପ।**

ଶଠ ପ୍ରକୃତିର ବ୍ୟକ୍ତି ନିଜକୁ ଚିତା ଚଇତନରେ ସଜେଇ , ବେକରେ ମାଳ ପକେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ବିଶ୍ୱାସୀ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ସର୍ବହରା ହୋଇଯାଇଥାନ୍ତି। ଭଣ୍ଡ ବ୍ୟକ୍ତିଙ୍କ ଏପରି ମନ୍ଦପ୍ରକୃତି ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହା ମୁହଁକୁ ଧାନ ଭରଣେ,**
**କାହା ମୁହଁକୁ ପାଳ ଭରଣେ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୮ରେ ଶପଥ ନେବେ ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର

କଟକ,୪।୮ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ୩୩ତମ ମୁଖ୍ୟ ବିଚାରପତି ଭାବେ ହାଇକୋର୍ଟର ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର ଆସନ୍ତା ୮ ତାରିଖରେ ଶପଥ ଗ୍ରହଣ କରିବେ। ଏଥିପାଇଁ ହାଇକୋର୍ଟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି। ହାଇକୋର୍ଟର ପୁରୁଣା ବିଲ୍ଡିଂସ୍ଥିତ ସମ୍ମିଳନୀ କକ୍ଷରେ ବିଚାରପତି ତାଳପତ୍ରଙ୍କୁ ରାଜ୍ୟପାଳ ଶପଥପାଠ କରାଇବେ। ହାଇକୋର୍ଟ ଡେପୁଟି ରେଜିଷ୍ଟ୍ରାର୍ (ଆଡ୍‌ମିନି ଏଣ୍ଡ୍ ପ୍ରୋଟୋକଲ୍) କାର୍ଯ୍ୟାଳୟ ପକ୍ଷରୁ ଏନେଇ ଶୁକ୍ରବାର ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଉକ୍ତ ପଦବୀରେ ବିଚାରପତି ତାଳପତ୍ରଙ୍କୁ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ସୁପ୍ରିମ୍‌କୋର୍ଟର କଲେଜିୟମ୍ ସୁପାରିସ କରିଥିଲେ। ବିଚାରପତି ତାଳପତ୍ର ୧୯୬୧ ଅକ୍ଟୋବର ୪ରେ ତ୍ରିପୁରାର ଉଦୟପୁରଠାରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୧୧ ନଭେମ୍ବର ୧୫ରେ ଗୁଆହାଟୀ ହାଇକୋର୍ଟର ବିଚାରପତି ହୋଇଥିଲେ। ପରେ ୨୦୧୩ରେ ନୂତନ ଭାବେ ପ୍ରତିଷ୍ଠିତ ତ୍ରିପୁରା ହାଇକୋର୍ଟ ବିଚାରପତି ଭାବେ ୨୦୧୩ ସେପ୍ଟେମ୍ବର ୧୩ରେ ଯୋଗ ଦେଇଥିଲେ। ୨୦୧୮ ନଭେମ୍ବର ୨ରୁ ୧୩ ତାରିଖ ଓ ୨୦୧୯ ନଭେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିପୁରା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୨୨ ଜୁନ୍ ୧୦ରେ ଓଡ଼ିଶା ହାଇକୋର୍ଟକୁ ବଦଳି ହେବା ପରେ ଅଦ୍ୟାବଧି କାର୍ଯ୍ୟ କରି ଆସୁଛନ୍ତି।

# ଭିଜିଲାନ୍ସ ଜାଲରେ ଆର୍‌ଆଇ

**୬୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଲେ**

ଏରସମା,୪।୮ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)



ନୃସିଂହ ଚରଣ ରାଉତ

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅଧୀନସ୍ଥ ଗୋଡ଼ା ଆରଆଇ ସର୍କଲ ଦାୟିତ୍ୱରେ ଥିବା ଜଣେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ଶୁକ୍ରବାର ଭିଜିଲାନ୍ସ ଧରିଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଗୋଡା ପଞ୍ଚାୟତସ୍ଥିତ କେଉଟିପାଳ ଗ୍ରାମର ନୃସିଂହ ଚରଣ ରାଉତ। ସେ ଜଣେ ହିତାଧିକାରୀଙ୍କଠାରୁ ୬୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତସ୍ଥିତ କାମପଡା ଗ୍ରାମର ଦେବ ପ୍ରସାଦ ମହାନ୍ତିଙ୍କ ଏକ ମ୍ୟୁଟେଶନ କେସ୍ ଫଇସଲା କରିବା ପାଇଁ ଆରଆଇ ନୃସିଂହ ୮୦୦୦ ଟଙ୍କା ଦାବି କରିଥିଲେ। ଦେବ ଏ ସମ୍ପର୍କରେ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ପୂର୍ବ ପ୍ରସ୍ତୁତି ଅନୁସାରେ ଶୁକ୍ରବାର ଅପରାହ୍ନ ୧ଟାବେଳେ ଦେବ ଗୋଡ଼ା ଆରଆଇ ସର୍କଲରେ ପହଞ୍ଚି ନୃସିଂହଙ୍କୁ ୬୦୦୦ ଟଙ୍କା ଦେଇଥିଲେ। କାର୍ଯ୍ୟ ଶେଷ ହେବା ପରେ ଆଉ ୨୦୦୦ ଟଙ୍କା ଦେବେ ବୋଲି କହିଥିଲେ । ଏହି ସମୟରେ କଟକ ଭିଜିଲାନ୍ସ ଡିଏସ୍‌ପି ସନ୍ତକ ଜେନା ଓ ଜଗତ୍‌ସିଂହପୁର ଭିଜିଲାନ୍ସ ଇନ୍ସପେକ୍ଟର ଅନୁପମା ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ନୃସିଂହଙ୍କୁ ଗିରଫ କରିଛନ୍ତି। ଏନେଇ ଭିଜିଲାନ୍ସରେ ଏକ ମାମଲା (ନଂ ୨୬/୨୩)ରୁଜୁ କରାଯାଇ ତଦନ୍ତ ଚାଲିଛି। ଏଥିସହ ତାଙ୍କ କେଉଟିପାଳସ୍ଥିତ ଘରେ ଚଢ଼ାଉ କରାଯାଇଛି ବୋଲି ଇନ୍ସପେକ୍ଟର ସାହୁ କହିଛନ୍ତି।

# ବିଦେଶକୁ ରପ୍ତାନୀ ହୋଇଛି ୪୮୦୭ କୋଟି ଟଙ୍କାର ମାଛ

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

**୨୦୨୨-୨୩**

ରାଜ୍ୟରେ ବିସ୍ତୃତ ଜଳସମ୍ପଦ ଥିବାରୁ ମାଛ ଉତ୍ପାଦନ ଓ ରପ୍ତାନୀର ବ୍ୟାପକ ସୁଯୋଗ ରହିଛି। ୨୦୨୨-୨୩ରେ ରାଜ୍ୟର ମୋଟ ୪୮୦୭ କୋଟି ଟଙ୍କାର ମାଛ ବିଦେଶକୁ ରପ୍ତାନୀ ହୋଇଛି। ଉତ୍ପାଦିତ ମତ୍ସ୍ୟକୁ ପ୍ରକ୍ରିୟାକରଣ ମାଧ୍ୟମରେ ମୂଲ୍ୟଯୁକ୍ତ କରାଯାଇପାରିଲେ ଅଧିକ ବୈଦେଶିକ ମୁଦ୍ରା ଉପାର୍ଜନ ହୋଇପାରିବ। ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରାଯାଇ କୃଷକଙ୍କ ଆୟ ବହୁଗୁଣିତ କରାଯିବା ସହ ରାଜ୍ୟରେ କୃଷିର ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଏକ ବଳିଷ୍ଠ ମାଧ୍ୟମ ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷି ଭବନଠାରେ ଆୟୋଜିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ମତ୍ସ୍ୟ ଉଦ୍ୟୋଗୀଙ୍କ ଅଭିବୃଦ୍ଧି ସମ୍ପର୍କିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଏହି ଯୋଜନାକୁ ଅଧିକ ସଫଳ, ଫଳପ୍ରଦ ଓ ଆକର୍ଷଣୀୟ କରିବା ପାଇଁ ସମ୍ପ୍ରତି ଏହାର ମାର୍ଗଦର୍ଶିକା ସରଳୀକରଣ କରାଯିବ।

# ମମିଆଁ ଗାଁରେ ଝାଡାବାନ୍ତି, ୩ ମୃତ

ବଲାଙ୍ଗୀର, ୪।୮ (ବୀରେନ୍ଦ୍ର କୁମାର ଝାଙ୍କର)-ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଝଲପ ଗ୍ରାମ ପଞ୍ଚାୟତର ମମିଆଁରେ ଗତ ଦୁଇଦିନ ହେଲା ଝାଡାବାନ୍ତି ବ୍ୟାପିଥିବା ଜଣାପଡିଛି। ଏଥିରେ ଗାଁର ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗ୍ରାମର ଜଣେ ନାବାଳିକା ସୁନିଆ ସେଲମା (୭), ଅନ୍ୟ ଦୁଇ ଜଣ ବିଳମ୍ବ ହିଆଲ (୫୫) ଓ କୋକିଆ ବେହେରା (୬୫)। ୭ରୁ ଅଧିକ ବ୍ୟକ୍ତି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏହି ଖବର ପାଇବା ପରେ ହସ୍ପିଟାଲ ଟିମ୍ ଆକ୍ରାନ୍ତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ପାଇଁ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଓ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ନେଇଯାଇଛନ୍ତି। ଚିକିତ୍ସାଧୀନ ୭ ଆକ୍ରାନ୍ତ ହେଲେ କୁନୁ ହିଆଲ (୨୮), ଝରଣା ବେହେରା (୧୫), ବୃଷଭ ଭୋଇ (୫୫), କପିଳ ଭୋଇ (୬୫), ଅନଶିଖା ବାଗ (୧୫), ପୂର୍ଣ୍ଣିମା ବେହେରା (୪), ବିଳାସ ଘିଭେଲା (୫୦)। ଶୁକ୍ରବାର ପୁଣି ଜିଲା ସ୍ୱାସ୍ଥ୍ୟ ବିଭାଗ ଡ଼ାକ୍ତରୀ ଦଳ ସମେତ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ଖୁଣ୍ଟିଆ ଗାଁରେ ପହଞ୍ଚ ଘର ଘର ବୁଲି ସ୍ଥିତି ପଚାରି ବୁଝିଥିବା ଜଣାପଡିଛି।




# ଝାରସୁଗୁଡ଼ା-ବାରକୋଟ୍ ରେଳଲାଇନ ଡିପିଆର୍ ପ୍ରସ୍ତୁତିକୁ ମଞ୍ଜୁରୀ

ଭୁବନେଶ୍ୱର/ଦେବଗଡ଼,୪।୮ (ସୁନିତ୍ ମିଶ୍ର/ଶଶାଙ୍କ ଶେଖର ଝାଙ୍କର)



**ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର**

ଶିଳ୍ପ ସମୃଦ୍ଧ ଅଞ୍ଚଳ ଝାରସୁଗୁଡ଼ାରୁ ଦେବଗଡ଼ ଜିଲାର ବାରକୋଟ୍ ସହ ସଂଯୋଗ ହେବ ନୂଆ ରେଳଲାଇନ। ୧୬୦ କି.ମି. ବିଶିଷ୍ଟ ଏହି ରେଳଲାଇନ ଲାଗି ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ଲାଗି ଫାଇନାଲ ଲୋକେଶନ ସର୍ଭେ(ଏଫ୍‌ଏଲ୍‌ଏସ୍) କରିବାକୁ ରେଳ ମନ୍ତ୍ରଣାଳୟ ମଞ୍ଜୁର କରିଛି। ଏହି ପଦକ୍ଷେପ ଦ୍ୱାରା ଦେବଗଡ଼ ଜିଲା ପ୍ରଥମ ଥର ପାଇଁ ରେଳଲାଇନ ସହ ସଂଯୋଗ କରିବାକୁ ଯାଉଛି। ଏହା ଖୁସିର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ଓଡ଼ିଶାରେ ରେଳ ଗମନାଗମନକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ସବୁବେଳେ କାର୍ଯ୍ୟ ଜାରି ରଖିଛନ୍ତି। ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳଲାଇନ ତିଆରି କରିବା ଲାଗି ଆନୁଷଙ୍ଗିକ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' କଳ୍ପନାରେ ମୋଦି ସରକାର ଓଡ଼ିଶାକୁ ସବୁ କ୍ଷେତ୍ରରେ ପ୍ରାଥମିକତା ଦେଇ ଆସୁଛନ୍ତି। ଏହି ରେଳଲାଇନ କାର୍ଯ୍ୟକ୍ଷମ ହେଲେ ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲାରେ ବିକାଶର ନୂଆ ଧାରା ସୃଷ୍ଟି ହେବ। ଏହି ଅଞ୍ଚଳ ରେଳ ଭିତ୍ତିଭୂମି ସହ ଠିକ୍ ଭାବେ ଯୋଡ଼ିହେଲେ ଚାଷୀମାନେ ଉପକୃତ ହେବା ସହ ଆର୍ଥିକ ଅଭିବୃଦ୍ଧି ଘଟିବ। ଦେବଗଡ଼ ଜିଲାରେ ପର୍ଯ୍ୟଟନର ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ। ବିଶେଷ ଭାବେ ଦେବଗଡ଼ବାସୀଙ୍କ ଦୀର୍ଘଦିନର ଅପେକ୍ଷାକୁ ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି। ଗତ ଜୁଲାଇ ୧୦ରେ ଦେବଗଡ଼ ଜିଲାର ନାଗରିକ କମିଟିର ଅନୁରୋଧକ୍ରମେ ରେଳମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଧର୍ମେନ୍ଦ୍ର ଚିଠି ଲେଖିଥିଲେ। ସୂଚନାଥାଉ କି, ଦେବଗଡ଼ ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ରେଳଲାଇନ ନେଇ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଏବଂ ଜିଲା ନାଗରିକ କମିଟି ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ।

## ଓଡ଼ିଶା ଖାଦ୍ୟ ନିଗମରେ ସଦସ୍ୟ ପଦ ଖାଲି ମାମଲା | ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

କଟକ,୪।୮ (କାର୍ତ୍ତିକ ସାହୁ)- ଓଡ଼ିଶା ଖାଦ୍ୟ ନିଗମରେ ସଦସ୍ୟ ପଦ ଖାଲି ପଡ଼ିବା ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ଖଣ୍ଡପୀଠକୁ ସରକାର ନିଗମର ଅଧ୍ୟକ୍ଷ ନିଯୁକ୍ତି କରିଥିବା ନେଇ ଦର୍ଶାଇଥିଲେ। ହେଲେ ଆବେଦନକାରୀ ପ୍ରବୀର କୁମାର ଦାସ ନିଗମର ୫ଟି ଯାକ ସଦସ୍ୟ ପଦ ଖାଲି ପଡ଼ିଥିବା ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଏନେଇ ସତ୍ୟପାଠ ଆକାରରେ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ଖାଦ୍ୟ ନିଗମର ନିୟମ ଅନୁସାରେ କୌଣସି ନିଷ୍ପତ୍ତି ନେବା ପାଇଁ ଅତି କମ୍‌ରେ ୩ ଜଣ ସଦସ୍ୟ ଆବଶ୍ୟକ। ହେଲେ ନିଗମରେ ସମସ୍ତ ୫ଟି ପଦ ଖାଲି ପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ରାହୁଲଙ୍କୁ ଆଶ୍ୱସ୍ତି...

ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ଅଧ୍ୟକ୍ଷତାରେ ତଥା ପି. ନରସିଂହ ଏବଂ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଏହା ନିଃସନ୍ଦେହ ଯେ, ଆବେଦନକାରୀ (ରାହୁଲ)ଙ୍କ ଉଚ୍ଚାରଣ ଠିକ୍ ନ ଥିଲା। ସାଧାରଣ ଜୀବନରେ କୌଣସି ବ୍ୟକ୍ତି ସାର୍ବଜନୀନ ଭାବେ କିଛି କହିବା ପୂର୍ବରୁ ଅଧିକ ସତର୍କ ହେବା ଉଚିତ। ଟ୍ରାଏଲ୍ କୋର୍ଟ ସର୍ବାଧିକ ୨ ବର୍ଷ ଜେଲଦଣ୍ଡ ଶୁଣାଇବାବେଳେ ଏହାର କାରଣ ଦର୍ଶାଇ ନ ଥିଲେ। ଏହି ମାମଲାର ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ତଳ କୋର୍ଟ ରାୟ ଉପରେ ରୋକ୍ ଲଗାଯିବା ଆବଶ୍ୟକ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଫଳରେ ୨୦୨୪ ମେ'ରେ କାର୍ଯ୍ୟକାଳ ଶେଷ ହେଉଥିବା ସପ୍ତଦଶ ଲୋକ ସଭାକୁ ଫେରିବା ପାଇଁ ରାହୁଲଙ୍କ ପଥ ସୁଗମ ହୋଇଛି। ବାଚସ୍ପତି ଓମ୍ ବିର୍ଲା ରାହୁଲଙ୍କୁ ତାଙ୍କ ସଦସ୍ୟତା ଫେରସ୍ତ କରିପାରିବେ।

ସୁପ୍ରିମକୋର୍ଟ ରାୟ ପରେ ରାହୁଲ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଯାହା ହେଉ ନା କାହିଁକି ତାଙ୍କ ଆଭିମୁଖ୍ୟ ବଳବତ୍ତର ରହିବ। 'ଆଇଡିଆ ଅଫ୍ ଇଣ୍ଡିଆ'କୁ ସୁରକ୍ଷା ପ୍ରଦାନ ଜାରି ରହିବ।

ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ଆଇପିସି ଦଫା ୪୯୯ (ମାନହାନି) ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ସର୍ବାଧିକ ୨ ବର୍ଷ ଜେଲ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରିବ। ଏହି ମାମଲାରେ ତଳ କୋର୍ଟ ସର୍ବାଧିକ ୨ ବର୍ଷ ଜେଲ ଦଣ୍ଡ ଦେଇଛନ୍ତି। ଫଳରେ ଲୋକ ପ୍ରତିନିଧି ଆଇନର ନିୟମ ଏହି ଦଣ୍ଡାଦେଶ ଶୁଣାଇବାବେଳେ ପ୍ରତିପକ୍ଷଙ୍କ ଯୁକ୍ତିକୁ ଶୁଣିବା ବ୍ୟତୀତ ଅନ୍ୟ କୌଣସି କାରଣ ଦର୍ଶାଯାଇନାହିଁ। ଉଲ୍ଲେଖନୀୟ ବିଷୟ ହେଉଛି, ଏହି ୨ ବର୍ଷ ଜେଲ ଦଣ୍ଡାଦେଶ କାରଣରୁ ଲୋକ ପ୍ରତିନିଧି ଆଇନ ଧାରା ୮(୩) ଅନୁସାରେ ତାଙ୍କ ଏମ୍‌ପି ପଦ ରଦ୍ଦ କରାଗଲା। ଦଣ୍ଡ ଅବଧି ୨ ବର୍ଷରୁ ଦିନେ ମଧ୍ୟ କମ୍ କରାଯାଇଥିଲେ ତାଙ୍କ ସଦସ୍ୟତା ରଦ୍ଦ ହୋଇ ନ ଥାଆନ୍ତା। ବିଶେଷକରି ଏପରି ମାମଲାରେ ଯେତେବେଳେ ଅପରାଧ ନନ୍‌କମ୍ପାଉଣ୍ଡେବଲ, ବେଲେବଲ ଏବଂ ନନ୍‌କଗ୍ନିଜେବଲ ହୋଇଥିବ ; ସେତେବେଳେ ଟ୍ରାଏଲ୍ ଜଜ୍ ସର୍ବାଧିକ ଦଣ୍ଡବିଧାନର କାରଣ ଦର୍ଶାଇବେ ବୋଲି ଆଶା କରାଯାଏ। ହାଇକୋର୍ଟ ଅପିଲ ଖାରଜ କରିବାର କାରଣ ଦର୍ଶାଇବା ପାଇଁ ଅନେକ ପୃଷ୍ଠା ଖର୍ଚ୍ଚ କରିଛନ୍ତି। କିନ୍ତୁ ଏହି ଦିଗ ପ୍ରତି ଦୃଷ୍ଟିଦେଇଥିବା ଭଳି ମନେହେଉନାହିଁ। ଲୋକ ପ୍ରତିନିଧି ଆଇନ ଧାରା ୮(୩) ଲାଗୁ ହେବା ଦ୍ୱାରା କେବଳ ଆବେଦନକାରୀଙ୍କ ଅଧିକାର ପ୍ରଭାବିତ ହୋଇ ନ ଥାଏ, ବରଂ ତାଙ୍କ ନିର୍ବାଚନ କ୍ଷେତ୍ରର ମତଦାତାଙ୍କ ଅଧିକାର ମଧ୍ୟ ପ୍ରଭାବିତ ହୋଇଥାଏ। ଏହି ବିଷୟକୁ ଦୃଷ୍ଟିରେ ରଖି ଟ୍ରାଏଲ କୋର୍ଟ ସର୍ବାଧିକ ଦଣ୍ଡ ଦେବାର କୌଣସି କାରଣ ଦର୍ଶାଇ ନ ଥିବାରୁ ରାହୁଲଙ୍କ ଜେଲଦଣ୍ଡ ଉପରେ ରୋକ୍ ଲଗାଯାଉଛି।

ରାହୁଲଙ୍କ ବିରୋଧରେ ମାନହାନି ମାମଲା କରିଥିବା ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟକୁ ଆମେ ସ୍ୱାଗତ କରୁଛୁ। ଏହାକୁ ସମ୍ମାନ ଦେଉଛୁ। ପାର୍ଲାମେଣ୍ଟରେ ତାଙ୍କ ସଦସ୍ୟତା ପୁନଃ ଅବସ୍ଥାପିତ କରିବା ଆଇନାନୁସାରେ ହେବ। ଏହା ଉପରେ ଆମେ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହୁଁ। ପୂର୍ଣ୍ଣେଶଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମହେଶ ଜେଠମାଲାନି କହିଛନ୍ତି, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି।

### ମାମଲା କ'ଣ

୨୦୧୯ ଏପ୍ରିଲ ୧୩ରେ କର୍ଣାଟକର କୋଲାରଠାରେ ନିର୍ବାଚନ ପ୍ରଚାର ବେଳେ ରାହୁଲ ଏକ ସଭାକୁ ସମ୍ବୋଧିତ କରି କହିଥିଲେ, ନୀରବ ମୋଦି (ହୀରା ବ୍ୟବସାୟୀ), ଲଳିତ ମୋଦି (ଆଇପିଏଲ୍‌ର ପୂର୍ବତନ କମିଶନର) ଓ ନରେନ୍ଦ୍ର ମୋଦି (ପ୍ରଧାନମନ୍ତ୍ରୀ)ଙ୍କ ଭଳି ସବୁ ମୋଦି ସାଙ୍ଗିଆଧାରୀ କାହିଁକି ଚୋର ବାହାରୁଛନ୍ତି। ମୋଦି ଉପନାମଧାରୀ ଆଉ କେଉଁମାନେ ଚୋର ତାହା ଖୋଜିଲେ ଜଣାପଡ଼ିବ। ପ୍ରଧାନମନ୍ତ୍ରୀଙ୍କ ଉପରେ ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗୁଜରାଟର ପୂର୍ବତନ ମନ୍ତ୍ରୀ ତଥା ଭାଜପାର ସୁରଟ ୱେଷ୍ଟ ବିଧାୟକ ପୂର୍ଣ୍ଣେଶ ମୋଦି ସ୍ଥାନୀୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାହୁଲ ମୋଦି ସମ୍ପ୍ରଦାୟକୁ ଅପମାନିତ କରିଥିବା ଦର୍ଶାଇ ତାଙ୍କ ବିରୋଧରେ ପୂର୍ଣ୍ଣେଶ ଏତଲା ଦେଇଥିଲେ। ଏହି ଆପରାଧିକ ମାନହାନି ମାମଲାରେ ସୁରଟର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଏଚ୍.ଏଚ୍. ବର୍ମା ଗତ ମାର୍ଚ୍ଚ ୨୩ରେ ରାହୁଲଙ୍କୁ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୪୯୯ ଓ ୫୦୦ ବଳରେ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହ ୩୦ ଦିନ ଭିତରେ ଉଚ୍ଚତର କୋର୍ଟରେ ଅପିଲ କରିବା ପାଇଁ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଇନାନୁସାରେ କୌଣସି ଏମ୍‌ପି ଏକ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇ ଅନ୍ୟୂନ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଲେ ତାଙ୍କୁ ପାର୍ଲାମେଣ୍ଟରୁ ଅଯୋଗ୍ୟ ଘୋଷଣା କରାଯାଇଥାଏ। ତେଣୁ ମାର୍ଚ୍ଚ ୨୩ରେ ରାୟ ପ୍ରକାଶ ପାଇବା ଦିନଠୁ ରାହୁଲଙ୍କ ଅଯୋଗ୍ୟତା ଲାଗୁ ହୋଇଥିବା ଏହାର ଦିନକ ପରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ୫୩ ବର୍ଷୀୟ ରାହୁଲ ଲୋକ ସଭା ସଦସ୍ୟତା ହରାଇବା ପରେ କହିଥିଲେ, ସେ ଭାରତର ସ୍ୱର ଉତ୍ତୋଳନ ଲାଗି ଲଢ଼େଇ କରୁଛନ୍ତି। କୌଣସି ପ୍ରକାର ମୂଲ୍ୟ ଦେବାକୁ ସେ ପ୍ରସ୍ତୁତ।

## ଯୁକ୍ତ ୨ ଛାତ୍ରଙ୍କୁ ...

ଯୁକ୍ତିତର୍କ ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। କମେଣ୍ଟର ଶିକାର ହୋଇଥିବା ଛାତ୍ରୀଜଣକ ତାଙ୍କ ସାଙ୍ଗମାନଙ୍କୁ ନେଇ ଘଟଣା ସଂକ୍ରାନ୍ତରେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ଏହାପରେ କଲେଜ ଅଧ୍ୟକ୍ଷ ଉଭୟ ପକ୍ଷର ପିଲାଙ୍କ ସହ ଆଲୋଚନା କରିବା ସହ ତାଗିଦ୍ କରି ଛାଡ଼ିଥିଲେ। ତେବେ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିବାକୁ ନେଇ କମେଣ୍ଟ ମାରିଥିବା ସିନିୟରମାନେ ରାଗ ରଖିଥିଲେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଯୁକ୍ତ ୨ର ଜଣେ ଛାତ୍ରଙ୍କୁ ସିନିୟରମାନେ ଆମ୍ବେଦକର ହଷ୍ଟେଲକୁ ଡାକିଥିଲେ। ହଷ୍ଟେଲରେ ଛାତ୍ର ଜଣକ ପହଞ୍ଚିବା ପରେ ସିନିୟରମାନେ ପୂର୍ବ ଘଟଣା ପାଇଁ ତାଙ୍କୁ ଦାୟୀ କରି ମାଡ଼ ମାରିଥିଲେ। ଏହି ଖବର ପାଇ ଆକ୍ରମଣର ଶିକାର ହେଉଥିବା ଛାତ୍ରଙ୍କ ଅନ୍ୟଜଣେ ସାଙ୍ଗ ଉକ୍ତ ହଷ୍ଟେଲରେ ପହଞ୍ଚି ପ୍ରତିବାଦ କରିଥିଲେ। ହେଲେ ସିନିୟରମାନେ ତାଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ସେମାନେ ଉଭୟ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ରାଜ୍ୟର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନରେ ବାରମ୍ବାର ଗଣ୍ଡଗୋଳ ହେଉଛି। କେତେବେଳେ ଅଣଛାତ୍ର ତ ଆଉ କେତେବେଳେ ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହେଉଛନ୍ତି। ଏପରିକି ରାଗିଂକୁ ନେଇ ମଧ୍ୟ କିଛିଦିନ ତଳେ କ୍ୟାମ୍ପସ ଅଶାନ୍ତ ହୋଇପଡିଥିଲା। ସେହିଭଳି ଗତ ଜୁଲାଇ ୪ରେ ଜଣେ ରାଜନେତାଙ୍କ ଜନ୍ମଦିନରେ କେକ୍ କାଟିବାକୁ ନେଇ ଆଇଏମ୍‌ବିଏ ଡିପାର୍ଟମେଣ୍ଟର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ଥାନାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ। ଆବଶ୍ୟକତା ଅନୁଭବ କରି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ**
ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଦୀର୍ଘ ଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ**
ବିଭିନ୍ନ ପ୍ରକାର ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟ କରିପାରେ। ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଅପରାହ୍ନେ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ।

**କର୍କଟ**
ଦୀର୍ଘଦିନରୁ ଆଶା କରିଥିବା ଦିଗରୁ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ଏପରିକି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ।

**ସିଂହ**
କର୍ମ କ୍ଷେତ୍ରରେ ଆହ୍ୱାନ ବ୍ୟତିରେକେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁମାନଙ୍କୁ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**କନ୍ୟା**
ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବ ରାଗ ଶୁଝାଇବାକୁ ଯାଇ ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ଅଧିକାଂଶ ସମୟ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା**
ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା**
କୌଣସି କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସାମାନ୍ୟ ବିଳମ୍ବିତ ସମୟରେ ଆଶା ପୂରଣ ହୋଇଯିବ।

**ଧନୁ**
ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ପୂର୍ବାଷାଢା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବ। ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ନ ହେବା ମୂଳରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର**
କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କୁମ୍ଭ**
ଆଜିର କାମ ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ। ଶତଭିଷା ନକ୍ଷତ୍ର କିନ୍ତୁ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ**
ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଟେନ୍ସନ ଜମା ଛାଡିବ ନାହିଁ। ବନ୍ଧୁମାନଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ବନ୍ଧୁଙ୍କ ପରାମର୍ଶରେ ଆଧ୍ୟାତ୍ମିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଚତୁର୍ଥୀ ଯୁକ୍ତ ୫ମୀ, ଶନିବାର, ଅଗଷ୍ଟ ୫ ତାରିଖ, ପଣ୍ଡିତ ନୀଳକଣ୍ଠ ଦାସ ଜୟନ୍ତୀ, ରାଶିନକ୍ଷତ୍ର-ଉତ୍ତରଭାଦ୍ର/ମୀନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ. ୧୦।୧୬ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୯ ଗତେ ଘ.୧୦।୧୬ ମଧ୍ୟେ ରାହୁକାଳ।

# କମିଛି ବୃଷ୍ଟିପାତ, ଟଳିନି ବନ୍ୟା ସ୍ଥିତି

ବରଗଡ଼/ଅମ୍ବାଭୋନା,୪।୮(ପ୍ରେମାନନ୍ଦ ଖମାରୀ/ଛନ୍ଦାଚରଣ ପ୍ରଧାନ)



ଅମ୍ବାଭୋନା ବ୍ଲକ ଚିଖିଲ ଗାଁ ମୁଣ୍ଡ ପାଣିଟାଙ୍କି ନିକଟରେ ମହାନଦୀ ବନ୍ୟାଜଳ ।



ଚିଖିଲି ଅଞ୍ଚଳରେ ପ୍ରଶାସନିକ ଅଧିକାରୀ ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି।

- ଚିଖିଲି ପଟକୁ ମୁହାଁଇଲା ବନ୍ୟାଜଳ
- ବନ୍ୟାଜଳରେ ବୁଡ଼ିଲା ବହୁ ଚାଷଜମି
- ସ୍ଥିତି ଅନୁଧ୍ୟାନ କରୁଛନ୍ତି ଅଧିକାରୀ

ବରଗଡ଼ ଜିଲାରେ ୨ଦିନ ହେଲା ବୃଷ୍ଟିପାତ ପରିମାଣ ପୂର୍ବାପେକ୍ଷା କମିଛି। ହେଲେ ଜିଲା ଏପର୍ଯ୍ୟନ୍ତ ବନ୍ୟାସ୍ଥିତି ଟଳିନାହିଁ। ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବୃଷ୍ଟିପାତ ତଥା ସରଗୁଲ, ଗାଙ୍ଗରେଲ, ସାରାଡ୍ୟାମ, କଲାମ ଆଦି ମହାନଦୀ ବ୍ୟାରେଜରୁ ବନ୍ୟାଜଳ ନିଷ୍କାସନ ହେବା ଯୋଗୁ ଜିଲାର ଉପାନ୍ତ ଅମ୍ବାଭୋନା ବ୍ଲକ ପଟକୁ ତାହା ମୁହାଁଇଛି। ମହାନଦୀର ବନ୍ୟାଜଳ ଅର୍ଥାତ ହୀରାକୁଦ ପଛୁଆ ପାଣି ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଖିଲି, ବେନିଆଁପାଲି, ଅନ୍ତରାଡ଼ି, ଘୁଘୁରାପାଲି, ବଡ଼ମାଳ, ସଉନ୍ତାମାଳ ଆଦି ଗ୍ରାମ ପଟକୁ ମାଡ଼ି ଆସୁଛି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଉକ୍ତ ବସ୍ତି ଭିତରକୁ ବନ୍ୟାଜଳ ପଶିନାହିଁ । କିନ୍ତୁ ଉପରୋକ୍ତ ଗ୍ରାମଗୁଡ଼ିକର ଉପକଣ୍ଠରେ ରହିଥିବା ପ୍ରାୟ ୨୦୦ ଏକର ଚାଷଜମିରେ ବନ୍ୟାଜଳ ଲହଡ଼ି ମାରୁଛି। ଏଥିଯୋଗୁ ଧାନ, ପରିବା ଫସଲ ନଷ୍ଟ ହୋଇଯାଇଥିବା ବେଳେ ମତ୍ସ୍ୟଜୀବୀଙ୍କ ମାଛମରା ଜାଲ ଭାସି ଯାଇଥିବା ସୂଚନା ମିଳିଛି । ଅମ୍ବାଭୋନା ତହସିଲଦାର ଗଙ୍ଗାରାମ ବୁଢ଼େକ, ଭୁକ୍ତା ରାଜସ୍ୱ ନିରୀକ୍ଷକ ବିଜ୍ଞାନନ୍ଦ ବେସନ ପ୍ରମୁଖ ଉକ୍ତ ଗ୍ରାମକୁ ଆସି ବନ୍ୟାସ୍ଥିତି ଅନୁଧ୍ୟାନ କରୁଛନ୍ତି। ବନ୍ୟାସ୍ଥିତି ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଛି ବୋଲି ଅମ୍ବାଭୋନା ବିଡ଼ିଓ ପ୍ରଣବ କୁମାର ଚାନ୍ଦ ପ୍ରକାଶ କରିଛନ୍ତି । ସେହିପରି ସମ୍ଭାବ୍ୟ ବନ୍ୟାସ୍ଥିତି ଯୋଗୁ ବ୍ଲକର ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ମୁଖ୍ୟ କାର୍ଯ୍ୟାଳୟରେ ରହିବାକୁ ତହସିଲଦାର ବୁଢ଼େକ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ବରଗଡ଼ ଜିଲାରେ ଗତ ୨ତାରିଖରେ ପ୍ରବଳ ବର୍ଷା ହୋଇଥିଲା। ଉକ୍ତ ଦିନ ଜିଲାରେ ହାରାହାରି ୧୧୦.୫୫ ମି.ମି ବୃଷ୍ଟିପାତ ରେକର୍ଡ ହୋଇଥିବାବେଳେ ବିଜେପୁର ବ୍ଲକରେ ସର୍ବାଧିକ ୧୮୫ ମି.ମି ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଗାଇସିଲେଟରେ ୧୭୦, ବରପାଲିରେ ୧୪୮, ସୋହେଲାରେ ୧୩୦, ପଦ୍ମପୁରରେ ୧୨୦, ଅମ୍ବାଭୋନାରେ ୭୫.୫, ଅତାବିରାରେ ୬୫.୨, ବରଗଡ଼ରେ ୮୫.୬, ଭଟଲିରେ ୬୦, ଭେଡ଼େନରେ ୯୫.୩, ଝାରବନ୍ଧରେ ୯୮, ପାଇକମାଳରେ ୯୪ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ଜିଲାରେ ଏଭଳି ବୃଷ୍ଟିପାତ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଯାତାୟାତ ଠପ୍ ପଡ଼ିଯାଇଥିଲା। ସେହିପରି ଜିଲାର ବିଜେପୁର, ଭେଡ଼େନ, ଅତାବିରା, ଗାଇସିଲେଟ ଆଦି ଅଞ୍ଚଳରେ ମାଟିଘର ଭାଙ୍ଗି ପଡ଼ିଥିବାରୁ ବିପନ୍ନମାନେ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ।

୩ ତାରିଖରେ ବୃଷ୍ଟିପାତ ନେଇ ପାଣିପାଗ ରିପୋର୍ଟ ଅନୁଯାୟୀ ବରଗଡ଼ ଜିଲାକୁ ରେଡ୍ ଆଲର୍ଟ ଚିହ୍ନଟ କରାଯାଇଥିଲେ ସୁଦ୍ଧା ସେଭଳି ବୃଷ୍ଟିପାତ ହୋଇ ନ ଥିଲା । ଗୁରୁବାର ଜିଲାରେ ହାରାହାରି ୪୯.୭୯ମି.ମି ବୃଷ୍ଟିପାତ ରେକର୍ଡ କରାଯାଇଛି । ସେହିପରି ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମଧ୍ୟ ଜିଲାରେ ସେଭଳି ବୃଷ୍ଟିପାତ ହୋଇନାହିଁ। କାଁ ଭାଁ ଜିଲାର କେତେକ ସ୍ଥାନରେ ଝିପିଝିପି ବର୍ଷା ଲାଗି ରହିଥିବାବେଳେ ମେଘୁଆ ପାଗ ହୋଇଛି। ତେବେ ୨ଦିନ ହେଲା ଜିଲାରେ ସେଭଳି ବୃଷ୍ଟିପାତ ହୋଇ ନ ଥିଲେ ସୁଦ୍ଧା ମଙ୍ଗଳବାର ବର୍ଷା ବିପ୍ରାତରୁ ବିପନ୍ନମାନେ ସ୍ୱାଭାବିକ ଅବସ୍ଥାକୁ ଫେରି ନାହାନ୍ତି। ଅନେକଙ୍କ ମାଟିକାନ୍ଥ ଭାଙ୍ଗିଯାଇ ଥିବାରୁ ତାହା ସଜାଡ଼ିବାରେ ସେମାନେ ଲାଗି ପଡ଼ିଛନ୍ତି। ଅତାବିରା ବ୍ଲକର ବାବେବିରା–ଅମସ୍ଥଲା ଏବଂ ବୁଗବୁଗା–ପୋଡ଼ବାଡ଼ି ରାସ୍ତାର ଝାଇଁଜୋରର ଫେୟାରୱେଦର ରାସ୍ତା ଧୋଇ ହୋଇଯାଇଥିବାରୁ ଏବେ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ଯାତାୟାତ ବାଧାପ୍ରାପ୍ତ ହୋଇ ପଡ଼ିଛି। ଅନ୍ୟପଟେ ମହାନଦୀ ବନ୍ୟାଜଳ ତଥା ହୀରାକୁଦ ଜଳଭଣ୍ଡାର ପଛୁଆ ପାଣି ଅମ୍ବାଭୋନା ବ୍ଲକର ଚିଖିଲି, ଅନ୍ତରାଡ଼ି, ଘୁଘୁରାପାଲି, ବେନିଆଁପାଲି ଆଦି ଗ୍ରାମ ପଟକୁ ମାଡ଼ି ଆସୁଛି । ହୀରାକୁଦ ଜଳଭଣ୍ଡାରରୁ ଅଧିକ ଗେଟ୍ ଖୋଲା ନ ଗଲେ ଏବଂ ଉପରମୁଣ୍ଡ ଛତିଶଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ହେଲେ ବନ୍ୟାଜଳ ଉକ୍ତ ଗ୍ରାମକୁ ପଶିବାର ଆଶଙ୍କା ରହିଛି । ଫଳରେ ବନ୍ୟା ଆଶଙ୍କାରେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ନିଦ ହଜି ଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ନୀଳମଣି



@ ସତ୍ୟବ୍ରତ



@ ବିବେକାନନ୍ଦ



@ ମନୀଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଅତାବିରା ନିର୍ବାଚନ ମଣ୍ଡଳୀର ସଂଯୋଜକ ହେଲେ ରମେଶ

ଭେଡେନ,୪।୮(ସୁଦନ ମହାକୁର)

ବରଗଡ଼ ଜିଲା ଅତାବିରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳର ସଂଯୋଜକଭାବେ ଭେଡେନ ବ୍ଲକ କଂଗ୍ରେସ ସଭାପତି ରମେଶ ପଣ୍ଡାଙ୍କୁ ଦଳପକ୍ଷରୁ ନିଯୁକ୍ତ କରାଯାଇଛି। ଦାୟିତ୍ୱ ଗ୍ରହଣ ପରେ ପଣ୍ଡା ପିସିସି ସଭାପତି ଶରତ ପଟ୍ଟନାୟକ, ଏସସି ସେଲ ରାଜ୍ୟ ସଭାପତି ବାଙ୍କବିହାରୀ ବେହେରା, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ତଥା ଓଡ଼ିଶା ଦାୟିତ୍ୱରେ ଥିବା ଚେଲ୍ଲା କୁମାର, ଜିଲା ସଭାପତି ନିହାର ମହାନନ୍ଦ, ଏସ୍‌ସି ସେଲ ସଭାପତି ରଥି କୁମ୍ଭାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖବର ପ୍ରକାଶ ପାଇବା ପରେ କଂଗ୍ରେସ ସମର୍ଥକଙ୍କ ମଧରେ ଖୁସିର ଲହରି ଖେଳି ଯାଇଛି ।

### ୧୩ରେ କବି ସମ୍ମିଳନୀ

ବରଗଡ଼,୪।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ଅଗ୍ରସେନ ଭବନରେ ଆସନ୍ତା ୧୩ତାରିଖରେ ରାଷ୍ଟ୍ରୀୟ କବି ସଙ୍ଗମ, ବରଗଡ଼ ଜିଲା ଏବଂ ଅତାବିରା ଅଗ୍ରସେନ ଭବନ ସମିତି ଆନୁକୂଲ୍ୟରେ ଦେଶାତ୍ମବୋଧକ କବି ସମ୍ମିଳନୀ ଏକ୍ ସାମ୍ ତ୍ରିରଙ୍ଗେ କେ ନାମ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରମରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବରଗଡ଼ ଜିଲା ରାଷ୍ଟ୍ରୀୟ କବି ସଙ୍ଗମର ଅଧ୍ୟକ୍ଷା ଦର୍ଶନା ଅଗ୍ରୱାଲ ଏବଂ ଅଗ୍ରସେନ ଭବନ ସମିତି ସଭ୍ୟବୃନ୍ଦଙ୍କ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଗୋବିନ୍ଦ ଅଗ୍ରୱାଲ, ବିଜୟ ମିତ୍ତଲ, ରାଷ୍ଟ୍ରୀୟ କବି ସଙ୍ଗମର ପ୍ରାନ୍ତୀୟ ଅଧ୍ୟକ୍ଷ ନଥମଲ ଚନାନୀ, ପ୍ରାନ୍ତୀୟ ମହାମନ୍ତ୍ରୀ ପୁଷ୍ପା ସିହ୍ନା, ଗୀତିକାର ସାକ୍ଷୀଗୋପାଳ ପଣ୍ଡା, କବି ପ୍ରୀତମ ସିଂ, ଡ. ସଂଘମିତ୍ରା ମିଶ୍ର, ଜିଲା ସଙ୍ଗଠନ ମନ୍ତ୍ରୀ ସଦାଶିବ କର ପ୍ରମୁଖ ଯୋଗଦାନର କାର୍ଯ୍ୟକ୍ରମ ରହିଛି।

# ଭାଷା, ଭାବ ମଣିଷର ଉନ୍ନତିରେ ଅପରିହାର୍ଯ୍ୟ




ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

ବରଗଡ଼,୪।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବଲପୁରୀ ଦିନ୍ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତା ପୃଥ୍ୱୀରାଜ ନାୟକ ମୁଖ୍ୟ ଅତିଥି ଏବଂ ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ଡ. ତପସ୍ୱିନୀ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ବଲପୁରୀ ସଂସ୍କୃତି ସମଗ୍ର ଭାରତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଫଳରେ ସମ୍ବଲପୁରୀ ଦିନ୍ ସାରାବିଶ୍ୱରେ ମହାନ୍ ହେଉ ବୋଲି ମୁଖ୍ୟ ଅତିଥି ନାୟକ କାମନା କରିଥିଲେ। ସେହିପରି ସମ୍ମାନିତ ଅତିଥି ଡ. ଗୁରୁ କହିଥିଲେ, ଭାଷା ଓ ଭାବ ମଣିଷର ଉନ୍ନତି ପାଇଁ ଅପରିହାର୍ଯ୍ୟ। ଆମ ମାତୃଭାଷାର ଦାୟାଦ ଭାବେ ଆମ ଭାଷାକୁ ସୁରକ୍ଷିତ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ସ୍ୱାଗତ ଭାଷଣ ଦେଇଥିଲେ। ବିକାଶ ଶିକ୍ଷାନୁଷ୍ଠାନର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସମ୍ବଲପୁରୀ ଭାଷା, ବସ୍ତ୍ରକୁ ନେଇ ସମସ୍ତେ ଗର୍ବ କରିବା ଉଚିତ୍ ବୋଲି କହିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା ସମ୍ବଲପୁରୀ ଭାଷାର ମାଧୁର୍ଯ୍ୟ ତଥା ଦେଶରେ ଏହି ଭାଷାର ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମାଁ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ବିକାଶ ଇଣ୍ଟିଗ୍ରେଟେଡ୍ ଏଣ୍ଟ୍ରାନ୍ସ ଏକାଡ଼େମୀର ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ୍. କାନ୍ତାରାଓ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଓସିଏସ୍ ପରୀକ୍ଷାରେ ସଫଳ

ବରଗଡ଼,୪।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଶିପଡ଼ାରେ ରହୁଥିବା ସ୍ୱର୍ଗତ ହେମନ୍ତ କୁମ୍ଭାର ଏବଂ ସୁବାସିନୀ ସୁନାଙ୍କ ଝିଅ ଅର୍ପିତା ଓଡ଼ିଶା ପ୍ରଶାସନିକ ସେବା(ଓଏଏସ) ପରୀକ୍ଷାଫଳରେ କୃତକାର୍ଯ୍ୟ ହୋଇଛନ୍ତି। ଏହାପୂର୍ବରୁ ୨୦୧୫ପରୀକ୍ଷାରେ ତାଙ୍କ ବଡ଼ ଭଉଣୀ ଅଙ୍କିତା ସଫଳତା ହାସଲ କରିଥିଲେ। ଅଙ୍କିତା ଏବେ ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଛନ୍ତି। ଅର୍ପିତାଙ୍କ ଏହି ସଫଳତା ପରିବାର ଲୋକଙ୍କୁ ଖୁସି ଆଣି ଦେଇଛି। ମା' ସୁବାସିନୀ ଏବଂ ମାମୁ ବିଜୟ ସୁନାଙ୍କୁ ସେ ସଫଳତାର ଶ୍ରେୟ ଦେଇଛନ୍ତି। ଶୁକ୍ରବାର ବରଗଡ଼ ଜିଲା ଗଣ୍ଡା ସମାଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଗଣ୍ଡା ସମାଜ ମହାସଂଘ ସଭାପତି ଚୈତନ୍ୟ ପାଇକ, ସମ୍ପାଦକ ଧର୍ମରାଜ ବିଭାର, ସୁରେଶ ମହାନନ୍ଦ, ସୁଶାନ୍ତ ସିଂହ ପ୍ରମୁଖ ଅର୍ପିତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧନା ଦେଇଥିଲେ।



ଅର୍ପିତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ସ୍ତନ୍ୟପାନ

ପାଇକମାଳ,୪।୮(ବଡ ଶତପଥି)

ବରଗଡ ଜିଲା ପାଇକମାଳ ବ୍ଲକ ମିଠାପାଲିରେ ବିଶ୍ୱ ସ୍ତନ୍ୟପାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ନୃସିଂହନାଥ ଆୟୁର୍ବେଦିକ କଲେଜ ଅଧକ୍ଷ ଡ. କାମିନୀ କର ସଭାପତିତ୍ୱ କରିଥିବାବେଳେ ଡ. ନଳିନୀ ଦାଶ, ଯାମିନୀ ବେହେରା, ପ୍ରେମଚାନ୍ଦ ନାୟକ ଉପସ୍ଥିତ ଥିବା ଗର୍ଭବତୀ ଓ ପ୍ରସୂତିଙ୍କୁ ସ୍ତନ୍ୟପାନ, ତାର ଲାଭ ଓ ଉପକାରିତା ବିଷୟରେ ବୁଝାଇଥିଲେ। ପ୍ରେମଚାନ୍ଦ ନାୟକ ଧନ୍ୟବାଦ କରିଥିଲେ। ସେହିପରି ପାଇକମାଳ ବ୍ଲକ ଭେଙ୍ଗରାଜପୁର ଓ କେଛୋଦାଦର ପଞ୍ଚାୟତର ବିଭିନ୍ନ ଗ୍ରାମରେ କ୍ରାଏ ଓ ପଲ୍ଲୀ ଆଲୋକ

### ମିଠାପାଲିରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

ପାଠାଗାର ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଛି। ଏଥିରେ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଏଏନ୍‌ଏମ୍, ସିଏଚ୍‌ଓ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ରଞ୍ଜନ ପାଣ୍ଡେ, ଲିଲିମା ପ୍ରଧାନ, ପ୍ରଶାନ୍ତ ଥପା ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନେ ସ୍ତନ୍ୟପାନ ନ କରିବା ଦ୍ୱାରା ଉଭୟେ ମା' ଓ ଶିଶୁ ପ୍ରଭାବିତ ହୋଇଥାନ୍ତି। ସ୍ତନ୍ୟପାନ କରିବା ଦ୍ୱାରା ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ୧୦ରୁ ବାତଜ୍ୱର ନିୟନ୍ତ୍ରଣ ପାଇଁ ସାମୂହିକ ଔଷଧ ସେବନ

ପାଇକମାଳ,୪।୮(ବଡ ଶତପଥି)




ଟାସ୍କଫୋର୍ସ ବୈଠକରେ ମଞ୍ଚାସୀନ ଅଧିକାରୀଗଣ।

ବରଗଡ ଜିଲା ପାଇକମାଳ ବ୍ଲକ ସଭାଗୃହରେ ବାତଜ୍ୱର ନିୟନ୍ତ୍ରଣ ପାଇଁ ଏବିଡିଓ ଦେବାଶିଷ ସିହ୍ନାଙ୍କ ସଭାପତିତ୍ୱରେ ୨ୟ ଟାସ୍କଫୋର୍ସ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ବରିହା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୌମ୍ୟରଞ୍ଜନ ଦାଶ, ବ୍ଲକ ଏଇ ସଞ୍ଜୟ କୁମାର ରଥ, ଏବିଇଓ ଶିବ ପ୍ରସାଦ ଯୋଶୀ, ସମାଜ ମଙ୍ଗଳ ଅଧିକାରୀ ସୁନୀଲ କୁମାର ଭୁଏ, ଶିଶୁ ବିକାଶ ଅଧିକାରୀ ଅନୀତା ପାଣିଗ୍ରାହୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷ କୁମାର ଚନ୍ଦ୍ରାକର, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରେବତୀ ମୋହନ ଜେନା, ବିଏନ୍‌ଏଲ୍‌ଡବ୍ଲ୍ୟୁ ସତ୍ୟଭୂଷଣ ସାହୁ, ଖବରଦାତା ସୁରଥ କୁମାର ସାହୁ ଓ ବଡ ଶତପଥି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭିବିଓଟିଏସ୍ ସାନୁଜ ଦାସ ବାତଜ୍ୱର ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆସନ୍ତା ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କରାଯିବ। ଏହାକୁ ୨ବର୍ଷରୁ କମ୍ ଓ ଗର୍ଭବତୀ ମହିଳା ଏବଂ ଗୁରୁତର ରୋଗୀ ବ୍ୟତୀତ ସମସ୍ତେ ସେବନ କରିବେ ବୋଲି ସେ କହିଥିଲେ। ଡା. ସୌମ୍ୟରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ ସ୍ତରୀୟ ସ୍ୱାଧିନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ପାଇକମାଳ,୪।୮( ବଡ ଶତପଥି)

ବରଗଡ ଜିଲା ପାଇକମାଳ ବ୍ଲକ ସଭାଗୃହରେ ସ୍ୱାଧିନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଏବିଡିଓ ଦେବାଶିଷ ସେହ୍ନାଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଡବ୍ଲ୍ୟୁଇଓ ସୁନିଲ ଭୋଇ ଗତ ବର୍ଷର ସ୍ୱାଧିନତା ଦିବସ କିପରି ପାଳନ କରାଯାଇଥିଲା ସେ ନେଇ ସମ୍ପୂର୍ଣ୍ଣ ତଥ୍ୟ ଦେଇଥିଲେ। ଆଗାମୀ ସ୍ୱାଧିନତା ଦିବସ ସୁରୁଖୁରୁରେ କିପରି ପାଳନ ହେବ କାହାକୁ କେଉଁ ଦାୟିତ୍ୱ ଦିଆଯିବ ସେ ବିଷୟରେ ଉପସ୍ଥିତ ଅଧିକାରୀ ଓ ସଭ୍ୟମାନେ ନିଜ ନିଜ ମତାମତ ଦେଇଥିଲେ। ବୈଠକରେ ବ୍ଲକ ଏଇ ସଞ୍ଜୟ କୁମାର ରଥ, ପାଇକମାଳ ଥାନା ଆଇଆଇସି ସୁଶାନ୍ତ କୁମାର ବଡେଇ, ଗୌରାଙ୍ଗ ଦେବତା, ଶିବ ପ୍ରସାଦ ଯୋଶୀ, ଭବାନୀ ପଟେଲ, ନମିତା ସାହୁ, ବୁଦ୍ଧଦେବଝାଣ୍ଟ, ହରିବନ୍ଧୁ ଜେନା, ବଡ ଶତପଥୀ, ସୁରଥ କୁମାର ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ଅନିତା ପାଣିଗ୍ରାହୀ, ସୁବାସ ପ୍ରଧାନ, ନିରଞ୍ଜନ ଦିପ ପ୍ରମୁଖ ଉପସ୍ଥିତ ଥିଲେ।

# ଖେଳ ଭବନ ତଦାରଖ କଲେ ଡିଇଓ

ବରଗଡ଼,୪।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ରାଣାପ୍ରତାପ ସ୍କୁଲ ଖେଳ ପଡ଼ିଆରେ ବିଜୁ ପଟ୍ଟନାୟକ ଇନ୍‌ଡ଼ୋର ଷ୍ଟାଡ଼ିୟମ ତଥା ବିଜୁ ପଟ୍ଟନାୟକ ଖେଳ ଭବନ ନିର୍ମାଣ ଚାଲିଛି। ଶୁକ୍ରବାର ଜିଲା ଶିକ୍ଷାଧିକାରୀ (ଡିଇଓ) ମିତ୍ରଭାନୁ କଚ୍ଛପ ଉକ୍ତ ଖେଳ ଭବନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ। ଏହି କାର୍ଯ୍ୟ ଅଳ୍ପଦିନ ମଧ୍ୟରେ ଶେଷ ହେବାକୁ ଯାଉଛି ବୋଲି ସେ ବିଭାଗୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଜାଣିବାକୁ ପାଇଥିଲେ। ଡିଇଓ କଚ୍ଛପଙ୍କ ସହିତ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ, ପ୍ରଧାନ ଶିକ୍ଷକ ମନୋଜ କୁମାର ସାହୁ, ଶିକ୍ଷକ ଋଷଭ ହୋତା, ଗୋପୀନାଥ କ୍ରୀଡ଼ାପ୍ରେମୀ ଚୈତନ୍ୟ ପାଇକ, କ୍ରୀଡ଼ା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଡିଇଓ ଏବଂ ଅନ୍ୟମାନେ ଖେଳ ଭବନ ତଦାରଖ କରୁଛନ୍ତି ।

# ବିକାଶ ବୈଦ୍ୟମ-୨୦୨୩ ଉଦ୍‌ଯାପିତ

ବରଗଡ଼,୪।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ମଲ୍ଟିସ୍ପେଶାଲିଟି ହସ୍ପିଟାଲର ପଞ୍ଚମ ବାର୍ଷିକ ମହୋତ୍ସବ ବିକାଶ ବୈଦ୍ୟମ–୨୦୨୩ ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟିବା ସହିତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବିକାଶ ହସ୍ପିଟାଲର ନିର୍ଦ୍ଦେଶକ ଡା. ହିମାଂଶୁ ଶେଖର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହସ୍ପିଟାଲର ପ୍ରଶାସନିକ ନିର୍ଦ୍ଦେଶକ ବିବେକ ଦଶାରୀ, ବ୍ୟବସ୍ଥାପକ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ରହି ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଯୋଗାଇ ଆସୁଥିବା ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରିଥିଲେ। ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଡା. ରବି କୁମାର ୫ବର୍ଷର ପ୍ରଗତି ଉପସ୍ଥାପନ କରିଥିଲେ। ଏହି ଅବସରରେ ହସ୍ପିଟାଲ କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କର୍ମଚାରୀମାନେ କ୍ଷୁଦ୍ର ନାଟକ, ନୃତ୍ୟ ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ହସ୍ପିଟାଲ କାର୍ଯ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ପ୍ରବନ୍ଧକ (ବ୍ୟବସାୟିକ ଉନ୍ନତି) ସବ୍ୟସାଚୀ ରାୟ, ପ୍ରବନ୍ଧକ (ମାନବ ସମ୍ବଳ) ଦେବଯାନୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରବନ୍ଧକ (କାର୍ଯ୍ୟକାରୀ) ଅପରେଶ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବିକାଶ ବୈଦ୍ୟମ–୨୦୨୩ କାର୍ଯ୍ୟକ୍ରମରେ କେକ୍ କଟାଯାଉଛି।

ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ହିଁ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। -ଶ୍ରୀମା

# ସନ୍ଦେହରେ ନିଯୁକ୍ତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ କର୍ନାଟକର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ରୂପକ କୁମାର ଦତ୍ତଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଆଇପିଏସ୍ ଅଧିକାରୀ ଭାବେ ଦତ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ରହିବା ସହ ଅନ୍ୟ କେତେକ ସଂସ୍ଥାରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ତେବେ ପଶ୍ଚିମବଙ୍ଗରେ ନିଯୁକ୍ତି ପଛରେ ତାଙ୍କର ନୂତନ ଭୂମିକା କ'ଣ ତାହା ସହଜରେ ବୁଝି ହେଉନାହିଁ। ସୂତ୍ରରୁ ଜଣାପଡ଼ିଛି, ଦତ୍ତଙ୍କ ପ୍ରଭାବଶାଳୀ ଦକ୍ଷତା ଓ ଯୋଗ୍ୟତା ଥିଲେ ବି ଏବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ବିପର୍ଯ୍ୟସ୍ତ ସୁରକ୍ଷାକୁ ଦେଖିଲେ ଏହି ନିଯୁକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାରଣାସ୍ତ୍ର ଓ ନିଶାଦ୍ରବ୍ୟ ନେଉଥିବା ଏବଂ ଅନେକ ସୁରକ୍ଷା ଏଜେନ୍ସିର ନକଲି ପରିଚୟପତ୍ର ରଖିଥିବା ଜଣେ ବ୍ୟକ୍ତି ଗିରଫ ହେବା ପଶ୍ଚିମବଙ୍ଗରେ ସୁରକ୍ଷା ପ୍ରସ୍ତୁତିର ସ୍ଥିତିରେ ଥିବା ସମସ୍ୟାକୁ ପଦାକୁ ଆଣିଛି । ତେବେ ଦତ୍ତଙ୍କ ନିଯୁକ୍ତିକୁ କେତେଜଣ ସମାଲୋଚକ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ସିବିଆଇ ନିର୍ଦ୍ଦେଶକ ଚୟନ ହେବାର ଠିକ୍ ପୂର୍ବରୁ ସ୍ୱତନ୍ତ୍ର ସଚିବ ଭାବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ବଦଳି ହେବା ଏବଂ ପରେ କର୍ନାଟକରେ ଡିଜିପି ଦାୟିତ୍ୱ ଗ୍ରହଣ କରିବାକୁ ଲକ୍ଷ୍ୟକରି ସେମାନେ କହିଛନ୍ତି ଯେ, ଏହି ନିଷ୍ପତ୍ତି ଏକ ସମ୍ଭାବିତ ରାଜନୈତିକ ପ୍ରେରଣାର ଦିଗକୁ ସୂଚିତ କରୁଛି। ଦତ୍ତ ଯଦିଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ସରକାରଙ୍କୁ ସୁରକ୍ଷା ପରାମର୍ଶ ଦେଇଆସୁଥିଲେ, ତଥାପି ଏବେ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ତାଙ୍କୁ ଔପଚାରିକ ଭାବେ ନିଯୁକ୍ତ କରାଯାଇଛି। ସିବିଆଇରେ ଦତ୍ତଙ୍କ ବ୍ୟାପକ ପୃଷ୍ଠଭୂମିକୁ ଦେଖିଲେ ଆଶା କରାଯାଉଛି ଯେ ସେ ନିଆରା ଦୃଷ୍ଟିକୋଣ ଗ୍ରହଣ କରିବେ, ଯାହା ସୁରକ୍ଷା ସମ୍ପର୍କିତ ସମସ୍ୟାଗୁଡ଼ିକୁ ପ୍ରଭାବୀ ଶୈଳୀରେ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସକ୍ଷମ ହେବେ।

### ନିଲମ୍ବନ ବାର୍ତ୍ତା

ଇଣ୍ଟରନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଫର୍ ପପୁଲେଶନ ସାଇନ୍ସ (ଆଇଆଇପିଏସ୍)ର ନିର୍ଦ୍ଦେଶକ ପଦରୁ କେ.ଏସ୍.ଜେମ୍ସଙ୍କୁ ନିଲମ୍ବନ କରାଯାଇଛି। ଅନଧିକୃତ ଗବେଷଣା କାର୍ଯ୍ୟକଳାପ ଏବଂ ଆଇଆଇପିଏସ୍‌ରେ ଆର୍ଥିକ ଅନିୟମିତତାରେ ଜଡ଼ିତ ଅଭିଯୋଗ କାରଣରୁ ଜେମ୍ସଙ୍କୁ ନିଲମ୍ବନ କରାଯାଇଥିବା ଔପଚାରିକ ଭାବେ ଦର୍ଶାଯାଇଛି। କିନ୍ତୁ କୁହାଯାଉଛି ଯେ, ଆରମ୍ଭରୁ ନିନ୍ଦିତ କରିବା ଭଳି ତଥ୍ୟକୁ ନେଇ ଜେମ୍ସ ସରକାରଙ୍କ କ୍ରୋଧର ଶିକାର ହୋଇସାରିଥିଲେ। ଜେମ୍ସଙ୍କ ଦାୟିତ୍ୱରେ ଆଇଆଇପିଏସ୍ ଦ୍ୱାରା ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ଏବଂ ଅନ୍ୟ ସମ୍ବେଦନଶୀଳ ପ୍ରସଙ୍ଗ ଯଥା ଜନସଂଖ୍ୟା ଗତିଶୀଳତାରେ ସରକାରୀ ଯୋଜନାର ପ୍ରଭାବ, ସାର୍ବଜନୀନ ସ୍ୱାସ୍ଥ୍ୟ ଓ ସାମାଜିକ-ଆର୍ଥିକ ଅସମାନତା ଉପରେ ସର୍ଭେ କରାଯାଇଛି। ଏହି ଏନ୍‌ଏଫ୍‌ଏଚ୍‌ଏସ୍-୫ ସର୍ଭେ ହିଁ ଜେମ୍ସଙ୍କ ନିଲମ୍ବନର କାରଣ। ରକ୍ତହୀନତା ବଢ଼ିବା ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଜୋର୍ ଦିଆଯାଉଥିଲେ ବି ସବୁ ରାଜ୍ୟରେ ବାହାରେ ମଳତ୍ୟାଗ କରୁଥିବା ବିଷୟ ଏନ୍‌ଏଫ୍‌ଏଚ୍‌ଏସ୍ ସର୍ଭେ-୫ ଦର୍ଶାଇଥିଲା। ଏହା ସ୍ପଷ୍ଟ କରିଥିଲା ଯେ, ୪୦%ରୁ ଅଧିକ ପରିବାର ପାଖରେ ସ୍ୱଚ୍ଛ ଇନ୍ଧନ ନାହିଁ, ଯାହା ଉଜ୍ଜଳା ଯୋଜନା ସଫଳ ହୋଇଛି ବୋଲି ଯେଉଁ ଦାବି କରାଯାଉଛି ତାହା ଉପରେ ପ୍ରଶ୍ନ ଉଠାଇଛି। ଏହା ସ୍ପଷ୍ଟ ଯେ, ସର୍ଭେ ନିର୍ଦ୍ଦିଷ୍ଟ ଭାବେ ଅସୁବିଧାରେ ପକାଇବା ଭଳି ସତ୍ୟ ପଦାକୁ ଆଣିବା ଯୋଗୁ ଏହା କେନ୍ଦ୍ର ସରକାରଙ୍କୁ ଖୁସି କରି ନଥିବ। ସରକାର ଆଗାମୀ ଏନ୍‌ଏଫ୍‌ଏଚ୍‌ଏସ୍-୬ ପାଇଁ ରକ୍ତହୀନତା ସୂଚକାଙ୍କକୁ ବନ୍ଦ କରିବାକୁ ଚାହୁଁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି, ଯାହା ସରକାରଙ୍କ ଅସନ୍ତୋଷକୁ ସହଜରେ ଆକଳନ କରିହୁଏ। ସରକାର ବର୍ଣ୍ଣନା କରୁଥିବା ନିଜ କାହାଣୀକୁ ଚ୍ୟାଲେଞ୍ଜ କରିବା ପାଇଁ ଯେଉଁମାନେ ଚାହୁଁଛନ୍ତି ସେମାନଙ୍କ ସକାଶେ ଜେମ୍ସଙ୍କ ନିଲମ୍ବନ ଏକ ବାର୍ତ୍ତା ବୋଲି ଅନେକେ ବିଚାର କରୁଛନ୍ତି।

### ମିଶ୍ରଙ୍କ ଗୁରୁତ୍ୱ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ନିର୍ଦ୍ଦେଶକ ଭାବେ ସଞ୍ଜୟ କୁମାର ମିଶ୍ରଙ୍କୁ ପାଇବା ଲାଗି ମୋଦି ସରକାର ଏଭଳି ଏକ ସ୍ତର ଯାଏ ଯାଇଛନ୍ତି, ଯାହା ଅତୀତରେ କେବେ ଦେଖାଯାଇନାହିଁ। ସରକାର ସୁପ୍ରିମକୋର୍ଟରେ ଏକ ସ୍ୱତନ୍ତ୍ର ଆବେଦନ କରିଥିଲେ ଏବଂ ସ୍ଥିତିକୁ 'ଅସାଧାରଣ ଓ ଅସାମାନ୍ୟ' ଦର୍ଶାଇ ତାଙ୍କୁ ପଦବୀରେ ରହିବା ଲାଗି ଅନୁମତି ଦେବାକୁ ଅନୁରୋଧ କରିଥିଲେ। ତେବେ ଏବେ ଚାଲୁଥିବା ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ସମୀକ୍ଷା ପାଇଁ ମିଶ୍ର ପଦବୀରେ ରହିବା ଦରକାର ମନେକରି ସୁପ୍ରିମକୋର୍ଟ ବାଧହୋଇ ତାଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ବୋଲି କେତେଜଣ ପର୍ଯ୍ୟବେକ୍ଷକ ବିଶ୍ୱାସ କରନ୍ତି। ଏପରିକି ପୂର୍ବରୁ ମିଶ୍ରଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣକୁ କୋର୍ଟ ବେଆଇନ ସୂଚିତ କରିଥିଲେ ମଧ୍ୟ ଏବେ 'ସାର୍ବଜନୀନ ଓ ଜାତୀୟ ସ୍ୱାର୍ଥ' କଥା ଦର୍ଶାଇ ତାହାକୁ ସମ୍ପ୍ରସାରଣ କରିଛନ୍ତି। ମିଶ୍ରଙ୍କ କଡ଼ା ନିୟନ୍ତ୍ରଣରେ ଇଡି ଅଧିକ ଶକ୍ତିଶାଳୀ ହୋଇଛି। ଅନ୍ୟପଟେ ବିରୋଧୀ ନେତା ଓ ସରକାରଙ୍କ ସମାଲୋଚକଙ୍କ ବିରୋଧରେ ଇଡିର ତଦନ୍ତକୁ ନେଇ ଅଭିଯୋଗ ଉଠିଛି। ସରକାର ତାଙ୍କ ବିରୋଧୀଙ୍କ ବିରୋଧରେ ଇଡିକୁ ଅତ୍ୟଧିକ ବ୍ୟବହାର କରୁଛନ୍ତି ବୋଲି କୁହାଯାଉଛି। ସମ୍ଭବତଃ, ଶାସକ ଦଳ ଦୃଷ୍ଟିରେ ମିଶ୍ର ଜଣେ 'ଆଦର୍ଶ' ବାବୁ ହେବାର କାରଣ ହେଉଛି ସେ ଲୋ ପ୍ରୋଫାଇଲ ବଜାୟ ରଖିଛନ୍ତି। ୟୁପିଏ ସମୟରେ ଅଫିସରେ ଏହି ଧାରା ବଜାୟ ରଖିଥିଲେ, ଯେଉଁଥିପାଇଁ କଂଗ୍ରେସ ନେତା ଅହମ୍ମଦ ପଟେଲ ଓ ପ୍ରଣବ ମୁଖାର୍ଜୀଙ୍କର ଖୁବ୍ ନିକଟତର ହୋଇପାରିଥିଲେ। ପ୍ରକାଶ ଥାଉକି, ପ୍ରଣବ ଅର୍ଥମନ୍ତ୍ରୀ ଥିବା ସମୟରେ ମିଶ୍ର ତତ୍କାଳୀନ ରାଜସ୍ୱ ସଚିବଙ୍କ ଅପେକ୍ଷା ଅଧିକ କ୍ଷମତାଶାଳୀ ଥିଲେ।

Email: dilipcherian@gmail.com

# ଜଙ୍ଗଲ ସଂରକ୍ଷଣ ନା ଧ୍ୱଂସ ପାଇଁ ବିଲ୍



ଭାଲଚନ୍ଦ୍ର ଷଡ଼ଙ୍ଗୀ

ମଣିପୁର ପ୍ରସଙ୍ଗରେ ସଂସଦରେ ବିରୋଧୀ ଦଳଙ୍କ ଅନୁପସ୍ଥିତି ସୁଯୋଗରେ କେନ୍ଦ୍ର ସରକାର ଜଙ୍ଗଲ ସଂରକ୍ଷଣ ବିଲ୍-୨୦୨୩କୁ ଲୋକ ସଭାରେ ଗୃହୀତ କରାଇଛନ୍ତି। ଦେଶର ଜଙ୍ଗଲ, ପରିବେଶ ଓ ଜୈବବିବିଧତା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିବା ଏହି ବିଲ୍‌ଟିକୁ ସରକାର ଦେଶର ବିଭିନ୍ନ ମହଲରୁ ବ୍ୟାପକ ବିରୋଧ ସତ୍ତ୍ୱେ ସଂସଦରେ ବିନା କୌଣସି ଆଲୋଚନା କିମ୍ବା ବିତର୍କରେ ଯେଉଁଭଳି ତରବରିଆ ଭାବେ ଗୃହୀତ କରାଇଲେ ସେଥିରୁ ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ବାରିହେଉଛି। ବିଲ୍‌ଟି ଲୋକ ସଭା ପରି ରାଜ୍ୟ ସଭାରେ ବି ଗୃହୀତ ହୋଇ ଶେଷରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଲେ ଆଇନରେ ପରିଣତ ହେବା ସହ ପୂର୍ବର ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ସ୍ଥାନ ନେବ।

ବିଲ୍‌ର ମୁଖବନ୍ଧରେ ଦେଶର ଜଙ୍ଗଲ ଏବଂ ପରିବେଶର ସଂରକ୍ଷଣ ନେଇ ଅନେକ କଥା କୁହାଯାଇଛି। ଏହା ସତ ଯେ ସରକାର ୨୦୧୫ରେ ପ୍ୟାରିସ ଠାରେ ଅନୁଷ୍ଠିତ ବିଶ୍ୱ ଜଳବାୟୁ ସମ୍ମିଳନୀରେ ବାର୍ଷିକ ୨୫୦ରୁ ୩୦୦ କୋଟି ଟନ୍ ଅଙ୍ଗାରକାମ୍ଳ ଗାସ୍‌କୁ ଶୋଷିବା ବା ଆହରଣ କରିବା ପାଇଁ ୨୦୩୦ ସୁଦ୍ଧା ଦେଶର ସର୍ବନିମ୍ନ ୩୩% ଭୂଭାଗକୁ ଜଙ୍ଗଲରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟ ଅନୁଯାୟୀ ବର୍ତ୍ତମାନ ଦେଶର ମାତ୍ର ୨୧.୬୧% ଭୂଭାଗରେ ଜଙ୍ଗଲ ଅଛି। ଯଦି ଏହି ଘୋଷିତ ଜଙ୍ଗଲ ବାହାରେ ଥିବା ଜଙ୍ଗଲକୁ ମିଶାଯିବ ତାହେଲେ ଏହି ପରିମାଣ ସର୍ବାଧିକ ୨୪% ହେଉଛି। ଏଭଳି ସ୍ଥିତିରେ ୩୩% ଭୂଭାଗରେ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କ ପ୍ରତିଶ୍ରୁତି ଅବାସ୍ତବ ମନେହୁଏ।

ବିଲ୍‌ରେ ସରକାର ଭାରତୀୟ ଜଙ୍ଗଲ ଅଧିନିୟମ - ୧୯୨୭ ଏବଂ ଅନ୍ୟାନ୍ୟ ଆଇନ ଅନୁଯାୟୀ ଘୋଷିତ ଅଥବା ବିଜ୍ଞପ୍ତି ପ୍ରାପ୍ତ ସମସ୍ତ ଜଙ୍ଗଲକୁ ତଥା ଅକ୍ଟୋବର ୨୫, ୧୯୮୦ରେ କିମ୍ବା ତା'ପରେ ଜଙ୍ଗଲ ଭାବରେ ରେକର୍ଡ କରାଯାଇଥିବା ଜଙ୍ଗଲ ଜମିକୁ ସଂରକ୍ଷଣର ପରିସରଭୁକ୍ତ କରିଛନ୍ତି। ଫଳରେ ଶ୍ରେଣୀଭୁକ୍ତ ହୋଇ ନ ଥିବା ଜଙ୍ଗଲଗୁଡ଼ିକୁ ସଂରକ୍ଷଣ ବ୍ୟବସ୍ଥାରୁ ବାହାରେ ରଖାଯାଇଛି। ସରକାରଙ୍କ ଏହି ପଦକ୍ଷେପ କିନ୍ତୁ ସୁପ୍ରିମକୋର୍ଟଙ୍କ ୧୯୯୬ରେ ଦିଆଯାଇଥିବା 'ଟି.ଏନ୍ ଗୋଦାବର୍ମନ୍ ବନାମ ଭାରତ ସରକାର' ମାମଲାର ରାୟର ଖୋଲାଖୋଲି ଉଲ୍ଲଂଘନ କରୁଛି। କାରଣ କୋର୍ଟ ସେତେବେଳେ ନିଜ ରାୟରେ ଜଙ୍ଗଲର ଅଭିଧାନିକ ପରିଭାଷା ଅନୁଯାୟୀ ବ୍ୟାଖ୍ୟା କରିବା ସହ ଜଙ୍ଗଲ ସଂରକ୍ଷଣ ଆଇନର ପରିସୀମାକୁ ସମ୍ପ୍ରସାରିତ କରିଥିଲେ। ଜଙ୍ଗଲ ରହିଥିବା ଦେଶର ସବୁ ଜମିକୁ ଏପରିକି ବ୍ୟକ୍ତିଗତ ଜମିରେ ଥିବା ଜଙ୍ଗଲକୁ ବି ଜଙ୍ଗଲ ଜମି ବୋଲି ଘୋଷଣା କରି ତା'କୁ ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ର ପରିସରଭୁକ୍ତ କରିଥିଲେ। ଏହାଫଳରେ ଜଙ୍ଗଲ ସଂରକ୍ଷଣ ଆଇନ ମୁତାବକ, ଉପରୋକ୍ତ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାମରେ ବ୍ୟବହାର କରିବା ଉପରେ କଟକଣା ଲାଗୁହେବା ସହ ସେଠାରେ ଜଙ୍ଗଲ ପରିଚାଳନା ଓ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା।




ଉଲ୍ଲେଖଯୋଗ୍ୟ ଯେ, ୨୦୨୧ରେ ପ୍ରକାଶିତ ଭାରତ ସରକାରଙ୍କ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ରିପୋର୍ଟରେ ଭାରତର ସମୁଦାୟ ଜଙ୍ଗଲ ଆବରଣ ୭,୭୫,୨୮୮ ବର୍ଗ କିଲୋମିଟର ବୋଲି କୁହାଯାଇଛି। ସେଥିମଧ୍ୟରୁ ୧,୨୦,୭୮୩ ବର୍ଗ କିଲୋମିଟର, ଯାହାକି ସମୁଦାୟ ଜଙ୍ଗଲ ଜମିର ୧୬%, ଉପରୋକ୍ତ ଅଶ୍ରେଣୀଭୁକ୍ତ ଜଙ୍ଗଲ ଅଧୀନରେ ଆସୁଛି। ଏପରିକି କିଛି ରାଜ୍ୟରେ ଏହି ପ୍ରତିଶତଠାରୁ ଅଧିକ ଜଙ୍ଗଲ ଜମି ଏହି ଶ୍ରେଣୀରେ ଆସୁଛି। ଅନ୍ୟପଟେ ପରିବେଶ ଓ ଜୈବ ବିବିଧତା ଦୃଷ୍ଟିରୁ ଏହି ଅଶ୍ରେଣୀଭୁକ୍ତ ଜଙ୍ଗଲ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। କିନ୍ତୁ ବିଲ୍‌ରେ ଅଶ୍ରେଣୀଭୁକ୍ତ ଜଙ୍ଗଲର ଏହି ବିଶାଳ ଭୂଭାଗକୁ ସଂରକ୍ଷଣ ଆଇନର ପରିଧିରୁ ବାହାରେ ରଖିବାକୁ କୁହାଯାଇଛି। ସେପରି ହେଲେ, ଆଗାମୀ ଦିନରେ ସରକାର ବିକାଶ ନାମରେ ଏହି ଲକ୍ଷାଧିକ ବର୍ଗ କି.ମି.ର ଜଙ୍ଗଲ ଜମି ଏବଂ ତା ଉପରେ ରହିଥିବା ମୂଲ୍ୟବାନ୍ ଜଙ୍ଗଲ ସମ୍ପଦକୁ କର୍ପୋରେଟରମାନଙ୍କୁ ଦେବାର ସମ୍ଭାବନା ରହିଛି।

ଜଙ୍ଗଲ ସଂରକ୍ଷଣ ବିଲ୍, ୨୦୨୩ ଆହୁରି ବିଭିନ୍ନ ପ୍ରକାରର ଜଙ୍ଗଲ ଜମିକୁ ସଂରକ୍ଷଣ ଆଇନର ପରିଧିରୁ ମୁକ୍ତ କରୁଛି। ଅର୍ଥାତ୍ ଏସବୁ ଜଙ୍ଗଲକୁ କୌଣସି ଅଣ-ଜଙ୍ଗଲ କାର୍ଯ୍ୟରେ ଉପଯୋଗ କରିବା ପାଇଁ ଏଣିକି ଜଙ୍ଗଲ ମଞ୍ଜୁରୀର ଅନିବାର୍ଯ୍ୟତା ରହିବନି। ଅନ୍ତର୍ଜାତୀୟ ସୀମା ସଂଲଗ୍ନ ଜଙ୍ଗଲ ଜମିରେ ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା କୌଣସି ରାସ୍ତା ଓ ରେଳ ଭିତ୍ତିଭୂମି ନିର୍ମାଣ କରିବା କ୍ଷେତ୍ରରେ ବି ଏଥିରେ ଛାଡ଼ କରାଯାଇଛି। ଏହି ସଂଶୋଧନରେ "ଅନ୍ତର୍ଜାତୀୟ ସୀମାଠାରୁ ୧୦୦ କିଲୋମିଟର ମଧ୍ୟରେ ଅର୍ଥାତ୍ ତ୍ରିପୁରା, ନାଗାଲାଣ୍ଡ, ମେଘାଳୟ, ମିଜୋରାମ, ସିକିମ୍ ପରି ଉତ୍ତର ପୂର୍ବର ରାଜ୍ୟ ତଥା ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜମ୍ମୁ କଶ୍ମୀର ପରି ସୀମାନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳ ରହିଥିବା ଜଙ୍ଗଲ ଜମି ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ରୁ ମୁକ୍ତ ହେବ ଏବଂ ସେଠାରେ "ଜାତୀୟ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ପ୍ରକଳ୍ପ ନିର୍ମାଣ ଏବଂ ଜାତୀୟ ସୁରକ୍ଷା" ପାଇଁ ସରକାରଙ୍କ ଜଙ୍ଗଲ ଅନୁମତି ଆଉ ଦରକାର ପଡ଼ିବନି। ସଂରକ୍ଷଣରୁ ମୁକ୍ତ ହୋଇ ଏସବୁ ଜଙ୍ଗଲ ଅଣ-ଜଙ୍ଗଲ କାମରେ ଉପଯୋଗ ହେଲେ ସେଠାକାର ଜୈବ ବିବିଧତା ପ୍ରତି ମଧ୍ୟ ବିପଦ ସୃଷ୍ଟି ହେବ ଏବଂ ଚରମ ପାଣିପାଗ ଘଟଣା ବି ଘଟିପାରେ। ଏହାବ୍ୟତୀତ ଆଭ୍ୟନ୍ତରୀଣ ସୁରକ୍ଷା ନାଁରେ ସରକାର ଦେଶର ଯେକୌଣସି ଜଙ୍ଗଲ ଅଞ୍ଚଳରେ ୫-୧୦ ହେକ୍ଟର ଜଙ୍ଗଲ ଜମିରେ କୌଣସି ଅଣଜଙ୍ଗଲ କାର୍ଯ୍ୟ ପାଇଁ ୫ରୁ ୧୦ ହେକ୍ଟର ଜଙ୍ଗଲ ଜମିକୁ ବିନା କୌଣସି ପ୍ରତିବନ୍ଧକରେ ହସ୍ତାନ୍ତର କରିପାରିବେ।

ବିଲ୍‌ରେ ପରିବେଶ ପର୍ଯ୍ୟଟନ ନାଁରେ ଘରୋଇ କମ୍ପାନୀଗୁଡ଼ିକୁ ପ୍ରାଣୀ ଉଦ୍ୟାନ, ବନ୍ୟଜନ୍ତୁ ସଫାରି ଏବଂ ବ୍ୟାଘ୍ର ସଂରକ୍ଷଣ ପରି ପ୍ରକଳ୍ପକୁ ସଂରକ୍ଷଣ ଆଇନରୁ ରିହାତି ଦିଆଯାଇଛି। ଘରୋଇ କମ୍ପାନୀଙ୍କ ମୁନାଫା ପାଇଁ ଉଦ୍ଦିଷ୍ଟ ଏସବୁ ପ୍ରକଳ୍ପ ଲାଗି ଦେଶର ବିପୁଳ ଜଙ୍ଗଲ ସମ୍ପଦକୁ ବ୍ୟବହାର କରିବା ଉଭୟ ପରିବେଶ ଓ ଜୈବବିବିଧତା ଦୃଷ୍ଟିରୁ କ୍ଷତିକାରକ ହେବ।

ପୂର୍ବ ଆଇନରେ ଅଣ-ଜଙ୍ଗଲ କାର୍ଯ୍ୟ ପାଇଁ ଜଙ୍ଗଲ ଜମିର ଡାଇଭର୍ସନ ବା ହସ୍ତାନ୍ତର ପ୍ରକ୍ରିୟା ଜଟିଳ ଥିଲା। କିନ୍ତୁ ନୂତନ ବିଲ୍ ମାଧ୍ୟମରେ ସରକାର ଅଣ ଜଙ୍ଗଲ କାମ କ୍ଷେତ୍ରରେ ରହିଥିବା ଏହି ଅସୁବିଧାଗୁଡ଼ିକୁ ହଟାଇବାକୁ ଚେଷ୍ଟା କରି ଜଙ୍ଗଲ ଅନୁମତି ପାଇବାର ପ୍ରକ୍ରିୟାକୁ ପୂର୍ବାପେକ୍ଷା ସହଜ କରିଛନ୍ତି। ଏପରିକି ଅନେକ ଶ୍ରେଣୀର ଜଙ୍ଗଲକୁ ବାଧ୍ୟତାମୂଳକ ଅନୁମତି ପ୍ରକ୍ରିୟାରୁ ବାଦ ଦିଆଯାଇଛି। ସରକାରଙ୍କ ଏହି ପଦକ୍ଷେପ ଜଙ୍ଗଲ ଜମିରେ ନିଜର ପ୍ରକଳ୍ପ କରିବାକୁ ଇଚ୍ଛୁକ କର୍ପୋରେଟ୍‌ମାନଙ୍କ ମୁନାଫାକୁ ବଢ଼ାଇବ। କିନ୍ତୁ ସେଠାରେ ଥିବା ଆଦିବାସୀ ଓ ପାରମ୍ପରିକ ବନଜୀବୀଙ୍କୁ କ୍ଷତିଗ୍ରସ୍ତ କରିବ। କାରଣ ସେସବୁ ଜଙ୍ଗଲ ଜମି ସଂରକ୍ଷଣରୁ ମୁକ୍ତ ହେବା ପରେ ଅଣଜଙ୍ଗଲ କାମରେ ତା'ର ହସ୍ତାନ୍ତର ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କର କୌଣସି ଭୂମିକା ରହିବନି।

ଦେଶର ଜଙ୍ଗଲ ସଂରକ୍ଷଣ ଆଇନରେ ଅଣାଯାଇଥିବା ଏହି ସଦ୍ୟତମ ସଂଶୋଧନ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ବରଂ ମୋଦି ସରକାର ଅମଳରେ ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ଦେଶର ଜଙ୍ଗଲ ଏବଂ ପରିବେଶ ସହ ଜଡିତ ବିଭିନ୍ନ ଆଇନ ଓ ନିୟମରେ ଯେଉଁଭଳି ପରିବର୍ତ୍ତନ କରାଯାଉଛି, ଏହା ଅଂଶ ବିଶେଷ ମାତ୍ର। ଭାଜପାର ଗତ ନଅ ବର୍ଷର ଶାସନ କାଳରେ କ୍ଷତିପୂରଣକାରୀ ବନୀକରଣ (କାମ୍ପା) ଆଇନ ପ୍ରଣୟନ ସହ ଜଙ୍ଗଲ ଅଧିକାର ଆଇନ -୨୦୦୬କୁ ଦୁର୍ବଳ କରିବାକୁ ଲଗାତର ପ୍ରଚେଷ୍ଟା ହୋଇଛି। ଆମର ଜମି, ଜଙ୍ଗଲ, ପ୍ରାକୃତିକ ସମ୍ପଦ ଓ ଜୀବିକା ଉପରେ ଦେଶୀ ବିଦେଶୀ କର୍ପୋରେଟ୍ ଓ ସରକାରଙ୍କ ନିୟନ୍ତ୍ରଣକୁ ବଢ଼େଇବା ପାଇଁ ଅଣା ଯାଇଥିବା ଏହି ସଦ୍ୟତମ ବିଲ୍ ଦେଶର ଜଙ୍ଗଲ, ପରିବେଶ ଓ ଜୈବ ବିବିଧତା ସହ ଆଦିବାସୀ, ପାରମ୍ପରିକ ବନଜୀବୀଙ୍କ ଜୀବନ ଜୀବିକା ପ୍ରତି ଭୟଙ୍କର ବିପତ୍ତି ଆଣିବାକୁ ଯାଉଛି।

ମୋ : ୯୪୩୭୧୭୬୩୭୪

# ବାବୁଙ୍କ କ୍ଷମତା ମୋହ



ଡ. ଷ୍ଟାଲିନ୍ ମିଶ୍ର

ଭାରତୀୟ ପ୍ରଶାସନିକ ଅଧିକାରୀ କିମ୍ବା ରାଜ୍ୟ ପ୍ରଶାସନିକ ଅଧିକାରୀମାନେ ଚାକିରି କାଳରେ ଜିଲା, ତହସିଲ ତଥା ବ୍ଲକର ଜନତାଙ୍କ ସମସ୍ୟା ବୁଝିବାକୁ, ସରକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ତଥା ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ପାଇଥାନ୍ତି। ଲୋକପ୍ରତିନିଧିମାନେ ସେପରି ସୁଯୋଗ ପାଇ ନ ଥାନ୍ତି। ସେମାନେ ନିଜ ନିଜ ନିର୍ବାଚନ କ୍ଷେତ୍ର ମଧ୍ୟରେ ସୀମିତ। ନେତାମାନଙ୍କ ଉପରେ ଦଳୀୟ ଶୃଙ୍ଖଳା ଲାଗୁ ହୁଏ, ସେମାନେ ଚାହିଁଲେ ବି ଖୋଲାଖୋଲି ନିଜ ଦଳ କିମ୍ବା ସରକାର ବିରୋଧରେ ମନ୍ତବ୍ୟ ଦେଇପାରନ୍ତି ନାହିଁ। ଅନିଚ୍ଛାକୃତ ଭାବେ ଦଳୀୟ ତଥା ସରକାରୀ ଅନୀତିକୁ ସମର୍ଥନ କରିଥାନ୍ତି ଅଥବା ନୀରବ ରହିଥାନ୍ତି। କିନ୍ତୁ ବାବୁମାନେ ଏସବୁ ଶୃଙ୍ଖଳରୁ ମୁକ୍ତ। ସେମାନଙ୍କୁ ସରକାରୀ ତଥା ଦଳୀୟ ଚାପରେ କାମ କରିବାକୁ କେହି ବାଧ୍ୟ କରି ପାରିବେ ନାହିଁ। ଆମ ଦେଶର ସମ୍ବିଧାନ ସରକାରୀ ବାବୁମାନଙ୍କୁ କୌଣସି ରାଜନୈତିକ ଚାପକୁ ଭ୍ରୂକ୍ଷେପ ନକରି ଜନତାଙ୍କ ସେବା କରିବାକୁ ଅଖଣ୍ଡ କ୍ଷମତା ଦେଇଛି। କିନ୍ତୁ ସେମାନେ ଚାକିରି କାଳରେ କେବେ ବି ଜନତାଙ୍କ ହିତସାଧନ ପାଇଁ ସେହି ଅଖଣ୍ଡ କ୍ଷମତା ପ୍ରୟୋଗ କରିନଥାନ୍ତି। ବରଂ ସରକାରଙ୍କ ସମସ୍ତ ଅନୈତିକ କାର୍ଯ୍ୟକୁ ପୂର୍ଣ୍ଣ ସହାୟତା ପ୍ରଦାନ କରିଥାନ୍ତି ତଥା କଳା କାରନାମାରେ ଭାଗୀଦାର ହୋଇ ଅସତ ଧନ ଠୁଳ କରିଥାନ୍ତି।

ଏପରି ଅସତ ବାବୁମାନଙ୍କ ଚିଠା ଲମ୍ବା। ଆମ ରାଜ୍ୟରେ ଏପରି ଅନେକ ବାବୁ କ୍ଷମତା ଲାଳସାରେ ସେବାନିବୃତ୍ତି ପରେ ରାଜନୀତିରେ ପ୍ରବେଶ କରିବା ଦେଖାଯାଏ। ଯେଉଁ ପଦସ୍ଥ ବାବୁମାନେ ନିଜ ଚାକିରି କାଳରେ ସମସ୍ତ ସୁବିଧା ସୁଯୋଗ ପାଇ ମଧ୍ୟ ଦେଶ ତଥା ଜନତାଙ୍କ ସେବା କରିପାରିଲେ ନାହିଁ, କୌଣସି ସମସ୍ୟାର ସ୍ଥାୟୀ ସମାଧାନର ସୂତ୍ର ପାଇପାରିଲେ ନାହିଁ ସେମାନେ ସେବାନିବୃତ୍ତି ପରେ ବୟସର ଅପରାହ୍ନରେ ଅଧିକ କ'ଣ କରିପାରିବେ ? ପ୍ରକୃତ କଥା ହେଲା ଜଣେ ଯେତେ ଉଚ୍ଚପଦସ୍ଥ ଅଧିକାରୀ ହେଲେ ମଧ୍ୟ ସେବାନିବୃତ୍ତି ପରେ ସେ ସାଧାରଣ ଲୋକ। ନା କେହି ତାଙ୍କୁ ଭୟ କରନ୍ତି ନା ତାଙ୍କ ହୁକୁମ ମାନନ୍ତି। କେବଳ ସରକାରୀ ଚାକିରି ଜୀବନର କ୍ଷମତା, ସୁବିଧା ସୁଯୋଗ, ଗାଡି, ବଙ୍ଗଳା, ମାଳୀ-ଡ୍ରାଇଭର ତଥା ଚୌକିର ମୋହ ପରିତ୍ୟାଗ କରିପାରୁ ନ ଥିବା କିଛି ଅତୃପ୍ତ ବ୍ୟକ୍ତି ଏମାନେ। ମୃତ୍ୟୁ ପର୍ଯ୍ୟନ୍ତ କ୍ଷମତା ଉପଭୋଗ କରିବାର ଆସ୍ଫାଳନରେ ଏମାନେ ଛଟପଟ। ଚାକିରି କାଳରେ ସରକାରଙ୍କ ଭୁଲ ନୀତିକୁ ଥରଟିଏ ବିରୋଧ କରିବାକୁ ସାହସ ସଞ୍ଚୟ କରିପାରି ନ ଥିବା ଏହି ବାବୁମାନେ ସେବାନିବୃତ୍ତି ପରେ ରାଜନୀତିକୁ ଆସି ସରକାରଙ୍କ ଦୋଷ ଦୁର୍ବଳତା ବିଷୟରେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ତଥା ସରକାର ବଦଳାଇବାକୁ ସ୍ୱପ୍ନ ଦେଖିବା ନିହାତି ହାସ୍ୟାସ୍ପଦ କଥା। ଆମ ଜନତା ମଧ୍ୟ ବହୁ ସରଳ ନିଷ୍କପଟ, ଏହି ବାବୁମାନଙ୍କୁ ପ୍ରଶ୍ନ ପଚାରିବାକୁ ଅସମର୍ଥ। ନ ହେଲେ ଚାକିରି ଜୀବନରେ କି ସେବା କରିଛନ୍ତି ତଥା ରାଜ୍ୟ ଓ ଜନତାଙ୍କ ପାଇଁ କ'ଣ ଉପଲବ୍ଧି ଅଛି ବୋଲି ନ ପଚାରି ତାଙ୍କ ପଛରେ ତାଳି ମାରି ଗୋଡ଼ାଉ ନଥାନ୍ତେ। ଦବଦବା କାଏମ ରଖିବା ପାଇଁ ରାଜନୀତି ହିଁ ଏକମାତ୍ର ମାର୍ଗ। ତେଣୁ ଏହି ଦେଶ ସେବା ନାଟକର ଉତ୍ପତ୍ତି।



କିଛି ଲୋକ କହିବେ ଯେ ଚାକିରି କାଳରେ ବାବୁମାନଙ୍କ ଉପରେ ସରକାରୀ ନିୟନ୍ତ୍ରଣ ଥାଏ, ପରିସୀମା ନିର୍ଦ୍ଧାରିତ ଥାଏ ସେଥିପାଇଁ ସେମାନେ ଜନତାଙ୍କ ସେବା କରିପାରନ୍ତି ନାହିଁ। ରାଜନୀତିକୁ ଆସିଲେ ସେମାନେ ଅଧିକ ସେବା କରିପାରିବେ। ତା'ହେଲେ ସେବାନିବୃତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାର ଆବଶ୍ୟକତା କ'ଣ ? ଚାକିରି ଅଧାରୁ ଛାଡି ମଧ୍ୟ ସେମାନେ ରାଜନୀତିକୁ ଆସିପାରିଥାନ୍ତେ। ଜନତା ତଥା ଦେଶ ସେବାରେ ନିଜକୁ ଉତ୍ସର୍ଗ କରିପାରିଥାନ୍ତେ। କିନ୍ତୁ ସେପରି କଲେ ନିଜ ଜୀବନ ଅନିଶ୍ଚିତ ହୋଇଯାଇଥାନ୍ତା। ଶାସକ ଦଳ କୃପାରୁ ରାଜ୍ୟ ସଭା ଯିବାର ମୌକା ବି ଅଛି। କିଛି ନ ହେଲେ ସରକାରଙ୍କ ସହିତ ରହିଲେ କୌଣସି ସରକାରୀ ଉଦ୍ୟୋଗ ସଂସ୍ଥାର ମୁଖ୍ୟ ହୋଇ ରାଜ୍ୟମନ୍ତ୍ରୀ ପାହ୍ୟା ତ ମିଳିପାରିବ। ତେଣୁ ଏହି ଲାଭ ଲୋଭର ଖେଳରେ ସରକାରଙ୍କ ହଁ ରେ ହଁ ମିଳାଇ ଚାଲନ୍ତି, ଜନତାଙ୍କ ସାର୍ଥକୁ ଜଳାଞ୍ଜଳି ଦେଇ ଚାଲନ୍ତି। ସରକାରୀ ନିୟନ୍ତ୍ରଣ ଓ ଚାକିରି ନିୟମାବଳୀର ପରିସୀମା ବାହାନା ପଛର ଏହାହିଁ ପ୍ରକୃତ ସତ୍ୟତା।

ଆମ ଦେଶରେ ଏପରି ବହୁ ଉଦାହରଣ ବି ଅଛି ଯେଉଁଠି ନିଜର ବୃତ୍ତି, ସୁଖସ୍ୱାଛନ୍ଦ୍ୟ, ସୁବିଧା ସୁଯୋଗକୁ ପରିତ୍ୟାଗ କରି ଜନତାଙ୍କ ସେବା ପାଇଁ ଚାକିରି ଅଧାରୁ ଛାଡି ଅନେକ ରାଜନୀତିକୁ ଆସିଛନ୍ତି। ସେମାନେ ଏହି ସେବାନିବୃତ୍ତ ସୁବିଧାବାଦୀଙ୍କଠାରୁ ବରଂ ଅଧିକ ତ୍ୟାଗୀ ଓ ଗ୍ରହଣୀୟ। କାରଣ ସେମାନେ ନିଜକୁ ତଥା ନିଜ ପରିବାରକୁ ଅସୁବିଧାରେ ପକାଇ ଜନତାଙ୍କ ସେବା ପାଇଁ ରାଜନୀତିକୁ ବାଛିଛନ୍ତି।

ନିଜର ରାଜନୈତିକ ଅଭିଳାଷକୁ ପୂରଣ କରିବା ପାଇଁ ଜଣେ ନ୍ୟାୟାଧୀଶ ସରକାରଙ୍କ ସପକ୍ଷରେ ନ୍ୟାୟ ପ୍ରଦାନ କରିବାର ସମ୍ଭାବନା ହେଉ ଅବା ଜଣେ ମୁଖ୍ୟ ଶାସନ ସଚିବ ସରକାରଙ୍କ ସମସ୍ତ ଦୋଷ ଦୁର୍ବଳତାକୁ ଲୁଚାଇବା ତଥା ଦୁର୍ନୀତିକୁ ପ୍ରଶ୍ରୟ ଦେବା ପାଇଁ ପ୍ରେରିତ ହୋଇଥାଏ। ଆମ ବିଧି ବ୍ୟବସ୍ଥାରେ ଏପରି ଲୋକଙ୍କର ରାଜନୀତିରେ ପ୍ରବେଶ ପାଇଁ ପଥ ଉନ୍ମୁକ୍ତ ହେବା ଜନତା ଓ ଦେଶ ପାଇଁ ହିତକର କଥା ନୁହେଁ। ତେଣୁ ଉଚ୍ଚପଦସ୍ଥ ପ୍ରଶାସନିକ ବାବୁମାନଙ୍କ ସେବାନିବୃତ୍ତି ପରେ ରାଜନୀତିକୁ ଆସିବା ଦେଶସେବା ନୁହେଁ ବରଂ ଅବସର ବିନୋଦନ ତଥା କ୍ଷମତା ଉପଭୋଗ ପାଇଁ ଉଦ୍ଦିଷ୍ଟ। ଯେଉଁ ରାଜନୈତିକ ଦଳମାନେ ନିଜର ଗୁମର ଫିଟିଯିବା ଭୟରେ ଏପରି ଉଚ୍ଚ ପଦରେ ଥିବା ବାବୁମାନଙ୍କ ରାଜନୈତିକ ଥଇଥାନ କିମ୍ବା ଅବସର ପରେ ପୁନଃ ନିଯୁକ୍ତି ଦେଉଛନ୍ତି ସେମାନଙ୍କୁ ବିରୋଧ କରିବା ଆବଶ୍ୟକ।

ମୋ: ୯୩୪୩୯୩୫୩୪୧

## ଏଇ ଭାରତରେ

ବେଳାଭୂମି ପରିବେଶକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ କରିବାରେ ଲିସ୍‌ବନ ଫେରାଓଙ୍କ ପ୍ରୟାସ ଏକ ଉଦାହରଣ ସୃଷ୍ଟି କରିଛି। ସେ ମୁମ୍ବାଇ ବିଚ୍‌ରୁ ପ୍ଲାଷ୍ଟିକ୍ ବର୍ଜ୍ୟ ସଫା କରିବା ଲାଗି 'ବସାଇ ବିଚ୍ କ୍ଲିନ୍‌ର' ଅଭିଯାନ ଆରମ୍ଭ କରିଛନ୍ତି। ବିଚ୍‌ରେ ପିଲାମାନେ ବାଲି ବଦଳରେ ପ୍ଲାଷ୍ଟିକ୍‌ରେ ଖେଳୁଥିବା ଦେଖିବା ପରେ ସେ ଏହି ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅଭିଯାନରେ ସେ ଯୁବ ପରିବେଶପ୍ରେମୀଙ୍କୁ ଉତ୍ସାହିତ କରିପାରିଛନ୍ତି। ଫେରାଓ ଓ ତାଙ୍କ ଟିମ୍ ସପ୍ତାହାନ୍ତରେ ମୁମ୍ବାଇ ବିଚ୍‌ରୁ ବର୍ଜ୍ୟ ସଫା କରୁଛନ୍ତି। ଟିମ୍‌ର ଅନେକ ସଦସ୍ୟ କର୍ମଜୀବୀ ହୋଇଥିବାରୁ ସେମାନେ ଏଭଳି ପଦ୍ଧତି ଅବଲମ୍ବନ କରୁଛନ୍ତି। ଏବେସୁଦ୍ଧା ସେମାନେ ୬୫୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିସାରିଲେଣି। ଏସବୁ ବର୍ଜ୍ୟ ଭିତରେ ରହିଛି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ କପ୍, କ୍ଷୀର ପ୍ୟାକେଟ, ମାଛଧରା ଜାଲ, ବ୍ୟାଗ୍‌ପ୍ୟାକ୍ ଓ ସିମେଣ୍ଟ ବ୍ୟାଗ୍ ଇତ୍ୟାଦି। ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ କରିବା ପରେ ତାହାକୁ ରିସାଇକ୍ଲିଂ ସେଣ୍ଟରକୁ ପଠାଉଛନ୍ତି। ଲଗାତର ବିଚ୍‌କୁ ପ୍ରଦୂଷଣ କରୁଥିବା ବ୍ୟକ୍ତିମାନଙ୍କ ଆହ୍ୱାନକୁ ସାମ୍ନା କରି ସେ ଏହି ଅଭିଯାନ ଜାରି ରଖିବା ସହ ପ୍ରଦୂଷଣମୁକ୍ତ ବିଚ୍ ଲାଗି ଲୋକମାନଙ୍କୁ ସଚେତନ କରାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଅଗଷ୍ଟ ୧୯୯୮

- ବମ୍ବେର ବାନ୍ଦ୍ରାଠାରେ ସାତମହଲା କୋଠା ଭୁଶୁଡ଼ି ପଡ଼ିବା ଫଳରେ ୩୨ ଜଣଙ୍କ ମୃତ୍ୟୁ।
- ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲାସ୍ଥିତ ସାଲିଆନ ଗ୍ରାମରେ ଉଗ୍ରପନ୍ଥୀମାନେ ଏକ ମୁସଲିମ ପରିବାରର ୧୯ ଜଣଙ୍କୁ ହତ୍ୟା କରିଛନ୍ତି।
- ଯୁଦ୍ଧଖୋର ଉଜବେକିସ୍ତାନ ଜେନେରାଲ ଅବଦୁଲ ରଶିଦ ଦୋସ୍ତାମଙ୍କ ମୁଖ୍ୟ ଆଡ୍ଡାସ୍ଥଳ ଶବାରଗାନକୁ ଆଫଗାନିସ୍ତାନର ତାଲିବାନ ବିଦ୍ରୋହୀମାନେ ନିଜ ନିୟନ୍ତ୍ରଣକୁ ଆଣିଛନ୍ତି।

## sudoku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 5 | | | | | | 3 |
| | | | | 8 | 7 | | | |
| 2 | | 4 | | | | 6 | | |
| | | | | 3 | | 2 | | |
| 1 | | 8 | | | | | | 4 |
| | 3 | 7 | | | 5 | 9 | | |
| 7 | | | | | | | 3 | 6 |
| | | | 9 | | | 8 | 2 | |
| 8 | | | 3 | 6 | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 3 | 4 | 1 | 5 | 2 | 6 |
| 6 | 2 | 1 | 7 | 5 | 8 | 4 | 3 | 9 |
| 4 | 3 | 5 | 9 | 2 | 6 | 1 | 8 | 7 |
| 1 | 5 | 6 | 2 | 9 | 3 | 8 | 7 | 4 |
| 3 | 4 | 7 | 1 | 8 | 5 | 9 | 6 | 2 |
| 2 | 8 | 9 | 6 | 7 | 4 | 3 | 1 | 5 |
| 5 | 9 | 3 | 8 | 6 | 7 | 2 | 4 | 1 |
| 8 | 6 | 2 | 4 | 1 | 9 | 7 | 5 | 3 |
| 7 | 1 | 4 | 5 | 3 | 2 | 6 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାଷା ବନାମ ସାହିତ୍ୟ

ମହାଶୟ,

ଭାଷା ଓ ସାହିତ୍ୟ ଏକ କଥା ନୁହେଁ। ଉଭୟଙ୍କ ମଧ୍ୟରେ ପ୍ରଭେଦ ରହିଛି। ଭାଷା ହେଉଛି ଭାବ ପ୍ରକାଶର ସର୍ବଶ୍ରେଷ୍ଠ ମାଧ୍ୟମ। ଏହା ଜ୍ଞାନ ବିଜ୍ଞାନର ବିଷୟ, ସାହିତ୍ୟ ହେଉଛି କଳ୍ପନାର ବସ୍ତୁ। ସାହିତ୍ୟ ନ ଥାଇ ଭାଷା ଦୀର୍ଘ କାଳ ବଞ୍ଚି ରହିପାରେ। ମାତ୍ର ଭାଷା ବିନା ସାହିତ୍ୟ ନାହିଁ। ଏଣୁ ଭାଷାକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ଏବେ ବହୁ ଲୋକ ସାହିତ୍ୟ ରଚନା, ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ବ୍ୟାକୁଳ। ମାତ୍ର ଭାଷା ପାଇଁ କେହି ଚିନ୍ତା କରୁନାହାନ୍ତି। ଆମର ମାତୃଭାଷା ଓଡ଼ିଆ ଏବେ ଅବକ୍ଷୟମୁଖୀ। ଏହାର ମୁଖ୍ୟ କାରଣ, ଓଡ଼ିଆଙ୍କ ମଧ୍ୟରେ ଏହି ଭାଷା ପ୍ରତି ଆଦର ନାହିଁ। ଓଡ଼ିଆ ପରିବାରରେ ମାତାପିତା ଓ ଅଭିଭାବକ ପିଲାମାନଙ୍କୁ ଇଂଲିଶ ଭାଷାରେ ପାଠ ପଢାଇବାକୁ ବ୍ୟାକୁଳ। ଓଡ଼ିଆ ପାଠ ପଢ଼ାଇବାକୁ ଚାହୁଁ ନାହାନ୍ତି। ଯେଉଁ ରାଜ୍ୟ କେବଳ ଭାଷା ଭିତ୍ତିରେ ଗଠିତ ହୋଇଥିଲା ସେହି ରାଜ୍ୟବାସୀ ଓଡ଼ିଆ ଭାଷାକୁ ହତାଦର କରିବା ଚିନ୍ତାର ବିଷୟ। ଏକଥା ସ୍ୱୀକାର କରିବାକୁ ହେବ ଯେ, ଓଡିଆ ଭାଷାକୁ ଲୋକମାନେ ବଞ୍ଚାଇ ରଖିବେ , କେବଳ ସରକାର କିଛି କରିପାରିବେ ନାହିଁ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଚିତ୍ରିତ ଏ ଭୁବନ, ଲୁପ୍ତ ଝରଣାର ବ୍ୟଥା ବହି
ଝରିପଡ଼େ ଯେ କୋରକ କୋଟି ବିୟୋଗର
ପ୍ରାସ ସହି
ସୃଜନର ଅଶ୍ରୁ ରାଶି ଝରି ପଡ଼େ ସଦା,
ଏ ଧରଣୀ ହୁଏ ତହିଁ ଓଦା।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୪.୧୧ ଲକ୍ଷ ଲୋକ ପ୍ରଭାବିତ

ଭୁବନେଶ୍ୱର, ୪।୮ (ଅନିଲ ଦାସ)

- ୨୧ ଜିଲାରେ ବର୍ଷା-ବନ୍ୟା ବିପ୍ୟାତ
- ୫ ସ୍ଥାନରେ ଘାଇ, ୨ ମୃତ
- ୨,୩୨୯ ବାସଗୃହ ନଷ୍ଟ

ଲଗାଣ ବର୍ଷା ପ୍ରଭାବରେ ରାଜ୍ୟରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି। ଏଥିରେ ୨୧ ଜିଲାର ମୋଟ ୧୩୬ ବ୍ଲକର ୧,୮୮୯ ଗାଁ, ୨୬ ପୌରାଞ୍ଚଳ ଅଧୀନ ୧୦୧ ୱାର୍ଡର ମୋଟ ୪ ଲକ୍ଷ ୧୧ ହଜାର ୩୩୮ ଜଣ ପ୍ରଭାବିତ ହୋଇଛନ୍ତି। ୨,୩୨୯ ଘର ନଷ୍ଟ ହୋଇଛି। ବୌଦ୍ଧ, ଜଗତ୍‌ସିଂହପୁର, ଯାଜପୁର ଜିଲାରେ ୫ ସ୍ଥାନରେ ଘାଇ ହୋଇଛି। କେନ୍ଦୁଝର, ଯାଜପୁର ଜିଲାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ୫୧,୬୭୮ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ଷା ପରିମାଣ ହ୍ରାସ ପାଇବା ପରେ ବିଭିନ୍ନ ନଦୀର ଜଳସ୍ତର କମୁଛି। ତେବେ ନରାଜଠାରେ ମହାନଦୀ ଏବଂ ଆଖୁଆପଦାଠାରେ ବୈତରଣୀ ନଦୀ ବିପଦ ସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ସ୍ଥିତର ମୁକାବିଲା ପାଇଁ ରାଜ୍ୟ ସରକାର ୧୬ ଜିଲାରେ ୧୩ ଓଡ୍ରାଫ୍, ୮ ଏନ୍‌ଡିଆର୍‌ଏଫ୍ ଓ ୮୫ ଅଗ୍ନିଶମ ବାହିନୀ ଟିମ୍ ମୁତୟନ କରିଛନ୍ତି।

ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବୌଦ୍ଧ ଜିଲାର କେଭିଠାରେ ମହାନଦୀରେ ୧୦୦ମିଟର ନଦୀବନ୍ଧ ଧୋଇ ଯାଇଛି। ଜଗତ୍‌ସିଂହପୁର ଜିଲାର କୁଜଙ୍ଗ ନିକଟସ୍ଥ ତେରମାଣପୁରଠାରେ ମହାନଦୀରେ ପ୍ରାୟ ୨୦ମିଟର ଘାଇ ହୋଇଛି। ସେହିପରି ଯାଜପୁର ଜିଲାର ରସୁଲପୁର ବ୍ଲକର ବନ୍ଧଡ଼ିହାଠାରେ ବ୍ରାହ୍ମଣୀ ନଦୀରେ ୧୦ ମିଟର ଘାଇ ହୋଇଛି। ଦଶରଥପୁର ବ୍ଲକର ମଲ୍ଲିକାପୁର ଓ ଶାସନ ଗାଁ ନିକଟରେ କାଣୀ ନଦୀରେ ୨ ମିଟର ଓ ୫ମିଟରର ଘାଇ ହୋଇଥିବା ଜଣାପଡ଼ିଛି। ଏସବୁ ଘାଇକୁ ମରାମତି କରିବା ଲାଗି ଯୁଦ୍ଧକାଳୀନଭିତ୍ତିରେ ପଦକ୍ଷେପ ନିଆଯାଉଛି।

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ହାରାହାରି ୩.୧ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିଯୋଗୁ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୨୫ ଫୁଟ୍ ଥିବାବେଳେ ଡ୍ୟାମ ଭିତରକୁ ପ୍ରତି ସେକେଣ୍ଡରେ ୪ ଲକ୍ଷ ୯୨ ହଜାର ୯୧୧ କ୍ୟୁସେକ ଜଳ ପ୍ରବେଶ କରୁଛି। ୭ଟି ଗେଟ୍ ଦେଇ ୧ ଲକ୍ଷ ୫୬ ହଜାର ୬୭୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଖଇରମାଳଠାରେ ୨.୮୨ ଲକ୍ଷ କ୍ୟୁସେକ, ବରମୂଳଠାରେ ୪.୨୦ ଲକ୍ଷ କ୍ୟୁସେକ ଓ ମୁଣ୍ଡଳୀଠାରେ ୬.୨୦ ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି। କଟକର ନରାଜଠାରେ ମହାନଦୀର ବିପଦ ସଙ୍କେତ ୨୫.୪୧ ଫୁଟ ଥିବାବେଳେ ଜଳସ୍ତର ୨୫.୭୨ ଫୁଟ ରହିଛି। ଆଖୁଆପଦାଠାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏଠାରେ ବିପଦ ସଙ୍କେତ ୧୭.୩୩ ଫୁଟ ଥିବାବେଳେ ୧୭.୯୪ ଫୁଟ ଉପରେ ପାଣି ଚାଲିଛି। ଅନ୍ୟ କୌଣସି ନଦୀରେ ଜଳସ୍ତର ବୃଦ୍ଧି ପାଉନାହିଁ।

ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାର ମୋଟ ୭୯ ବ୍ଲକ ଅଧୀନ ୨୬୯ ପଞ୍ଚାୟତର ୪୭୩ ଗାଁ ଏବଂ ୧୪ ପୌରାଞ୍ଚଳର ୫୬ଟି ୱାର୍ଡ ବନ୍ୟା-ବର୍ଷା ବିପ୍ୟାତରେ ପ୍ରଭାବିତ ହୋଇଛି। ପ୍ରାୟ ୨୮୦୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଜିଲାରେ ମୋଟ୍ ୨୩୬ଟି ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ ଏସବୁ ଜିଲାର ମୋଟ ୭୩୯ଟି ଘର ନଷ୍ଟ ହେବା ସହ ୧୧,୭୦୮ଜଣ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି ଅନୁଗୋଳ, ବୌଦ୍ଧ, କେନ୍ଦୁଝର, ସମ୍ବଲପୁର, ସୋନପୁର, ବାଲେଶ୍ୱର, ଯାଜପୁର, ଭଦ୍ରକ, ନୟାଗଡ଼, କଟକ ଓ କେନ୍ଦ୍ରାପଡ଼ା ଜିଲାର ମୋଟ ୫୭ ବ୍ଲକର ୩୯୮ ପଞ୍ଚାୟତର ୧୪୧୬ଟି ଗାଁ ଏବଂ ୧୨ ପୌରାଞ୍ଚଳର ୪୫ ୱାର୍ଡର ମୋଟ ୩ ଲକ୍ଷ ୯୯ ହଜାର ୬୩୦ ଜଣ ପ୍ରଭାବିତ ହୋଇଛନ୍ତି। ଏସବୁ ଜିଲାର ୪୮,୮୭୪ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୨୦୬ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇଛି। ବର୍ଷା ଓ ବନ୍ୟା ଯୋଗୁ ଉକ୍ତ ୧୧ଟି ଜିଲାର ମୋଟ ୧୫୯୦ଟି ଘର ନଷ୍ଟ ହୋଇଛି। ବର୍ଷା କମିଯାଇଥିବାରୁ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ରହିଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଖୋଲିଲା ହୀରାକୁଦର ଆଉ ୧୦ ଗେଟ୍

ସମ୍ବଲପୁର, ୪।୮ (ଶୁଭାଶିଷ ପାଢୀ)

**୧୨ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ**

ହୀରାକୁଦ ଡ୍ୟାମ୍ ଉପରମୁଣ୍ଡ ଛତିଶଗଡରେ ପ୍ରବଳ ବର୍ଷା ହେବାରୁ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ବାମପାର୍ଶ୍ୱର ୫ ଓ ଡାହାଣପାର୍ଶ୍ୱର ୫ ଗେଟ୍ ଖୋଲାଯାଇଛି। ପୂର୍ବରୁ ବାମ ପାର୍ଶ୍ୱର ୨ଗେଟ୍ ଖୋଲାଯାଇଥିବାବେଳେ ଏବେ ମୋଟ ୧୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଡ୍ୟାମ୍‌ର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ରାତି ୯ଟା ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ୬୧୭ ଫୁଟ୍ ରହିଥିଲା। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୨୦ ହଜାର ୧୦୬ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ସ୍ପିଲ୍‌ୱେ, ପାୱାର ଚ୍ୟାନେଲ, କୃଷି, ଶିଳ୍ପକୁ ମୋଟ ୧ ଲକ୍ଷ ୮୬ ହଜାର ୩୨୪ କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେଉଛି। ତଳମୁଣ୍ଡ ବେଲଗାଁରେ ୩୧ ହଜାର, ପର୍ଥଲାରେ ୧ ଲକ୍ଷ ୨୬ ହଜାର ୨୧୬, ଖଇରମାଲରେ ୩ ଲକ୍ଷ ୬୨ ହଜାର ୫୦୦, ମୁଣ୍ଡଳୀରେ ୫ ଲକ୍ଷ ୩୦ ହଜାର ୬୨୯ କ୍ୟୁସେକ ଜଳ ପ୍ରବାହିତ ହେଉଛି। ଏ ସମ୍ପର୍କରେ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି, ଉପରମୁଣ୍ଡରେ ୩ଦିନ ଧରି ଲଗାଣ ବର୍ଷା ଯୋଗୁ ଜଳଭଣ୍ଡାରକୁ ଅଧିକ ପରିମାଣ ଜଳ ପ୍ରବେଶ କରୁଛି। ଆଜି ରାତିରେ ଜଳପ୍ରବେଶ ପରିମାଣ ବୃଦ୍ଧି ପାଇବ। ହେଲେ ଛତିଶଗଡ଼ରେ ବର୍ଷା ପରିମାଣ କମିଥିବାରୁ ଜଳ ପ୍ରବେଶ କମିବ। ଜଳଭଣ୍ଡାରର କ୍ଷମତା କେଉଁ ସମୟରେ କେତେ ରହିବ ତାହାକୁ ଦେଖି ଜଳ ରଖାଯିବ ବୋଲି ସେ କହିଥିଲେ।



ହୀରାକୁଦ ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ହେଉଛି।

## ଭୁବନେଶ୍ୱରରୁ ଶ୍ରୀଲଙ୍କାକୁ ସିଧାସଳଖ ଉଡ଼ିବ ବିମାନ

ଭୁବନେଶ୍ୱର, ୪।୮ (ଅସମାପିକା ସାହୁ)

ଅନ୍ତର୍ଜାତୀୟ ବିମାନ ସେବା କ୍ଷେତ୍ରରେ ଓଡ଼ିଶା ଆଉ ପାଦେ ଆଗେଇଛି। ଖୁବ୍‌ଶୀଘ୍ର ଓଡ଼ିଶାରୁ ଶ୍ରୀଲଙ୍କାକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଓ ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ମଧ୍ୟରେ ବିମାନ ଚଳାଚଳ କରିବ। ଶ୍ରୀଲଙ୍କାନ ଏୟାର ଲାଇନ୍ସ ଏହି ବିମାନସେବା ପ୍ରଦାନ କରିବ। ଶ୍ରୀଲଙ୍କାନ ଏୟାର ଲାଇନ୍ସର ରିଜିଓନାଲ ମ୍ୟାନେଜର ଭି. ରବୀନ୍ଦ୍ରନ କହିଛନ୍ତି, ପୂର୍ବ ଭାରତରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ପର୍ଯ୍ୟଟନ କ୍ଷେତ୍ରରେ ବହୁତ ବିକାଶ ହୋଇଛି। ଓଡ଼ିଶା ସରକାର ପର୍ଯ୍ୟଟନର ବିକାଶ ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଓଡ଼ିଶାରେ ଅନେକ ପର୍ଯ୍ୟଟନସ୍ଥଳୀ ଥିବାରୁ ଶ୍ରୀଲଙ୍କାରୁ ଭୁବନେଶ୍ୱରକୁ ସିଧାସଳଖ ବିମାନ ଚଳାଚଳ କଲେ ଓଡ଼ିଶା ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ। ଉଭୟ ସ୍ଥାନର ପର୍ଯ୍ୟଟନସ୍ଥଳର ଆହୁରି ବିକାଶ ହୋଇପାରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ମେ' ୧୫ରେ ଭୁବନେଶ୍ୱରରୁ ଦୁବାଇ ସିଧାସଳଖ ବିମାନସେବା ଆରମ୍ଭ ହୋଇଛି। ଇଣ୍ଡିଗୋ ବିମାନ ଏହି ବିମାନସେବା ପ୍ରଦାନ କରୁଛି। ସେହିପରି ଗତ ଜୁନ୍ ୩ରୁ ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ ଭୁବନେଶ୍ୱରରୁ ସିଙ୍ଗାପୁର ଏବଂ ବ୍ୟାଙ୍କକ୍ ସିଧାସଳଖ ବିମାନ ଚଳାଚଳ କରୁଛି।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୪।୮ (ଅସମାପିକା ସାହୁ)



ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ବା ବିଶ୍ୱ ଦକ୍ଷତା କେନ୍ଦ୍ର ବିଭିନ୍ନ ଅତ୍ୟାଧୁନିକ ବିଷୟରେ ବର୍ଷକିଆ ଆଡ୍‌ଭାନ୍ସଡ୍ ଡିପ୍ଲୋମା ତାଲିମ ପାଠ୍ୟକ୍ରମ ଆରମ୍ଭ କରିଛି। ସେପ୍ଟେମ୍ବର ସେସନ ପାଇଁ ଅନ୍‌ଲାଇନ ମାଧ୍ୟମରେ ନାମଲେଖା ଆବେଦନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୧୫ ତାରିଖ ହେଉଛି ଆବେଦନର ଶେଷଦିନ। ଏହାପରେ ଅନ୍‌ଲାଇନ ମାଧ୍ୟମରେ ଏକ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା କରାଯାଇ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ କରାଯିବ।

ବିଶ୍ୱ ଦକ୍ଷତା କେନ୍ଦ୍ରରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ୍ ଅଫ୍ ସର୍ଭିସେସ୍ ଦୁଇଟି ବିଭାଗ ରହିଛି। ଏଠାରେ ମୋଟ ୭ଟି ଅତ୍ୟାଧୁନିକ ବିଷୟରେ ତାଲିମ ଦିଆଯାଉଛି। ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ, ଏୟାର କଣ୍ଡିଶନିଂ ଆଣ୍ଡ୍ ରେଫ୍ରିଜରେଶନ ଏବଂ ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ ଭଳି ୫ଟି ଆଧୁନିକ ବିଷୟ ବା ଟ୍ରେଡ୍ ରହିଛି। ରାଜ୍ୟର ଯେକୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ ଅନୁଷ୍ଠାନରୁ ୨ବର୍ଷିଆ ଆଇଟିଆଇ ବା ୩ ବର୍ଷିଆ ଡିପ୍ଲୋମା ପାସ୍ କରିଥିବା ଛାତ୍ରୀଛାତ୍ର ଏଠାରେ ନାମ ଲେଖାଇବା ପାଇଁ ଆବେଦନ କରିପାରିବେ। ସେହିପରି ସ୍କୁଲ ଅଫ୍ ସର୍ଭିସେସ ବିଭାଗ ଅଧୀନରେ 'ହେୟାର ଫ୍ୟାଶନ ଆଣ୍ଡ୍ ଡିଜାଇନ୍' ଏବଂ 'ବ୍ୟୁଟି ୱେଲ୍‌ନେସ୍ ଆଣ୍ଡ୍ ସ୍ପା' ଭଳି ୨ଟି ଆକର୍ଷଣୀୟ ପାଠ୍ୟକ୍ରମ ରହିଛି। ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା ରହିଛି ଯୁକ୍ତ୨ କିମ୍ବା ଯେକୌଣସି ବିଷୟରେ ଡିପ୍ଲୋମା। ଏଠାରେ ଛାତ୍ରୀଛାତ୍ରଙ୍କ ଲାଗି ହଷ୍ଟେଲ, ଖାଇବା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଯୋଗାଇ ଦିଆଯାଉଛି। ଏସବୁ ତାଲିମ ପାଠ୍ୟକ୍ରମର ସୁଯୋଗ ନେଇ ଓଡ଼ିଶାର ଯୁବପିଢ଼ି ନିଜର ଭବିଷ୍ୟତ ଗଠନ ଲାଗି ଆଗେଇ ଆସିବାକୁ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧକ୍ଷା ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଅଲକା ମିଶ୍ର ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅନୁରୋଧ କରିଛନ୍ତି।

## ମା' କୋଳକୁ ଫେରିଲା ୩ ଦିନର ଝିଅ

ଭୋଗରାଇ, ୪।୮ (ପ୍ରଦୀପ ଦାସ)

**ଶିଶୁକନ୍ୟା ବିକ୍ରି ଘଟଣା**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତଲାଡି ଗ୍ରାମରେ ଅଭାବ ଅନଟନରେ ଥିବା ଏକ ଦମ୍ପତି ଦୁଇଦିନର ଶିଶୁକନ୍ୟାକୁ ବିକ୍ରି କରିବା ଘଟଣା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ବାଲେଶ୍ୱର ସିଡବ୍ଲ୍ୟୁସିର ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ୪ଜଣିଆ ଟିମ୍ ଶୁକ୍ରବାର ଭୋଗରାଇ ଗସ୍ତ କରି ଶିଶୁକନ୍ୟା ବିକ୍ରି କରିଥିବା ଦମ୍ପତିଙ୍କୁ ପଚରାଉଚୁରା କରିବା ସହିତ ଉଦ୍ଧାର ପାଇଁ ତନାଘନା କରିଥିଲେ। ଏଥିସହିତ ଦମ୍ପତିକୁ ଶିଶୁକନ୍ୟାକୁ ଫେରାଇ ଆଣିବାକୁ କୁହାଯାଇଥିଲା।

ଦମ୍ପତି ସକାଳୁ ଘରୁ ବାହାରି ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟସ୍ଥତାରେ ଅପରାହ୍ଣରେ ଏକ ଅଟୋ ଯୋଗେ ଘରକୁ ଫେରୁଥିବା ବେଳେ ସିଡବ୍ଲ୍ୟୁସି କମର୍ଦ୍ଧା ଥାନା ମହାଗବ ଛକଠାରେ ଯୋଜନା ଅନୁଯାୟୀ ଅଟୋରୁ ଶିଶୁକନ୍ୟା ସହିତ ଦମ୍ପତିକୁ ଉଦ୍ଧାର କରି ଭୋଗରାଇ ଥାନାକୁ ଆଣିଥିଲେ। ସେଠାରେ ଦମ୍ପତିଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ବାଲେଶ୍ୱର ଶିଶୁମଙ୍ଗଳ କେନ୍ଦ୍ରକୁ ନିଆଯାଇଛି। ସୂଚନା ଅନୁଯାୟୀ ତଲାଡି ଗ୍ରାମର ଗରିବ ମନୋଜ ଦାସ ଓ ତାଙ୍କ ସ୍ତ୍ରୀ ସୁଷମା ଦାରିଦ୍ର୍ୟ କଷାଘାତରେ ପେଷି ହୋଇ ତାଙ୍କର ୨ ଦିନର ଶିଶୁକନ୍ୟାକୁ ଜଳେଶ୍ୱରପୁର ଗୋଷ୍ଠୀ ସାସ୍ଥକେନ୍ଦ୍ରର ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ସହଯୋଗରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ୧୦ହଜାର ଟଙ୍କାରେ ବିକ୍ରି କରିଥିବାର ଅଭିଯୋଗ ହୋଇଥିଲା।

## ନୂଆ ରୂପ ପାଇବ ଓଡ଼ିଶାର ୨୫ ରେଳ ଷ୍ଟେଶନ

ଭୁବନେଶ୍ୱର, ୪।୮ (ଅଭିଜିତ ଦାସ)

**୬ରେ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ**

- ଦେଶରେ ୫୦୮ ଷ୍ଟେଶନର ନବୀକରଣ ହେବ
- ଅମୃତ ଭାରତ ଷ୍ଟେଶନ ଯୋଜନାରେ ପୂର୍ବତଟ ରେଳପଥର ୫୭ଟି ଷ୍ଟେଶନ ସାମିଲ

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ନବୀକରଣ ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ଦେଶର ୧୩୦୯ ଷ୍ଟେଶନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିମଧ୍ୟରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦୮ ରେଳ ଷ୍ଟେଶନର ନବୀକରଣ କରାଯିବ। ତେବେ ଯୋଜନାରେ ସାମିଲ ହୋଇଥିବା ପୂର୍ବତଟ ରେଳପଥର ୫୭ ରେଳ ଷ୍ଟେଶନ ମଧ୍ୟରୁ ଏବେ ଓଡ଼ିଶାର ୨୫ ଷ୍ଟେଶନର ନବୀକରଣ କରାଯିବ। ଏଥିପାଇଁ ମୋଟ ୫୩୧.୮କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରେ ଭିଡିଓ କନ୍‌ଫରେନ୍ସିଂରେ ଏକକାଳୀନ ସମସ୍ତ ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ୨୦୨୪ ଡିସେମ୍ବର ସୁଦ୍ଧା ନବୀକରଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶୁକ୍ରବାର ରେଳ ସଦନଠାରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ସୂଚନା ଦେଇଛନ୍ତି।

ନବୀକରଣ ହେବାକୁ ଥିବା ଓଡ଼ିଶାର ୨୫ଟି ଷ୍ଟେଶନ ମଧ୍ୟରେ ସାକ୍ଷୀଗୋପାଳ ଷ୍ଟେଶନ ପାଇଁ ୩୪.୮ କୋଟି, ମଞ୍ଚେଶ୍ୱର ୨୬.୯ କୋଟି, ଢେଙ୍କାନାଳ ୨୬.୧ କୋଟି, ଛତ୍ରପୁର ୨୫.୬ କୋଟି, ଅନୁଗୋଳ ୨୫.୪ କୋଟି, ମେରାମଣ୍ଡଳି ୨୨ କୋଟି, ବାଲୁଗାଁ ୨୧.୪ କୋଟି, ଲିଙ୍ଗରାଜ ଷ୍ଟେଶନ ରୋଡ୍ ୧୯.୫ କୋଟି, ତାଳଚେର ରୋଡ୍ ୧୮ କୋଟି, ଖୋର୍ଦ୍ଧା ରୋଡ୍ ୧୮ କୋଟି, କଣ୍ଟାବାଞ୍ଜି ୨୬.୩ କୋଟି, ବରଗଡ ରୋଡ୍ ୨୧.୯ କୋଟି, ହୀରାକୁଦ ୨୦.୮ କୋଟି, ରେଢାଖୋଲ ୨୦.୮ କୋଟି, ବରପାଲି ୧୯.୯ କୋଟି, ମୁନିଗୁଡା ୧୯କୋଟି, ବଲାଙ୍ଗୀର ୧୮.୪ କୋଟି, ହରିଶଙ୍କର ରୋଡ୍ ୧୬.୬ କୋଟି, ଭବାନୀପାଟଣା ୧୫.୯ କୋଟି, ଖରିଆର୍ ରୋଡ୍ ୧୩.୭ କୋଟି, ଦାମନଯୋଡି ୧୩.୯କୋଟି, ବଡବିଲ ୧୬କୋଟି, ରାଜଗାଙ୍ଗପୁର ୩୦ କୋଟି, ବାରିପଦା ୧୭ କୋଟି ଓ ଜଳେଶ୍ୱର ଷ୍ଟେଶନ ପାଇଁ ୨୩ କୋଟି ଖର୍ଚ୍ଚ ଆକଳନ କରାଯାଇଛି। ରେଳଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଛି। ନବୀକରଣ କାର୍ଯ୍ୟ କରାଯାଉଛି। ଉକ୍ତ ନବୀକରଣ ଦ୍ୱାରା ରେଳ ଷ୍ଟେଶନର ଆଖାପାଖ ଅଞ୍ଚଳଗୁଡ଼ିକର ମଧ୍ୟ ବିକାଶ ହୋଇପାରିବ। ତେବେ ଷ୍ଟେଶନଗୁଡ଼ିକ ଉତ୍ତମ ଡିଜାଇନରେ ନିର୍ମାଣ କରାଯିବା ସହ ଟ୍ରାଫିକ ସୁବିଧା, ଇଣ୍ଟର ମଡେଲ ରେଜିଷ୍ଟ୍ରେଶନ, ଷ୍ଟେଶନ ପରିସରରେ ମଲ୍ଟି ମୋଡାଲ ହବ୍, ଯାତ୍ରୀଙ୍କ ଲାଗି ଉନ୍ନତ ମାନର ୱେଟିଂ ହଲ୍, ସ୍ମାର୍ଟ କିଓସ୍କ, ଏସ୍କାଲେଟର, ମାଗଣା ୱାଇଫାଇ, ସ୍ମାର୍ଟ ପାର୍କିଂ ଭଳି ସୁବିଧା ଦିଆଯିବ।

ଅନ୍ୟପକ୍ଷରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଉତ୍ତରପ୍ରଦେଶରେ ୫୫ଟି, ରାଜସ୍ଥାନରେ ୫୫ଟି, ବିହାରରେ ୪୯, ମହାରାଷ୍ଟ୍ରରେ ୪୪, ପଶ୍ଚିମବଙ୍ଗରେ ୩୭, ମଧ୍ୟପ୍ରଦେଶରେ ୩୪, ଆସାମରେ ୩୨, ପଞ୍ଜାବରେ ୨୨, ଗୁଜରାଟ ଓ ତେଲଙ୍ଗାନାରେ ୨୧ଟି, ଝାଡ଼ଖଣ୍ଡରେ ୨୦, ଆନ୍ଧ୍ରପ୍ରଦେଶରେ ୧୮ଟି, ତାମିଲନାଡୁରେ ୧୮ଟି, ହରିୟାଣାରେ ୧୫ ଓ କର୍ଣ୍ଣାଟକରେ ୧୩ଟି ଷ୍ଟେଶନର ନବୀକରଣ ହେବ ବୋଲି ସୂଚନା ଦିଆଯାଇଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Guest faculties are wanted preferably freshers in Com,History, Philosophy, Home Science & Botany.
Walk-in-Interview on 06.08.2023 (Sunday),
Reporting time 9 AM to 10 AM.
Cuttack College, Bidyadharpur
Nayabazar, Cuttack-4

Your classified advertisement published in Dharitri will be listed free in Dharitri online edition : www.dharitri.com

WALK-IN-INTERVIEW
Interested candidates are invited to attend the walk in interview on dt.12.08.2023 (Saturday) At 10.00 A.M. to 1.00 P.M. for the following posts in below address.
1. PROJECT COORDINATOR: Health and Education Project at Keonjhar District, preference for female candidates with MSW qualification and well conversant in English language with computer knowledge or well experienced in field of education and health sector.
2. PRINCIPAL: Reputed English Medium School (CBSE) at Puri, Qualification B.A. B.Ed with minimum 5 years experience. Should be well conversant with English Language and proficiency in computer both Male/ Female candidaes are eligible.
3. DEPUTY ASSISTANT: Reputed organization at Bhubaneswar, Qualification Graduation with knowledge of Computer and English.
N.B.: Salary will be negotiable at the time of interview if selected.
ADDRESS: Usthi Foundation India, Plot No. K-8-733, Kalinga Nagar, Near Sum Ultimate Hospital, Bhubaneswar- 751003.
Contact No.: 9776408216, Email: rbarik_usthi@rediffmail.com

ଆବଶ୍ୟକ
ନିମାପଡ଼ା କାରଖାନାରେ ରହି କାମ କରିବା ପାଇଁ ପୁରୁଷ, ମହିଳା ଓ ରୋଷେଇଆ ଆବଶ୍ୟକ। ଦରମା ₹୮୦୦୦/- ରୁ ₹୧୫୦୦୦/-। ରହିବା, ଖାଇବା ସୁବିଧା ଅଛି। ଯୋଗାଯୋଗ:
7978550684

REQUIRED
MARKETING & SALES EXECUTIVE
(Mumbai based International Clothing Brand (Vallari Design Studio) Work Place : Near Bhubaneswar. Qual. MBA
9040183376

WANTED

| Sr. No. | Post | Qualification | Sex | Experience | Nos. | Salary |
|---|---|---|---|---|---|---|
| 1 | Captain (Supervisor) - Manage all Type of Marriage Function & other parties | | M/F | 1 Year | 5 | 16.000/- |
| 2 | Chef with Team (Continental & Oriental Dishes) | | M | | | Salary / Contractual |
| 3 | Chinese Chef with Team | | | | | Salary / Contractual |
| 4 | Electrician | ITI with 4KVA Work Knowledge | M | 1 Year | 2 | 16.000/- |
| 5 | Office Staff (Stock) | PGDCA & Tally | F | | 2 | 13,000/- |
| 6 | Office Staff | PGDCA | F | | 1 | 12,000/- |

Cont. Details: KM CONVENTION (Wedding Hall), Bhubaneswar
Send your resume by mail or Whatsapp (Whatsapp No.: 8249579908)
Mail Id: khatamitha717@gmail.com
Cont. No.: 8249579908 (Cont. between 11.30 A.M. to 4.30 P.M.)

OHPC
ISO 9001, 14001 & 45000
ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22, Ph: 2542983, 2542802, 2545526, 2542826
Fax: (0674) 2542102.Website: www.ohpcltd.com
Regd. Office CIN- U40101OR1995SGC003963
ADVERTISEMENT NO.OHPC:HQ:HRD: RECTT: 03/2023 Dated: 04.08.2023
CAREER OPPORTUNITIES FOR YOUNG PROFESSIONALS
The Corporation intends to recruit young, bright and energetic professionals as Technical Non-Executive (TNE) Trainees in various disciplines.
Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of 2099.80 MW) having 6(six) projects within the state and one inter-state project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as Technical Non-Executive (TNE) Trainees in various disciplines as per the following for their placement at various units and project sites:

| Electrical Trainee | Mechanical Trainee | Welder Trainee | Crane Operator Trainee | Wireman Trainee | Store Keeper Trainee |
|---|---|---|---|---|---|
| 81 | 39 | 3 | 8 | 9 | 10 |

Important Dates:-
The commencement of online registration & payment of application fee - 17.08.2023
Last date for payment of online application fee - 14.09.2023
The last date for submission of online application in complete shape - 14.09.2023
The detailed advertisement containing the category wise vacancy position, eligibility criteria, remuneration, procedure for online application, and all other terms & conditions will be available shortly on the company's website– www.ohpcltd.com
DIRECTOR (HR) I/C

IBPS
इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
प्रज्ञाविभावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाईट देखने हेतु स्कैन करें
Scan to visit Website
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି (୨୦୨୪-୨୫ର ଖାଲିପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XIII) ଏବଂ ସ୍ପେଶାଲିଷ୍ଟ ଅଫିସରଙ୍କ ନିଯୁକ୍ତି (୨୦୨୪-୨୫ର ଖାଲିପଦବୀ ପାଇଁ ସିଆର୍‌ପି ଏସ୍‌ପିଏଲ୍-XIII) ନିମନ୍ତେ
ସାଧାରଣ ନିଯୁକ୍ତି ପ୍ରକ୍ରିୟା
ଅଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ପାଇଁ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ସେପ୍ଟେମ୍ବର/ ଅକ୍ଟୋବର ୨୦୨୩ ଏବଂ ନଭେମ୍ବର, ୨୦୨୩ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ପାହ୍ୟା ପଦବୀରେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ପି) ପାଇଁ ଅନ୍ ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ଡିସେମ୍ବର, ୨୦୨୩ ଓ ଜାନୁୟାରୀ, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ | |
|---|---|---|
| | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ | ୦୧।୦୮।୨୦୨୩ରୁ ୨୧।୦୮।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ ପାଇଁ କଲ୍ ଲେଟର ଡାଉନ୍‌ଲୋଡ୍* | ସେପ୍ଟେମ୍ବର ୨୦୨୩ | ------ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ସେପ୍ଟେମ୍ବର ୨୦୨୩ | ------ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର ୨୦୨୩ | ଡିସେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ସେପ୍ଟେମ୍ବର/ଅକ୍ଟୋବର ୨୦୨୩ | ଡିସେମ୍ବର ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଅକ୍ଟୋବର ୨୦୨୩ | ଜାନୁୟାରୀ ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଅକ୍ଟୋବର/ନଭେମ୍ବର ୨୦୨୩ | ଜାନୁୟାରୀ ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର ୨୦୨୩ | ଜାନୁୟାରୀ ୨୦୨୪ |
| ପରୀକ୍ଷାଫଳ ଘୋଷଣା – ମେନ୍ | ଡିସେମ୍ବର ୨୦୨୩ | ଫେବୃୟାରୀ ୨୦୨୪ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଜାନୁୟାରୀ/ ଫେବୃୟାରୀ ୨୦୨୪ | ଫେବୃୟାରୀ/ମାର୍ଚ୍ଚ ୨୦୨୪ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ ଫେବୃୟାରୀ ୨୦୨୪ | ଫେବୃୟାରୀ/ମାର୍ଚ୍ଚ ୨୦୨୪ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୪ | ଏପ୍ରିଲ ୨୦୨୪ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୧।୦୮।୨୦୨୩ ନିର୍ଦ୍ଦେଶକ

### ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ପୁଣି ବର୍ଷେ ବଢ଼ିଲା



କେନ୍ଦ୍ର ସରକାର ସ୍ୱରାଷ୍ଟ୍ର ସଚିବ ଅଜୟ୍ କୁମାର ଭାଲ୍ଲାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇଛନ୍ତି। ସେ ଏହି ପଦବୀରେ ୨୦୨୪ ଅଗଷ୍ଟ ୨୨ ପର୍ଯ୍ୟନ୍ତ ରହିବେ ବୋଲି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୧୯୮୪ ବ୍ୟାଚ୍ ଆସାମ-ମେଘାଳୟ କ୍ୟାଡରର ଏହି ଆଇଏଏସ୍ ଅଫିସରଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବା ପ୍ରସ୍ତାବକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି।

## ସଂକ୍ଷେପରେ

### ଜଳୁଥିବା ଜାହାଜରୁ ୨୦ ଭାରତୀୟ ନାବିକ ଉଦ୍ଧାର

**ଲଣ୍ଡନ,୪।୮:** ନେଦରଲାଣ୍ଡସ୍ ଉପକୂଳରେ ୩,୮୦୦ କାର୍ ନେଇ ଯାଉଥିବା ଏକ ମାଲ୍‌ବାହୀ ଜାହାଜରେ ନିଆଁ ଲାଗିଯିବାରୁ ସେଥିରେ ଥିବା ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି। ଆହତ ହୋଇଥିବା ଅନ୍ୟ ୨୦ ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ସେମାନେ ନିରାପଦରେ ଘରକୁ ଫେରିଛନ୍ତି। ପ୍ରାଣ ହରାଇଥିବା ନାବିକଙ୍କ ମୃତଦେହକୁ ମଧ୍ୟ ସ୍ୱଦେଶ ପଠାଯାଇଥିବା ଭାରତୀୟ କର୍ତ୍ତୃପକ୍ଷ କହିଛନ୍ତି। ପାନାମାରେ ପଞ୍ଜୀକୃତ ହୋଇଥବା ଫ୍ରେମାଣ୍ଟଲ ହାଇୱେ ଜାହାଜ ଜର୍ମାନୀରୁ ଇଜିପ୍ଟ ଯାଉଥିବାବେଳେ ଜୁଲାଇ ୨୫ରେ ସେଥିରେ ନିଆଁ ଲାଗିଯାଇଥିଲା। ସେଥିରେ କେବଳ ଭାରତୀୟ ନାବିକ ଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସମୁଦ୍ର ମଧ୍ୟକୁ ଡେଇଁପଡ଼ିଥିଲେ।

### ଇଣ୍ଡିଗୋ ବିମାନର ଜରୁରୀ ଅବତରଣ

**ପାଟନା,୪।୮:** ନୂଆଦିଲ୍ଲୀ ଯାଉଥିବା ଏକ ଇଣ୍ଡିଗୋ ବିମାନର ଇଞ୍ଜିନ ଠିକ୍ ଭାବେ କାମ ନ କରିବାରୁ ଏହାକୁ ଶୁକ୍ରବାର ସକାଳେ ବିହାରର ପାଟନାସ୍ଥିତ ଜୟପ୍ରକାଶ ନାରାୟଣ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। ୬ଇ ୨୪୩୩ ବିମାନଟି ପାଟନା ବିମାନବନ୍ଦର ଛାଡ଼ିବାର ୩ ମିନିଟ୍ ପରେ ଏହାର ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ଏହାକୁ ପୁଣି ବିମାନବନ୍ଦରକୁ ଫେରାଇ ଅଣାଯାଇଥିଲା। ସକାଳ ୯ଟା ୧୧ ମିନିଟ୍‌ରେ ଏହା ନିରାପଦ ଅବତରଣ କରିଥିଲା।

### ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର

**ଜୟପୁର,୪।୮:** ରାଜସ୍ଥାନର ଡୁଙ୍ଗରପୁର ଜିଲାରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିବା ପୋଲିସ କହିଛି। ବୁଧବାର ରାତିରେ ୩ ଜଣ ଦୁର୍ବୃତ୍ତ ଛାତ୍ରୀଙ୍କୁ ଅପହରଣ କରିନେଇଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ବୁଧବାର ସ୍କୁଲ୍ ଛୁଟିହେବା ପରେ ଅଭିଯୁକ୍ତମାନେ ଛାତ୍ରୀଙ୍କୁ ଏକ କାରରେ ଜଙ୍ଗଲ ଅଞ୍ଚଳକୁ ନେଇଯାଇ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ପୀଡ଼ିତାଙ୍କର ଜଣେ ପରିଚିତ ବ୍ୟକ୍ତି ରହିଛନ୍ତି।

### ଇମ୍ଫାଲରେ କର୍ଫ୍ୟୁ ୭ ଘଣ୍ଟା କୋହଳ

**ଇମ୍ଫାଲ,୪।୮:** ମଣିପୁର ସରକାର ଇମ୍ଫାଲ ଇଷ୍ଟ ଏବଂ ଇମ୍ଫାଲ ୱେଷ୍ଟ ଜିଲାରେ କର୍ଫ୍ୟୁକୁ ୭ ଘଣ୍ଟା କୋହଳ କରିଛନ୍ତି। ସାଧାରଣ ଲୋକେ ଯେପରି ସେମାନଙ୍କ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣି କରିପାରିବେ, ସେଥିପାଇଁ ସକାଳ ୫ଟାରୁ ମଧ୍ୟାହ୍ନ ୧୨ଟା ଯାଏ କର୍ଫ୍ୟୁ କୋହଳ କରାଯାଇଥିଲା। ଏହି ଜିଲାର ବିଭିନ୍ନ ଅଞ୍ଚଳରେ ସାନି ହିଂସାକାଣ୍ଡ ଘଟିବାରୁ ପୂର୍ବରୁ କୋହଳ ଘୋଷଣାକୁ ପ୍ରତ୍ୟାହାର କରାଯାଇ ଗୁରୁବାର ସମ୍ପୂର୍ଣ୍ଣ କର୍ଫ୍ୟୁ ଲାଗୁ କରାଯାଇଥିଲା। ଗୁରୁବାର ବିଷ୍ଣୁପୁର ଜିଲାର କଙ୍ଗଭାଇ ଓ ଫୁଗାକ୍‌ଚାଓ ଅଞ୍ଚଳରେ ସୁରକ୍ଷା ବଳ ଏବଂ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ୨୫ ଜଣ ଆହତ ହୋଇଥିଲେ।




ହରିୟାଣାର ନୁହ ଜିଲାରେ ହିଂସାକାଣ୍ଡ ଘଟିଥିବା ଅଞ୍ଚଳରେ ଶୁକ୍ରବାର ନମାଜ ପାଠବେଳେ ସୁରକ୍ଷାକର୍ମୀ ବାହାରେ ଜଗିଛନ୍ତି।

## ଜ୍ଞାନବାପି ସର୍ଭେକୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ,୪।୮(ପି.ଟି.)



ସପ୍ତଦଶ ଶତାବ୍ଦୀରେ ଜ୍ଞାନବାପି ମସ୍‌ଜିଦ ନିର୍ମାଣ ପୂର୍ବରୁ ସେଠାରେ ମନ୍ଦିର ଥିଲା କି ନାହିଁ, ତାହା ନିଶ୍ଚିତ କରିବା ପାଇଁ ମସ୍‌ଜିଦ ପରିସରରେ ବିଜ୍ଞାନସମ୍ମତ ସର୍ଭେ କରିବାକୁ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହା ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ତେବେ ସର୍ଭେ ସମୟରେ ମସ୍‌ଜିଦ ପରିସରରେ ଯେପରି କୌଣସି କ୍ଷତି ନ ହୁଏ, ତାହା ଦେଖିବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ଭେ ବେଳେ କୌଣସି ଖନନ କିମ୍ବା ମସ୍‌ଜିଦ ଢାଞ୍ଚା ପ୍ରତି କ୍ଷତି ପହଞ୍ଚିବା ଭଳି କିଛି କାର୍ଯ୍ୟ କରାଯିବ ନାହିଁ ବୋଲି ଏଏସ୍‌ଆଇ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମୁସଲମାନ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବାରାଣସୀ ଜିଲା କୋର୍ଟ ଜୁଲାଇ ୨୧ରେ ମସ୍‌ଜିଦ ପରିସରରେ ଏଏସ୍‌ଆଇ ସର୍ଭେ ପାଇଁ ନିର୍ଦ୍ଦେଶ ଦେବା ସହ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କହିଥିଲେ। ଜିଲା କୋର୍ଟ ରାୟକୁ ମସ୍‌ଜିଦ କମିଟି ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କମିଟିର ଆବେଦନକୁ ହାଇକୋର୍ଟ ଗୁରୁବାର ଅଗ୍ରାହ୍ୟ କରିଦେବା ସହ ସର୍ଭେ ପାଇଁ ଅନୁମତି ପ୍ରଦାନ କରିଥିଲେ। ଶେଷରେ କମିଟି ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ଭେ ଦ୍ୱାରା ଅତୀତର କ୍ଷତ ପୁଣିଥରେ ଖୋଲିବ ବୋଲି ଅଞ୍ଜୁମନ ଇନ୍ତେଜାମିଆ ମସ୍‌ଜିଦ କମିଟି କହିଥିଲା।

# ନଭାଲନିଙ୍କୁ ଆଉ ୧୯ ବର୍ଷ ଜେଲ

## ପୁଟିନ୍ ବଞ୍ଚିଥିବା ଯାଏ ମୁକୁଳିପାରିବେନି ବିରୋଧୀ ନେତା

ମସ୍କୋ,୪।୮



ଆଲେକ୍ସି ନଭାଲନି

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ କଡ଼ା ସମାଲୋଚକ ଭାବେ ପରିଚିତ ବିରୋଧୀ ନେତା ଆଲେକ୍ସି ନଭାଲନିଙ୍କୁ ଏକ କୋର୍ଟ ଶୁକ୍ରବାର ୧୯ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହା ପୂର୍ବରୁ ନଭାଲନିଙ୍କୁ ସାଢ଼େ ୧୧ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିବାବେଳେ ସେ କାରାଗାରରେ ଦଣ୍ଡ ଭୋଗୁଛନ୍ତି। ନଭାଲନିଙ୍କ ଦୁର୍ନୀତି ନିରୋଧୀ ଫାଉଣ୍ଡେଶନ୍ ଏବଂ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ମନ୍ତବ୍ୟ ସମ୍ପର୍କିତ ଏହି ମାମଲାକୁ ସେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିଛନ୍ତି।

୪୭ ବର୍ଷୀୟ ଆଇନଜୀବୀ ତଥା ରାଜନେତା ନଭାଲନି ଏକଦା ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କ ବିରୋଧରେ ରାସ୍ତାରେ ବିକ୍ଷୋଭର ନେତୃତ୍ୱ ନେଉଥିଲେ। ସେ ଦେଶବ୍ୟାପୀ ଏକ ରାଜନୈତିକ ବିରୋଧୀ ମଞ୍ଚ ଗଢ଼ି କ୍ରେମ୍‌ଲିନ୍‌ରେ ଚାଲିଥିବା ଦୁର୍ନୀତିଗ୍ରସ୍ତ ଜୀବନଶୈଳୀର ବିସ୍ତୃତ ବିବରଣୀ ଲୋକଙ୍କ ଆଗରେ ରଖିଥିଲେ। ଏଥିରେ ପ୍ରତିଶୋଧପରାୟଣ ହୋଇ ରୁଷିଆ ତାଙ୍କୁ ମୋଟ ୩ ଦଶନ୍ଧି ପର୍ଯ୍ୟନ୍ତ ଜେଲରେ ରଖିବା ପାଇଁ ନିଷ୍ପତ୍ତି ନେଇଛି। ଅର୍ଥାତ୍ ୭୦ ବର୍ଷୀୟ ପୁଟିନ୍ ଜୀବିତ ଥିବା ପର୍ଯ୍ୟନ୍ତ ନଭାଲନି ଆଉ ଜେଲରୁ ମୁକୁଳିପାରିବେ ନାହିଁ। ୨୦୫୦ରେ ନଭାଲନି ମୁକ୍ତ ହେବା ସମୟରେ ତାଙ୍କୁ ୭୪ ବର୍ଷ ହେଉଥିବ।

ନଭାଲନି ଠକେଇ ଓ ଅନ୍ୟ କେତେକ ମାମଲାରେ ପୂର୍ବରୁ ମିଳିଥିବା ସାଢ଼େ ୧୧ ବର୍ଷ ଜେଲଦଣ୍ଡ ଭୋଗୁଥିବାବେଳେ ତାଙ୍କ ସମର୍ଥକମାନଙ୍କୁ କଠୋରପନ୍ଥୀ ଗତିବିଧିରେ ସମ୍ପୃକ୍ତି ଅଭିଯୋଗରେ ଜେଲରେ ରଖାଯାଇଛି। ଶୁକ୍ରବାର ଜେଲ ୟୁନିଫର୍ମ ପିନ୍ଧି ହସ ହସ ମୁହଁରେ ମେଲେଖୋଭୋସ୍ଥିତ ଆଇକେ-୬ ପେନାଲ କଲୋନି କୋର୍ଟର ବିଚାରପତିଙ୍କ ସମ୍ମୁଖରେ ସେ ହାଜର ହୋଇଥିଲେ। ନଭାଲନିଙ୍କୁ ୨୦ ବର୍ଷ ଜେଲଦଣ୍ଡ ଦେବାକୁ ଅଭିଯୋଜନକାରୀ ପକ୍ଷ ଅଦାଲତଙ୍କୁ ଅନୁରୋଧ କରିଥିଲେ। କୋର୍ଟ ରାୟ ଆସିବା ପରେ ନଭାଲନି କହିଛନ୍ତି, ଏହା ହେଉଛି ଷ୍ଟାଲିନିଷ୍ଟ ଧରଣର ଲମ୍ବା ଅବଧି। ଏହାକୁ ମିଶାଇ ନାଭାଲନିଙ୍କୁ ମୋଟ ୫ ଥର ଦୋଷୀ ସାବ୍ୟସ୍ତ କରାଗଲାଣି। ଏହାକୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ଏହାପୂର୍ବରୁ ୨୦୨୦ ଅଗଷ୍ଟ ୨୦ରେ ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ନଭାଲନିଙ୍କୁ ବିଷ ଦେଇ ହତ୍ୟା ଉଦ୍ୟମ କରାଯାଇଥିଲା।

### ନିନ୍ଦାକଲା ପାଶ୍ଚାତ୍ୟ

ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ ଏହି ରାୟକୁ 'ଏକ ଅଯୌକ୍ତିକ ବିରାରର ଅଯୌକ୍ତିକ ନିଷ୍କର୍ଷ' ଭାବେ ଅଭିହିତ କରାଯାଇଛି। ୟୁରୋପୀୟ ସଂଘ ମଧ୍ୟ ଏହାକୁ ରାଜନୈତିକପ୍ରତିଶୋଧ କହି ନଭାଲନିଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛି।

ନଭାଲନିଙ୍କ ଉପରେ ରାଜନୈତିକ ପ୍ରତିଶୋଧ ସ୍ୱରୂପ ଏହି ବର୍ବର ରାୟ ଦିଆଯାଇଛି। ଏହା କେବଳ ନଭାଲନିଙ୍କ ପାଇଁ ନୁହେଁ, ବରଂ ସରକାରଙ୍କୁ ସମାଲୋଚନା କରୁଥିବା ରୁଷିଆର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ ସମାଲୋଚନା କରାଯାଇଛି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଦେଶର ବିଚାରପତିମାନେ ପୁଟିନ୍‌ଙ୍କ ସମାଲୋଚକମାନଙ୍କୁ ଏଭଳି ଦୀର୍ଘ ଅବଧିର ଦଣ୍ଡ ଦେଇଆସୁଛନ୍ତି। ଅନ୍ୟ ଜଣେ ପୁଟିନ୍ ସମାଲୋଚକ ଭ୍ଲାଡିମିର କାରା-ମୁର୍ଜା ୟୁକ୍ରେନ୍ ଆକ୍ରମଣକୁ ସମାଲୋଚନା କରିବାରୁ ନିକଟରେ ତାଙ୍କୁ ୨୫ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା।

### କେଦାରନାଥରେ ଭୂସ୍ଖଳନ ୩ ମୃତ, ୧୬ ନିଖୋଜ

ନୂଆଦିଲ୍ଲୀ,୪।୮

ଉତ୍ତରାଖଣ୍ଡରେ ଗୁରୁବାର ରାତିରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ କେଦାରନାଥ ଯାତ୍ରା ମାର୍ଗରେ ଭୂସ୍ଖଳନ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୬ ଜଣ ନିଖୋଜ ହୋଇଯାଇଛନ୍ତି। ଗୌରୀକୁଣ୍ଡ ନିକଟରେ କେତେକ ଦୋକାନ ବନ୍ୟାଜଳରେ ଭାସିଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଲଗାଣ ବର୍ଷା ସାଙ୍ଗକୁ ପାହାଡ଼ରୁ ପଥର ଖସୁଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ନିଖୋଜଙ୍କ ମଧ୍ୟରୁ ଅଧିକାଂଶ ନେପାଳ ନାଗରିକ ବୋଲି କୁହାଯାଉଛି। ଆଗକୁ ବର୍ଷା ଲାଗିରହିବା ନେଇ ପାଣିପାଗ ବିଭାଗ ସତର୍କତା ଜାରି କରିବା ପରେ କେଦାରନାଥ ଯାତ୍ରା ବନ୍ଦ ରଖାଯିବା ସହ ସେଠାରୁ ଲୋକମାନଙ୍କୁ ଅନ୍ୟତ୍ର ନିଆଯାଇଛି।

### ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଟାଇଟଲରଙ୍କୁ ଅନ୍ତରୀଣ ଜାମିନ

ନୂଆଦିଲ୍ଲୀ,୪।୮

୧୯୮୪ର ଶିଖ୍ ବିରୋଧୀ ଦଙ୍ଗା ମାମଲାରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କୁ ଦିଲ୍ଲୀର ରାଉସ୍ ଆଭିନ୍ୟୁ କୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ସିବିଆଇର ଚାର୍ଜଶିଟ୍ ଆଧାରରେ ତାଙ୍କୁ ଶନିବାର କୋର୍ଟରେ ହାଜର ହେବା ଲାଗି ପୂର୍ବରୁ ସମନ ଜାରି କରାଯାଇଥିଲା। ଅନ୍ତରୀଣ ଜାମିନ ମିଳିଥିବାରୁ ଟାଇଟଲରଙ୍କୁ ଗିରଫ କରାଯାଇପାରିବ ନାହିଁ। ମେ' ୨୦ରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ ଅନୁଯାୟୀ ୧୯୮୪ ନଭେମ୍ବର ୧ରେ ପୁଲ୍ ବଙ୍ଗେଶ ଗୁରୁଦ୍ୱାର, ଆଜାଦ ମାର୍କେଟରେ ରୁଣ୍ଡ ହୋଇଥିବା ଲୋକଙ୍କୁ ଟାଇଟଲର ଉତ୍ତେଜିତ କରିଥିଲେ, ଯାହା ଫଳରେ ସେମାନେ ଗୁରୁଦ୍ୱାର ଜାଳିଦେବାରୁ ୩ ଜଣ ଶିଖ୍‌ଙ୍କର ମୃତ୍ୟୁ ଘଟିଥିଲା।

## ଖୋଲା ଅଦାଲତରେ ଇସ୍ତଫା ଘୋଷଣାକଲେ ବିଚାରପତି

ମୁମ୍ବାଇ,୪।୮



ଜଷ୍ଟିସ୍ ରୋହିତ ବି. ଦେଓ

ବମ୍ବେ ହାଇକୋର୍ଟ ବିଚାରପତି ରୋହିତ ବି. ଦେଓ ଶୁକ୍ରବାର ଖୋଲା ଅଦାଲତରେ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି। ହାଇକୋର୍ଟର ନାଗପୁର ବେଞ୍ଚରେ କାର୍ଯ୍ୟରତ ଥିଲେ। ଆଇନଜୀବୀମାନଙ୍କ କହିବା ଅନୁଯାୟୀ, ଜଷ୍ଟିସ ଦେଓ ଖୋଲା ଅଦାଲତରେ କ୍ଷମା ମାଗିଥିଲେ ଏବଂ ତାଙ୍କର କାହା ପ୍ରତି ଖରାପ ଅନୁଭବ ନାହିଁ ବୋଲି କହିଥିଲେ। ଯଦି ତାଙ୍କ ପାଇଁ କେହି ଆଘାତ ପାଇଥାନ୍ତି, ସେଥିପାଇଁ ସେ ଦୁଃଖିତ। କେତେକ ଘଟଣାରେ ସେ ଆଇନଜୀବୀମାନଙ୍କ ପ୍ରତି କଠୋର ହୋଇଥିବାରୁ ଏଥିପାଇଁ କ୍ଷମା ମାଗିବା ସହ କଠିନ ପରିଶ୍ରମ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।

୨୦୧୭ ଜୁନ୍ ୫ରେ ଜଷ୍ଟିସ ଦେଓ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇଥିଲେ ଏବଂ ୨୦୧୯ ଏପ୍ରିଲ ୧୨ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୨୫ ଡିସେମ୍ବର ୪ରେ ସେ ଅବସର ନେଇଥାନ୍ତେ। ନିକଟରେ ଜଷ୍ଟିସ ଦେଓ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ମାଓବାଦୀଙ୍କ ସହ ସମ୍ପୃକ୍ତି ଅଭିଯୋଗରେ ଆଜୀବନ ଜେଲ୍‌ଦଣ୍ଡ ପାଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଜି.ଏନ୍. ସାଇବାବାଙ୍କୁ ସେ ଦୋଷମୁକ୍ତ କରିଥିଲେ। ସେହିପରି ସମୃଦ୍ଧି ଏକ୍ସପ୍ରେସ୍ ୱେର ଠିକାଦାରଙ୍କ ବେଆଇନ ଖନନ ପାଇଁ ସେ ତାଙ୍କ ଜିଆର୍‌କୁ ସ୍ଥଗିତ ରଖିଥିଲେ।

## ହିଂସା ପରେ ନୁହରେ ବେଆଇନ ବସ୍ତି ଉଚ୍ଛେଦ

ଗୁରୁଗ୍ରାମ,୪।୮

ହରିୟାଣାର ନୁହ ଜିଲାରେ ସାମ୍ପ୍ରଦାୟିକ ଦଙ୍ଗା ପରେ ଶୁକ୍ରବାର ଜିଲା କର୍ତ୍ତୃପକ୍ଷ ତାଉରୁ ସହରରେ ସରକାରୀ ଜମିରେ ବେଆଇନ ଭାବେ ନିର୍ମାଣ ହୋଇଥିବା ୨୫୦ ଝୁମ୍ପୁଡ଼ିକୁ ଭାଙ୍ଗିଦେଇଛନ୍ତି। ହରିୟାଣା ସହରୀ ବିକାଶ ପ୍ରାଧିକରଣ (ଏଚ୍‌ଏସ୍‌ଭିପି) ଜମିକୁ ବେଆଇନ ବାଂଲାଦେଶୀ ଅପ୍ରବାସୀମାନେ ଦଖଲ କରି ରହିଥିଲେ। ସେମାନେ ପୂର୍ବରୁ ଆସାମରେ ରହୁଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି। ତେବେ ଉଚ୍ଛେଦ ସହ ହିଂସାକାଣ୍ଡର କୌଣସି ସମ୍ପର୍କ ନାହିଁ ବୋଲି ନୁହ ଉପକମିଶନର ପ୍ରଶାନ୍ତ ପାନ୍‌ୱର କହିଛନ୍ତି। ଜବରଦଖଲ ଉଚ୍ଛେଦ କରିବାର ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ସେ ମତ ଦେଇଛନ୍ତି। ଗୋଟିଏ ଏକର ଜମିରେ ନିର୍ମିତ ଏହି ବସ୍ତିରେ ବେଆଇନ ବାଂଲାଦେଶୀମାନେ ୩ ବର୍ଷ ହେଲା ରହିଆସୁଥିଲେ। ଗତ ସୋମବାର ନୁହ ଜିଲାରେ ବିଶ୍ୱହିନ୍ଦୁ ପରିଷଦର ଧାର୍ମିକ ଶୋଭାଯାତ୍ରାବେଳେ ହିଂସାକାଣ୍ଡ ଘଟି ୨ ଜଣ ହୋମ୍‌ଗାର୍ଡଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ହିଂସାକ୍ରମେ ପଡୋଶୀ ଗୁରୁଗ୍ରାମକୁ ବ୍ୟାପିଯାଇଥିଲା।

# ସବୁବେଳେ ସତ୍ୟର ବିଜୟ

ନୂଆଦିଲ୍ଲୀ,୪।୮

ଆପରାଧିକ ମାନହାନି ମାମଲାରେ ମିଳିଥିବା ଦଣ୍ଡ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ସବୁବେଳେ ସତ୍ୟର ବିଜୟ ହୋଇଆସିଛି। ଆଜି ନ ହେଲେ କାଲି କିମ୍ବା ପରଦିନ ସତର ବିଜୟ ନିଶ୍ଚିତ। ମୋ କାର୍ଯ୍ୟକୁ ନେଇ ମୋ ପାଇଁ ପଥ ପରିଷ୍କାର ରହିଛି। ମୋ ମନରେ ସ୍ୱଚ୍ଛତା ରହିଛି। ସ୍ନେହ ଦେଇ ସମର୍ଥନ କରିଥିବାରୁ ଜନସାଧାରଣଙ୍କୁ ଧନ୍ୟବାଦ।

ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତକରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଆଜି ଏକ ଖୁସିର ଦିନ। ଏହା କେବଳ ରାହୁଲଙ୍କ ପାଇଁ ନୁହେଁ, ବରଂ ଦେଶବାସୀ ଓ ଗଣତନ୍ତ୍ରର ବିଜୟ। ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିବାର ୨୪ ଘଣ୍ଟା ଭିତରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ କରାଯାଇଥିଲା। ସେ ଏମ୍‌ପି ପଦ ଫେରିପାଇବାକୁ କେତେ ସମୟ ଲାଗିବ। ସମ୍ବିଧାନ ବଞ୍ଚିଛି ଏବଂ ଏହା ହେଉଛି ଲୋକେ ନ୍ୟାୟ ପାଇବାର ଦୃଷ୍ଟାନ୍ତ। ଏହା ସାଧାରଣ ଜନତା ଓ ସାମ୍ବିଧାନିକ ସିଦ୍ଧାନ୍ତର ବିଜୟ। ସର୍ବୋଚ୍ଚ ଅଦାଲତଙ୍କ ରାୟ ଭାଜପାର ଷଡ଼ଯନ୍ତ୍ରକୁ ଧରାପକାଇଦେଇଛି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧରୀ ବାଚସ୍ପତିଙ୍କୁ ରାହୁଲଙ୍କ ସଦସ୍ୟତା ପୁନଃ ଅବସ୍ଥାପିତ କରିବା ପାଇଁ ଅନୁରୋଧ କରିଛନ୍ତି। ରାହୁଲଙ୍କୁ ଗୃହକୁ ଆସିବାକୁ ଅନୁମତି ଦିଆଯାଉ ବୋଲି ଲୋକ ସଭାରେ ଅଧ୍ୟକ୍ଷତା କରୁଥିବା ରାଜେନ୍ଦ୍ର ଅଗ୍ରୱାଲଙ୍କ ନିକଟରେ ସେ ଦାବି କରିଥିଲେ। ରାଜେନ୍ଦ୍ର କହିଥିଲେ, ବାଚସ୍ପତି ଓମ୍ ବିର୍ଲା ଏହି ଘଟଣାକ୍ରମକୁ ସ୍ୱତଃ ସଜ୍ଞାନକୁ ନେବେ।



ଦଣ୍ଡ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ ପରେ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ମିଠା ଖୁଆଉଛନ୍ତି ରାହୁଲ ଗାନ୍ଧୀ। ନିକଟରେ ଅଛନ୍ତି କଂଗ୍ରେସ ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳ।

### ଘଟଣାକ୍ରମ

**୨୦୧୯ ଏପ୍ରିଲ ୧୩:** କର୍ନାଟକର କୋଲାରରେ ଆୟୋଜିତ ଏକ ନିର୍ବାଚନୀ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ନୀରବ ମୋଦି ହୁଅନ୍ତୁ କି ଲଳିତ ମୋଦି, ନରେନ୍ଦ୍ର ମୋଦି ସବୁ ଚୋରଙ୍କ ସମାନ ସାଙ୍ଗିଆ କାହିଁକି ?

**୨୦୧୯ ଏପ୍ରିଲ ୧୫:** ସୁରଟର ଭାଜପା ବିଧାୟକ ପୂର୍ଣ୍ଣେଶ ମୋଦି ଏହି ମନ୍ତବ୍ୟକୁ ନେଇ ରାହୁଲଙ୍କ ବିରୋଧରେ ଆପରାଧିକ ମାନହାନି ମାମଲା ପାଇଁ ଏତଲା ଦେଇଥିଲେ।

**୨୦୧୯ ଜୁଲାଇ ୭:** ସୁରଟ ମେଟ୍ରୋପଲିଟାନ୍ କୋର୍ଟରେ ରାହୁଲଙ୍କ ପ୍ରଥମ ହାଜିରା।

**୨୦୨୩ ମାର୍ଚ୍ଚ ୨୩:** ସୁରଟ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଲେ।

**୨୦୨୩ ମାର୍ଚ୍ଚ ୨୪:** ୱାୟନାଡ୍ ଏମ୍‌ପି ରାହୁଲଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହେଲା।

**୨୦୨୩ ଏପ୍ରିଲ ୨:** ମେଟ୍ରୋପଲିଟାନ୍ କୋର୍ଟଙ୍କ ରାୟକୁ ସୁରଟ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କଲେ ରାହୁଲ।

**୨୦୨୩ ଏପ୍ରିଲ ୨୦:** ସୁରଟ ସେସନ୍ସ କୋର୍ଟ ରାହୁଲଙ୍କୁ ଜାମିନ ଦେଲେ କିନ୍ତୁ ଦୋଷ ଉପରେ ସ୍ଥଗିତାଦେଶ ଜାରି କଲେ ନାହିଁ।

**୨୦୨୩ ଏପ୍ରିଲ ୨୫:** ତଳ କୋର୍ଟ ରାୟ ବିରୋଧରେ ଗୁଜରାଟ ହାଇକୋର୍ଟ ଗଲେ ରାହୁଲ।

**୨୦୨୩ ଜୁଲାଇ ୭:** ସ୍ଥଗିତାଦେଶ ଜାରି ପାଇଁ ରାହୁଲ କରିଥିବା ଆବେଦନ ହାଇକୋର୍ଟରେ ଖାରଜ।

**୨୦୨୩ ଜୁଲାଇ ୧୫:** ଗୁଜରାଟ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ରାହୁଲ।

**୨୦୨୩ ଜୁଲାଇ ୨୧:** ଗୁଜରାଟର ଭାଜପା ନେତା ପୂର୍ଣ୍ଣେଶ ମୋଦି ଓ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ବୃନ୍ଦାବନ ବିହାରୀ ମହାବିଦ୍ୟାଳୟ, ଗୋଡ଼ା, ଏରସମା

# ଯୁବଶକ୍ତି ବିନା ଗଣତନ୍ତ୍ର ତିଷ୍ଠିପାରିବ ନାହିଁ




ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଗୋଡ଼ାସ୍ଥିତ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟରେ ଶୁକ୍ରବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ମୁଖ୍ୟ ଅତିଥି ତଥା କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ଉଦ୍‌ବୋଧନ ଦେଉଛନ୍ତି(ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଜଗତସିଂହପୁର, ୪।୮ (ପ୍ରମୋଦ କୁମାର ନାୟକ)**

ସମାଜରେ କ୍ରାନ୍ତି ସୃଷ୍ଟି କରିବା ପାଇଁ ବିପ୍ଳବୀମାନେ ଗଣମାଧ୍ୟମକୁ ଆପଣାଇଥିଲେ। ଗଣମାଧ୍ୟମ ଜରିଆରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଗଣତନ୍ତ୍ର ପ୍ରତିଷ୍ଠା ପରେ ଏହା ହେଲା ଆମ୍ଭମାନଙ୍କର ସର୍ବଶ୍ରେଷ୍ଠ ଉପଲବ୍ଧି। ତେଣୁ ଗଣତନ୍ତ୍ରକୁ ସୁରକ୍ଷିତ ଓ ସୁଦୃଢ଼ କରିବା ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧରିତ୍ରୀ ପକ୍ଷରୁ ମହାବିଦ୍ୟାଳୟସ୍ତରରେ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯିବା ବାସ୍ତବିକ ଏକ ବଡ଼ ପ୍ରୟାସ। ବିଷୟଟି ଭିନ୍ନ ଅର୍ଥବୋଧୀ ଶବ୍ଦ ହୋଇଥିଲେ ସୁଦ୍ଧା ପରସ୍ପର ମଧ୍ୟରେ ଅପୂର୍ବ ସମନ୍ୱୟ ରହିଛି। ବାସ୍ତବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହା ବକ୍ତୃତା ପ୍ରତିଯୋଗିତା ନୁହେଁ, ପ୍ରଶିକ୍ଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ଶୁକ୍ରବାର ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗୋଡ଼ାସ୍ଥିତ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟ ପରିସରରେ ଧରିତ୍ରୀ ପକ୍ଷରୁ ଅନୁଷ୍ଠିତ ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀକାନ୍ତ ନାୟକ ଏହା କହିଛନ୍ତି। ଯୁବଶକ୍ତି ବିନା ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ଦେଶର ସବୁଠାରୁ ଶକ୍ତିଶାଳୀ ସମ୍ବଳ ହେଉଛନ୍ତି ଯୁବଗୋଷ୍ଠୀ। ସମ୍ପ୍ରତି ଯୁବଶକ୍ତି ଦିଶାହୀନ ଓ ଦିଗହରା ଅବସ୍ଥାରେ ପହଞ୍ଚିଲେଣି। ଏ ପରିସ୍ଥିତିରେ ଯୁବପିଢ଼ି ଓ ଗଣମାଧ୍ୟମ ଚାହିଁଲେ ଗଣତନ୍ତ୍ର ତିଷ୍ଠି ପାରିବ ବୋଲି ଅଧ୍ୟକ୍ଷ ନାୟକ କହିଛନ୍ତି।



କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀମାନଙ୍କ ନୃତ୍ୟ ପରିବେଷଣ।

ପ୍ରତିଯୋଗିତାର ବିଚାରକ ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ କହିଛନ୍ତି, ଗଣମାଧ୍ୟମର କାମ ହେଲା ମିଥ୍ୟା ଭିତରୁ ସତ୍ୟର ଅନୁସନ୍ଧାନ କରିବା। ଧରିତ୍ରୀ ବାସ୍ତବିକ ଗାଁ ଗହଳିର ସ୍ୱର ହୋଇପାରିଛି। ଏହି ଖବରକାଗଜ କେବଳ ବ୍ଲାକମେଲିଂ କିମ୍ବା ସାଲିସ କରିନାହିଁ। ନିଜ ଶିଙ୍ଗରେ ଓଡ଼ିଶାରେ ସ୍ୱତନ୍ତ୍ରତା ବଜାୟ ରଖିପାରିଛି। ପ୍ରଗତିଶୀଳ ସୃଷ୍ଟି କରିପାରୁଛି। ଏହା ଧରିତ୍ରୀର ପୁଞ୍ଜି ହୋଇରହିଛି ଏବଂ ରହିଥିବ ମଧ୍ୟ। ଯେମିତି ଦେଶକୁ ସୈନିକ ଜଗୁଛନ୍ତି ସେମିତି ଗଣତନ୍ତ୍ରକୁ ଜଗିଛି ଗଣମାଧ୍ୟମ ବୋଲି ତରାଇ କହିଛନ୍ତି। ଅନ୍ୟତମ ବିଚାରକ ଭାବେ ଯୋଗଦେଇ ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଶକ୍ତି ପ୍ରସନ୍ନ ସାମନ୍ତରାୟ କହିଛନ୍ତି, କାଞ୍ଚି ଅଭିଯାନ ପାଇଁ ଶ୍ରୀଜଗନ୍ନାଥ ଘୋଡ଼ାରେ ଯାଇଥିଲେ। ଏହି ଅବସରରେ ସେ ଗଣତନ୍ତ୍ରକୁ ଘୋଡ଼ା ସହ ତୁଳନା କରିଛନ୍ତି। ଦର୍ଶାଇଛନ୍ତି, ଗଣତନ୍ତ୍ରରୂପୀ ଘୋଡ଼ାର ମୁଣ୍ଡ ହେଉଛି ସରକାର, ଗଣ୍ଡି ଶାସନ ବ୍ୟବସ୍ଥା ଓ ଗୋଡ଼ ଚାରୋଟି ବିଚାର ବ୍ୟବସ୍ଥା। ଏ ତିନିକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ଘୋଡ଼ା ସବାର ଅର୍ଥାତ୍ ଗଣମାଧ୍ୟମ ଉପରେ ନ୍ୟସ୍ତ ଅଛି। ଶାସନ ବ୍ୟବସ୍ଥାକୁ ଠିକ୍ କରିବା ପାଇଁ ଚାବୁକ୍ ଅଛି। ସମ୍ପ୍ରତି ଦେଖା ଦେଉଥିବା ନାରୀ ନିର୍ଯାତନାଠାରୁ ନାନା ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାର ଦମନ ପାଇଁ ଗଣମାଧ୍ୟମ ଓ ଯୁବପିଢ଼ି ସକ୍ରିୟ ଅଂଶଗ୍ରହଣ କରିବା ଜରୁରୀ। ବିଶେଷକରି ଯୁବଶକ୍ତି ଚାହିଁଲେ ସବୁ କିଛି ସମ୍ଭବ। ପୂର୍ବ ଦାୟଦମାନଙ୍କୁ ସ୍ମରଣ କରି ମଦ, ମାଂସରୁ ନିବୃତ୍ତ ରହିବାକୁ ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ହୀନ ରାଜନୀତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଗଣମାଧ୍ୟମ ନ ଥିଲେ ଗଣତନ୍ତ୍ର ତିଷ୍ଠି ପାରି ନ ଥାନ୍ତା। ଧରିତ୍ରୀ କେବଳ ଖବର ପରିବେଷଣ କରୁନାହିଁ, ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପଦାକୁ ଆଣି ଜାଗରଣ ସୃଷ୍ଟି କରୁଛି। ଗଣମାଧ୍ୟମକୁ ଯୁବପିଢ଼ି ସହଯୋଗ କଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସାମନ୍ତରାୟ କହିଛନ୍ତି।

କାର୍ଯ୍ୟକ୍ରମରେ ଗୋଡ଼ା ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ, ପୂର୍ବତନ ସରପଞ୍ଚ ତଥା ମହାବିଦ୍ୟାଳୟର ସମ୍ପାଦକ ପ୍ରତାପ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୋଟ ୧୨ ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ସାରଦା ପ୍ରସନ୍ନ ବାରିକ ପ୍ରଥମ, ଚନ୍ଦନ ସାହୁ ଦ୍ୱିତୀୟ ଏବଂ ଶ୍ରାବଣୀ ମହାରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଧରିତ୍ରୀ ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଓ ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଦେଇଥିଲେ ଧରିତ୍ରୀ ଏରସମା ପ୍ରତିନିଧି ଦୀପ୍ତିରଞ୍ଜନ ଖଣ୍ଡୁଆଳ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣ ପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି, ପ୍ରସାରଣ ବିଭାଗର ବିଜୟ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...

### ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରାଯାଉଛି



ଯୁବ ସମାଜ ଦେଶର ଭବିଷ୍ୟତ। ତେଣୁ ଯୁବ ସମାଜ ବହୁତ କିଛି ଜାଣିବା ଦରକାର। ବିଶେଷକରି ଆମ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଆବଶ୍ୟକ। ଦୁଃଖର କଥା ହେଲା ଗଣମାଧ୍ୟମକୁ ସ୍ୱାଧୀନତା ଦେବା କ୍ଷେତ୍ରରେ ଭାରତର ସ୍ଥାନ ପୃଥିବୀରେ ୧୫୦ରେ ରହିଛି। ୨୦୨୧ରେ ୧୪୨ତମ ସ୍ଥାନରେ ଥିଲା। ଏଥିରୁ ସ୍ପଷ୍ଟ ହେଉଛି, ଭାରତରେ ଗଣମାଧ୍ୟମକୁ ହତ୍ୟା କରାଯାଉଛି। ଯୁବଗୋଷ୍ଠୀଙ୍କୁ ପ୍ରଭାବିତ କରାଯାଉଛି। ଏହାର ମୁଖ୍ୟାଂଶରେ ରାଜନେତା ଓ ଶାସକ ରହିଛନ୍ତି। ଗଣତନ୍ତ୍ର ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ।

- ସାରଦା ପ୍ରସନ୍ନ ବାରିକ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ର

### ଧରିତ୍ରୀର ପଦକ୍ଷେପ ପ୍ରଶଂସନୀୟ



ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଗଣମାଧ୍ୟମ ଓ ଯୁବପିଢ଼ିଙ୍କ ଭୂମିକା ଉପରେ ଧରିତ୍ରୀ ପକ୍ଷରୁ ହେଉଥିବା ବକ୍ତୃତା ପ୍ରତିଯୋଗିତା ଅତ୍ୟନ୍ତ ଉପାଦେୟ। ଏଥିରୁ ଆମେ ବହୁତ କିଛି ଶିଖିବାର ସୁଯୋଗ ପାଇଲୁ। ଯୁବପିଢ଼ି କିପରି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଠିକ୍‌ଭାବେ ସମ୍ପାଦନ କରିପାରିବ ସେନେଇ ପ୍ରତ୍ୟେକେ ନିଜ ନିଜ ସ୍ତରରେ ଉଦ୍ୟମ କରିବା ଜରୁରୀ। ଧରିତ୍ରୀର ଏହି ପଦକ୍ଷେପ ପ୍ରଶଂସନୀୟ।

- ଚନ୍ଦନ ସାହୁ, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ର

### ଯୁବଗୋଷ୍ଠୀ ନିଜ ଅଧିକାର କ'ଣ ବୁଝିବା ଉଚିତ



ଯୁବଗୋଷ୍ଠୀ ସେମାନଙ୍କ ଅଧିକାର କ'ଣ ପ୍ରଥମେ ବୁଝିବା ଉଚିତ। ନେତା, ମନ୍ତ୍ରୀଙ୍କ ପ୍ରଲୋଭନରେ ନ ପଡ଼ି ଉପଯୁକ୍ତ ଲୋକ ପ୍ରତିନିଧି ବାଛିବା ଦରକାର। ଏନେଇ ଯୁବଗୋଷ୍ଠୀ ଶପଥ ନେଲେ ଗଣତନ୍ତ୍ର ସଶକ୍ତ ହେବ ଏବଂ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ।

- ଶ୍ରାବଣୀ ମହାରଣା, ଯୁକ୍ତ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


କାଜଲ ନାୟକ


ଲିଜା ଦାସ


ମଧୁସ୍ମିତା ସାମଲ


ପ୍ରିୟଙ୍କା ପି. ପରିଡ଼ା


ପୁନମ ସାହୁ


ପୁଷ୍ପା ଦାସ


ସସ୍ମିତା ବାରିକ


ସୌମ୍ୟରଞ୍ଜନ ନାୟକ


ତଅପୋଇ ଗୋଛାୟତ

# କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଆଁ

- ଜଳିଗଲା ମେଡିସିନ ଷ୍ଟୋରରୁମ୍
- ନିଆଁ ଲିଭାଇବାକୁ ଯାଇ ୨ ଆହତ

**କୁଳିଅଣା, ୪।୮ (ଆଦିକନ୍ଦ ସାହୁ/ ଗୋପୀନାଥ ବେହେରା)**

ମୟୂରଭଞ୍ଜ ଜିଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରାତି ୮ଟା ସମୟରେ ନିଆଁ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ମେଡିସିନ ଷ୍ଟୋରରୁମରେ ନିଆଁ ଲାଗି ବହୁ ପରିମାଣର ଔଷଧ ଓ ସାଲାଇନ ପୋଡ଼ିଯାଇଛି। ଏଥିସହ ଷ୍ଟୋରରୁମ୍‌ର ଝରକା, କବାଟ ସହ ତାହା ମଧ୍ୟରେ ଥିବା ଦୁଇଟି ଫ୍ରିଜ୍, ଅକ୍ସିଜେନ ସିଲିଣ୍ଡର ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ିଯାଇଛି। ଅଗ୍ନିକାଣ୍ଡରେ ଏକ ଅକ୍ସିଜେନ ସିଲିଣ୍ଡର ଫାଟିବା ଓ ନିକଟସ୍ଥ ୱାର୍ଡକୁ ନିଆଁ ବ୍ୟାପିବା ଆଶଙ୍କା କରି ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ୨୫ରୋଗୀ ଭୟରେ ମେଡିକାଲ ବାହାରକୁ ପଳାଇଆସିଥିବା ଦେଖିବାକୁ ମିଳିଥିଲା। ନିଆଁ ଲିଭାଇବାକୁ ଯାଇଥିବା ସ୍ଥାନୀୟ ଅଞ୍ଚଳର ଦାମୋଦର ପାତ୍ର ଓ ରୂପକ ସିଂ ଆହତ ହୋଇଥିବା ସୂଚନା ମିଳିଛି। ଚାନ୍ଦୁଆରୁ ୩ଟି ଦମକଳ ଗାଡ଼ି ଆସି ନିଆଁ ଲିଭାଇଥିଲା। ଅଗ୍ନିକାଣ୍ଡର କାରଣ ଜଣା ପଡ଼ି ନ ଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ମତାମତ ମିଳିପାରିନାହିଁ।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିସିନ ଷ୍ଟୋରରେ ଲାଗିଥିବା ନିଆଁ।

OHPC
ISO 9001-14001 18001 Certified

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd.Office OSPH & W.C. Building, Vanivihar Chhak, Janpath,Bhoinagar,Bhubaneswar- 751022
Tel:91-0674-2542983, 2542802, 2545526, 2542826, Fax:2542102, E-mail:ohpc.co@gmail.com/ md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO.UIHEP-27/2023-24, DATED:02.08.2023**

**No.CAD-1520:** Tenders are invited in sealed envelopes from the registered travel agencies/vehicle owners for providing services as mentioned below.

| Description of Materials/ Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno commercial Bid |
|---|---|---|---|---|---|
| Deployment of One No. of 36-seater hired vehicle for College Bus purpose of UIHEP, Mukhiguda for a period of 04 (Four) years | 11,800/- (Inclusive of GST) | 62,500/- (inclusive of GST) | From 07.08.2023 to 24.08.2023 upto 12.30 Hrs. | 24.08.2023 (upto 13.00 Hrs.) | 24.08.2023 at 16.30 PM |

For details of the tender documents, terms and conditions please visit our website **www.ohpcltd.com**
OIPR-04008/11/0034/2324 Sd./- C&P Head, UIHEP, Mukhiguda

GOVERNMENT OF ODISHA No. i-281
**DEPARTMENT OF PANCHAYATIRAJ & DRINKING WATER**
**OFFICE OF THE BLOCK DEVELOPMENT OFFICER**
Panchayat Samiti, Boipariguda
**NOTICE INVITING TENDER**
Email ID: ori-Boipariguda@nic.in, Ph.: 06854-249423
**e-Procurement Notice No. PSN - 01/2023-24**
Name of the Work: Construction of Day-Care PHC Building at Dasamanthpur of Boipariguda Block.
Value of Work: Rs.81,06,888.00/-
1. The Bid documents will be available in the website: **www.tendersodisha.gov.in** from 10 A.M. of 08.08.2023 to 5.00 P.M. of 22.08.2023 for online bidding.
2. Bids shall be received only "Online" on or before 5.00 P.M. of 22.08.2023.
3. Bids received online shall be opened at 11.00 A.M. on 23.08.2023 in the Office of the Block Development Officer, Boipariguda

Sd./- Block Development Officer, Boipariguda
OIPR-19157/11/0001/2324

**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR**
**CORRIGENDUM**
**No.KK-137:** For Tender Call Notice No.2804/DEE, Dtd. 15.07.2023, the qualifying mark is 60% in Annexure-1 & 2 and quantities along with unit price is to be indicated as per Annexure-3. Bidders are requested to visit the Website of the University: www.ouat.ac.in
Sd/- Dean Extension Education
OUAT, Bhubaneswar
OIPR-01502/11/0003/2324

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE**
**Zilla Swasthya Samiti, Balasore**
District Programme Management Unit, National Health Mission, Balasore
No.11621 Date:01.08.2023

**INVITATION OF OBJECTION TO ADVT. NO. 4211 DT. 22.03.2023**

**No.E-304:** In response to the Advertisement No. 4211 Dt. 22.03.2023 of NHM, Balasore, detailed database of Valid applications & rejected applications with reason of rejection for the post of BPM, PHM & STS has been uploaded in the district website i.e. www.baleswar.nic.in. Candidates who had applied for the same are informed to go through the list and verify their status of application. **If found any objection send the same to the "O/o CDM&PHO, Balasore, Pin-756001" in the prescribed format attached in the district website. The last date of receipt of objection is 14.08.2023 (by 5.30 P.M.) through Regd. Post / Speed Post only** and the envelope containing the objection sheet should be super scribed clearly with name of the applied post for which objection is submitted. No new / fresh document/s shall be taken into consideration. Applicants whose applications have been rejected on the ground of non-submission/part submission of relevant documents, late receipt, without superscribed the post name, by courier shall not be entertained at this stage.

Sd/- Chief District Medical & Public Health Officer, Balasore
OIPR-10032/11/0003/2324

**ZILLA SWASTHYA SAMITI, GAJAPATI**
**(Department of Health & FW, Govt. of Odisha)**
Advertisement No. 5404/DPMUGJP Date: 02.08.2023
**CONTRACTUAL APPOINTMENT**
No. E-300: Applications are invited from eligible candidates/Walk-in-Interview for filling up of different posts under National Health Mission, Gajapati on contractual basis for a period of 11 months subject to renewal on satisfactory performance or till the end of the project period, which ever is earlier. The monthly remuneration and other allowances shall be paid as mentioned against each post as per OSH & FW Society norms and orders there under from time to time.

| Sl. No. | Name of the Post | Vacancy | Monthly Base Remuneration | Remarks |
|---|---|---|---|---|
| 01 | Cold Chain Technician | 01 | Rs.20,470/- + Other Allowance as Applicable | Application invitation by 02.09.2023 |
| 02 | Dental Technician - DEIC | 01 | Rs.15,103/- + Other Allowances as Applicable | Walk-in-Interview on 29.08.2023 |
| 03 | Medical Officer - UPHC (Full Time) | 01 | Rs.64,324/- + Other Allowances as Applicable | Walk-in-Interview on 29.08.2023 |

The above positions are purely temporary and co-terminus with the scheme. Selection for the above posts shall be made strictly on merit basis. Canvassing in any form will render the candidate disqualified for the position. Vacancies shown above for the different posts are provisional and subject to change as per actual requirement. The candidates who are already working in Health & FW Department have to apply through proper channel. Candidates who have been disengaged from the society on administrative grounds such as disobedience/poor performance/misbehavior/criminal activities etc. are not eligible to apply. Interested candidates can log on to **www.gajapati.nic.in** for detail vacancy, eligibility criteria, age & selection procedure, Application Form & Other details. Interested candidates fulfilling the eligibility criteria for **Sl. No. 01** can apply to the **Chief District Medical & Public Health Officer, At/ P.O.: Paralakhemundi, Gajapati - 761200 on or before 02.09.2023 by 05.00 P.M.** through Registered Post/Speed Post/Courier only and the envelope containing the application should be superscribed with the name of the post applied for. Application form for each individual post must be submitted in separate format along with attested photocopy of all the mark Sheet & Certificates. **For Post Sl. No. 02/03** the candidates are requested to register their name from **10.00 A.M. to 11.30 A.M.** to attend the Walk-in-Interview at the **District Training Unit (DTU), O/o. CDM&PHO, Gajapati** as per the schedule dates mentioned above. The panel for the above mentioned posts shall also be valid for one year & also remain valid for similar positions for other programmes under NHM. Incomplete application in any form is liable for rejection. The office of the undersigned will not be held responsible for any postal delay. The authority reserves the right to cancel any or all applications without assigning any reason thereof. Visit the district website **gajapati.nic.in** regularly for all updates.

Sd./- CDM&PHO-cum-District Mission Director, Gajapati
OIPR-10105/11/0007/2324

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, KEONJHAR**
**(ZILLA SWASTHYA SAMITI (ZSS), KEONJHAR)**
Advt.Letter No.3610 Date:03.08.2023
**REQUEST FOR PROPOSAL (RFP) FOR "SELECTION OF AGENCY FOR HIRING OF HUMAN RESOURCES ON CONTRACTUAL BASIS FOR HEALTHCARE FACILITIES IN KEONJHAR DISTRICT, ODISHA UNDER DISTRICT MINERAL FOUNDATION (DMF) KEONJHAR".**
**No.E-302:** A Request For Proposal (RFP) is invited from the reputed and experienced Agencies / Organizations / Firms for "Selection of Agency for Hiring of Human Resources on Contractual Basis for Healthcare Facilities in Keonjhar District, Odisha under District Mineral Foundation (DMF) Keonjhar". The eligibility criteria and detailed requirements for said RFP and the formats for submission of proposal are set forth in the RFP document which can be downloaded from the district NIC Website ie www.kendujhar.nic.in. Interested bidders fulfilling the eligibility criteria may submit their proposal & documents as set forth in this RFP and submit to the undersigned in sealed envelope (s) clearly super scribing "REQUEST FOR PROPOSAL (RFP) FOR SELECTION OF AGENCY FOR HIRING OF HUMAN RESOURCES ON CONTRACTUAL BASIS FOR HEALTHCARE FACILITIES IN KEONJHAR DISTRICT, ODISHA UNDER DISTRICT MINERAL FOUNDATION (DMF) KEONJHAR". Proposal complete in all respect should reach the Office of the 'Chief District Medical & Public Health Officer (CDM&PHO), Keonjhar, DHH, Keonjhar, 758001, Odisha' by Speed Post / Regd. Post only on or before date 29.08.2023 before 10.30AM. The proposal(s) shall be opened on date 29.08.2023 at 11.30 AM in NHM Conference Hall, DHH, Keonjhar. Incomplete applications received in an open envelope / applications received after the due date will be summarily rejected.
The authority reserves the right to cancel or reject the any of the RFP without assigning any of the reason thereof. No personal query shall be entertained. The decision of the committees shall be treated as final.

Sd./- Chief District Medical & Public Health Officer (CDM&PHO), Keonjhar
OIPR-10033/11/0021/2324

GOVT. OF ODISHA No. i-283
**DEPARTMENT OF PANCHAYATI RAJ & DRINKING WATER**
**OFFICE OF THE PANCHAYAT SAMITI, BARANGA, CUTTACK**
Phone No.: 0671-2870123/0671-2870434
Email ID: ori-baranga@nic.in
**'E'-Procurement Notice No.: 1971 Dated: 02.08.2023**

| | | |
|---|---|---|
| 1 | Name of Work | Construction of Sub-centre building at different places of Baranga Block, Dist.: Cuttack |
| 2 | No. of Works | 3 |
| 3 | Tender Cost | Varies from Rs.33.05 lakhs to Rs.33.17 lakhs approx. for each unit |
| 4 | Class of Contractor | C & B |
| 5 | Period of Completion | 8 Months |
| 6 | Date and time of availability of bid documents in the portal | 10.00 A.M. of 04.08.2023 to 5.00 P.M. of 19.08.2023 |
| 7 | Last date/time for receipt of bids in the portal | Upto 5.00 P.M. of 19.08.2023 |
| 8 | Date and time of opening of bid | 11.30 A.M. on 21.08.2023 |
| 9 | Name and address of the Officer Inviting Bid | Block Development Officer, Baranga, O/o. Panchayat Samiti, Baranga, Cuttack. |

Further details can be seen from the Govt. website: **www.tendersodisha.gov.in**.
Sd./- Block Development Officer, Baranga
OIPR-19290/11/0003/2324

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ନେଇ ଜମ୍ମୁଠାରେ ଶୁକ୍ରବାର କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ମନମୋହନଙ୍କ ନୂଆ ଟିମ୍

- ତାଳିକାରେ ସାମିଲ ହେଲେ ୩୫, ବାଦ୍ ପଡ଼ିଲେ ବହୁ ବରିଷ୍ଠ
- କୃଷକ, ମହିଳା ଓ ଯୁବମୋର୍ଚ୍ଚା ସଭାପତି ବଦଳିଲେ
- ଆଜି ଶାହଙ୍କୁ ଭେଟିବେ ଟିମ୍‌ର ସବୁ ସଦସ୍ୟ

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ନେବାର ୪ ମାସ ପରେ ମନମୋହନ ସାମଲ ଦଳର ନୂଆ ଟିମ୍ ଗଠନ କରିଛନ୍ତି। ବହୁ ମାନସମନ୍ଥନ କରି ସେ ଏହି ନୂଆ ଟିମ୍ ଗଠନ କରିଥିବା ଶୁଣିବାକୁ ମିଳିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବା ଦିନ ହିଁ ମନମୋହନଙ୍କ ନୂଆ ଟିମ୍ ଘୋଷଣା ହୋଇଛି। ତେବେ ରାଜ୍ୟ ପଦାଧିକାରୀଙ୍କ ୩୫ ଜଣିଆ କାର୍ଯ୍ୟକର୍ତ୍ତା ତାଲିକା ଦଳ ପକ୍ଷରୁ ଜାରି କରାଯାଇଛି। ମନମୋହନଙ୍କ ଦ୍ୱାରା ଜାରି ହୋଇଥିବା ତାଲିକାରେ ୧୦ ଉପସଭାପତି, ୫ ସାଧାରଣ ସମ୍ପାଦକ, ୧୦ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ଏହା ସହ ମନମୋହନଙ୍କ ନୂଆ ଟିମ୍‌ରେ ରାଜ୍ୟ ଭାଜପାର ବିଭିନ୍ନ ମୋର୍ଚ୍ଚାର ନୂଆ ସଭାପତିଙ୍କ ନାମ ମଧ୍ୟ ରହିଛି। ତେବେ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ଏହି ତାଲିକାରୁ ମଧ୍ୟ ବାଦ୍ ଦିଆଯାଇଥିବା ଦେଖିବାକୁ ମିଳିଛି।



ମନମୋହନ ସାମଲ

ଦଳର ଉପସଭାପତି ତାଲିକାରେ ନାଉରି ନାୟକ, ଅପରାଜିତା ଷଡ଼ଙ୍ଗୀ, ରବି ନାଏକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଗୋଲକ ମହାପାତ୍ର, କୁସୁମ ଟେଟେ, ସୁକେଶୀ ଓରାମ, ବିରଞ୍ଚିନାରାୟଣ ତ୍ରିପାଠୀ ଓ ଲେଖାଶ୍ରୀ ସାମନ୍ତସିଂହାର ରହିଛନ୍ତି। ସେହିପରି ସାଧାରଣ ସମ୍ପାଦକ ତାଲିକାରେ ସାରଦା ପ୍ରସାଦ ଶତପଥୀ, ଯତୀନ ମହାନ୍ତି, ପୂର୍ଣ୍ଣିମା କେର୍କେଟା, ସୀମାଞ୍ଚଳ ଖଟେଇ ଓ ମାନସ କୁମାର ମହାନ୍ତି ରହିଛନ୍ତି। ସମ୍ପାଦକ ତାଲିକାରେ ରମେଶ ଚନ୍ଦ୍ର ସାହୁ, ଟଙ୍କଧର ତ୍ରିପାଠୀ, ନବୀନ ରାମ, ସିପ୍ରା ବାଜପେୟୀ, ଅଭିମନ୍ୟୁ ସେଠୀ, ସରୋଜ କୁମାର କର, କୃଷ୍ଣ ଚନ୍ଦ୍ର ମହାପାତ୍ର, କସ୍ତୁରୀ ମିଶ୍ର, ପୂର୍ଣ୍ଣିମା ନାୟକ ଓ ଇରାଶିଷ ଆଚାର୍ଯ୍ୟଙ୍କୁ ରଖାଯାଇଛି।

ସେହିପରି ଯୁବ, ମହିଳା ଓ କୃଷକ ମୋର୍ଚ୍ଚା ସଭାପତି ପଦରେ ଦଳ ପରିବର୍ତ୍ତନ କରିଛି। ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ ଅଭିଳାଷ ପଣ୍ଡାଙ୍କୁ ନିଯୁକ୍ତି ମିଳିଥିବା ବେଳେ ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ସଭାପତି ହୋଇଛନ୍ତି। କିଷାନ ମୋର୍ଚ୍ଚା ସଭାପତି ଭାବେ ମହେଶ୍ୱର ସାହୁଙ୍କୁ ନିଯୁକ୍ତି ମିଳିଥିବା ବେଳେ ଏସ୍‌ଟି ମୋର୍ଚ୍ଚା ସଭାପତି ନିତ୍ୟାନନ୍ଦ ଗଣ୍ଡ, ଏସ୍‌ସି ମୋର୍ଚ୍ଚା ସଭାପତି ବିଷ୍ଣୁପ୍ରସାଦ ତରାଇ ଓ ଓବିସି ମୋର୍ଚ୍ଚା ସଭାପତି ଭାବେ ସୁରଥ ବିଶ୍ୱାଳଙ୍କୁ ଦାୟିତ୍ୱ ମିଳିଛି। ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତିଙ୍କ ପଦ ଅପରିବର୍ତ୍ତିତ ରହିଛି। ତେବେ ଭାଜପା ପକ୍ଷରୁ ଜାରି କରାଯାଇଥିବା ନୂଆ ତାଲିକାରେ ପୃଥ୍ୱୀରାଜ ହରିଚନ୍ଦନ, ଭୃଗୁ ବକ୍ସିପାତ୍ର ଓ ପ୍ରଦୀପ ପୁରୋହିତଙ୍କୁ ସାମିଲ କରାଯାଇନାହିଁ। ସେହିପରି ପ୍ରଭାତୀ ପରିଡ଼ା, ସଙ୍ଗୀତା ସିଂଦେଓ, ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ, ବଳଭଦ୍ର ମାଝି, ଭାସ୍କର ମଢେଇ, କାଳନ୍ଦୀ ସାମଲ, ପିଙ୍କି ପ୍ରଧାନ, ସ୍ମୃତି ପଟ୍ଟନାୟକ ପ୍ରମୁଖଙ୍କୁ ମଧ୍ୟ ଟିମ୍‌ରୁ ବାଦ୍ ଦିଆଯାଇଛି। ଉମାକାନ୍ତ ପଟ୍ଟନାୟକ ଦଳର ସୋସିଆଲ ମିଡିଆ ଇନ୍‌ଚାର୍ଜ ହୋଇଥିବା ବେଳେ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ଅଫିସ୍ ସେକ୍ରେଟାରି କରାଯାଇଛି।

ନୂଆ ଟିମ୍‌କୁ ନେଇ ମନମୋହନ କହିଛନ୍ତି, ଏହି ନୂଆ ଟିମ୍ ସହ ବ୍ୟାପକ ଟିମ୍ କାମ କରିବେ। ଏହା ହେଉଛି ରାଜ୍ୟ ଟିମ୍। ଦଳ ଭିତରେ କେତେଜଣ ନେତାଙ୍କୁ ବାଦ୍ ଦେବା ନେଇ କିଛି ଦଳରେ କନ୍ଦଳ ନ ଥିବା ମନମୋହନ କହିଛନ୍ତି। ଭାଜପା ନୂଆ ଟିମ୍ ନେଇ ଦଳର ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି, ଆଗାମୀ ଦିନରେ ଏହି କମିଟି ପୂରା ଦମ୍‌ରେ କାମ କରି ଦଳକୁ ମଜଭୁତ କରିବ। ଆସନ୍ତା ବର୍ଷ ହେବାକୁ ଥିବା ନିର୍ବାଚନ ଜିତି ସରକାର ଗଠନ ପାଇଁ ଅକ୍ଳାନ୍ତ ପରିଶ୍ରମ କରାଯିବ। ଦଳର ବିଭିନ୍ନ ପଦପଦବୀରେ ସାମିଲ ହୋଇଥିବା କର୍ମକର୍ତ୍ତା ଦୀର୍ଘଦିନ ହେଲା ଭାଜପା ସହ ଜଡ଼ିତ ଅଛନ୍ତି। ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭାଜପା ଆଗାମୀ ନିର୍ବାଚନ ବୈତରଣୀ ପାରକରିବ। ଶାହ ଭୁବନେଶ୍ୱରରେ ପହଞ୍ଚିବା ପରେ ଶନିବାର ନୂଆ ଟିମ୍ ତାଙ୍କୁ ଭେଟିବ ବୋଲି ସେ କହିଛନ୍ତି।

# ଦେଶରେ ଗଣତନ୍ତ୍ରର ବିଜୟ ହୋଇଛି: ଶରତ



କଂଗ୍ରେସ ଭବନ ଆଗରେ ଦଳୀୟ ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି।

### ସୁପ୍ରିମକୋର୍ଟଙ୍କ ରାୟ ପରେ ଉତ୍ସାହିତ କଂଗ୍ରେସ ଶିବିର

ଭୁବନେଶ୍ୱର, ୪।୮ (ସୁନିତ୍ ମିଶ୍ର)

ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ହୋଇଥିବା ମାନହାନି ମକଦ୍ଦମାର ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ କଂଗ୍ରେସ ଶିବିରରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଦଳର ବହୁ ବରିଷ୍ଠ ନେତା ବାଜା ବଜାଇ ପରସ୍ପରକୁ ମିଠା ଖୁଆଇଛନ୍ତି। କେତେଜଣ ନେତା ନାଚୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ସୁପ୍ରିମକୋର୍ଟଙ୍କ ରାୟ ଫଳରେ ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ବଜାୟ ରଖିବା ସହ ସେ ପୁଣିଥରେ ନିର୍ବାଚନ ଲଢ଼ିପାରିବେ। ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦ୍ୱାରା ଦେଶରେ ଗଣତନ୍ତ୍ରର ବିଜୟ ହୋଇଛି। ରାହୁଲଙ୍କ ଶାଣିତ ସ୍ୱରକୁ ଚପାଇଦେବା ପାଇଁ ଯେଉଁ ଚକ୍ରାନ୍ତ ହୋଇଥିଲା ତାହାର ଅବସାନ ଘଟିଛି। ରାହୁଲ ଗାନ୍ଧୀ ସାଧାରଣ ଜନତାର ଦାବିକୁ ଉପସ୍ଥାପନ କରୁଛନ୍ତି, ସରକାରର ଭ୍ରଷ୍ଟାଚାର, ଦୁର୍ନୀତି ଓ ଜନବିରୋଧୀ ନୀତିକୁ ଦୃଢ଼ ସ୍ୱରରେ ସଂସଦ ଭିତରେ ଓ ବାହାରେ ପ୍ରତିବାଦ କରୁଛନ୍ତି। ତାହା ମୋଦି ସରକାରଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ଦ୍ୱାରା କେବଳ ସାରା ଦେଶର କଂଗ୍ରେସ କର୍ମୀ ଉତ୍ସାହିତ ହୋଇନାହାନ୍ତି ବରଂ କ୍ଷମତାସୀନ ଏନ୍‌ଡିଏ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିଆସୁଥିବା ବିଭିନ୍ନ ବିରୋଧୀ ଦଳ, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ଛାତ୍ର ଓ ଯୁବ ସମାଜକୁ ଆନନ୍ଦିତ କରିଛି। ରାହୁଲଙ୍କ ମୁହଁ ବନ୍ଦ କରିବା ପାଇଁ ତାଙ୍କ ସଭ୍ୟପଦ ରଦ୍ଦ କରାଯାଇଥିଲା। ଏଥିସହ ତାଙ୍କୁ ଜେଲରେ ରଖିବା ପାଇଁ ଷଡ଼ଯନ୍ତ୍ର ହେଉଥିଲା। ହେଲେ ସୁପ୍ରିମକୋର୍ଟ ଏହି ଷଡ଼ଯନ୍ତ୍ରକୁ ପଣ୍ଡ କରିଛନ୍ତି ବୋଲି ଶରତ କହିଛନ୍ତି।

# ବ୍ଲକ, ନଗର ସଭାପତିଙ୍କ ସହ ଅନୁପସ୍ଥିତ ରହିଲେ ଜୟପୁର ବିଧାୟକ

### କୋରାପୁଟ ଜିଲା କଂଗ୍ରେସ ସଭାପତିଙ୍କ ବୈଠକ

ଜୟପୁର, ୪।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା କଂଗ୍ରେସ କମିଟିର ନୂଆ ସଭାପତି ଭାବେ ଦୁର୍ଗାଶଙ୍କର ସାହୁ ଦାୟିତ୍ୱ ନେବା ପରେ ଶୁକ୍ରବାର ପ୍ରଥମ କରି ବ୍ଲକ ଓ ନଗର ସଭାପତିଙ୍କ ଆଗାମୀ ସାଧାରଣ ନିର୍ବାଚନ ନେଇ ଆଲୋଚନା ପାଇଁ ଏକ ବୈଠକ ଡାକିଥିଲେ। ଜିଲା କଂଗ୍ରେସ ଭବନ ଠାରେ ଆୟୋଜିତ ଏହି ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ଅନୁପସ୍ଥିତ ଥିଲେ। ଏଥିସହ ବୈଠକରେ ଅର୍ଦ୍ଧାଧିକ ବ୍ଲକ ଓ ନଗର ସଭାପତିମାନଙ୍କ ଦେଖା ମିଳି ନ ଥିଲା।

ବୈଠକରେ କୋଟପାଡ଼ ଏନ୍‌ଏସି ଅଧ୍ୟକ୍ଷ ଏନ୍ .ଶଙ୍କର ରାଓ ମଞ୍ଚାସୀନ ଥିବା ବେଳେ କୋଟପାଡ଼ ବ୍ଲକ ସଭାପତି ପପୁନ ତ୍ରିପାଠୀ, ନଗର ସଭାପତି ପ୍ରକାଶ ମହାନ୍ତି, ଲମତାପୁଟ ବ୍ଲକ ସଭାପତି କୃପାସିନ୍ଧୁ ମୁଦୁଲି, ସେମିଳିଗୁଡା ବ୍ଲକ ସଭାପତି ସୋନିଆ ମାଝୀ, ପଟ୍ଟାଙ୍ଗୀ ବ୍ଲକ ସଭାପତି ଅର୍ଜୁନ ବାକା, ବନ୍ଧୁଗାଁ ବ୍ଲକ ସଭାପତି ଡି.ଏଙ୍କେଟି, ସୁନାବେଡ଼ା ନଗର ସଭାପତି ଯୋଗ ଦେଇଥିଲେ। ବୈଠକର ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡି ଓ ଭାଜପାକୁ ମୁକାବିଲା କରିବା ନେଇ ଆଲୋଚନା ହୋଇଥିଲା। ୱାର୍ଡ କମିଟିର ତାଲିକାଗୁଡିକୁ ନୂଆ ସଭାପତିଙ୍କ ନିକଟରେ ଦାଖଲ କରିବା, ସମସ୍ତେ ମିଳିମିଶି ଦଳକୁ ଆଗକୁ ନେବା, ବିଶୃଙ୍ଖଳିତଙ୍କୁ ଦଳରେ ବରଦାସ୍ତ ନ କରିବା ଲାଗି ଜିଲା ସଭାପତି ସାହୁ କହିଥିଲେ। ବୈଠକରେ ଜୟପୁର ବ୍ଲକ, ପୌରାଞ୍ଚଳ, କୋରାପୁଟ ବ୍ଲକ ଓ ପୌରାଞ୍ଚଳ, ଦଶମନ୍ତପୁର, ଲକ୍ଷ୍ମୀପୁର, ବୋରିଗୁମ୍ମା, ବେପାରିଗୁଡା, କୁନ୍ଦୁରା ଆଦି ବ୍ଲକର ସଭାପତି, ନବ ନିର୍ବାଚିତ ଜିଲା ଯୁବ କଂଗ୍ରେସ ଓ ନିର୍ବାଚନ ମଣ୍ଡଳୀ ସଭାପତି, ବିଭିନ୍ନ ମୋର୍ଚ୍ଚାର ସଭାପତିଙ୍କ ସହ ବିଧାୟକ ତାରାପ୍ରସାଦ ବାହିନୀପତି ଅନୁପସ୍ଥିତ ଥିଲେ। ଏତେ ସଂଖ୍ୟକ ବ୍ଲକ ସଭାପତି ଓ କର୍ମକର୍ତ୍ତାଙ୍କ ଅନୁପସ୍ଥିତ ରହିବା ଦଳୀୟ ଫାଟ ପଦାରେ ପଡିଛି ବୋଲି ଚର୍ଚ୍ଚା ହେଉଛି। ଏମାନଙ୍କ ଅନୁପସ୍ଥିତି ନେଇ ଜିଲା ସଭାପତି ସାହୁଙ୍କୁ ପଚାରିବାରୁ ସେ କେବଳ ବ୍ଲକ ସଭାପତି ଓ ନଗର ସଭାପତିଙ୍କ ମତ ନେବାକୁ ଡାକିଥିଲେ। ପରବର୍ତ୍ତୀ ଦିନରେ ଅନ୍ୟ ମୋର୍ଚ୍ଚା ଓ କର୍ମକର୍ତ୍ତାଙ୍କୁ ଡାକି ବୈଠକ କରିବେ ବୋଲି କହିଛନ୍ତି। ଏ ନେଇ ଜୟପୁର ବିଧାୟକ ବାହିନୀପତିଙ୍କୁ ପଚାରିବାରୁ ସେ କହିଲେ, ଏଭଳି ବୈଠକ ସମ୍ପର୍କରେ ସେ କିଛି ଫୋନ, ଚିଠି କି ହ୍ୱାଟସ୍ ଅପ୍‌ରେ ମଧ୍ୟ ସୂଚନା ପାଇନାହାନ୍ତି। ଯଦି ପାଇଥାନ୍ତି ତେବେ ନିଶ୍ଚିତ ବୈଠକରେ ଉପସ୍ଥିତ ରହିଥାନ୍ତି ବୋଲି କହିଛନ୍ତି।

# ଉପକୂଳ ରାଜପଥରେ ରାଜନଗରକୁ ସାମିଲ କରାଯାଉ

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ

**ରାଜନଗର, ୪।୮ (ଭାସ୍କର ରାଉତରାୟ):** ନୂତନ ଉପକୂଳ ରାଜପଥ ନକ୍ସାରୁ ରାଜନଗର ସମ୍ପୂର୍ଣ୍ଣ ବାଦ୍ ପଡ଼ିଛି। ଉପକୂଳ ରାଜପଥରେ ରାଜନଗର ଅଞ୍ଚଳକୁ ସାମିଲ କରିବା ଓ ପଟ୍ଟାମୁଣ୍ଡାଇର ମାଟିଆପାଳଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀସ୍ଥିତ ବାସଭବନରେ ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପା ନେତା ଅଲେଖ କୁମାର ଜେନା ଭେଟି ଦାବି ଜଣାଇଛନ୍ତି। ପୁରୁଣା ଉପକୂଳ ରାଜପଥ ନକ୍ସାରେ ପଟ୍ଟାମୁଣ୍ଡାଇ ରତନପୁର ଦେଇ ରାଜନଗର, ରାଜନଗରରୁ ଜରିମୂଳ ହଂସିଣା ଦେଇ ଗିଘାଗଡ଼ରେ ଉପକୂଳ ରାଜପଥ ପହଞ୍ଚିବା ସହ ପାଟଶାଳା ନଦୀରେ ସେତୁ କରାଯାଇ ରାଜକନିକାର ଜୟନଗରକୁ ସଂଯୋଗ କରିଥାନ୍ତା। ମାତ୍ର ନୂତନ ରାଜପଥ ନକ୍ସାରେ ରତନପୁର ପଟ୍ଟାମୁଣ୍ଡାଇରୁ ଆଳି ଲୋକପଡ଼ା ସହିତ ପୁରୁଣା ଗଡ଼ଗଡ଼ି ବ୍ରିଜ୍ ଦେଇ ଓଳାଭର, ଗଞ୍ଜା, ତେନ୍ତୁଳିଡ଼ିଆ ଦେଇ ଚାନ୍ଦବାଲି ଓ ଚାନ୍ଦବାଲିର ପାଙ୍ଗୁରା ଦେଇ ବାସୁଦେବପୁର ଯିବ ବୋଲି ନକ୍ସା ପ୍ରସ୍ତୁତ ହୋଇଛି। ଅର୍ଥାତ୍ ଉପକୂଳ ରାଜପଥ ନକ୍ସାରୁ ରାଜନଗରକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ଏଥିସହ ପଟ୍ଟାମୁଣ୍ଡାଇର ମାଟିଆପାଳଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଜେନା ଦାବି କରିଛନ୍ତି।


# Classified Everyday 0674-2580101, 2549949



REAL ESTATE

**SALE**

Premium 3BHK Duplex near Nandankanan level crossing. Land-1200 Construction-1800 @92Lakh onwards. 7008550473. D-6970

ଭୁବନେଶ୍ୱର କଣ୍ଟାବାଡ଼ ଛକରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner-9090963952. D-74886

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛଡାବର 1200sqft.-3,00,000/-, ନଖରା- 300/-. 7978663279. D-74895

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

Duplex sale at Bhubaneswar @57 Lakhs only. Contact-9777433701. D-74898

Luxurious 4BHK Duplex near Balianta Syphon. Land-1400 Construction-2200-89Lakh. 9938219397, 9861022055. D-0971

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

କଟକ ଭୁବନେଶ୍ୱର NH5 ଗ୍ରାଣ୍ଡ ବଜାରରୁ ୬୦୦ମି. ଦୂରତାରେ SC plot (ହରିଜନ ପ୍ଲଟ୍) 1350/-per sqft.ରେ ମିଳୁଛି। Contact: 9937253888, 9438664354. D-74558

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly opened (One8 Spa)/(Salon Service) with expert therapist, 9938843929. D-75137

Full body massage in homely atmosphere in all therapy. Mob: 8114881641. D-73438

Spa Kerala body massage only best Therapist @699/- Bhubaneswar. 9337672475. D-0965

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75017

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

**LOST**

I Binapani Mohapatra, W/o- Upendranath Mohapatra, Sarasudha, Jagatsinghpur had lost Original ROR of Binapani Mohapatra, Khata No.-468/1 while travelling from my residence Sarasudha to Biridi Tahasil Office on 31.07.2023 FIR has been lodged in Biridi Police Station vide S.L. No.-23. Please inform about the said document within 7days in the below mentioned mobile Number- Dipak Kumar Sahoo, 9937058785. D-0977

I Binod Kumar Dalmia, S/o. Hari Shankar Dalmia, R/o.6 (2), Dhubapada lane, Marwaripada, Dist.- Sambalpur declare that the 510nos. of bonus share Certificate from Reliance Industries Ltd i.e. 170 share vide Certificate No.62603928. Distinctive No.2218366630-2218366799 issued in the year 2009 and 340 share Certificate No.67078080 Distinctive Nos. 6909753336-6909753675 in the year 2017 having Folio No.028318359 name of the holders Manoj Kumar Dalmia and Binod Kumar Dalmia which has been misplaced while rearranging documents. Any person who has any claim in respect of said Certificates should lodge complain with Company's Registered Office Address at 3rd Floor, Maker Chambers IV, 222, Nariman Point, Mumbai-400021 within 15 days of publication of this notice.
Date: 04/08/23
Place: Sambalpur. D-0974

**AFFIDAVIT**

I, Srijeet Mishra, S/o- Late Gopinath Mishra, resident of Flat No.A-041, Cosmopolis, Dumuduma, PS: Khandagiri, Bhubaneswar, Dist- Khurda, Odisha declare by this affidavit sworn before the Notary Public, Bhubaneswar vide Vol -I, Sl. No.307 dtd.- 03.08.2023 that now onwards I shall be known as SRIJIT MISHRA for all future purposes. D-0973

**I, Puspakanti Sahu, D/o- Prahallad Sahu, Malkangiri have changed my name after marriage from Puspakanti Sahu to Puspakanti Muni, vide affidavit dated 01.08.2023 sworn before Notary Public, Bhubaneswar. Henceforth I shall be known as Puspakanti Muni for all purpose.** D-0976

By virtue of an affidavit sworn before the Notary Public, Sambalpur, I Manas Bush, R/o. At-Pathamunda, PO-Kharsanmal, Dist.-Sambalpur declare that in Aadhaar card my DOB has been wrongly mentioned as 20.06.1993 instead of 21.06.1993. In the Board of Secondary Education certificate my name has been wrongly mentioned as Manas Kumar Burh, S/o. Benjamin Burh instead of Manas Bush, S/o. Benjamin Bush. That both the names relates to one and same person. D-0975

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରେକର୍ଡ ପରିମାଣର ସୁନା କ୍ରୟ

## ପ୍ରଥମ ୬ମାସରେ ୩୮୭ ଟନ୍ ସୁନା

WORLD GOLD COUNCIL

ଭୁବନେଶ୍ୱର,୪।୮(ଅଭୟ ଦାଶ)

ଗତ କିଛି ମାସ ହେବ ବିଶ୍ୱ ସୁନା ବଜାର ଓ ବଜାର କାରବାରରେ ଅନ୍ତର ସୃଷ୍ଟି ହୋଇଛି। ବିଶେଷକରି ବିଶ୍ୱ ବଜାରରେ ସୁନା କ୍ରୟର ଚାହିଦା ରହିଥିବାବେଳେ ଘରୋଇ ବଜାରଗୁଡିକରେ ସୁନାର ଚାହିଦା ସେହି ପରିମାଣରେ କାରବାର ହୋଇପାରିନାହିଁ ବୋଲି ୱାର୍ଲଡ ଗୋଲ୍ଡ କାଉନସିଲ (ଡବ୍ଲ୍ୟୁଜିସି)ର ସଦ୍ୟତମ ସୁନା ଚାହିଦା ଧାରା ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ୨୦୨୩ ବର୍ଷର ପ୍ରଥମ ୬ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ରେକର୍ଡ ପରିମାଣର ସୁନା କ୍ରୟ କରିଛନ୍ତି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ମଧ୍ୟରେ ସୁନା ଚାହିଦା (ଓଟିସିକୁ ବାଦ୍ ଦେଇ) ୨% ହ୍ରାସ ପାଇ ବର୍ଷକ ମଧ୍ୟରେ ୯୨୧ ଟନ୍ ହୋଇଛି। ମୋଟ ଚାହିଦା (ଓଟିସି)କୁ ମିଶାଇ ବର୍ଷକୁ ବର୍ଷ ମଧ୍ୟରେ ୭% ବୃଦ୍ଧି ପାଇଥିଲା, ଯାହା ବିଶ୍ୱସ୍ତରରେ ଏକ ଦୃଢ଼ ସୁନା ବଜାରକୁ ଦର୍ଶାଉଛି। ବିଶେଷକରି ୨ୟ ତ୍ରୈମାସିକରେ କେନ୍ଦ୍ରୀୟ ବ୍ୟାଙ୍କର ଚାହିଦା ବର୍ଷକ ମଧ୍ୟରେ ୧୦୩ ଟନ୍‌କୁ ହ୍ରାସ ପାଇଛି। ମାତ୍ର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବର୍ଷର ପ୍ରଥମ ୬ମାସରେ ରେକର୍ଡ ପରିମାଣର ୩୮୭ ଟନ୍ ସୁନା କିଣିଛନ୍ତି। ଏପରିକି ଏକ ଦୀର୍ଘକାଳୀନ ସକାରାତ୍ମକ ଧାରା ଅନୁସାରେ ତ୍ରୈମାସିକ ଚାହିଦା ରହିଛି, ଯାହା ବର୍ଷସାରା ସରକାରୀ କ୍ଷେତ୍ରରେ ସୁନା କିଣା ଦୃଢ଼ ରହିବ।

ଏ ସମ୍ପର୍କରେ ଡବ୍ଲ୍ୟୁଜିସିର ସିନିୟର ମାର୍କେଟ ଆନାଲିଷ୍ଟ ଲାଉସି ଷ୍ଟ୍ରିଟ୍ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ରେକର୍ଡ ଚାହିଦା ଗତ ବର୍ଷ ସୁନା ବଜାର ଉପରେ ପ୍ରଭାବ ବିସ୍ତାର କରି ରଖିଥିଲା ଏବଂ ଦ୍ୱିତୀୟ ତ୍ରୈମାସିକରେ ମନ୍ଥର ଗତି ସାମ୍ପ୍ରତିକ ଭୂରାଜନୈତିକ ଉତ୍ତେଜନା ଓ ସାରା ବିଶ୍ୱରେ ଦେଖାଦେଇଥିବା ଅର୍ଥନୈତିକ ଆହ୍ୱାନପୂର୍ଣ୍ଣ ସ୍ଥିତିରେ ଏକ ସୁରକ୍ଷିତ ସମ୍ପତ୍ତି ଭାବେ ସୁନାର ଗୁରୁତ୍ୱକୁ ଜଣାଉଛି। ୨୦୨୩ ର ଦ୍ୱିତୀୟ ତ୍ରୈମାସିକରେ ଅର୍ଥନୈତିକ ହ୍ରାସ ସୁନାକୁ ଉପରକୁ ନେଇଛି, ଯାହା ଏକ ସୁରକ୍ଷିତ ସମ୍ପତ୍ତି ମାନ୍ୟତା ଭାବେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରୁଛି। ଏଭଳି ସ୍ଥିତିରେ ନିବେଶକ ଓ କେନ୍ଦ୍ରୀୟ ବ୍ୟାଙ୍କ ଚାହିଦାରୁ ସୁନାକୁ ସହଯୋଗ ମିଳିବ। ଯାହା ଗ୍ରାହକଙ୍କ ବ୍ୟୟରେ ହ୍ରାସ ଯୋଗୁ ଅଳଙ୍କାର ଓ ପ୍ରଯୁକ୍ତି ଚାହିଦାରେ ଥିବା ଦୁର୍ବଳତାକୁ ଦୂର କରିବ।

ସେହିଭଳି ଡବ୍ଲ୍ୟୁଜିସିର ଆଞ୍ଚଳିକ ସିଇଓ, ଭାରତ ସୋମସୁନ୍ଦରମ ପିଆର୍ କହିଛନ୍ତି, ଭାରତର ସୁନା ଚାହିଦା ଗତବର୍ଷର ୨ୟ ତ୍ରୈମାସିକର ୧୭୦.୭ ଟନ୍ ତୁଳନାରେ ୨୦୨୩ ଦ୍ୱିତୀୟ ତ୍ରୈମାସିକରେ ୧୫୮.୧ ଟନ୍‌କୁ ହ୍ରାସ ପାଇଛି। ଭାରତରେ ସୁନା ଅଳଙ୍କାର ଚାହିଦା ଉଲ୍ଲେଖନୀୟ ଭାବେ ବର୍ଷକୁ ବର୍ଷ ଭିତ୍ତିରେ ୮% ହ୍ରାସ ପାଇ ୨୦୨୩ର ଦ୍ୱିତୀୟ ତ୍ରୈମାସିକରେ ୧୨୮ ଟନ୍ ହୋଇଛି।

# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୪।୮

ଗତ କିଛିଦିନ ହେବ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୮୧ (୪୮୦.୫୭) ପଏଣ୍ଟ ବଢ଼ି ୬୫,୭୨୧ (୬୫,୭୨୧.୨୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୩୫ (୧୩୫.୩୫) ପଏଣ୍ଟ ବୃଦ୍ଧି ଘଟି ୧୯,୫୧୭ (୧୯,୫୧୭.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ ୩ଦିନ ହେଲା ଭାରତୀୟ ଶେୟାର ବଜାରର କାରବାର ହ୍ରାସ ଘଟିଥିଲା ବେଳେ ଶୁକ୍ରବାର ବଜାର କାରବାରରେ ସୁଧାର ଆସିଥିଲା।

# ବଜାରରେ ସୋନିର ନ୍ୟୁ ଫୁଲ୍ ଫ୍ରେମ୍ ଭ୍ଲଗ୍ କ୍ୟାମେରା

ଭୁବନେଶ୍ୱର,୪।୮




ସୋନିର ନ୍ୟୁ ଫୁଲ୍ ଫ୍ରେମ୍ ଭ୍ଲଗ୍ କ୍ୟାମେରା 'ଜେଡ୍‌ଭି-ଇ୧'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଏହା କନ୍‌ଟେଂଟ୍ କ୍ରିଏଟରମାନଙ୍କୁ ଉଚ୍ଚ ମାନର ଅନୁଭୂତି ପ୍ରଦାନ କରିବ। ସେହିଭଳି ଲେନ୍‌ସକୁ ବଦଳାଇ ହେଉଥିବା ଏହି କ୍ୟାମେରାରେ ୩୫ ଏମ୍‌ଏମ୍ ଫୁଲ୍ ଫ୍ରେମ୍ ଇମେଜ୍ ସେନ୍‌ସର୍ ରହିଛି। ବିଶ୍ୱର ସବୁଠୁ କ୍ଷୁଦ୍ର ଓ ହାଲୁକା ବଡ଼ି ହୋଇଥିବାରୁ କ୍ୟାମେରାକୁ ଅତି ସହଜରେ ପରିଚାଳନା କରାଯାଇପାରିବ। ଏଥିରେ କ୍ରିଏଟରମାନଙ୍କୁ ସର୍ବାଧିକ ସ୍ୱାଧୀନତା ମିଳିପାରିବ।

ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ବିଜନେସ୍ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ସ୍ୱତନ୍ତ୍ର ଭାବେ ଭ୍ଲଗର ଓ କନ୍‌ଟେଂଟ୍ କ୍ରିଏଟରମାନଙ୍କ ପାଇଁ ବିକାଶ କରାଯାଇଥିବା ଏହି କ୍ୟାମେରା 'ଜେଭି-ଇ୧'କୁ ନିକଟରେ ଉପସ୍ଥାପନ କରି ଆମେବେଶ ଉତ୍ସାହିତ ଅଛୁ। ଏପରିକି ଏହାର ଛବିର ଉତ୍କୃଷ୍ଟ ମାନ, କ୍ଷୁଦ୍ର ଆକାର ଓ ଅଭିନବ ସୁବିଧା ସୁଯୋଗ କ୍ରିଏଟରମାନଙ୍କୁ ଆକର୍ଷଣୀୟ ଓ ଚମତ୍କାର କନ୍‌ଟେଂଟ୍ ସୃଷ୍ଟି କରିବାରେ ସଶକ୍ତ କରିବ।

ଅପରପକ୍ଷରେ ସୋନିର ନୂଆ ଜେଡ୍‌ଭି-ଇ୧ କ୍ୟାମେରାକୁ ସ୍ୱତନ୍ତ୍ର ଅଫର ଅଧୀନରେ ଗ୍ରାହକମାନେ ୧୯,୧୭୦ ଟଙ୍କାରେ କ୍ରୟ କରିପାରିବେ। ସେଥିରେ ଏକ ୧୦,୫୯୦ ଟଙ୍କାର ଓ୍ୱାରଲେସ ରିମୋଟ୍ କମାଣ୍ଡର, ୬୭୯୦ ଟଙ୍କାର ବ୍ୟାଟେରି ଚାର୍ଜର ଓ ୧୭୯୦ ଟଙ୍କାର ହାଲୁକା କ୍ୟାରିଂ କେସ ସାମିଲ ରହିଛି, ଏହି ଅଫର ଷ୍ଟକ ଶେଷ ହେବା ପର୍ଯ୍ୟନ୍ତ ଉପଲବ୍ଧ ରହିବ। ଉଲ୍ଲେଖଯୋଗ୍ୟ, ଜେଡ୍‌ଭି-ଇ୧ ଭ୍ଲଗ୍ କ୍ୟାମେରା ସମସ୍ତ ସୋନି ସେଂଟର, ଆଲ୍‌ଫା ଫ୍ଲାଗ୍‌ସିପ୍ ଷ୍ଟୋର୍, ସୋନିର ସ୍ୱୀକୃତିପ୍ରାପ୍ତ ଡିଲର, ଆମାଜନ୍ ଓ ଫ୍ଲିପ୍‌କାର୍ଟ ୱେବସାଇଟ୍ ଓ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଷ୍ଟୋର୍‌ଗୁଡ଼ିକରେ ଉପଲବ୍ଧ। ଏହାର ଦାମ୍ ୨,୪୩,୯୯୦ ଟଙ୍କା ରହିଛି।

# ମିଶ୍ରଣ ଜରିଆରେ କାରବାର ବଢ଼ିବ

ଭୁବନେଶ୍ୱର,୪।୮

ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡ (ଏଲ୍‌ଆଇସି ଏମ୍‌ଏଫ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ବିଶେଷକରି ଏଲ୍‌ଆଇସି ଏମ୍‌ଏଫ୍ ଆଇଡିବିଆଇ ମ୍ୟୁଚୁଆଲ୍ ଫଣ୍ଡ (ଆଇଡିବିଆଇ ଏମ୍‌ଏଫ୍)ର ସ୍କିମ୍ ଅଧିକାରକୁ ସଫଳତାର ସହ ଅଧିଗ୍ରହଣ କରିଥିବା ସମ୍ପର୍କରେ ଘୋଷଣା କରିଛି। ଏପରିକି ଏହି ମିଶ୍ରଣ ନିକଟରେ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁନ୍ ୩୦ରେ ଉଭୟ ସଂସ୍ଥାର କହିବା ଅନୁଯାୟୀ ଏଲ୍‌ଆଇସି ଏମ୍‌ଏଫ୍‌ର ଆସେଟସ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ୧୮,୪୦୦ କୋଟି ଏବଂ ଆଇଡିବିଆଇ ଏମ୍‌ଏଫ୍‌ର ଏୟୁଏମ୍ ୩,୬୫୦ କୋଟି ଟଙ୍କା ରହିଥିଲା। ଏହି ମିଶ୍ରଣ ସମ୍ପୂର୍ଣ୍ଣ ହେବା ପରେ ଆଇଡିବିଆଇ ଏମ୍‌ଏଫ୍‌ର ୨୦ଟି ସ୍କିମ୍ ମଧ୍ୟରୁ ୧୦ଟି ସ୍କିମ୍ ଏଲ୍‌ଆଇଏସ୍ ଏମ୍‌ଏଫ୍‌ର ଅନୁରୂପ ସ୍କିମ୍ ସହ ମିଶ୍ରଣ ହେବ ଏବଂ ଅବଶିଷ୍ଟ ୧୦ଟି ଏକକ ଭିତ୍ତିରେ ଏଲ୍‌ଆଇସି ଏମ୍‌ଏଫ୍ ଅଧିକାରକୁ ନେବ। ଏହା ଫଳରେ ଏଲ୍‌ଆଇସି ଏମ୍‌ଏଫ୍‌ର ମୋଟ ସ୍କିମ୍ ସଂଖ୍ୟା ୩୮ ହେବ। ଏହି ମିଶ୍ରଣ ସହ ଆଇଡିବିଆଇ ଏମ୍‌ଏଫ୍ ସ୍କିମ୍‌ରେ ନିବେଶକାରୀବୃନ୍ଦ ଏଲ୍‌ଆଇସି ଏମ୍‌ଏଫ୍‌ର ବହୁଧା ବିଭକ୍ତ ଉତ୍ପାଦର ସମ୍ଭାର ପ୍ରତି ଅଭିଗମ୍ୟତା ଲାଭ କରିବେ, ଯାହାକି ଇକ୍ୟୁଟି, ଡେବ୍‌ଟ, ହାଇବ୍ରିଡ୍, ସମାଧାନଭିତ୍ତିକ ନିଷ୍କର୍ଷ, ଇଟିଏଫ୍ ଏବଂ ଇଣ୍ଡେକ୍ସ ଫଣ୍ଡଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ।

ଏ ସମ୍ପର୍କରେ ଏଲ୍‌ଆଇସି ମ୍ୟୁଚୁଆଲ୍ ଫଣ୍ଡର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଟି.ଏସ୍.ରାମକ୍ରିଷ୍ଣନ କହିଛନ୍ତି, ଏହି ମିଶ୍ରଣ ଆମକୁ ବ୍ୟାପକ ବଜାର ଉପସ୍ଥିତି ଉତ୍ପନ୍ନ କରିବାରେ ସହାୟକ ହେବ। ଏପରିକି ବ୍ୟାପକ ପରିସର ମଧ୍ୟରେ ଉତ୍ପାଦର ସମାହାର ପ୍ରଦାନ କରିବାକୁ ମଧ୍ୟ ଏହା ସାହାଯ୍ୟ କରିବ। ବିଶେଷକରି ଏହି ମିଳିତ କ୍ଷମତା ଆମ୍ଭମାନଙ୍କୁ ଆଗକୁ ବଢ଼ିବାରେ ବାଟ ଦେଖାଇବ।

# ଜୁଲାଇରେ ସୋନାଲିକାର ୧୦,୬୮୩ ଟ୍ରାକ୍ଟର ବିକ୍ରି

ଭୁବନେଶ୍ୱର,୪।୮



ଭାରତର ୧ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର ଚଳିତ ଆର୍ଥିକ ବର୍ଷର ୪ର୍ଥ ମାସରେ ମଧ୍ୟ ୫୦,୦୦୦ ଟ୍ରାକ୍ଟର ବିକ୍ରି ଅତିକ୍ରମ କରିଛି। ୨୦୨୩ ଜୁଲାଇରେ କମ୍ପାନୀର ମୋଟ ୧୦,୬୮୩ ଟ୍ରାକ୍ଟର ବିକ୍ରି ହୋଇଛି; ଯେଉଁଥିରେ ୧୪% ଘରୋଇ ଅଭିବୃଦ୍ଧି ଅନ୍ତର୍ଭୁକ୍ତ ରହିଛି ଏବଂ ଏହା ଶିଳ୍ପ ଅଭିବୃଦ୍ଧି (ଆନୁମାନିକ ୬.୪%)କୁ ମଧ୍ୟ ପଛରେ ପକାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କମ୍ପାନୀ ୨୦୨୩-୨୪ ଆର୍ଥିକ ବର୍ଷ (ଏପ୍ରିଲ-ଜୁଲାଇ ୨୦୨୩) ର ପ୍ରଥମ ୪ ମାସରେ ୫୦,୦୦୦ ଟ୍ରାକ୍ଟର ବିକ୍ରି ଅତିକ୍ରମ କରିଛି। ସେହିଭଳି ସୋନାଲିକା ଟ୍ରାକ୍ଟର ୨୦-୧୨୦ଏଚ୍‌ପିରେ ସବୁଠାରୁ ବ୍ୟାପକ ହେଭି ଡ୍ୟୁଟି ଟ୍ରାକ୍ଟର ରେଞ୍ଜ ଆରମ୍ଭ କରିଥିବାରୁ ଏହା ସମଗ୍ର କୃଷି ସମୁଦାୟକୁ ଗ୍ରହଣ କରିବା ପାଇଁ ସମର୍ଥନ କରି ଆସୁଛି। ବିଶେଷକରି ଟେକ୍ନୋଲୋଜିରେ ସମୃଦ୍ଧ ଏହି ଟ୍ରାକ୍ଟରଗୁଡ଼ିକ କୃଷକମାନଙ୍କୁ ସମସ୍ତ କୃଷି ସମ୍ବନ୍ଧିତ ଜଟିଳତାକୁ ଆରାମରେ ଅତିକ୍ରମ କରିବା ଲାଗି ଡିଜାଇନ କରାଯାଇଛି। ଏପରିକି ଟ୍ରାକ୍ଟର କିଣିବା ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବା ପାଇଁ କମ୍ପାନୀର ସମଗ୍ର ଟ୍ରାକ୍ଟର ମୂଲ୍ୟ ରେଞ୍ଜକୁ ଅଫିସିଆଲ ୱେବ୍‌ସାଇଟରେ ମଧ୍ୟ ଉଲ୍ଲେଖ କରାଯାଇଛି।

ଏ ସମ୍ପର୍କରେ ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର ଲିମିଟେଡ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ୨୦୨୩ ଜୁଲାଇରେ କମ୍ପାନୀ ମୋଟ ୧୦,୬୮୩ ଟ୍ରାକ୍ଟର ବିକ୍ରି କରିବାରେ ସକ୍ଷମ ହୋଇଛି। ଏପରିକି ୧୪% ଘରୋଇ ଅଭିବୃଦ୍ଧି ସହ ଆମେ ଶିଳ୍ପ ଅଭିବୃଦ୍ଧି (ଆନୁମାନିକ ୬.୪%)କୁ ପଛରେ ପକାଇଛୁ ଏବଂ ୨୦୨୩ ଏପ୍ରିଲରୁ ଜୁଲାଇ ମଧ୍ୟରେ କ୍ରମାଗତ ୪ମାସ ଲାଗି ୫୦,୦୦୦ ଟ୍ରାକ୍ଟର ବିକ୍ରି ଅତିକ୍ରମ କରିଛୁ। ବିଶେଷକରି ବ୍ରାଣ୍ଡ ପାଇଁ ଏଭଳି ଭଲପାଇବା ଆମକୁ ପ୍ରତ୍ୟେକଥର ଶ୍ରେଷ୍ଠଠାରୁ ଆହୁରି ସର୍ବଶ୍ରେଷ୍ଠ ହେବା ଏବଂ ଭାରତୀୟ କୃଷକଙ୍କର ଆଞ୍ଚଳିକ ଆବଶ୍ୟକତା ଅନୁଯାୟୀ ଦ୍ରୁତଭାବେ ଅତ୍ୟାଧୁନିକ କୃଷି ଟେକ୍ନୋଲୋଜି ପ୍ରସ୍ତୁତ କରିବା ଲାଗି ଅନୁପ୍ରାଣିତ କରୁଛି।

# ଓସିଏସ୍ ଫଳାଫଳରେ ବାଜିରାଓର ବାଜିମାତ୍

ଭୁବନେଶ୍ୱର,୪।୮

## ୧୨୦ରୁ ଅଧିକ ଛାତ୍ରୀଛାତ୍ର କୃତକାର୍ଯ୍ୟ

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବାଜିରାଓ ଆଇଏଏସ୍ ଏକାଡେମୀ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷା ଫଳାଫଳରେ ବାଜିମାତ୍ କରିଛି। ଏକାଡେମୀର ୧୨୦ରୁ ଅଧିକ ଛାତ୍ରୀଛାତ୍ର ଓସିଏସ୍ ଫଳାଫଳରେ କୃତକାର୍ଯ୍ୟ ହୋଇଛନ୍ତି। ବିଶେଷକରି ଏକାଡେମୀର ଛାତ୍ରୀ ବୈଶାଖୀ ଲେଙ୍କା, ମଧୁସ୍ମିତା ସାମଲ, ସ୍ୱାଗତିକା ମହାନ୍ତି, ସୌମ୍ୟ ଶୁଭମ ପାଣି, ବିନ୍ଧ୍ୟବଳୟ ରାଉତରାୟ ଏବଂ ପ୍ରତୀକ କର ଶ୍ରେଷ୍ଠ ୨୦ତମ ସ୍ଥାନରେ ରହିଛନ୍ତି। ଏ ସମ୍ପର୍କରେ ବାଜିରାଓ ଆଇଏଏସ୍ ଏକାଡେମୀର ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି, ଏକାଡେମୀରେ ଉଭୟ ଭାରତୀୟ ଓ ଓଡ଼ିଶା ପ୍ରଶାସନିକ ସେବା ପାଇଁ ଛାତ୍ରୀଛାତ୍ରମାନେ କୋଚିଂ ନେଉଛନ୍ତି। ଏପରିକି ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନର ସଫଳତା ପାଇଁ ଶୁଭକାମନା କରୁଛି। ଉଲ୍ଲେଖଯୋଗ୍ୟ, ଏକାଡେମୀରେ ଉଭୟ ଭାରତୀୟ ଓ ଓଡ଼ିଶା ପ୍ରଶାସନିକ ସେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ସହ ଉପଯୁକ୍ତ ମାର୍ଗଦର୍ଶନ ଅଭିଜ୍ଞ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା କରାଯାଉଛି। ସେହିଭଳି ଓସିଏସ୍‌ରେ ସଫଳତା ହାସଲ କରିଥିବା ସମସ୍ତ କୃତୀ ଛାତ୍ରୀଛାତ୍ର ଏକାଡେମୀର ସହଯୋଗ ଓ ଶିକ୍ଷାଦାନକୁ ଭୂୟସୀ ପ୍ରଶଂସ କରିବା ସହ ଧନ୍ୟବାଦ ଜଣାଇଛନ୍ତି।

## ଫୁର୍‌ସତ୍

# ସିଗାରେଟ୍‌ରେ ରହିବ ସ୍ୱାସ୍ଥ୍ୟ ସତର୍କତା

ଅଟାୱା




## ପ୍ରଥମ ଦେଶ ଭାବେ କାନାଡ଼ାର ପ୍ରୟାସ

ସିଗାରେଟ୍ ସହିତ ବିଭିନ୍ନ ପ୍ରକାରର ନିଶାଦ୍ରବ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ତାହା ଜାଣି ମଧ୍ୟ ଲୋକେ ତାକୁ ଆରାମରେ ଖାଇଥାନ୍ତି। ତେବେ ଏହାର ପ୍ରତିକାର ପାଇଁ କାନାଡ଼ା ଏକ ପ୍ରୟାସ ଆରମ୍ଭ କରିଛି। ସିଗାରେଟ୍ ଉପରେ ସ୍ୱାସ୍ଥ୍ୟ ଚେତାବନୀ ଦେଉଥିବା କାନାଡ଼ା ପ୍ରଥମ ଦେଶ ହୋଇ ଇତିହାସ ସୃଷ୍ଟି କରିବାକୁ ଯାଉଛି। ବିଶ୍ୱର ନୋ ତମାଖୁ ଦିବସରେ ଦେଶର ମାନସିକ ସ୍ୱାସ୍ଥ୍ୟ ଏବଂ ଅବକାରୀ ମନ୍ତ୍ରୀ କାରୋଲିନ୍ ବେନେଟ୍ ଏହି ଘୋଷଣା କରିଛନ୍ତି। ଧୂମପାନ କରୁଥିବା ଲୋକ ଧୂମପାନ ତ୍ୟାଗ କରିବା, ତମାଖୁକୁ କମ୍ ଆକର୍ଷଣ କରିବାକୁ ଏହି ନୂତନ ନିୟମ କାନାଡ଼ା ଯୋଜନାର ଏକ ଅଂଶ। ନୂତନ ନିୟମ ଅନୁସାରେ, ବ୍ୟକ୍ତିଗତ ସିଗାରେଟ୍, ଛୋଟ ସିଗାରେଟ୍ ଟ୍ୟୁବ୍ ଏବଂ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟର ଫିଲ୍ଟରର ବାହ୍ୟ କାଗଜରେ ସ୍ୱାସ୍ଥ୍ୟ ଚେତାବନୀକୁ ହାତଛଡ଼ା କରିବା ଅସମ୍ଭବ ହୋଇପଡ଼ିବ। ସେଥିରେ ଚେତାବନୀ ଭାବେ 'ସିଗାରେଟ କଜ୍ କ୍ୟାନ୍‌ସର' କିମ୍ବା 'ପ୍ରତ୍ୟେକ ପଫ୍‌ରେ ବିଷ' ବୋଲି ଲେଖାରହିବ। ଏହି ନିୟମ ଚଳିତବର୍ଷ ଅଗଷ୍ଟ ପହିଲାରୁ ଆରମ୍ଭ ହୋଇଥିବାବେଳେ ବର୍ଷକ ମଧ୍ୟରେ ପର୍ଯ୍ୟାୟକ୍ରମେ ଗଢାଯିବ। ୨୦୨୪ ଏପ୍ରିଲ ଶେଷସୁଦ୍ଧା କାନାଡାର ଖୁଚୁରା ବ୍ୟବସାୟୀମାନେ ନୂତନ ସ୍ୱାସ୍ଥ୍ୟ ବାର୍ତ୍ତା ବହନ କରୁଥିବା ତମାଖୁ ପ୍ୟାକେଟ୍ ସହିତ ତମାଖୁ ଉତ୍ପାଦ ବିକ୍ରି କରିବେ। ୨୦୨୪ ଜୁଲାଇ ସୁଦ୍ଧା ଏହା କାନାଡ଼ାର ସମସ୍ତ ସେଲରେ ପହଞ୍ଚିବ। ପ୍ରତିବର୍ଷ କାନାଡ଼ାର ୪୮ ହଜାର ଲୋକ ତମାଖୁ ପାଇଁ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ନିୟମ ଫଳରେ କାନାଡ଼ାର ଲୋକେ ଏଥିପ୍ରତି ସଚେତନତା ଅବଲମ୍ବନ କରିବେ ବୋଲି ଆଶା ରଖାଯାଇଛି।

# ବହୁଦିନର ଇଚ୍ଛା ପୂରଣକଲେ ଦୀପିକା



ପ୍ରଭାସ

**ମୁମ୍ବାଇ:** ନିକଟରେ ଏକ ସାକ୍ଷାତ୍‌କାରରେ ପ୍ରଭାସଙ୍କ ବହୁ ଦିନର ଇଚ୍ଛାକୁ ଅଭିନେତ୍ରୀ ଦୀପିକା ପାଦୁକୋନ ପୂରଣ କରିଥିବା କହିଛନ୍ତି। ଫିଲ୍ମ 'କଲ୍‌କୀ ୨୮୨୯ଏଡି'ରେ ପ୍ରଥମ ଥର ପାଇଁ ବଲିଉଡ୍‌ର ଡିମ୍ପଲ ଗର୍ଲ ଦୀପିକା ଓ ସାଉଥ ସୁପରଷ୍ଟାର ପ୍ରଭାସଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବ। ନାଗ ଅଶ୍ୱିନୀ କରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବିଗ୍ ବି ଅମିତାଭ ବଚ୍ଚନଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏଗି ମୁଭି ୪୦୦ କୋଟି ଟଙ୍କା ବଜେଟ୍‌ରେ ପ୍ରସ୍ତୁତ ହେବ ବୋଲି ଜଣାପଡ଼ିଛି। ତେବେ ଏହି ସାକ୍ଷାତ୍‌କାରରେ ପ୍ରଭାସ କହିଛନ୍ତି, ଦୀପିକା ହେଉଛନ୍ତି ବଡ଼ ସୁପରଷ୍ଟାର। ସେ ସର୍ବଭାରତୀୟ ସ୍ତରରେ ମଧ୍ୟ ବିଖ୍ୟାତ। ତାଙ୍କ ଭିତରେ ବହୁ ପ୍ରତିଭା ରହିଛି। ଦୀପିକାଙ୍କ ସହ ଅଭିନୟ କରିବାକୁ ସେ ଅଧିକ ପରିଶ୍ରମ କରୁଥିଲେ। ସେ ଦୀପିକାଙ୍କୁ ଖୁବ୍ ଭଲ ପାଆନ୍ତି। ଦୀପିକା ତାଙ୍କ ସହ ଏହି ସିନେମା କରିବାକୁ ରାଜି ହୋଇ ତାଙ୍କ ବହୁ ଦିନର ଇଚ୍ଛା ପୂରଣ କରିଥିବା ପ୍ରଭାସ କହିଥିଲେ। ତେବେ ପ୍ରଭାସ ୨୦୦୨ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଅନେକ ସାଉଥ୍ ମୁଭି କରି ପ୍ରଶଂସା ସାଉଁଟିଛନ୍ତି। ନିକଟରେ ତାଙ୍କୁ ଚଳଚ୍ଚିତ୍ର 'ଆଦିପୁରୁଷ'ରେ ରାମଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା।

# ଗୋଲାପି ତାବୁତ୍‌ର କ୍ରେଜ୍



ୱାଶିଂଟନ

ଅନେକ ସମୟରେ ବାର୍ବିକୁ ନେଇ ଲୋକଙ୍କ ମଧ୍ୟରେ ଅନେକ କ୍ରେଜ ଦେଖିବାକୁ ମିଳିଥାଏ। କିଛି ଲୋକ ବାର୍ବି ଥିମ୍‌କୁ ନେଇ ନିଜ ଘରକୁ ସଜାଇଥିବା ଦେଖିବାକୁ ମିଳିଛି। ନିକଟରେ ଫିଲ୍ମ 'ବାର୍ବି' ରିଲିଜ୍ ହେବାରୁ ଏହାର କ୍ରେଜ୍ ଅଧିକ ବଢ଼ିଯାଇଛି। ଏହାର ଡିମାଣ୍ଡକୁ ଦେଖି ବିକ୍ରେତା ବାର୍ବି ଥିମ୍‌ର ତାବୁତ୍ ମଧ୍ୟ ତିଆରି କରୁଛନ୍ତି। ଲୋକେ ତାଙ୍କ ଆତ୍ମୀୟଙ୍କ ସଂସ୍କାର ପାଇଁ ମଧ୍ୟ ଏହି ବାର୍ବି ଥିମ୍‌ର ତାବୁତ୍ କିଣିବାକୁ ଅଧିକାଂଶ ଅର୍ଡର ମଧ୍ୟ ଦେଉଛନ୍ତି। ରିପୋର୍ଟ ମୁତାବକ, ବଲିଉଡ୍ ଅଭିନେତା, ସ୍କ୍ରିନ ରାଇଟର, ଡାଇରେକ୍ଟର ଗ୍ରେଟା ଗେରବିଗ୍‌ଙ୍କ 'ବାର୍ବି' ଫିଲ୍ମ ଆସିବା ପରେ ଲୋକଙ୍କ ପାଖରେ ଏହାର କ୍ରେଜ୍ ଅଧିକ ଦେଖିବାକୁ ମିଳିଛି। ଲୋକେ ବାର୍ବି ପ୍ରତି ନିଜର କ୍ରେଜ୍‌କୁ ବଞ୍ଚାଇ ରଖିବା ସହ ମରିବା ପରେ ମଧ୍ୟ ତାହା ବଜାୟ ରଖିବାକୁ ପସନ୍ଦ କରୁଛନ୍ତି। ଏହି ଗୋଲାପି ରଙ୍ଗର ତାବୁତ୍‌ର ପ୍ରଚାର କରିବା ସମୟରେ ସେମାନେ କହୁଛନ୍ତି, ଏହା ଆକର୍ଷଣୀୟ ରଙ୍ଗ ସହ ସେହି ଅବିସ୍ମରଣୀୟ ମୁହୂର୍ତ୍ତର ଆନନ୍ଦ, ଶକ୍ତିକୁ ଦର୍ଶାଇଥାଏ, ଯାହା ସେମାନେ ତାଙ୍କ ଜୀବନରେ କରିଥିଲେ। ଏହା ଏକ ଅବସୋସ ଯାହା କାହାଣୀ ମନେ ରଖିବା ଯୋଗ୍ୟ ଏବଂ ଏହାକୁ ରଙ୍ଗର ସହ ବିତାଇବା ଉଚିତ। ଏହାଛଡ଼ା ଓଲିବରେଶ ଫ୍ୟୁନେରାଲ ହୋମ୍ ନାମକ ଏକ କମ୍ପାନୀ ନିଜର 'ବାର୍ବି ହାଉସ୍' ତାବୁତର ପ୍ରଚାର କହିଛି, ଆପଣ ବାର୍ବି ଭଳି ଏହି ତାବୁତ୍‌ରେ ଆରାମ ମଧ୍ୟ କରିପାରିବେ। ମେକ୍ସିକୋ, ଏଲ୍ ସାଲ୍‌ଭାଡର ଏବଂ ଆମେରିକାର ଅନେକ କମ୍ପାନୀ ଏପରି ଗୋଲାପି ତାବୁତ୍ ତିଆରି କରୁଛି। ଏଥିସହ ସେମାନେ ଏହି ଗୋଲାପି ରଙ୍ଗର ତାବୁତ୍ ପାଇଁ ମଧ୍ୟ ୩୦-୪୦ ପ୍ରତିଶତ ଡିସ୍‌କାଉଣ୍ଟ ରଖୁଛନ୍ତି।

# ଘର ବିକି ପ୍ଲାଷ୍ଟିକ୍ ସର୍ଜରି କଲେ

ଫୋଇନିକ୍ସ



ସୁନ୍ଦର ଦେଖାଯିବାକୁ କିଏ ବା ନ ଚାହେଁ। ସେଥିପାଇଁ ଅନେକେ ଟଙ୍କା ଖର୍ଚ୍ଚ କରୁଥିବା ଦେଖିବାକୁ ମଧ୍ୟ ମିଳୁଛି। ନିକଟରେ ଜଣେ ୫୦ ବର୍ଷୀୟା ସବୁଦିନ ପାଇଁ ଯୁବା ଦେଖାଯିବାକୁ ନିଜ ଘର ବିକି ଦେଇଥିବା ଜଣାପଡ଼ିଛି। ଏରିଜୋନାର ବାସିନ୍ଦା କେଲି ବେସ୍ଲି ତାଙ୍କ ପ୍ଲାଷ୍ଟିକ ସର୍ଜରି ପାଇଁ ୧୪ ହଜାର ଡଲାର ଅର୍ଥାତ୍ ୧୧ ଲକ୍ଷ ଟଙ୍କା ଯୋଗାଡ କରିବାକୁ ଯାଇ ତାଙ୍କ ୩ଟି ବେଡରୁମ୍ ଥିବା ଘର ବିକ୍ରି କରିଦେଇଛନ୍ତି। ତାଙ୍କ ଚେହେରାକୁ ସେ ସୁନ୍ଦର ଦେଖିବାକୁ ଚାହୁଁଥିଲେ। ସେଥିପାଇଁ ସେ ତାଙ୍କ ଘର ବିକ୍ରି କରିବାକୁ ନିଷ୍ପତ୍ତି ନେଲେ। ପ୍ଲାଷ୍ଟିକ୍ ସର୍ଜରି କରିବା ପରେ ତାଙ୍କୁ ଏକ ସୁନ୍ଦର ଚେହେରା ମିଳିଗଲା। ତେବେ ସେ ପ୍ଲାଷ୍ଟିକ ସର୍ଜରିକୁ ଉପଦେଶ ଦେବା ସହ ତାକୁ ନେଇ ଲୋକେ ଗର୍ବ କରନ୍ତୁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସେ ୧୫ ବର୍ଷ ବୟସରୁ ହିଁ ଏକ ଇଞ୍ଜେକ୍ସନ ନେବା ଆରମ୍ଭ କରିଥିଲେ, ଯାହା ଫଳରେ ତାଙ୍କ ଚେହେରାର ସୁନ୍ଦରତା ବଜାୟ ରହିବ। ହେଲେ ସେଥିରେ ସେ ସନ୍ତୁଷ୍ଟ ନ ହେବାରୁ ପ୍ଲାଷ୍ଟିକ ସର୍ଜରି କରିବାକୁ ନିଷ୍ପତ୍ତି ନେଇଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଅଗଷ୍ଟ ୫/୨୦୨୩ Bhubaneswar, Saturday, August 5/ 2023


# ଓଡ଼ିଶାରୁ ଭାଗନେବେ ୨୮ ପ୍ରତିଯୋଗୀ



ଜାତୀୟ ଜୁନିୟର ଉଷୁ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

## ଜାତୀୟ ଜୁନିୟର ଉଷୁ

ଭୁବନେଶ୍ୱର, ୪।୮

(ତପନ ସ୍ୱାଇଁ)

ବିହାରର ପାଟନାସ୍ଥିତ କଙ୍କରବାଗ୍ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୬ରୁ ୧୧ ପର୍ଯ୍ୟନ୍ତ ୨୨ତମ ଜାତୀୟ ଜୁନିୟର ଉଷୁ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୨୮ ପ୍ରତିଯୋଗୀଙ୍କ ସମେତ ମୋଟ ୩୬ ଜଣିଆ ପ୍ରତିନିଧି ଦଳ ଅଂଶଗ୍ରହଣ କରିବ। ଏହା ମଧ୍ୟରେ ୪ ଅଫିସିଆଲ୍ସ ଓ ୪ ଜାତୀୟ ଓ ଅନ୍ତର୍ଜାତୀୟ ଜଜ୍ ସାମିଲ। ଅନ୍ତର୍ଜାତୀୟ ଜଜ୍ ସୁଧାଂଶୁ ଶେଖର ହରିଚନ୍ଦନଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଶନିବାର ବିହାର ଯାତ୍ରା କରିବ। ଏହି ଦଳରେ ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରା, ଜାତୀୟ ଜଜ୍ ଅନୁରାଧା ଦୋରା ଓ ପୃଥ୍ୱୀରାଜ ହରିଚନ୍ଦନ, ଟିମ୍ ମ୍ୟାନେଜର ସୁସ୍ମିତ କୁମାର ପଣ୍ଡା ଓ ସନାତନ ଦେହୁରି ଏବଂ କୋଚ୍ ପଙ୍କଜ ମହନ୍ତ ଓ ସୁଜନ ରଥ ସାମିଲ ରହିବେ। **ଓଡ଼ିଶା ପ୍ରତିଯୋଗୀ:** ମଦନ ମୁଣ୍ଡା, ପ୍ରେମ୍ ମୁଣ୍ଡା, ରାଜକୁମାର ମୁଣ୍ଡା, ପର୍ବିଲ ମୁଣ୍ଡା, ଜ୍ଞାନରଞ୍ଜନ ମହାନ୍ତି, ସାଇ ସାର୍ଥକ ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟପ୍ରକାଶ ମହାନ୍ତି, ଅଂଶ ଶୁକ୍ଳା, ପ୍ରତୀକ କୁମାର ମହାପାତ୍ର (ସମସ୍ତେ ପୁରୁଷ ସାଣ୍ଡା), ସୁମିତ୍ରା ମୁଣ୍ଡା, ଶ୍ୱେତାରାଣୀ ମହନ୍ତୋ, ସାବିତ୍ରୀ ଗୁପ୍ତା, ଅନିଶା ମିଶ୍ର, ପରୀ ମିତ୍ତଲ (ସମସ୍ତେ ମହିଳା ସାଣ୍ଡା), ଆଶୁତୋଷ ମହାରଣା, ଲମ୍ବୋଦର ମାଝି (ଉଭୟେ ପୁରୁଷ ରେଗୁଲାର ଟାଓଲୁ), ସମୃଦ୍ଧି (ମହିଳା ରେଗୁଲାର ଟାଓଲୁ), ରାହୁଲ ଘଡ଼େଇ, ଆଶିଷ ସାମନ୍ତ, ପୀୟୂଷ ଭରଦ୍ୱାଜ (ସମସ୍ତେ ପୁରୁଷ ଟ୍ରାଡିଶନାଲ ଟାଓଲୁ), ପାୟଲ ପଟ୍ଟନାୟକ, ନୂପୁର ପଟ୍ଟନାୟକ (ଉଭୟେ ମହିଳା ଟ୍ରାଡିଶନାଲ ଟାଓଲୁ), ବାବୁଲା ମୁଣ୍ଡା, ଅଭିଷେକ ମହାରଣା, ଆଲୋକ ମେହେର, ସାଇ ସମର୍ଥ ଭଟ୍ଟାଚାର୍ଯ୍ୟ (ସମସ୍ତେ ୟୁଥ୍ ପୁରୁଷ ସାଣ୍ଡା), ଯଶୋଦା ପୂର୍ତ୍ତି ଓ ସୋନାଲିସା ଦେହୁରୀ (ଉଭୟେ ୟୁଥ୍ ମହିଳା ସାଣ୍ଡା)।

# ଅନ୍ତର୍ଜାତୀୟ କ୍ରିକେଟରୁ ହେଲ୍ସଙ୍କ ଅବସର

**ଲଣ୍ଡନ, ୪।୮(ପି.ଟି.):** ଇଂଲଣ୍ଡର ବିସ୍ଫୋରକ ଓପନିଂ ବ୍ୟାଟର ଆଲେକ୍ସ ହେଲ୍ସ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୨୦୧୧ ଅଗଷ୍ଟରେ ମାଞ୍ଚେଷ୍ଟରରେ ଭାରତ ବିପକ୍ଷ ଏକ ଅନ୍ତର୍ଜାତୀୟ ଟି୨୦ ଖେଳି ଆଲେକ୍ସ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଇଂଲଣ୍ଡ ତରଫରୁ ୧୧ ଟେଷ୍ଟ, ୭୦ ଅନ୍ତର୍ଜାତୀୟ ଦିନିକିଆ ଏବଂ ୭୫ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଘଟଣାକ୍ରମେ ହେଲ୍ସ ଭାରତ ବିପକ୍ଷରେ ମଧ୍ୟ ତାଙ୍କ ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଅଷ୍ଟ୍ରେଲିଆରେ ୨୦୨୨ରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ସେ ୪୭ ବଲ୍‌ରେ ୮୬ (୪ ଚୌକା ଓ ୭ ଛକା) ରନ କରି ଅପରାଜିତ ରହିଥିଲେ। ଆଡିଲେଡ୍‌ଠାରେ ୧୬୯ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ହେଲ୍ସ ଓ ଜୋସ୍ ବଟଲର (୮୦ ନଟ୍‌ଆଉଟ)ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଇଂଲଣ୍ଡ ୧୦ ଉଇକେଟରେ ବିଜୟ ଲାଭ କରିଥିଲା।


କୋଷ୍ଠକାଠିନ୍ୟର ସମାଧାନ
9119788888





# ସାନିଆ-ଶୋଏବଙ୍କୁ ନେଇ ପୁଣି କଳ୍ପନାଜଳ୍ପନା

ମୁମ୍ବାଇ, ୪।୮(ପି.ଟି.)

ସେଲିବ୍ରିଟି ଦମ୍ପତି ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ଓ ପାକିସ୍ତାନୀ କ୍ରିକେଟର ଶୋଏବ ମଲିକଙ୍କୁ ନେଇ ପୁଣି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଉଭୟଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଯାହା ଦେଖିବାକୁ ମିଳୁଛି ସେମାନଙ୍କ ଦାମ୍ପତ୍ୟ ଜୀବନରେ ଫାଟ ଦେଖାଦେଇଥିବା ଅନୁମାନ କରାଯାଉଛି। ଦୁଇ ଜଣାଶୁଣା ଆଥ୍‌ଲେଟଙ୍କ ମଧ୍ୟରେ ବିବାହ ବେଳେ ଦୁଇ ଆଥ୍‌ଲେଟଙ୍କୁ ଏକତ୍ରିତ ପାକିସ୍ତାନୀ ରିୟାଲିଟି ଟିଭି ଶୋ' 'ଦି ମିର୍ଜା ମଲିକ ଶୋ' ରେ ଦେଖିବାକୁ ମିଳିଥିଲା। ଏଥିରେ ସେମାନେ ଉପସ୍ଥାପକ ଭାବେ ପାକିସ୍ତାନୀ ସେଲିବ୍ରିଟିଙ୍କ ସାକ୍ଷାତକାର ନେଉଥିଲେ। ସାନିଆ-ଶୋଏବଙ୍କର ଇଜ୍‌ହାନ ମଲିକ ନାମକ ପୁତ୍ର ସନ୍ତାନ ରହିଛି, ଯିଏକି ୨୦୧୮ରେ ଜନ୍ମଗ୍ରହଣ କରିଥିଲେ। ୪୧ ବର୍ଷୀୟ ପାକିସ୍ତାନୀ ଅଲରାଉଣ୍ଡର ତାଙ୍କ



ଶୋଏବ ମଲିକ ଓ ସାନିଆ ମିର୍ଜା।

ବିଚ୍ଛେଦ ଘଟିଥିବା ଗତବର୍ଷ ଗୁଜବ ଉଠିଥିଲା। ସୋସିଆଲ ମିଡିଆରେ ଏହା ଆଲୋଚନାର ବିଷୟ ପାଲଟିଯାଇଥିଲା। କିନ୍ତୁ ଦୁଇ ଆଥ୍‌ଲେଟ ଏହି ପ୍ରସଙ୍ଗରେ କିଛି ହେଲେ ସାର୍ବଜନୀନ କରି ନ ଥିଲେ। ସାନିଆ ଓ ଶୋଏବ ୨୦୧୦ରେ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ଦୁଇ ଦେଶରେ ରହିଥିବା ସମର୍ଥକଙ୍କ ସେମାନଙ୍କ ଉପରେ ନଜର ରହିଥିଲା। ସେମାନଙ୍କ ବୈବାହିକ ଜୀବନ ବେଶିଦିନ ତିଷ୍ଠି ରହିବ କି ନା ସେ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଛାଡ଼ପତ୍ର ନେଇ ହଲ୍ଲଗୁଲ୍ଲା ଚାଲିଥିବା ଇନ୍‌ଷ୍ଟାଗ୍ରାମ ବାୟୋ ସନ୍ଦର୍ଭରୁ 'ହଜ୍‌ବ୍ୟାଣ୍ଡ ଟୁ ଏ ସୁପର ଓମ୍ୟାନ ସାନିଆ ମିର୍ଜା' ଶୀର୍ଷକକୁ ହଟାଇ ଦେଇଛନ୍ତି। ଏହା ବଦଳରେ 'ଫାଦର ଟୁ ୱାନ ଟ୍ରୁ ବ୍ଲେଶିଂ' ସ୍ଥାନ ପାଇଛି। ୩୬ ବର୍ଷୀୟା ସାନିଆ ଗତ ମାର୍ଚ୍ଚରେ ହାଇଦ୍ରାବାଦରେ ଏକ ପ୍ରଦର୍ଶନୀ ମ୍ୟାଚ ସହ ଟେନିସ୍‌ରୁ ଅବସର ନେଇଛନ୍ତି। ସେ ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରୁ ମଲିକଙ୍କ ଫଟୋକୁ ଡିଲିଟ୍ କରିଦେଇଛନ୍ତି। ଏହା ବ୍ୟକ୍ତିଗତ ହୋଇଥିବାରୁ ସେମାନେ ପୃଥକ କିମ୍ବା ମିଳିତ ଭାବେ କୌଣସି ବିବୃତି ଦେବା ଉଚିତ ହେବ ନାହିଁ ବୋଲି ମନେକରନ୍ତି।

# ସିଙ୍ଗଲ୍ସ, ମିକ୍ସଡ ଡବଲ୍ସ ସେମିରେ ପ୍ରମୋଦ

**ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ):** ଇଂଲଣ୍ଡର ଶେଫିଲ୍ଡଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ପ୍ରମୋଦ ଓ ମନିଷା ରାମଦାସ ଯୋଡି କ୍ୱାର୍ଟର ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ଲୁକାସ ମାଜୁର ଓ ଫୌଷ୍ଟିନେ ନୋଏଲଙ୍କୁ ୨୧-୧୭, ୨୧-୧୪ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ସେମିରେ ଏମାନେ ଅନ୍ୟତମ ଭାରତୀୟ ଯୋଡ଼ି ରୁଥିକ ରଗୁପଥି ଓ ମାନସି ଜୋଶୀଙ୍କୁ ଭେଟିବେ। ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରମୋଦ ନିଜ ଦେଶର ନେହାଲ ଗୁପ୍ତାଙ୍କୁ ୨୧-୧୮,୨୧-୧୮ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ନିଜ ଦେଶର ନିତେଶ କୁମାରଙ୍କୁ ଭେଟିବେ।

# ସ୍ଲୋ ଓଭର-ରେଟ୍: ଭାରତ, ୱେଷ୍ଟଇଣ୍ଡିଜକୁ ଜରିମାନା

**ଦୁବାଇ,୪।୮(ପି.ଟି.):** ତ୍ରିନିଦାଦର ତାରୋବାଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ଏକ ସ୍ଲୋ ଓଭର-ରେଟ୍ ପାଇଁ ଉଭୟ ଭାରତ ଓ ୱେଷ୍ଟଇଣ୍ଡିଜକୁ ଜରିମାନା କରାଯାଇଛି। ଗୁରୁବାର ରାତିରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛୁଆ ରହିଥିବାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଭାରତକୁ ମ୍ୟାଚ ଫି'ର ୫ ପ୍ରତିଶତ, ଅନ୍ୟପକ୍ଷରେ ୨ ଓଭର ପଛୁଆ ପାଇଁ ୱେଷ୍ଟଇଣ୍ଡିଜକୁ ମ୍ୟାଚ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ମ୍ୟାଚ ରେଫରି ରିଚି ରିଚାର୍ଡସନ ଆଇସିସି ଆଚରଣବିଧି ଅନୁସାରେ ଏହି ଦଣ୍ଡ ବିଧାନ କରିଛନ୍ତି।

# ଭାରତ-ଜାପାନ ମ୍ୟାଚ ଡ୍ର

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଚେନ୍ନାଇ, ୪।୮

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଶୁକ୍ରବାର ଅନୁଷ୍ଠିତ ଭାରତ-ଜାପାନ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ଜାପାନ ପକ୍ଷରୁ କେନ୍ ନାଗାୟୋଶି ୨୮ତମ ମିନିଟରେ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ ଗୋଲରେ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟରର ଶେଷ ଭାଗରେ ଅର୍ଥାତ୍ ମ୍ୟାଚର ୪୩ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରି ଅଧିନାୟକ ହରମନପ୍ରୀତ ସିଂ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଭାରତ ୨ ମ୍ୟାଚରୁ ୪ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚରେ ଘରୋଇ ଦଳ ୭-୨ ଗୋଲରେ ଚାଇନାକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ କୋରିଆଠାରୁ ୧-୨ ଗୋଲରେ ହାରିଥିବା ଜାପାନ ପଏଣ୍ଟ ଖାତା ଖୋଲିଛି।

# ପଏଣ୍ଟ ଭାଗକଲେ ପାକିସ୍ତାନ-କୋରିଆ

ପାକିସ୍ତାନ ଓ କୋରିଆ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ନିଜର ପ୍ରଥମ ମ୍ୟାଚରେ ପରାଜିତ ହୋଇଥିବା ପାକିସ୍ତାନ ପଏଣ୍ଟ ଖାତା ଖୋଲିଛି। ୧୮ତମ ମିନିଟରେ ଅବଦୁଲ ସାହିଦ ଏକ ଫିଲ୍ଡ ଗୋଲ ଦେଇ ପାକିସ୍ତାନକୁ ୧-୦ରେ ଅଗ୍ରଣୀ କରିଥିଲେ। ୫୩ତମ ମିନିଟରେ ପାକିସ୍ତାନ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ କୋରିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାର ସଦୁପଯୋଗ କରି ୟାଙ୍ଗ୍ ଜିହୁନ୍ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ।



ପାକିସ୍ତାନ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ମାଲେସିଆର ଦ୍ୱିତୀୟ ବିଜୟ

ମାଲେସିଆ ୫-୧ ଗୋଲରେ ଚାଇନାକୁ ପରାସ୍ତ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଏହି ଦଳ ୬ ପଏଣ୍ଟରେ ପହଞ୍ଚିଛି। ୪ର୍ଥ ମିନିଟରେ ଚାଇନାର ଚେନ୍ ଚୋଙ୍ଗକଙ୍ଗ୍ ଗୋଲ୍ ଦେଇଥିଲେ। ମାଲେସିଆର ଅବୁ କମଲ ଅଜରାଇ ୧୫ ଓ ୪୫ତମ ମିନିଟରେ ୨ଟି ଏବଂ ଫୈଜଲ ବିନ୍ ସାରି ୧୧, ମହମ୍ମଦ ଫିରହାନ ଅସାରି ୪୯ ଓ ନଜମି ଜଜଲନ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୫/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, August 5/2023 Page 20 ₹ 7.00 SAMBALPUR



**କରିନାଙ୍କ ବଡ଼ ପ୍ରଶଂସକ ଥିଲେ ସାରା**

ଫିଲ୍ମ 'କଭି ଖୁସି କଭି ଗମ୍'ରେ କରିନା କପୁରଙ୍କ ଅଭିନୟ ପାଇଁ ସାରା ଅଲ୍ଲି ଖାନ୍ ଛୋଟବେଳେ ତାଙ୍କର ବଡ଼ ପ୍ରଶଂସକ ଥିଲେ।

୦୨

୦୮

**ଅମ୍ଲାନଙ୍କୁ ବ୍ରୋଞ୍ଜ ପଦକ**

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ପ୍ରଥମ ଭାରତୀୟ ପୁରୁଷ ଆଥଲେଟ୍‌ଭାବେ ଅମ୍ଲାନ ବୋରଗୋହେନ ଆଥଲେଟିକ୍ସ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।



# ରଥଯାତ୍ରାରେ ରତ୍ନଭଣ୍ଡାର ଖୋଲିବାକୁ ସୁପାରିସ

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

- ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଅନୁରୋଧ
- ବୁଧବାର ହେବ ବନକଲାଗି ନୀତି
- ଏବେ ଖୋଲାଯିବନି ୪ ଦ୍ୱାର

ପୁରୀ,୪।୮ (ଅଜିତ ମହାନ୍ତି)

ଦୀର୍ଘବର୍ଷ ଧରି ବାଦବିବାଦ ଲାଗିରହିଥିବା ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗ ଉପରେ ଶେଷରେ ଆଶା ସଞ୍ଚାର ହୋଇଛି। ୨୦୨୪ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିପାରେ। ସେ ସମୟରେ ରତ୍ନଭଣ୍ଡାର ଭିତର ଅଂଶ ମରାମତି ହେବା ସହ ଭିତରର ସ୍ଥିତି ଅନୁଧ୍ୟାନ କରାଯିବା ନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଛି। ଆଗାମୀ ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ଦିଆଯିବ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରତ୍ନଭଣ୍ଡାର ଖୋଲାଯାଉ ବୋଲି ସରକାରଙ୍କୁ ଅନୁରୋଧ କରାଯିବ।

ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ପରେ ଦୁଇ ଦୁଇଥର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବାତିଲ ହେବା ପରେ ଶେଷରେ ଶୁକ୍ରବାର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବହୁଚର୍ଚ୍ଚିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ୨୦୨୪ ରଥଯାତ୍ରା ସମୟରେ ଖୋଲିବା ଏବଂ ମରାମତି ନେଇ ଆଲୋଚନା କରାଯାଇଛି। ସେହିପରି ବନକଲାଗି ନୀତି, ଶ୍ରୀମନ୍ଦିର ୪ଦ୍ୱାର ଖୋଲାଯିବା ପ୍ରସଙ୍ଗ, ସେବାୟତ ବାସଗୃହ ଓ ସେବାୟତ ଗୁରୁକୁଳ ଆଦି ବିଷୟ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୨୩ ରଥଯାତ୍ରା ସମୀକ୍ଷା ମଧ୍ୟ କରାଯାଇଥିଲା। ତେବେ ବହୁ ବର୍ଷ ପ୍ରତୀକ୍ଷାର ଏବେ ଅନ୍ତ ହେବାକୁ ଯାଉଛି। ୨୦୨୪ ରଥଯାତ୍ରା ସମୟରେ ଭିତର ରତ୍ନଭଣ୍ଡାର ଖୋଲାଯିବାର ବ୍ୟବସ୍ଥା କରାଯିବ। ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖାଯିବା ପରେ ଆଲୋଚନା ହୋଇ ରତ୍ନଭଣ୍ଡାର ଖୋଲାଯିବା ନେଇ ନିଷ୍ପତ୍ତି ହୋଇଛି। ତେବେ ଏହା ପୂର୍ବରୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ରତ୍ନଭଣ୍ଡାରର ସ୍ଥିତି ଯାଞ୍ଚ କରାଯିବ। ଏଏସ୍‌ଆଇ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଇଞ୍ଜିନିୟର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରାଯିବା ପରେ ରିପୋର୍ଟକୁ ଅନୁଧ୍ୟାନ କରି ସରକାରଙ୍କୁ ଅବଗତ କରାଯିବ। ତେବେ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବାରୁ ସେହି ସମୟ ହିଁ ରତ୍ନଭଣ୍ଡାର ଯାଞ୍ଚର ପ୍ରକୃଷ୍ଟ ସମୟ ବୋଲି ପରିଚାଳନା କମିଟିରେ ମତପ୍ରକାଶ ପାଇବା ପରେ ଏହି ନିଷ୍ପତ୍ତି ହୋଇଛି ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି।



ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ବର୍ମା କହିଥିଲେ, ପରିଚାଳନା ବୈଠକରେ ପ୍ରଥମେ ପୂର୍ବ ବୈଠକ ସମ୍ପର୍କରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ପରେ ସେବାୟତଙ୍କ ପାରମ୍ପରିକ କ୍ରୀଡ଼ା କୁସ୍ତିର ଉନ୍ନତି ପାଇଁ ☞ପୃଷ୍ଠା-୨

# ତରଳ ଲୁହା ପଡ଼ି ଜଣେ ମୃତ, ୭ ଗୁରୁତର

## ମୈଥାନ ଇସ୍ପାତରେ ଦୁର୍ଘଟଣା

ଯାଜପୁର/କଳିଙ୍ଗନଗର,୪।୮ (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ)



ଯାଜପୁର ଜିଲା କଳିଙ୍ଗନଗର ମୈଥାନ ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍‌ଟିଂ ଶପ(ଏସ୍‌ଏମ୍‌ଏସ୍)ରେ ଗୁରୁବାର ମଧ୍ୟରାତ୍ରିରେ ଦୁର୍ଘଟଣା ଘଟି ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନିତୀନ ଯାଦବ(୨୭)। ତାଙ୍କ ଘର ଉତ୍ତର ପ୍ରଦେଶରେ ବୋଲି ଜଣାପଡ଼ିଛି। ଏହାସହ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଶରୀର ୪୦%ରୁ ଅଧିକ ପୋଡ଼ି ଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଆହତମାନେ ହେଲେ ଭଦ୍ରକର ଧନେଶ୍ୱର ନାଏକ(୨୪), ଢେଙ୍କାନାଳର ଶ୍ୟାମ ସୁନ୍ଦର ନାଏକ(୩୩), ଅମୂଲ୍ୟ ଚଟମ୍ପା(୨୫) ଓ ପବିତ୍ର ସାହୁ(୨୫)। ଅନ୍ୟ ୩ ଜଣଙ୍କ ପରିଚୟ ମିଳି ପାରିନାହିଁ। ଆହତମାନଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ହେବାର ୧୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ସ୍ଥାନୀୟ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇ ନାହିଁ। ଏଥିରୁ ଦୁର୍ଘଟଣାକୁ ଚପାଇ ଦେବାକୁ କାରଖାନା କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ସନ୍ଦେହ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ମେସ୍କୋ ଗ୍ରୁପ୍ ପରିଚାଳିତ ମୈଥାନ ଇସ୍ପାତ କାରଖାନା ୨୦୧୯ ଫେବୃୟାରୀରୁ ବନ୍ଦ ପଡ଼ିଥିଲା। ୨୦୨୧ରେ ଏହାକୁ ଇନ୍ଦ୍ରାଣୀ ଗ୍ରୁପ କିଣିଥିଲା। ଦୀର୍ଘଦିନ ହେଲା କାରଖାନା ବନ୍ଦ ରହିଥିବାରୁ ପ୍ରାୟ ୬ ମାସ ଧରି କାରଖାନାର ମରାମତି କାର୍ଯ୍ୟ ହୋଇଥିଲା। ଗତ ପ୍ରାୟ ଦେଢ଼ ବର୍ଷ ହେବ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହୋଇଛି। ଘଟଣା ଦିନ ତରଳ ଗରମ ଲୁହାପଥର କ୍ରେନ ଯୋଗେ ପରିବହନ ହେଉଥିବା ସମୟରେ ହଠାତ୍ ତାହା ତଳେ କାମ କରୁଥିବା କର୍ମଚାରୀମାନଙ୍କ ଉପରେ ଖସିପଡ଼ିଥିଲା। ଏଥିରେ କର୍ମଚାରୀ ନିତୀନ ଯାଦବଙ୍କ ଶରୀର ସମ୍ପୂର୍ଣ୍ଣ ଜଳି ଯାଇଥିବାବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଖପାଖରେ କାମ କରୁଥିବା ସିଗ୍‌ନାଲ ମେନ୍, କ୍ରେନ ଅପରେଟର ପ୍ରମୁଖ ୭ ଜଣ କର୍ମଚାରୀ ଗୁରୁତର ହୋଇପଡ଼ିଥିଲେ। କାରଖାନା କର୍ତ୍ତୃପକ୍ଷ ରାତାରାତି ମୃତକ ଓ ଆହତମାନଙ୍କୁ କଟକ ନେଇଯାଇଥିଲେ। ଏ ସମ୍ପର୍କରେ କେହି କିଛି ଜାଣିପାରି ନ ଥିଲେ।

ସୂଚନାଯୋଗ୍ୟ ଯେ, କାରଖାନାରେ ଗରମ ଲୁହା ତରଳାଇ ଏକ କ୍ରେନ ସହାୟତାରେ ଲ୍ୟାଡେଲ ଯୋଗେ ନିଆଯାଇଥାଏ। ଏହି ସମୟରେ ହଠାତ କ୍ରେନର ଲ୍ୟାଡେଲ ଛିଣ୍ଡି ପଡ଼ିଥିଲା। ଦୀର୍ଘଦିନ ହେଲା ବନ୍ଦ ପଡ଼ଥିବା କାରଖାନାର ଏହି ଯନ୍ତ୍ରାଂଶଗୁଡ଼ିକ ଠିକ ଭାବେ ମରାମତି ହୋଇ ନ ଥିବାରୁ ଦୁର୍ବଳ ହୋଇଯାଇଥିଲା। ଫଳରେ ଏଭଳି ଦୁର୍ଘଟଣା ଘଟିଥିବା କେତେଜଣ କର୍ମଚାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଯଖପୁରା ଥାନା ☞ପୃଷ୍ଠା-୨







# ନାରୀ ସଶକ୍ତୀକରଣର ମୂର୍ତ୍ତିମନ୍ତ ପ୍ରତୀକ ନନ୍ଦିନୀ

ଭୁବନେଶ୍ୱର,୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

## ୧୩ଜଣଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'



ନନ୍ଦିନୀ ଶତପଥୀଙ୍କ ୧୭ତମ ଶ୍ରାଦ୍ଧୋତ୍ସବରେ ଶୁକ୍ରବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ' ପାଇଥିବା ବ୍ୟକ୍ତିତ୍ୱଙ୍କ ସହ ଅତିଥି ଓ ଅନ୍ୟମାନେ। **(ଫଟୋ-ମନୋରଞ୍ଜନ)**

ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଛାତ୍ରୀ ଜୀବନରୁ କମ୍ୟୁନିଷ୍ଟ ଚିନ୍ତାଧାରାରେ ପ୍ରଭାବିତ ହୋଇ ରେଭେନ୍ସା କଲେଜରେ ଛାତ୍ର ଆନ୍ଦୋଳନରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସରେ ଯୋଗଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅନ୍ତରଙ୍ଗ ସହଯୋଗୀ ପାଲଟିଯାଇଥିଲେ। ରାଜ୍ୟ ସଭାକୁ ନିର୍ବାଚିତ ହେବା ସହ କେନ୍ଦ୍ର ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନା କରିଥିଲେ। ଏହାପରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ଜଣେ ଦକ୍ଷ ପ୍ରଶାସିକାର ପରିଚୟ ଦେଇଥିଲେ। ସେ ପ୍ରଥମେ କଟକ ସହରରୁ ଉପନିର୍ବାଚନରେ ବିଧାୟିକା ଭାବେ ନିର୍ବାଚିତ ହେବାପରେ ବିଭିନ୍ନ ସମୟରେ ଅନ୍ୟ ନିର୍ବାଚନମଣ୍ଡଳୀରୁ ଜିତିଥିଲେ। ସେ ଥିଲେ ଜଣେ ଅପରାଜେୟ ନେତ୍ରୀ। ଏଥିସହ ସୁଲେଖିକା ଭାବେ ବହୁ ସାହିତ୍ୟ ରଚନା କରି ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିଥିଲେ। ନନ୍ଦିନୀ ଶତପଥୀ ନାରୀ ସଶକ୍ତୀକରଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ଶୁକ୍ରବାର ତାଙ୍କ ୧୭ତମ ଶ୍ରାଦ୍ଧୋତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ ଶ୍ରାଦ୍ଧୋତ୍ସବକୁ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ସଂଯୋଜନା କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଜେଡି ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ, କର୍ପୋରେଟର ଅମରେଶ ଜେନା, ଉଇ ଫର୍ ଭୁବନେଶ୍ୱର ଓ ଜୟ ଓଡ଼ିଶାର କର୍ମକର୍ତ୍ତା, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଶାଶ୍ୱତୀ ମିଶ୍ର, ରମାନାଥ ସାମନ୍ତରାୟ, ପ୍ରାଧ୍ୟାପକ ଡକ୍ଟର ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ଅଶ୍ୱିନୀ ପଟ୍ଟନାୟକ, ପ୍ରଗତି ରଥ, ଉଷାରାଣୀ ମହାନ୍ତି, ରୀତା ମହାନ୍ତି, ଅନୁପମା ବେହେରା, ଶାନ୍ତିଲତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଡ୍‌ଭୋକେଟ୍ ରମାବଲ୍ଲଭ ରଥ, ବୁଦ୍ଧରାମ, ସମରେନ୍ଦ୍ର ସାହୁ, ଉଷାରାଣୀ ମହାନ୍ତି, ରଘୁନାଥ ରାୟ, ଭବାନୀ ଶଙ୍କର ଜଗଦ୍ଦେବ, ରଘୁନାଥ ପାତ୍ର, ଅଜୟ କୁମାର ହରିଚନ୍ଦନ, ମନୋରଞ୍ଜନ ପଟ୍ଟନାୟକ, ନାରାୟଣ ମହାପାତ୍ର, ରଶ୍ମିତା ମଲ୍ଲିକ, ରାଜେଶ୍ୱର ହୋତା ଓ ସୀତାକାନ୍ତ ମହାପାତ୍ରଙ୍କୁ 'ନନ୍ଦିନୀ ଶତପଥୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବ୍ରତୋ ବାଗ୍‌ଚୀଙ୍କୁ କ୍ୟାବିନେଟ ପାହ୍ୟା

## ଅନୁଷ୍ଠାନ ଦକ୍ଷତା ବୃଦ୍ଧି ମୁଖ୍ୟ ପରାମର୍ଶଦାତା ନିଯୁକ୍ତ

ଭୁବନେଶ୍ୱର,୪।୮ (ଅନିଲ ଦାସ)



ସୁବ୍ରତୋ ବାଗ୍‌ଚୀଙ୍କୁ ରାଜ୍ୟ ସରକାରଙ୍କ ଅନୁଷ୍ଠାନ ଦକ୍ଷତା ବୃଦ୍ଧି (ଇନ୍‌ଷ୍ଟିଚ୍ୟୁଶନାଲ କାପାସିଟି ବିଲ୍ଡିଂ)ର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପରେ ବାଗ୍‌ଚୀଙ୍କୁ କ୍ୟାବିନେଟ ପାହ୍ୟା ପ୍ରଦାନ କରାଯାଇଛି। ନୂଆ ନିଯୁକ୍ତି ପରେ ସେ ରାଜ୍ୟରେ ଥିବା ସମସ୍ତ ପ୍ରଶାସନିକ ସେବା ପ୍ରଶିକ୍ଷଣ ଅନୁଷ୍ଠାନଗୁଡିକ ପାଇଁ କାର୍ଯ୍ୟ କରିବେ। ଅନୁଷ୍ଠାନଗୁଡ଼ିକର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ସହ ଏହାକୁ ବିଶ୍ୱସ୍ତରୀୟ କରିବା ଦିଗରେ କାର୍ଯ୍ୟ କରିବେ। ସେ ଏହି ଅନୁଷ୍ଠାନଗୁଡ଼ିକ ଜରିଆରେ ଉଭୟ ପ୍ରଶାସନିକ ସେବାକୁ ଆସୁଥିବା ପ୍ରାର୍ଥୀ ଓ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି କରିବା ଦିଗରେ ମାର୍ଗଦର୍ଶନ କରିବେ। ଉଲ୍ଲେଖଯୋଗ୍ୟ ବାଗ୍‌ଚୀ ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଓଡ଼ିଶା ଦକ୍ଷତା ବିକାଶ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ୨୦୨୩ ଜୁନ୍ ୩୦ରେ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ।

# ମୈତ୍ରୀ ଅଧିକାରୀଙ୍କୁ ଦେଢ଼ କିଲୋମିଟର ଚଲାଇଲେ ଗ୍ରାମବାସୀ



ଲୋକମାନେ କମ୍ପାନୀ ଅଧିକାରୀଙ୍କୁ ଘେରିଛନ୍ତି।

ରାୟଗଡ଼ା/ଟିକିରି, ୪।୮ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସୁଙ୍ଗେର ପଞ୍ଚାୟତ ଅଧୀନ ସିଜିମାଳି ଖଣି ଅଞ୍ଚଳ ନିକଟତମ ଗ୍ରାମ ଶାଗବାରୀରେ ନିଜର ଅଫିସ ଖୋଲିବା ଯୋଜନାରେ ମୈତ୍ରୀ କମ୍ପାନୀ ଅଧିକାରୀ ପି.ଶ୍ରୀନିବାସ ରାଓ, ସତ୍ୟନାରାୟଣ, କେତେଜଣ କର୍ମଚାରୀ ଓ ସହଯୋଗୀ ଶୁକ୍ରବାର ସେଠାକୁ ଯାଇଥିଲେ। କମ୍ପାନୀ ଅଧିକାରୀ ଓ କର୍ମଚାରୀମାନେ ଫେରିବା ବାଟରେ ସୁଙ୍ଗେର କଲୋନୀ ସାହି ଛକରେ ରାୟଗଡ଼ା ଓ କଳାହାଣ୍ଡି ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ଓ ଅଞ୍ଚଳବାସୀ ସେମାନଙ୍କୁ ଘେରି ଅଟକାଇଥିଲେ। ଏହାପରେ ଖଣି ଖନନକୁ ବିରୋଧ କରି ସେମାନଙ୍କୁ ପ୍ରାୟ ଦେଢ଼ କିଲୋମିଟର ଚଲାଇ ଥିଲେ। ପୁଣି ଥରେ ଏହି ଅଞ୍ଚଳକୁ ନ ଆସିବାକୁ ଅଞ୍ଚଳବାସୀ ତାଗିଦ କରିଛନ୍ତି। ଏହି ଘେରାଉବେଳେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ସେଠାରେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ସିଜିମାଳି ଖଣି ଖନନ ପାଇଁ ବେଦାନ୍ତ କମ୍ପାନୀକୁ ସରକାରୀ ଅନୁମତି ମିଳିଛି। ଏହି କାମକୁ ଏହାର ଏମ୍‌ଡିଓ ମୈତ୍ରୀ କମ୍ପାନୀ ବୁଝାଶୁଝା କରୁଛି। ତେବେ ସିଜିମାଳି ଖଣି ଖନନକୁ ରାୟଗଡ଼ା ଓ କଳାହାଣ୍ଡି ଆଞ୍ଚଳିକ ବିକାଶ ମଞ୍ଚ ସହ ସୁଙ୍ଗେର ପଞ୍ଚାୟତର ପ୍ରାୟ ୪୦ଖଣ୍ଡ ଗାଁର ଲୋକେ ବିରୋଧ କରୁଛନ୍ତି। ଏହା ବିରୋଧରେ ଅଞ୍ଚଳବାସୀ ଓ ପରିଷଦ ପକ୍ଷରୁ ଜୁଲାଇ ୩୦ରେ କାଶୀପୁର ଥାନା ଘେରାଉ କରାଯାଇଥିଲା। ଆଗାମୀ ଦିନରେ ଯଦି ମୈତ୍ରୀ ଓ ବେଦାନ୍ତ କମ୍ପାନୀ ଖଣି ଖନନ ରଦ୍ଦ ନ କରନ୍ତି ତେବେ ଏକ ବଡ଼ ଜନ ଆନ୍ଦୋଳନ ହେବ। ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ରାୟଗଡ଼ା ଓ କଳାହାଣ୍ଡି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି।

# ବନ୍ୟାପାଣିରେ ଭାସିଯାଇଥିବା ୩ ମୃତଦେହ ଜବତ

ଭଣ୍ଡାରିପୋଖରୀ (ରବିନାରାୟଣ ଖିଲାର)/ ଧାମନଗର(ଦେବେନ୍ଦ୍ର ଆଦିଆ),୪।୮

## ମୃତକଙ୍କ ମଧ୍ୟରେ ୨ ନାବାଳକ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ ଦେଇ ବୈତରଣୀ ଏବଂ ତାର ଶାଖା ନଦୀ ଗେଙ୍ଗୁଟି ବନ୍ୟାପାଣିରେ ଭାସିଯାଇଥିବା ୩ ଜଣଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ମୃତକଙ୍କ ମଧ୍ୟରେ ୨ ନାବାଳକ ଅଛନ୍ତି। ଶୁକ୍ରବାର ଜଣେ ନାବାଳକ ଓ ବୃଦ୍ଧା ନଦୀରେ ଭାସିଯାଇଥିବା ବେଳେ ଗୁରୁବାର ଧାମନଗର ଗାଇଛନ୍ଦା ଏସ୍‌କେପ୍‌ରେ ଜଣେ ନାବାଳକ ଭାସିଯାଇଥିଲେ।

ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ନୌରଙ୍ଗପୁର ଗ୍ରାମର ଅରୁଣ ରାଉତଙ୍କ ପୁଅ ନିରଜ (୧୮) ଶୁକ୍ରବାର ନିକଟସ୍ଥ ମାଳଦା ବଜାରକୁ ମେଡିସିନ ପାଇଁ ଯାଉଥିଲେ। ଅସାବଧାନତାବଶତଃ ଗାଁ ମୁଣ୍ଡ ପୋଲ ଉପରେ ଚାଲିଥିବା ବନ୍ୟାପାଣିରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଜଙ୍କ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି। ସେହିପରି ଧାମନଗର ବ୍ଲକ କରଦା ପଞ୍ଚାୟତ ସୁଜାଣସିଂହପୁର ଗ୍ରାମର ପହଲି ପାତ୍ରଙ୍କ ସ୍ତ୍ରୀ ରେବତୀ (୭୦)ଙ୍କ ଗେଙ୍ଗୁଟି ବନ୍ୟାସ୍ରୋତରେ ଭାସିଯାଇ ମୃତ୍ୟୁ ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ରେବତୀ ଶୌଚ ପାଇଁ ଯାଇଥିବା ବେଳେ ବନ୍ୟାପାଣିରେ ତାଙ୍କର ଗୋଡ଼ ଖସିଯାଇଥିଲା। ଶୁକ୍ରବାର ସକାଳେ ପରିବାର ଲୋକ ଖୋଜାଖୋଜି କରିବା ପରେ କିଛି ବାଟ ଦୂର ପାତ୍ରସାହି ମେଳନ ପଡ଼ିଆ ନିକଟରେ ମୃତଦେହ ଉଦ୍ଧାର କରିଥିଲେ। ଗୁରୁବାର ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତ କାଞ୍ଜିଆପାଳ ଗ୍ରାମର ସୁଜୟ ଦାସଙ୍କ ପୁଅ ଆକାଶ(୯) ଶୌଚ ହେବାକୁ ଯାଇ ଗେଙ୍ଗୁଟି ନଦୀର ଗାଇଛନ୍ଦା ଏସ୍‌କେପରେ ଭାସିଯାଇଥିଲେ। ଶୁକ୍ରବାର ବନ୍ୟା ପାଣି କମିବାରୁ କିଛିଦୂରରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ମୃତଦେହ ଖଡ଼ିପଦା ଛକକୁ ଆଣିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇବା ସହିତ ଥାନାରେ ପୃଥକ ମାମଲା ରୁଜୁକରିଛି। ଘଟଣାକୁନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୬ ସପ୍ତାହରେ ନୂଆ ମେଧା ତାଲିକା ପ୍ରକାଶ କର: ହାଇକୋର୍ଟ

କଟକ,୪।୮ (କାର୍ତ୍ତିକ ସାହୁ)

## ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀର ଚୟନ ପ୍ରକ୍ରିୟା ଆଗାମୀ ୬ ସପ୍ତାହ ମଧ୍ୟରେ ଶେଷ କର। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏ ସଂକ୍ରାନ୍ତୀୟ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଶୁକ୍ରବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପୂର୍ବରୁ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ୬ ସପ୍ତାହରେ ନୂଆ ମେଧା ତାଲିକା ପ୍ରକାଶ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ସୂଚନା ଅନୁସାରେ, ଏଏସ୍‌ଓ ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷାଫଳ ପ୍ରକାଶରେ ଅନିୟମିତତା ହୋଇଥିବା ମାମଲାର ଶୁଣାଣି ଗତ ମେ' ୧୯ ତାରିଖରେ ହୋଇଥିଲା। ସେହି ଶୁଣାଣିରେ ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ନେଇ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଥିଲେ। ଏଥିସହ ଆଗାମୀ ୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓପିଏସ୍‌ସି ଏହା କରି ନ ଥିଲା। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବା ଦର୍ଶାଇ କେତେଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୨ ଅଗଷ୍ଟ ୨୭ରେ ୭୬୭ଟି ଏଏସ୍‌ଓ ପଦବୀ ଲାଗି ଓପିଏସ୍‌ସି ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା। ମୋଟ ୧ ଲକ୍ଷ ୪୮ ହଜାର ୮୮୮ ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ୍ ଯାଞ୍ଚ ଓ କମ୍ପ୍ୟୁଟର(ପ୍ରାକ୍ଟିକାଲ) ସ୍କିଲ୍ ଟେଷ୍ଟ ପାଇଁ ଡକାଯାଇଥିଲା। ଆରମ୍ଭରୁ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେଜଣ ପ୍ରାର୍ଥୀ ଧାରଣା ଦେଇଥିଲେ। ଏନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ପୂର୍ବ ମେଧା ତାଲିକା ଖାରଜ କରି ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି କେତେଜଣ ପରୀକ୍ଷାର୍ଥୀ ଏକ ରିଟ୍ ପିଟିଶନ୍ ଦାଖଲ କରି ଦର୍ଶାଇଥିଲେ, ଏଏସ୍‌ଓ ପରୀକ୍ଷାରେ ଅନିୟମିତତା ଯୋଗୁ ଆମେ ପ୍ରଭାବିତ ହୋଇଛୁ। ହାଇକୋର୍ଟ ଉକ୍ତ ମାମଲାରେ ଆମ୍ଭମାନଙ୍କ ଆବେଦନର ଶୁଣାଣି ନ କରି ରାୟ ପ୍ରକାଶ କରିଥିବାରୁ ଆମକୁ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅନୁମତି ଦିଆଯାଉ ବୋଲି ପ୍ରାର୍ଥନା କରିଥିଲେ। ଅପରପକ୍ଷରେ ପୂର୍ବ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ରୁକ୍‌ସାନାଆରା ବେଗମ୍‌ଙ୍କ ସମେତ ମୋଟ ୫ ଜଣ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନକୁ ନେଇ ଜୁନ୍ ୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଦୁଇଟିଯାକ ମାମଲାକୁ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୩୧ରେ ହାଇକୋର୍ଟରେ ଉଭୟ ରିଟ୍ ପିଟିଶନ୍ ଓ ରିଭ୍ୟୁ ପିଟିଶନ୍‌ର ଏକତ୍ର ଶୁଣାଣି କରାଯାଇଥିଲା। ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖିବା ସହ ଦୁଇଟିଯାକ ପିଟିଶନ୍‌କୁ ଖାରଜ କରିଦେଇଥିଲେ।

# ସାକ୍ଷ୍ୟ ଗ୍ରହଣରେ ହାଜର ନ ହୋଇ ସମୟ ମାଗିଲେ ମୋକିମ

କଟକ,୪।୮ (କାର୍ତ୍ତିକ ସାହୁ)

## ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା

## ୧୧ରେ ହେବ ସାକ୍ଷ୍ୟ ଗ୍ରହଣ

ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାର ଶୁଣାଣିରେ ବିଧାୟକ ମହମ୍ମଦ ମୋକିମ ଶୁକ୍ରବାର ହାଇକୋର୍ଟରେ ହାଜର ହୋଇପାରିନାହାନ୍ତି। ଅପରପକ୍ଷରେ ତାଙ୍କ ଓକିଲଙ୍କ ଜରିଆରେ ସମୟ ଦେବାକୁ ଆବେଦନ କରିଛନ୍ତି। କୋର୍ଟ ଏହି ଆବେଦନକୁ ମଞ୍ଜୁର କରି ଏକ ସପ୍ତାହ ସମୟ ଦେଇଛନ୍ତି। ହେଲେ ଏହା ବିଚାର ପ୍ରକ୍ରିୟାକୁ ବିଳମ୍ବିତ କରିବା ସହ ଅଦାଲତଙ୍କ ସମୟ ଅପଚୟ ହେଉଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିପାଇଁ ୧୦ ହଜାର ଟଙ୍କା ଜରିମାନା ଆକାରରେ ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ପ୍ରଦାନ କରିବାକୁ ବିଚାରପତି ସଙ୍ଗମ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉକ୍ତ ଦିନ ମୋକିମଙ୍କ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ମୋକିମଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

# ବିଲରେ ପଡ଼ି ଚାଷୀଙ୍କ ମୃତ୍ୟୁ

**ସୋର, ୪।୮ (ଜନ୍ମେଜୟ ମିଶ୍ର):** ସୋର ବ୍ଲକ ଦହିସଡ଼ା ପଞ୍ଚାୟତ ସୁଲତାନପୁର ଗ୍ରାମର ମହେଶ୍ୱର ପାତ୍ର (୫୯) ନାମକ ଚାଷୀ ବିଲରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଧାନ ତଳି ଷଣ୍ଢ ଖାଇଯାଉଥିବାରୁ ଶୁଣି ବିଲକୁ ଯାଇଥିଲେ। ଭୋର ପର୍ଯ୍ୟନ୍ତ ମହେଶ୍ୱର ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଖୋଜିବାକୁ ବିଲକୁ ଯାଇଥିଲେ। କିନ୍ତୁ ପାଣିରେ ମହେଶ୍ୱର ମୁହଁ ମାଡ଼ି ପଡ଼ିଥିବା ତାଙ୍କ ସ୍ତ୍ରୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା (ନଂ. ୪୪/୨୩) ରୁଜୁ କରି ମୃତଦେହ ଜବତ କରିଥିଲା।

# କରିନାଙ୍କ ବଡ଼ ପ୍ରଶଂସକ ଥିଲେ ସାରା



ସାରା ଅଲ୍ଲୀ ଖାନ୍

**ମୁମ୍ବାଇ:** ସାବତ ମା' କରିନା କପୁରଙ୍କ ସହ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ସମ୍ପର୍କ ଭଲ ରହିଛି। 'କଭି ଖୁସି କଭି ଗମ୍'ର ଅଭିନୟକୁ ନେଇ ସେ ତାଙ୍କୁ ବେଶ୍ ପସନ୍ଦ କରୁଥିଲେ। ତାଙ୍କୁ ଭେଟିବା ଲାଗି ଶୁଟିଂ ସେଟ୍‌କୁ ମଧ୍ୟ ଯାଇଥିଲେ। କଫି ୱିଥ୍ କରନ୍‌ରେ କରିନା କହିଥିଲେ ଯେ, 'କଭି ଖୁସି କଭି ଗମ୍' ଟ୍ରାଏଲ୍ ସମୟରେ ସାରାଙ୍କୁ ନେଇ ମା' ଅମୃତା ତାଙ୍କ ପାଖକୁ ଯାଇଥିଲେ। କରିନା ତାଙ୍କ ସହ ଫଟୋ ଉଠାଇଥିଲେ। ସେତେବେଳେ ଅମୃତା ଏବଂ ସୈଫ ଅଲି ଖାନ୍‌ଙ୍କ ବିବାହ ବିଚ୍ଛେଦ ହୋଇ ନ ଥିଲା। ଏହାର କିଛିବର୍ଷ ପରେ ଦୁହିଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ସେମାନେ ଅଲଗା ହେବା ପରେ ସୈଫ କରିନାଙ୍କ ହାତ ଧରିଥିଲେ।

## ପ୍ରଥମ ପୃଷ୍ଠାରୁ...



ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଉପସ୍ଥିତ ମହାରାଜା ଗଜପତି, ଜିଲାପାଳ ଓ ଅନ୍ୟମାନେ।

### ରଥଯାତ୍ରାରେ ରତ୍ନଭଣ୍ଡାର...

ଜାଗା, ଆଖଡ଼ା ଘରଗୁଡିକର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ଜଣାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ସେହିପରି ଚଳିତବର୍ଷ ସ୍ନାନଯାତ୍ରାଠାରୁ ନୀଳାଦ୍ରି ବିଜେର ନୀତି ବେଳେ କେଉଁଠି ବିଭ୍ରାଟ ହୋଇଛି ଭିଡିଓ ମାଧ୍ୟମରେ ଦେଖାଯାଇଥିଲା। ତେବେ ମୋଟାମୋଟି ଘୋଷଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି। ଯାହା ବିଶୃଙ୍ଖଳା ହୋଇଛି ସେସବୁ ନୀତି ସବ୍‌କମିଟି ବୈଠକରେ ଆଲୋଚନା କରାଯିବ। ଗରିବ ଶ୍ରେଣୀର ସେବାୟତଙ୍କ ପାଇଁ କରାଯାଉଥିବା ସେବକ ହାଉସିଂ ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ହରଚଣ୍ଡୀ ସାହିରେ ବାସଗୃହ ନିର୍ମାଣ ଚାଲିଛି। ୨୦୨୪ ସେପ୍ଟେମ୍ବରରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି। ସେବାୟତ ପରିବାର ବିଦ୍ୟାର୍ଥୀଙ୍କ ପାଇଁ ଗୁରୁକୁଳ ଆଶ୍ରମ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଛି। ଟେଣ୍ଡର ଡକାଯାଇଛି। କାମ ମଧ୍ୟ ଖୁବ୍‌ଶୀଘ୍ର ଶେଷ ହେବ। ବନକଲାଗି ନୀତି ନେଇ ଚାଲିଥିବା ବିବାଦ ପ୍ରସଙ୍ଗରେ ଶୃଙ୍ଖଳିତ ନୀତି ସମ୍ପାଦନା କରିବା ଉପରେ ଆଲୋଚନା ହୋଇଛି। ମାସକୁ ଦୁଇଥର ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଯଦି କୌଣସି କାରଣରୁ ସେଦିନ ନ ହୁଏ, ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତିକ୍ରମେ ଗୁରୁବାର ସମ୍ପାଦନ ହେବ। ସେହିପରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବାରୁ ୪ ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବା ସମ୍ଭବ ହେଉନାହିଁ। ସମସ୍ତ ଦ୍ୱାର ପଟେ ବ୍ୟାରିକେଡ କରିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନାହିଁ। ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିବା ପରେ ସମସ୍ତଙ୍କ ପାଇଁ ୪ ଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ନିଆଯିବ। ପରିଚାଳନା କମିଟି ବୈଠକରେ ଏସ୍‌ପି କେ. ବିଶାଳ ସିଂ, ଏଏସ୍‌ଆଇ ସଦସ୍ୟ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅସୁସ୍ଥତା କାରଣରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ ଅନୁପସ୍ଥିତ ଥିଲେ।

### ମୈଥାନ ଇସ୍ପାତରେ...

ପୋଲିସ ଅଭିଯୋଗକୁ ଅପେକ୍ଷା କରିଥିବା ଜଣାପଡ଼ିଛି। ଏହିକ୍ରମରେ କୌଣସି ଅପ୍ରୀତିକର ଘଟଣାର ମୁକାବିଲା କରିବା ପାଇଁ କାରଖାନା ଓ ଥାନା ସମ୍ମୁଖରେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେହିପରି ଯାଜପୁର ରୋଡ୍ ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗ ପକ୍ଷରୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି। ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଯନ୍ତ୍ରାଂଶଗୁଡ଼ିକର ଯାଞ୍ଚ ହୋଇ ନ ଥିବାରୁ କ୍ରେନ୍‌ରେ ତ୍ରୁଟି ହୋଇଥିବା ମତପ୍ରକାଶ ପାଇଛି। ଏ ସମ୍ପର୍କରେ କାରଖାନାର ପିଆରଓ ଅକ୍ଷୟ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ବୁଝି କହିବି। କିନ୍ତୁ ପରବର୍ତ୍ତୀ ସମୟରେ ସେ ଆଉ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ଫ୍ୟାକ୍ଟ୍ରି ଏବଂ ବଏଲର ବିଭାଗର ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାରଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଶୁକ୍ରବାର ସନ୍ଧ୍ୟା ୬ଟା ୫ ମିନିଟରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ଟ୍ରକ୍ ପଛରେ ପିଟିଲା ଟ୍ରକ୍, ଜଳିଗଲେ ଡ୍ରାଇଭର

କେନ୍ଦୁଝର, ୪।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



ଦୁର୍ଘଟଣା ପରେ ଜଳିଯାଇଥିବା ଟ୍ରକ୍।

କେନ୍ଦୁଝର ସଦର ଥାନା ଅଧୀନ କେନ୍ଦୁଆ ଗ୍ରାମ ନିକଟରେ ଏନ୍‌ଏଚ୍ ୪୯ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛକୁ ଅନ୍ୟ ଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକ ବିହାର ରାଜ୍ୟ ନାଳନ୍ଦା ଜିଲାର ଚନ୍ଦନ କେୱାଟ(୩୧) ବୋଲି ଜଣାପଡ଼ିଛି।। ଦୁର୍ଘଟଣା ପରେ ରାସ୍ତାର ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ସଦର ଥାନା ପୋଲିସ ଦୁଇ ଟ୍ରକ ଜବତ କରି ତଦନ୍ତ ଆରମ୍ଭ କରିଛି।

ଗୁରୁବାର କେନ୍ଦୁଝର ଆଡୁ କୋଲକାତା ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ନଂ. ସିଜି ୦୪ ଏମଏସ / ୭୬୪୪) କେନ୍ଦୁଆ ନିକଟରେ ବ୍ରେକ୍ ଡାଉନ୍ ହୋଇ ଠିଆ ହୋଇଥିଲା। ଶୁକ୍ରବାର ଭୋର୍ ୪ଟାରେ କୋଲକାତା ଅଭିମୁଖେ ଯାଉଥିବା ଅନ୍ୟ ଏକ ଲୁହା ବିମ୍ ବୋଝେଇ ଟ୍ରକ୍ (ନଂ. ଏନଏଲ ୦୧ ଏଇ/ ୧୩୬୭) ଉକ୍ତ ଟ୍ରକ ପଛକୁ ଧକ୍କା ଦେଇଥିଲା। ଫଳରେ ଡ୍ରାଇଭର ଭିତରେ ଚାପିହୋଇ ରହିଯାଇଥିଲେ। ଏହି ସମୟରେ ଟ୍ରକ୍‌ରେ ନିଆଁ ଲାଗିଯିବାରୁ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖବରପାଇ ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇଥିଲା। ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ମୃତଦେହକୁ ପୋଲିସ ଜବତ କରି ଘଟଣାର ତଦନ୍ତ କରୁଛି। ଥାନାରେ ମାମଲା ( ନଂ. ୨୫୪/୨୩)ରେ ରୁଜୁ ହୋଇଛି। ପାଗ ଖରାପ ହୋଇଥିବାରୁ ମୃତ ଡ୍ରାଇଭର ବ୍ରେକ୍‌ଡାଉନ୍ ହୋଇ ଛିଡ଼ା ହୋଇଥିବା ଟ୍ରକ୍‌କୁ ଦେଖିପାରି ନ ଥିଲେ। ସାଇଡ କରି ନେବାକୁ ଉଦ୍ୟମ ବେଳେ ଠିଆ ହୋଇଥିବା ଟ୍ରକର ବାମ ପାଖ ପଛରେ ବାଜିଥିଲା। ଡ୍ରାଇଭର ବସୁଥିବା ଡାହାଣ ପାର୍ଶ୍ୱଟି ଭାଙ୍ଗି ନିଆଁ ଲାଗିଯାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଥାନା ଅଧିକାରୀ ରମାକାନ୍ତ ସାଏ କହିଛନ୍ତି। ବାରମ୍ବାର ରାସ୍ତାରେ ବେଆଇନ ପାର୍କିଂ ଓ ବ୍ରେକ୍‌ଡାଉନ୍ ଗାଡ଼ି ଯୋଗୁ ଦୁର୍ଘଟଣା ଘଟି ବହୁ ଜୀବନ ହାନି ଘଟୁଥିଲେ ହେଁ ଏହାର ପ୍ରତିକାର କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଉଭୟ ଏନ୍‌ଏଚ୍‌ଏଆଇ ଓ ପୋଲିସ ବିଭାଗଙ୍କୁ ଦାୟୀ କରିଛନ୍ତି।

# ଜୁଲାଇ ପରେ ବି ବଢ଼ିନି ଇନ୍ଦ୍ରାବତୀ ଜଳସ୍ତର

ଭବାନୀପାଟଣା,୪।୮(ଉତ୍ତମ କୁମାର ଦାଶ)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଗତ ୩ ଦିନ ଧରି କଳାହାଣ୍ଡି ଜିଲାରେ ଲଗାଣ ବର୍ଷା ହୋଇଥିଲା। ଜୁଲାଇ ମାସ ଶେଷ ହୋଇଥିଲେ ସୁଦ୍ଧା ଇନ୍ଦ୍ରାବତୀ ଜଳଭଣ୍ଡାରରେ ମଧ୍ୟ ଜଳସ୍ତର ଆଶାନୁରୂପ ବଢ଼ିପାରି ନାହିଁ। ଫଳରେ ଆଗାମୀ ଦିନରେ ବିଦ୍ୟୁତ୍ ଉତ୍ପାଦନ ସହ ଜଳ ସେଚନରେ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ, ଇନ୍ଦ୍ରାବତୀ ଜଳଭଣ୍ଡାର ୨୬ ଶହ ବର୍ଗ କି.ମି. ଅଞ୍ଚଳରେ ବ୍ୟାପି ରହିଥିବା ବେଳେ ସର୍ବାଧିକ ଜଳ ଧାରଣ କ୍ଷମତା ୬୪୨ ମିଟର। ୧୯୯୯ରୁ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହୋଇଥିବା ବେଳେ ୨୦୦୧ରୁ ଏହି ପ୍ରକଳ୍ପ ୪ଟି ଟରବାଇନରୁ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଯାହା ରାଜ୍ୟର ଆବଶ୍ୟକ କରୁଥିବା ବିଦ୍ୟୁତ୍ ପୂରଣ କରୁଛି। ଅନ୍ୟପକ୍ଷରେ ପ୍ରକଳ୍ପରୁ ନିଷ୍କାସିତ ଜଳକୁ ଏକତ୍ରିତ କରି ମଙ୍ଗଳପୁର ବ୍ୟାରେଜରୁ ବାମ, ଡାହାଣ ଓ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜିଲାର ଲାଞ୍ଜିଗଡ଼, ଧର୍ମଗଡ଼, ଜୁନାଗଡ଼ ଓ ଭବାନୀପାଟଣା ନିର୍ବାଚନମଣ୍ଡଳୀର ୮ଟି ବ୍ଲକ ୪୨୯ ଗାଁର ୧ ଲକ୍ଷ ୧୨ ହଜାର ୮୬୬.୦୪ ହେକ୍ଟର ଚାଷଜମିରେ ଜଳ ସେଚନ ହେଉଛି। ଏଥିରେ ୯୯ ହଜାର ୧୭୨ ଚାଷୀ ପରିବାର ଉପକୃତ ହେଉଛନ୍ତି। ବର୍ତ୍ତମାନ ଜଳଭଣ୍ଡାରରେ ଜଳସ୍ତର ୬୩୦.୬୮ ମିଟର ରହିଛି। ଯାହା ପୂର୍ବ ବର୍ଷ ୬୩୩.୧୧ମିଟର ରହିଥିଲା। ଜଳଭଣ୍ଡାରରେ ୩ ମିଟର ଜଳସ୍ତର କମ ଥିବା ବେଳେ ଆଗାମୀ ଦିନରେ ଜଳ ସେଚନ ଓ ବିଦ୍ୟୁତ୍ ଉତ୍ପାଦନକୁ ନେଇ ଆଶଙ୍କା ପ୍ରକଟ ହୋଇଛି। ଇନ୍ଦ୍ରାବତୀ ପ୍ରକଳ୍ପକୁ ଭାରତର ଏକ ବହୁମୁଖୀ ପ୍ରକଳ୍ପ ମଧ୍ୟରେ ବିବେଚନା କରାଯାଏ। କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତ ଅଞ୍ଚଳରେ ପ୍ରକଳ୍ପର ଜଳ ଭଣ୍ଡାର ରହିଥିବା ବେଳେ କଳାହାଣ୍ଡି ଜିଲାକୁ ଭୋକର ଭୂଗୋଳରୁ ଭତାହାଣ୍ଡି କରିବା ସହ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ସାଜିଛି। ଇନ୍ଦ୍ରାବତୀ ଜଳଭଣ୍ଡାର ଇନ୍ଦ୍ରାବତୀ ନଦୀ, କପୁର ନଦୀ, ମୁରାଣ ନଦୀ ଓ ପୋଡାଗଡ଼ ନଦୀକୁ ଗଠିତ ହୋଇଥିବା ବେଳେ ଚଳିତବର୍ଷ ଏହି ନଦୀ ଉପରମୁଣ୍ଡରେ ସ୍ୱଳ୍ପ ବର୍ଷା ଯୋଗୁ ଜଳସ୍ତର ବଢୁନାହିଁ ବୋଲି ବିଭାଗୀୟ ପକ୍ଷରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଲଗାତର ଭାବେ ଜଙ୍ଗଲ କ୍ଷୟ ସାଙ୍ଗକୁ ବିଭିନ୍ନ ଖଣି ଖନନ କାର୍ଯ୍ୟ ହେଉଥିବା ବେଳେ ଏହା ପରିବେଶକୁ ପ୍ରଭାବିତ କରିଛି। ଫଳରେ ଅଞ୍ଚଳରେ ବର୍ଷାର ପରିମାଣ ବର୍ଷକୁ ବର୍ଷ କମିବାରେ ଲାଗିଛି ବୋଲି ମତ ଦେଇଛନ୍ତି। ଆଗାମୀ ଦିନରେ ଇନ୍ଦ୍ରାବତୀ ପ୍ରକଳ୍ପର ଭବିଷ୍ୟତକୁ ନେଇ ଜିଲାର ଚାଷୀ ଚିନ୍ତାରେ ରହିଛନ୍ତି। ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଜଳଭଣ୍ଡାରରେ ଜଳସ୍ତର ନିମ୍ନସ୍ତରକୁ ଖସିବା ସହ ବିଦ୍ୟୁତ୍ ଉତ୍ପାଦନ ସହ ଜଳ ସେଚନ ସିଧାସଳଖ ପ୍ରଭାବିତ କରିବ ବୋଲି ଆଶଙ୍କା କରାଯାଉଛି।


ଇନ୍ଦ୍ରାବତୀ ଜଳ ଭଣ୍ଡାର।

- ଗତବର୍ଷ ୬୩୩.୧୧ ମିଟର, ଏବର୍ଷ ରହିଛି ୬୩୦.୬୮ ମିଟର
- ଆଗାମୀ ଦିନରେ ବିଦ୍ୟୁତ୍ ଉତ୍ପାଦନ, ଜଳସେଚନରେ ପ୍ରଭାବିତ ଆଶଙ୍କା

# ଜବରଦଖଲ ଉଚ୍ଛେଦ ପାଇଁ ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଗୁଡ଼ଭେଲା,୪।୮(ମନୋଜ ଜୈନ)

ତୁଷୁରା ସହରରେ ବେଆଇନ ଭାବେ ଜବରଦଖଲ ଜମି ଉଚ୍ଛେଦ ନ କରିବାରୁ ଟ୍ରାଫିକ ସମସ୍ୟା ଲାଗିରହିଛି। ଶୁକ୍ରବାର ତୁଷୁରା ଥାନା ଛକରୁ ମହାପାତ୍ର କମ୍ପ୍ଲେକ୍ସ ମଝିରେ ଆମ୍ବୁଲାନ୍ସ ଭିତରେ ଫସିଯାଇଥିଲା। ଉକ୍ତ ଆମ୍ବୁଲାନ୍ସ ତୁଷୁରା ତହସିଲଦାର ରବୀନ୍ଦ୍ର କୁମାର ପଟେଲ ଟ୍ରାଫିକରୁ ବାହାର କରିଥିଲେ। ଏହି ରାସ୍ତା ଅଣଓସାରିଆ ଥିବା ସହ ଦୋକାନ ବଜାର ରହିଥିବାରୁ ଟ୍ରାଫିକ ସମସ୍ୟା ରହିଥାଏ। ଏପରି ରାସ୍ତାଗୁଡ଼ିକରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ତୁଷୁରା ଏନ୍ଏସି ପ୍ରଶାସନ ଚେଷ୍ଟା କରୁ ନ ଥିବାବେଳେ ଏଥିଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖା ଦେଇଥାଏ। ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡ଼ିଥାଏ। ଏନଏସି ପ୍ରଶାସନ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଟାର୍ଗେଟ କରି ହଇରାଣ କରୁଛନ୍ତି। ସେ ସବୁ ସମୟରେ ଏନଏସି ପ୍ରଶାସନର ଦୋଷ ଦୁର୍ବଳତା ପଦାରେ ପକାଉଥିବାରୁ ତାଙ୍କୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ କରାଯାଇଛି। ଏକ ଗଳିରେ ସାମ୍ବାଦିକଙ୍କ ଘର ରହିଥିବାବେଳେ ଉକ୍ତ ଗଳିର କାହାରିକୁ ନୋଟିସ ଦିଆଯାଇ ନାହିଁ। ଏଣୁ ତୁରନ୍ତ ସହରର ସମସ୍ତ ଜବରଦଖଲକାରୀଙ୍କୁ ନୋଟିସ କରିବା ସହ ଜବରଦଖଲ ଉଚ୍ଛେଦ ପାଇଁ ଯୁବ ସାମ୍ବାଦିକ ମନୋଜ କୁମାର ଜୈନ ଏକ ଦାବିପତ୍ର ତୁଷୁରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ଦୀପଙ୍କୁ ପ୍ରଦାନ କରିଛନ୍ତି।

BADRIPRASAD
Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web: www.bitsambalpur.org / Email : bitechsbp@gmail.com / bcotsbp@gmail.com
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028, Email : badriprasad.nursing@gmai.com

# କ୍ୱାର୍ଟରଫାଇନାଲରେ ଖଇରା


ଅତିଥିଙ୍କ ଗହଣରେ ଖେଳାଳି ବୃନ୍ଦ।

## ପ୍ରଥମ ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନୂଆପଡ଼ା,୪।୮(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ରାଜୀବ ଗାନ୍ଧି ମିନିଷ୍ଟାଡିୟମରେ ପ୍ରଥମ ଆଞ୍ଚଳିକ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀର ପ୍ରଥମ ମ୍ୟାଚ ନୂଆପଡା ଓ ମାନିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡା ୨-୦ ଗୋଲରେ ମାନିଗୁଡାକୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚ ଖଇରା (ବୋଡେନ) ଓ ଉଦ୍ୟାନବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୦ ଗୋଲରେ ଉଦ୍ୟାନବନ୍ଧକୁ ହରାଇ ଖଇରା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଶୀ ମୁଖ୍ୟଅତିଥି, ଗ୍ରାମ ଝାକର ଯୋଗେନ୍ଦ୍ର ନାୟକ, ଆଇନଜୀବୀ ଭରତ ଭୂଷଣ ବେହେରା, ସମିତି ସଭ୍ୟ ଯୁଗଳ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଗିରିଶ ଜାନି, ବଳରାମ ସରାଫ ଖେଳ ପରିଚାଳନା କରୁଛନ୍ତି। ଅନୁଷ୍ଠାନ ସଭାପତି ଅଜୟ ଗହିର, ସମ୍ପାଦକ ଦୀପକ ଦଣ୍ଡସେନା, ଉପସଭାପତି ଦୁଷ୍ମନ୍ତ ପୂଝାରୀ ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ ନିର୍ମଳ ଗହିର, ହେମନ୍ତ ଚିରାଗୁଲ, ବୁଲୁ ବନଛୋର, ରୋହିତ ଶବର, ବଳରାମ ଗହିର, ବିମାଳ ଗହିର ପ୍ରମୁଖ ସହଯୋଗ କରୁଛନ୍ତି। ତରବୋଡ ଫୁଟବଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ନୂଆପଡା ସମେତ ବଲାଙ୍ଗୀର, କଳାହାଣ୍ଡି ଓ ବରଗଡ ଜିଲାର ୮ଟି ଦଳ ଭାଗ ନେଉଛନ୍ତି। ଆସନ୍ତା ୬ରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

# ଶିକ୍ଷକ ସଂଘର ଆନ୍ଦୋଳନ ପାଇଁ ପ୍ରସ୍ତୁତି

ପଲମ,୪।୮(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ନବନିର୍ମିତ ଶିକ୍ଷା ଭବନଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ(ଏୟୁପିଟିଏଫ) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ସଂଘ ସଭାପତି ମିନିକେତନ ସାହୁଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ଅଜିତ କୁମାର ଶର୍ମା ଅଭିମୁଖ୍ୟ ଜ୍ଞାପନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କୁ ନିୟମିତ କରିବା ଓଡିଶାରେ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତୀକୁ କାର୍ଯ୍ୟକାରୀ କରି ତଦନୁଯାଇ ସୁବିଧା ପ୍ରଦାନ କରିବା, ନୂତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନ ବ୍ୟବସ୍ଥା ପୁନଃ ପ୍ରଚଳନ କରିବା ଆଦି ଦାବି ରାଜ୍ୟ ସରକାରଙ୍କ ନିକଟରେ (ଏୟୁପିଟିଏଫ) ଉତ୍‌ଥାପନ କରିଛି। ଏହାକୁ ନେଇ ପର୍ଯ୍ୟାୟକ୍ରମେ ବିଭିନ୍ନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା କାର୍ଯ୍ୟକ୍ରମ ମଧ୍ୟ ରହିଛି। ଦାବି ପୂରଣ ନ ହେଲେ ଆସନ୍ତା ୧୬ରୁ ସମସ୍ତ ଶିକ୍ଷକ ସାମୁହିକ ଛୁଟିରେ ଯିବେ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ବରିଷ୍ଠ ଶିକ୍ଷକ ନିର୍ମଳ ବାରିକ, ରବୀନ୍ଦ୍ର ସେଠୀ, ମନୋଜ ସାହୁ, ଘାସିରାମ ଖାଡଗା, ସୁରେଶ କୁମାର ଶର୍ମା, ଦେବବ୍ରତ ମିଶ୍ର, ସୁଧିର ରାଉତ, କୁମୁଦ ନାଏକ, ଡମ୍ବରୁଧର ବେହେରା, ଦିଲୀପ କୁମାର ପଧାନ, ଯଶୋବନ୍ତ ନାଗ, ନେପାଳ ଭୋଇ, ପ୍ରଦିପ ସେଠୀଙ୍କ ସମେତ ଅନେକ ଶିକ୍ଷକ ଉପସ୍ଥିତ ଥିଲେ। ଶିକ୍ଷକ ଶରତ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ହେମନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ମୁଁ କୁନି ବିଜ୍ଞାନୀ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଖଡ଼ିଆଳ,୪।୮(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ତୁକଲା ସରସ୍ୱତୀ ଶିଶୁ ମନ୍ଦିରଠାରେ ମୁଁ କୁନି ବିଜ୍ଞାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବାଟିକା ବିଭାଗର ମୋଟ ୧୫ଟି ବିଜ୍ଞାନ ପ୍ରକଳ୍ପ, ପ୍ରାଥମିକ ବିଭାଗର ୩୦ଟି ବିଜ୍ଞାନ ପ୍ରକଳ୍ପ ଓ ୧୦ଟି ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ପ୍ରଶ୍ନ ମଞ୍ଚ, ଗଣିତ ପ୍ରଶ୍ନମଞ୍ଚ ଓ ସଂସ୍କୃତି ଜ୍ଞାନମଞ୍ଚ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ବିଷୟକୁ ନେଇ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ଶିକ୍ଷକ ବିଷ୍ଣୁ ଚରଣ ମେହେର, ସିଦ୍ଧାର୍ଥ କୁମାର ଦାଶ ଓ ଗୁଣନିଧି ବାଗ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପର ସମୀକ୍ଷା କରିଥିଲେ। ଶ୍ରେଷ୍ଠ ପ୍ରକଳ୍ପ ଖଡ଼ିଆଳଠାରେ ଅନୁଷ୍ଠିତ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ଅମର ସିଂ ବାରିକ, ବିଜ୍ଞାନ ପ୍ରମୁଖ କର୍ଣ୍ଣ ହଂସ, ସମ୍ପାଦକ ଚିତ୍ତ ରଞ୍ଜନ ଦୁବେ, ସଭାପତି ବେଣୁପାଣି ବେହେରା ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ ଜଣେ ଜଣେ ବୈଜ୍ଞାନିକ ହୋଇ ଦେଶ ଜାତିର ଉନ୍ନତି କରିବାକୁ ଆହ୍ୱାନ ଦେଇଥିଲେ। ଆଚାର୍ଯ୍ୟ ହେରାମ୍ବ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପ୍ରକାଶ ପାଇଲା 'ଲକ୍‌ଡାଉନ'ର ଅନ୍ତର୍ଜାତୀୟ ସମୀକ୍ଷା 'ଏ ଟେପେଷ୍ଟ୍ରି ଅଫ ୱର୍ଡସ'

ଭବାନୀପାଟଣା,୪।୮(ଉତ୍ତମ କୁମାର ଦାଶ)

ଅନ୍ତର୍ଜାତୀୟସ୍ତରରେ ଚର୍ଚ୍ଚିତଥିବା କବି ଭବାନୀ ଶଙ୍କର ନିଆଲଙ୍କ ଇଂରାଜୀ କବିତା ସଂକଳନ 'ଲକଡାଉନ'ର ଅନ୍ତର୍ଜାତୀୟ ସମୀକ୍ଷା 'ଏ ଟେପେଷ୍ଟ୍ରି ଅଫ ୱର୍ଡସ',ଦି ପଏଟିକ ଲିଗାସି ଅଫ ଡ. ଭବାନୀଶଙ୍କର ନିଆଲ' ପ୍ରକାଶ ହୋଇଛି। ଏହାକୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା ତଥା ଭାଷାବିତ ପ୍ରଫେସର ଇରେନେ ଦୌରା କାବାଡିଆ ସମ୍ପାଦନା କରିଛନ୍ତି। କାବାଡ଼ିଆ ବହୁଭାଷୀ ଅନୁବାଦିକା ଭାବେ ଯେତିକି ପରିଚିତ, ଅନ୍ତର୍ଜାତୀୟ ଲେଖକ ପ୍ରକାଶନୀ ସଂସ୍ଥାର ସମ୍ପାଦିକା ଭାବେ ବେଶ ପରିଚିତ। ଅନେକ ବିଶ୍ୱସ୍ତରୀୟ ଲେଖକୀୟ ପ୍ରକାଶନୀ ଓ ସଂସ୍ଥା ସହ ସେ ଜଡିତ ଥିବା ବେଳେ ନିଜର ପାଠକୀୟତା ପାଇଁ ସେ ଅନେକ ପୁରସ୍କାରପ୍ରାପ୍ତ। ତାଙ୍କ ଦ୍ୱାରା ଏହା ସମ୍ପାଦିତ ହେବାରେ ପ୍ରଥମ ଭାରତୀୟ ପୁସ୍ତକ। ଇଂରାଜୀରେ ଏହାକୁ କବି ବଂକିମ ମୁଣ୍ଡ ଅନୁବାଦ କରିଥିବା ବେଳେ ଇଟାଲୀ, ଜର୍ମାନ, ଫ୍ରେଞ୍ଚ, ପର୍ତ୍ତୁଗୀଜ ଭାଷାରେ ଏହା ବିଭିନ୍ନ ଆନ୍ତର୍ଜାତିକ ଖ୍ୟାତନାମା କବିଙ୍କ ଦ୍ୱାରା ଅନୁବାଦ କରାଯାଇଛି। ଏହାକୁ ରାଇଟର୍ସ ଇଣ୍ଟରନ୍ୟାଶନାଲ ଏଡିସନ ଏଥେନ୍ସ ଓ ମହୀଶୂର ପ୍ରକାଶନୀ ସଂସ୍ଥା ପ୍ରକାଶିତ କରିଥିବା ସ୍ଥଳେ ଏହି ସଂସ୍ଥାର ସିଇଓ ପ୍ରୀତ ପଦ୍ମନାଭନ ନାମ୍ବିଆର ପ୍ରକାଶକ ରହିଛନ୍ତି। ଏହି ପୁସ୍ତକ ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ ହେଉଛି।

# ଅତିରିକ୍ତ ଜିଲାପାଳଙ୍କଠାରେ ଫେରାଦ

ଭବାନୀପାଟଣା,୪।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଳମପୁରର କେତେକ ଜମି ମାଫିଆମାନେ ଚାଷ ଜମିକୁ ପ୍ଲଟିଙ୍ଗ କରି ନିର୍ଦ୍ଧାରିତ ସରକାରୀ ଦରରୁ ଉଚ୍ଚରେ ବିକ୍ରି କରିବା ସହ ବହୁଥିବା ପ୍ରାକୃତିକ ଜଳସ୍ରୋତକୁ ପ୍ରତିବନ୍ଧକ ସୃଷ୍ଟି କରି ଚାଷୀମାନଙ୍କ ଉଦେଶ୍ୟକୃତ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ଚାଷୀମାନେ ହଇରାଣ ହରକତ ହେଉଛନ୍ତି। ଏ ନେଇ ଚାଷୀମାନେ ଯୁବ ନେତା ସାଗର ଚରଣ ଦାସଙ୍କୁ ଅସୁବିଧାର ସମାଧାନ କରିବା ପାଇଁ ଆସିଥିଲେ। ପରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀ, ସଦର ବ୍ଲକ ସଭାପତି ସୁଭାଷ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ କଳମପୁର ଚାଷୀଙ୍କ ସହ ଶୁକ୍ରବାର ଏହି ଘଟଣା ନେଇ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ବିଷୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ମଧ୍ୟ ଦେଇଛନ୍ତି। ଶୀଘ୍ର ଏହି ସମସ୍ୟା ସମାଧାନ କିଭଳି ହେବ ସେ ନେଇ ଜିଲା ଯୁବ ସଭାପତି ସାହେବ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଅତିରିକ୍ତ ଜିଲାପାଳ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ।


ଅତିରିକ୍ତ ଜିଲାପାଳଙ୍କଠାରେ ଚାଷୀଙ୍କ ସହ ଯୁବ କଂଗ୍ରେସ ଟିମ୍ ଫେରାଦ।

## କଳମପୁରରେ ମାତିଛନ୍ତି ଜମି ମାଫିଆ



## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,(ବିରଞ୍ଚି ଦର୍ଡା): ଗୋବିନ୍ଦପୁର ଥାନା ମହୁଲମୁଣ୍ଡା ଗ୍ରାମର ବିଜୟ ନାଏକ (୪୮)ଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବାମରା ବ୍ଲକ ଗଡ଼ପୋଷ ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମର ବିଜୟ ଶୁକ୍ରବାର ବିଲକାମ ସାରି ଅପରାହ୍ଣରେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ମୃତଦେହ ପାଣିରେ ଭାସୁଥିବା ଦେଖି ଗାଁ ଲୋକେ ବିଜୟଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଏ ନେଇ ଗଡପୋଷ ଫାଣ୍ଡିକୁ ଜଣାଇଥିଲେ।

# ଶିଶୁ ଶ୍ରମିକ ଟାସ୍କଫୋର୍ସ ବିନା ୬ବର୍ଷ ବିତିଲା

ସମ୍ବଲପୁର,୪।୮(ଶୁଭାଶିଷ ପାଢ଼ୀ)

ଶିଶୁ ଶ୍ରମିକ ରୋକିବା ନେଇ ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏପରି କି ସ୍ୱତନ୍ତ୍ର ଚଢ଼ାଉ ସହ ତଦାରଖ ପାଇଁ ପ୍ରତ୍ୟେକ ଜିଲାରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଛି। ହେଲେ ସମ୍ବଲପୁର ଜିଲାରେ ୨୦୧୭ ମସିହାରୁ ଏହା ଗଠନ ହୋଇପାରୁ ନାହିଁ। ମୁଖ୍ୟତଃ ଏହା ଶ୍ରମ ବିଭାଗର ଦାୟିତ୍ୱ ହୋଇଥିଲେ ମଧ୍ୟ ଜିଲାପାଳ ଜିଲାରେ ମୁଖ୍ୟ ରହନ୍ତି। ଜିଲାରେ ଦୀର୍ଘ ୬ବର୍ଷ ହେଲା ବିନା ଟାସ୍କଫୋର୍ସରେ ଶିଶୁ ଶ୍ରମିକ ରୋକାଯିବା ନେଇ କିଭଳି କାମ ହେଉଥିବା ତାହା ସହଜରେ ଅନୁମେୟ। ଏହି କାରଣରୁ ଜିଲାରେ ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଉଥିବା କୁହାଯାଉଛି।

## ନିର୍ଯାତନା ଅଭିଯୋଗ ସଂଖ୍ୟା ବଢୁଛି

ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ଉପରେ ହେଉଥିବା ନିର୍ଯାତନା ଅଭିଯୋଗ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।

ଶିଶୁକଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ କହିଛନ୍ତି, ଜିଲାରେ ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରେ ରାଜ୍ୟ ବାହାରୁ ଅଧିକ ସଂଖ୍ୟାରେ ଶିଶୁ ଶ୍ରମିକ ଆସି କାମ କରୁଛନ୍ତି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଧନୁପାଲି ଥାନା ଗୋବିନ୍ଦତୋଲାର ଏକ ଦୋକାନରେ ଚଢ଼ାଉ କରାଯାଇ ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଏଭଳି ଅନେକ ସ୍ଥାନରେ ଶିଶୁ ଶ୍ରମିକ ନିୟୋଜିତ ହେଉଛନ୍ତି । ପ୍ରଚାର ପ୍ରସାର ସହିତ ସଚେତନତା ଅଭାବ ମଧ୍ୟ ଏକ କାରଣ ହୋଇଛି। ଟାସ୍କଫୋର୍ସ ଗଠନ ନ ହେବା ଏକ ବଡ ସମସ୍ୟା। ଟାସ୍କଫୋର୍ସରେ ଶ୍ରମ ବିଭାଗ ସହିତ ପ୍ରାୟ ୧୨ ଗୋଟି ବିଭାଗର ସଦସ୍ୟ ରହନ୍ତି। ଶିଶୁ ଶ୍ରମିକ ରୋକିବାରେ ସେମାନେ ମିଳିତ ଭାବେ କାମ କରନ୍ତି। ଏବେ ଏହି ପଦକ୍ଷେପ ବନ୍ଦ ହୋଇଛି। ରେକର୍ଡ ଅନୁସାରେ ୨୦୧୩ରେ ଶିଶୁ ନିର୍ଯାତନା ସଂଖ୍ୟା ୨୧୩ ରହିଥିଲା। ଏହା ଏବେ ବୃଦ୍ଧି ପାଇ ୧୪୦୦ରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ଅତିରିକ୍ତ କିଶୋର ନ୍ୟାୟ ବୋର୍ଡ ସ୍ଥାପନ କରାଯାଇଛି। ଶିଶୁ ଶ୍ରମିକଙ୍କ ପାଇଁ ନ୍ୟାଶନାଲ ଚାଇଲ୍ଡ ଲେବର ପ୍ରୋଜେକ୍ଟ (ଏନ୍‌ସିଏଲ୍‌ପି) କାର୍ଯ୍ୟକାରୀ ହେଉଥିଲା। ଏଥିରେ ଡ୍ରପ୍‌ଆଉଟ ସ୍କୁଲ ପିଲାମାନେ ପଢୁଥିଲେ। ଶିକ୍ଷାଦାନ ସହ ଖାଇବା, ଡ୍ରେସ ସହିତ ସମସ୍ତ ସୁବିଧା ଯୋଗାଇ ଦିଆଯାଉଥିଲା। ତେଣୁ ସେମାନେ କାମ କରିବାକୁ ଯାଉ ନ ଥିଲେ। ଏବେ ତାହା ବନ୍ଦ ହୋଇପଡିଛି। ଜିଲାରେ ୨୦୧୦ରେ ୩୨୦୦ ଶ୍ରମିକ ପଞ୍ଜିକୃତ ହୋଇଥିଲେ। ହେଲେ କୋଭିଡ୍ ସମୟରେ ଜିଲାକୁ ୨୭ ହଜାରରୁ ଅଧିକ ଶ୍ରମିକ ଫେରିଥିବା ସରକାରୀ ରେକର୍ଡରେ ରହିଛି। ଏହି ରେକର୍ଡରୁ ଅଧିକ ସଂଖ୍ୟକ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ସ୍ପଷ୍ଟ ହେଉଛି। ଦାଦନ ଯାଉଥିବା ଶ୍ରମିକଙ୍କ ମଧ୍ୟରେ ଶିଶୁ ଶ୍ରମିକ ମଧ୍ୟ ରହୁଛନ୍ତି। ଏହାକୁ ରୋକିବା ନେଇ ସମସ୍ତ ବିଭାଗର ମିଳିତ ଉଦ୍ୟମ ଆବଶ୍ୟକ। ଖୁବ୍‌ଶୀଘ୍ର ଟାସ୍କଫୋର୍ସ ଗଠନ କରାଯାଉ ବୋଲି ସେ ଦାବି କରିଛନ୍ତି।

## ସମାଜ ସେବାରେ ମିଳୁଥିବା ତୃପ୍ତିର ବିକଳ୍ପ ନାହିଁ

କୁଚିଣ୍ଡା,୪।୮(ବିରଞ୍ଚି ଦର୍ଡା)

ସମାଜସେବା ଏକ ବ୍ରତ। ଏହା ମାଧ୍ୟମରେ ମିଳୁଥିବା ତୃପ୍ତିର ବିକଳ୍ପ ନାହିଁ ବୋଲି ଶୁକ୍ରବାର କୁଚିଣ୍ଡା ଆଦିବାସୀ ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିଗଣ କହିଛନ୍ତି। ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଆକାଶବାଣୀ ସଙ୍ଗୀତଜ୍ଞ ଶିବ ଶଙ୍କର ପଧାନ ମୁଖ୍ୟଅତିଥି, ଜାତୀୟ ରେଡ୍‌କ୍ରସ ସମ୍ମାନିତ ସମାଜସେବୀ ନିହାଲ ସିଂ ମୁଖ୍ୟବକ୍ତା, ଆଦିବାସୀ ସଂସ୍କୃତି ସଂରକ୍ଷକ ତଥା କିଷାନ ସମାଜ ସଭାପତି ଶୋଭାରାମ ପଧାନ, ହାସ୍ୟ ଅଭିନେତା ବିନ୍ଦୁ ମଲ୍ଲିକ, ସଙ୍ଗୀତ ସାଧକ ଅର୍ଜୁନ ମେହେର, ନାରୀ ସ୍ୱେଚ୍ଛାସେବୀ ମେମିନା ଖାତୁନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସାଂସ୍କୃତିକ ପରିଷଦ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ପରିଷଦର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ସଭା ପରିଚାଳନା କରିଥିଲେ। ପରିଷଦ ଉପସଭାପତି ରମେଶ ପ୍ରଧାନ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ରଶ୍ମିକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।




## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକଙ୍କ ଅଭିମୁଖିକରଣ କର୍ମଶାଳା

ଜମନକିରା,୪।୮(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଷଣ୍ଢପଥରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ପ୍ରାଥମିକ ପ୍ରଧାନ ଶିକ୍ଷକଙ୍କ ଅଭିମୁଖିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ରୁକ୍ମଣ କୁମାର ପ୍ରଧାନ ମୁଖ୍ୟଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ, ବରିଷ୍ଠ ଶିକ୍ଷାଦାତ୍ରୀ ଲିଲି ସିଂ, ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ବ୍ଲକର ୧୬୧ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତି ରହି ପ୍ରଶିକ୍ଷଣ ନେଇଥିଲେ। ୨୧ଜଣ ସିଆର୍‌ସିସି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଲକ୍ଷପତି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ପଶ୍ଚିମବଙ୍ଗରୁ ଆସିଥିବା ଦାଦନ ଶ୍ରମିକଙ୍କ ମୃତ୍ୟୁ

ସମ୍ବଲପୁର,୪।୮(ଶୁଭାଶିଷ ପାଢ଼ୀ)

ଅଇଁଠାପାଲି ଥାନା ବରେଇପାଲି ନିକଟ ଏକ ଆପାର୍ଟମେଣ୍ଟ ନିର୍ମାଣ କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦର ରୁବେଲ ଶେଖ (୨୭)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଆପାର୍ଟମେଣ୍ଟ ମାଲିକ ଓ ଅନ୍ୟମାନଙ୍କୁ ପଚରାଉଚୁରା କରୁଛି। ଏ ନେଇ ଥାନରେ ୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସନତ ନାଏକ କହିଛନ୍ତି। କେଉଁ କାରଣରୁ ଶ୍ରମିକଙ୍କ ଜୀବନ ଗଲା ସେ ନେଇ ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ କହିଥିଲେ। ରୁବେଲ ତାଙ୍କ ସମ୍ପର୍କିୟ ସହିତ ସମ୍ବଲପୁର ଆସି କାମ କରୁଥିଲେ। ଶୁକ୍ରବାର ପରିବାର ସହିତ ଫୋନରେ କଥା ହୋଇଥିଲେ। ଏହି ସମୟରେ ପରିବାର ଲୋକେ ଶୀଘ୍ର ଘରକୁ ଚାଲିଆସିବାକୁ କହିଥିଲେ। ହେଲେ ବିଧାତା କିଛି ଅଲଗା ଲେଖିଥିଲା । ଘରକୁ ଯିବା ବଦଳରେ ସେ ଆରପାରିକି ଚାଲିଯାଇଥିଲେ।

### ଟ୍ରକ୍ ଚୋରି ଅଭିଯୋଗରେ ପୋଲିସ ଧରିଲା, ପୁଣି ଛାଡ଼ିଦେଲା

ସମ୍ବଲପୁର,୪।୮(ଶୁଭାଶିଷ ପାଢ଼ୀ)

ବରେଇପାଲି ଥାନା ପୋଲିସ ଏକ ଟ୍ରକ୍ ଚୋରି ଅଭିଯୋଗରେ ୨ ଜଣଙ୍କୁ ଧରିଥିଲା। ଜଣେ କ୍ଷେତରାଜପୁର ଅଞ୍ଚଳର ହୋଇଥିବାବେଳେ ଅନ୍ୟ ଜଣେ ରେଙ୍ଗାଲି ଥାନା ଅଞ୍ଚଳର। ଥାନାରେ ଏମାନଙ୍କୁ ଅଟକ ମଧ୍ୟ ରଖାଯାଇଥିଲା। ଟ୍ରକ୍ ଚୋରି ନେଇ ମାଲିକ ବରଗଡ ଜିଲାର ବୋଲି ଜଣାପଡିଛି। ଏହାକୁ ନେଇ ପୋଲିସ ଟ୍ରକ୍ ମାଲିକଙ୍କ ସହିତ ଯୋଗାଯୋଗ କରିଥିଲା। ହେଲେ ମାମଲାରେ କ'ଣ ହେଲା ଯେ ଅଟକ ଦୁଇଜଣ ଯୁବକଙ୍କୁ ପୋଲିସ ଛାଡିଦେଲା ବୋଲି ଏଠାରେ ଆଲୋଚନା ହେଉଛି। ଯେଉଁମାନଙ୍କୁ ପୋଲିସ ଅଟକ ରଖିଥିଲା ସେମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପ୍ରଦିପ କୁମାର ସାହୁ କହିଛନ୍ତି, ଟ୍ରକ୍ ମାଲିକ ଅଭିଯୋଗ କରି ନ ଥିବା ନେଇ ମୋ ପାଖରେ ସୂଚନା ରହିଛି। ହେଲେ ମଧ୍ୟ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ଓୟୁଏଟିରେ ବିକାଶ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା



ମୀରା ମଞ୍ଜରୀ ବେହେରା | କିରନ କୁମାର ସାହୁ | ପ୍ରିୟଙ୍କା ବେହେରା | ସ୍ରିଷ୍ଟିସୁଧା ନାୟକ | ସୋନାଲି ପ୍ରଧାନ | ତନ୍ୱେଷା ସାହୁ।

ସମ୍ବଲପୁର,୪।୮(ବି.ଶଙ୍କର)

ଚଳିତବର୍ଷ ପ୍ରକାଶିତ ଓଡ଼ିଶା ୟୁନିଭର୍ସିଟିଜ ଅଫ ଏଗ୍ରିକଲ୍ଚର ଆଣ୍ଡ ଟେକ୍ନୋଲୋଜି ଓୟୁଏଟି (ୟୁଜି) ପରୀକ୍ଷାରେ ସମ୍ବଲପୁର ଜିଲା ବିକାଶ ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସ୍କୁଲ ଛାତ୍ରୀ ସ୍ରିଷ୍ଟି ୯୯.୧୪ ପର୍ସେଣ୍ଟାଇଲ୍ ରଖି ବିକାଶର ଗୌରବ ବଢ଼ାଇଛନ୍ତି। ଏକାଡେମିକ ଡାଇରେକ୍ଟର ଜି. ରାମକ୍ରିଷ୍ଣାଙ୍କ ସୂଚନାକ୍ରମେ, ଛାତ୍ରୀ ମୀରାମଞ୍ଜରି ୯୪.୬୩ ଓ ଦ୍ୱାଦଶ ଶ୍ରେଣୀର କିରନ ସାହୁ ୯୨.୯, ସୋନାଲି ୯୦.୬, ପ୍ରିୟଙ୍କା ୮୩.୮, ତନ୍ୱେଷା ୭୮.୬ ପର୍ସେଣ୍ଟାଇଲ ରଖି ଭେଟେରିନାରୀ, ହର୍ଟିକଲ୍ଚର ଆଦି ପାଠ୍ୟକ୍ରମରେ ନାମଲେଖାଇବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏକାଡେମିକ ଅଧିକାରୀ ପୁଷ୍ପିତା ପଣ୍ଡା କହିଛନ୍ତି, ବୋର୍ଡ଼ ସହ ଓୟୁଏଟି ଏଣ୍ଟ୍ରାନ୍ସ କୋଚିଂ ଯୋଗୁ ଏହା ସମ୍ଭବ ହୋଇପାରିଛି। ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଏହି ସଫଳତା ପାଇଁ ଛାତ୍ରୀଛାତ୍ର , ଶିକ୍ଷୟିତ୍ରୀ, ବିକାଶ ଦ କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ସଞ୍ଜିବ କୁମାର ବାବୁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ୬ରେ ଫ୍ୟାଶୋନୋଭା କାର୍ଯ୍ୟକ୍ରମ



ଖବରଦାତା ସମ୍ମିଳନୀରେ ଆୟୋଜକ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ସମ୍ବଲପୁର,୪।୮(ବି.ଶଙ୍କର)

ସମ୍ବଲପୁରୀ ହସ୍ତତନ୍ତ ଓ ବୟନଶିଳ୍ପକୁ ପ୍ରାଥମିକତା ଦେବା, ସ୍ଥାନୀୟ ବୁଣାକାର ଓ ଡ୍ରେସ୍ ଡିଜାଇନରଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କର ଆର୍ଥିକ ବିକାଶ କରିବା ଉଦ୍ଦେଶ୍ୟରେ ଫ୍ୟାଶୋନୋଭା କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଆସନ୍ତା ୬ ତାରିଖରେ ଏହି କାର୍ଯ୍ୟକ୍ରମ ସମ୍ବଲପୁର ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷରେ ହେବାକୁ ସ୍ଥିର କରାଯାଇଛି। ବରଗଡ଼ ସମ୍ବଲପୁରୀ ବସ୍ତ୍ରାଳୟ ପୃଷ୍ଠପୋଷକତା ଓ ଏମ୍‌ସିଏଲ୍ ସହଯୋଗରେ ଜାତୀୟ ହ୍ୟାଣ୍ଡଲୁମ ଦିବସକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ଭୁବନେଶ୍ୱର ଏନ୍‌ଆଇଆଇଏଫ୍‌ଟି ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପରିଧାନ ପ୍ରଦର୍ଶିତ ହେବ। ହ୍ୟାଣ୍ଡଲୁମ ଆଧାରିତ ପୋଷାକ ପରିଧାନ କରି ଜାତୀୟସ୍ତରର ୧୨ ମହିଳା, ୨ ପୁରୁଷ ଓ ୩୦ କୁନି ମଡେଲ ର୍ୟାମ୍ପ ୱାକ୍‌ରେ ଅଂଶଗ୍ରହଣ କରିବେ। ସେହିପରି ପ୍ରଥମକରି ୧୦ଜଣ ଗୃହିଣୀ ମଡେଲ ର୍ୟାମ୍ପରେ ଡିଜାଇନର ଶାଢ଼ି ପ୍ରଦର୍ଶନ କରିବେ। ଶୁକ୍ରବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ହରଜିତ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ନକ୍ସଟଜେନ୍ ଫ୍ୟାଶନ ଓ ଟୁର ଆଣ୍ଡ ଲାଇଫ ଷ୍ଟାଇଲ କର୍ମକର୍ତ୍ତା ଏହା କହିଛନ୍ତି । ଖବରଦାତା ସମ୍ମିଳନୀରେ ଆୟୋଜକ ଅନୁଷ୍ଠାନ ପ୍ରତିଷ୍ଠାତା ହିତେନ୍ଦ୍ର ଶାହି, ସହ ପ୍ରତିଷ୍ଠାତା ରତନ ସାଓ, ସମନ୍ୱୟକ ସୁବୋଧ ଚାନ୍ଦ, ସାମାଜିକ କର୍ମୀ ମିଳନ ହୋତା ଉପସ୍ଥିତ ଥିଲେ ।

## ସମ୍ବଲପୁର ମଣ୍ଡଳର ୧୫ ଷ୍ଟେଶନ ବିକଶିତ ହେବ

ସମ୍ବଲପୁର,୪।୮(ଶୁଭାଶିଷ ପାଢ଼ୀ)

ଅମୃତ ଭାରତ ଯୋଜନାରେ ସମ୍ବଲପୁର ରେଳମଣ୍ଡଳର ୧୫ଟି ଷ୍ଟେଶନ ନବୀକରଣ କରାଯିବ। ସେଥିମଧ୍ୟରୁ ୧୧ଟି ଷ୍ଟେଶନ୍ ପାଇଁ ଫାଉଣ୍ଡେଶନ୍ ଷ୍ଟୋନ୍ ଅଗଷ୍ଟ ୬ରେ ହେବ। ଏହାସହ ବିଭିନ୍ନ ରେଳଷ୍ଟେଶନର ଆଧୁନିକୀକରଣ କାମ ଶୀଘ୍ର ହେବ ବୋଲି ସମ୍ବଲପୁରର ବିଭାଗୀୟ ରେଳ ପରିଚାଳକ ବିନୀତ ସିଂ ଶୁକ୍ରବାର ରେଳମଣ୍ଡଳ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଥିଲେ। ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲରେ ଲୋକାର୍ପଣ ଓ ଶିଳାନ୍ୟାସ କରିବେ। ରାଜ୍ୟରେ ୫୭ଟି ଷ୍ଟେଶନ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ସମ୍ବଲପୁର ରେଳମଣ୍ଡଳର ୧୫ଟି ଷ୍ଟେଶନ ରହିଛି। ସେଗୁଡିକ ମଧ୍ୟରେ ବରଗଡ ରୋଡ୍, ବରପାଲି, ବଲାଙ୍ଗୀର, ଭବାନୀପାଟଣା, ହରିଶଙ୍କର ରୋଡ, ହୀରାକୁଦ୍, କାଣ୍ଟାବାଞ୍ଜି, ଖରିଆର ରୋଡ, ମୁନିଗୁଡା, ମହସାମୁଣ୍ଡ, ରେଢାଖୋଲ ଆଦି ରହିଛି। ଷ୍ଟେଶନ କୋଠା, ପୃଥକ୍ ପାର୍କିଂ, ସୁପରିକଳ୍ପିତ ଟ୍ରାଫିକ ବ୍ୟବସ୍ଥା, ଷ୍ଟେଶନ ପରିସର ସୌନ୍ଦର୍ଯ୍ୟକରଣରେ ସ୍ଥାନୀୟ କଳା ଓ ସଂସ୍କୃତିର ଝଲକ, ଅଗ୍ନିନିରାପତ୍ତା ବ୍ୟବସ୍ଥା, ଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ବିଶ୍ରାମାଗାର, ୧୨ମିଟର ଉଚ୍ଚତାର ଫୁଟ୍‌ବ୍ରିଜ, ଦିବ୍ୟାଙ୍ଗଙ୍କ ପାଇଁ ବ୍ୟବସ୍ଥା, ସବୁଜ ଶକ୍ତି ବ୍ୟବହାର କରି ପରିବେଶ ଅନୁକୂଳ ସବୁଜ କୋଠା ନିର୍ମାଣ ଭଳି କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଆର୍‌ଏମ୍ ଆନନ୍ଦ ସିଂଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପୋଖରୀ ପାଲଟିଲା ଓପିଏମ୍ ଖେଳପଡ଼ିଆ



ଖେଳପଡିଆ ଜଳାର୍ଣ୍ଣବ ହୋଇପଡିଛି।

ବ୍ରଜରାଜନଗର,୪।୮(ବିଜୟ ବରାଡ)

ବ୍ରଜରାଜନଗର ପୌରାଞ୍ଚଳର ଏକମାତ୍ର ଖେଳପଡ଼ିଆ ଏବେ ପୋଖରୀରେ ପରିଣତ ହୋଇଛି। ଫଳରେ ଉକ୍ତ ଖେଳପଡିଆ ଉପରେ ନିର୍ଭର କରୁଥିବା ସହରବାସୀ ଏବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଓରିଏଣ୍ଟ ପେପର ମିଲ୍ ଦ୍ୱାରା ନିର୍ମିତ ଏହି ଖେଳପଡିଆ ସହରର ମଧ୍ୟ ସ୍ଥଳରେ ଅବସ୍ଥିତ। ଏହାକୁ ଲାଗିକରି ଓପିଏମ୍ ବାଳକ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି। ଏହି ଦୁଇ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ହଜାରରୁ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଖେଳପଡିଆ ଉପରେ ନିର୍ଭରଶୀଳ। ହେଲେ ପରିତାପର ବିଷୟ ପୌର କର୍ତ୍ତୃପକ୍ଷ ଏହାକୁ ଉନ୍ନତମାନର କରିବା ଲକ୍ଷ୍ୟରେ କାମ ଆରମ୍ଭ କରିଥିଲେ ମଧ୍ୟ ଶେଷ ହୋଇପାରିନାହିଁ। ଜାନୁୟାରୀରୁ ଆରମ୍ଭ ହୋଇଥିବା କାମ ଜୁନରେ ସାରିବାର ଲକ୍ଷ୍ୟ ଥିଲା। ହେଲେ ଠିକାଦାର ଏହାକୁ ଖୋଳିଦେଇଥିଲେ ମଧ୍ୟ କାମ ଆଗକୁ ବଢ଼ିପାରୁ ନାହିଁ। ଭିନ୍ନ ଭିନ୍ନ ସଂଗଠନ ପୌର କାର୍ଯ୍ୟାଳୟ ଯାଇ ନିରାଶ ହୋଇ ଫେରୁଛନ୍ତି। ଏବେ ଲଗାଣବର୍ଷାରେ ଖୋଳାଯାଇଥିବା ଗର୍ତ୍ତ ଜଳପୂର୍ଣ୍ଣ ହୋଇ ପୋଖରୀ ସଦୃଶ ପ୍ରତୀୟମାନ ହେଉଛି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୌରାଧକ୍ଷା ଯାଜ୍ଞସେନୀ ଓରାମଙ୍କୁ ପଚାରିବାରେ କାମ ଆରମ୍ଭ ସମୟରେ ସେ ଜାଣି ନ ଥିଲେ। ସେଥିପାଇଁ ଅଫିସିଆଲ ସ୍ତରରେ ଡେରି ହୋଇ କାମ ବନ୍ଦ ହୋଇ ଯାଇଥିଲା। କାମ ଆରମ୍ଭ ହେବା ପରେ ବର୍ଷା ହେବାରୁ ବନ୍ଦ ରହିଛି। ବର୍ଷା ଛାଡିଯିବା ପରେ ଶୀଘ୍ର କାମ କରାଯିବ ବୋଲି ସେ ପ୍ରକାଶ କରିଥିଲେ।






**ଲଘୁଚାପ ବର୍ଷାରେ ଭାଙ୍ଗିଲା ଘର**

ନର୍ଲା,(ସନ୍ତୋଷ ପାତ୍ର): ଗତ ୩ଦିନ ଧରି ଲଘୁଚାପଜନିତ ବର୍ଷାରେ କଳାହାଣ୍ଡି ଜିଲା ନର୍ଲାର ବିଭିନ୍ନ ପଞ୍ଚାୟତର ନୀରିହ ଗରିବଙ୍କ ଘରଦ୍ୱାର ଭୁଷୁଡି ଯିବା ସହିତ କ୍ଷୟକ୍ଷତି ହେଉଛି। ଗତ ମଙ୍ଗଳବାର ରାତିରେ ସର୍ଗିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ କାନ୍ତିଡିଗିରା ପଡ଼ାର ଈଶ୍ୱର ଗଉଡ଼ ଏବଂ ତାଙ୍କର ସ୍ତ୍ରୀ ଘରେ ସୋଇଥିବା ବେଳେ ଘର ଭାଙ୍ଗିଯାଇଥିଲା। ଖବର ପାଇ ସ୍ଥାନୀୟ ଯୁବକମାନେ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଉଦ୍ଧାର କରିଥିଲେ। ଘର ଭାଙ୍ଗିବା ଯୋଗୁ ସ୍ଥାନୀୟ ସ୍କୁଲଠାରେ ସେମାନେ ଆଶ୍ରୟ ନେଇଥିବା ସୂଚନା ରହିଛି। ସ୍ଥାନୀୟ ତହସିଲଦାର ଶଙ୍କର ବାଗ ପଲିଥିନ ବ୍ୟବସ୍ଥା କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୟୁଥ୍ ରେଡ୍‌କ୍ରସ୍ କମିଟି ପକ୍ଷରୁ ଚାରା ରୋପଣ

ଖଡ଼ିଆଲ,୪।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଲ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ ପରିସରରେ ୟୁଥ ରେଡକ୍ରସ କମିଟି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲ ଅଧକ୍ଷା ସୁସ୍ମିତା ପ୍ରଭା ସାମଲ ମୁଖ୍ୟଅତିଥି ରୂପେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ରୋକିବା ଏକମାତ୍ର ମାଧ୍ୟମ ଜଙ୍ଗଲ ସୃଷ୍ଟି। ଯୁବ ଗୋଷ୍ଠୀ ଚାରା ରୋପଣ କରି ନିଜ ଚତଃପାଶ୍ୱରେ ଜଙ୍ଗଲ ସୃଷ୍ଟି କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କଳ୍ପଶ୍ରୀ ଆଚାର୍ଯ୍ୟ, ଲିଲି ସାହୁ, ପନଙ୍ଗ ସିଂ ନିନା, ୟୁଥ ରେଡକ୍ରସ ଅଧିକାରୀ କ୍ରୀଡା ଅଧାପକ ସୁଜିତ ପାତ୍ର, ଅଧାପିକା ଚେତନା ନାଏକ, ମମତା ସାହୁ, ଇପଶିତା ହୋତା, ସ୍କୁଲ କର୍ମଚାରୀ ଜ୍ୟୋସ୍ନା ସାହୁ, ଗିରିସୂତା ଛତ୍ରିଆଙ୍କ ସମେତ ଛାତ୍ରୀମାନେ ଉପସ୍ଥିତ ଥିଲେ।

### ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଜନ୍ମଦିନରେ ଚାରା ରୋପଣ

ରୁପ୍ରାରୋଡ୍,୪।୮ (ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସରିଆଁସ୍ଥିତ ଭାରତୀୟ ଶିଶୁ ମନ୍ଦିର ପରିସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଜନ୍ମଦିନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମ୍ବ, ଚକୁଣ୍ଡା ଗିଲୋଇ, ଅଁଳା, ସଗୁଆନ ଆଦି ବୃକ୍ଷ ରୋପଣ କରାଯାଇଥିଲା। ପାତଞ୍ଜଳି ଯୁବା ଭାରତ ଓ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ନେତୃତ୍ୱରେ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଜନ୍ମ ଦିବସ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମରେ ଭାରତୀୟ ଶିଶୁ ମନ୍ଦିର ସରିଆଁର ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ଭୋଇ, ଶହ ଶିକ୍ଷକ ଚୈତନ୍ୟ ପଧାନ, ଅଲେଖ ବାଗ, ନିରୂପମା ସାହୁ ଏବଂ ଉକ୍ତ ସ୍କୁଲ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ର, ପତାଞ୍ଜଳି ଯୁବା ଭାରତ ସଦସ୍ୟ ଶୁକଦେବ ସାହୁ ଓ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ମିଳନ କୁମାର ଭୋଇ, ମୁଖ୍ୟ ସଦସ୍ୟ ପ୍ରତ୍ୟୁଷ କୁମାର ଭୋଇ, ମୋହିତ ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଡ୍ୟାନ୍ସ ମାଷ୍ଟର ଧର୍ମେଶ ପାଇଲେ ୟୁଥ୍ ଲିଡରଶିପ୍ ଆୱାର୍ଡ



ଖଡ଼ିଆଲ,୪।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳର ଧର୍ମେଶ ଡ୍ୟାନ୍ସ ଏକାଡେମୀର ନିର୍ଦ୍ଦେଶକ ଧର୍ମେଶ ମେହେରଙ୍କୁ ମିଳିଲା ୟୁଥ ଲିଡରଶିପ୍ ଆୱାର୍ଡ। ଗତ ୧ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ୟୁଥ ଲିଡରଶିପ୍ ଆୱାର୍ଡ-୨୦୨୩ରେ ସମ୍ମାନିତ ହୋଇଛନ୍ତି ଧର୍ମେଶ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ୨୩ଜଣ ପ୍ରତିଭାବାନ ବ୍ୟକ୍ତିଙ୍କୁ ୟୁଥ ଲିଡରଶିପ୍ ଆୱାର୍ଡ ମିଳିଥିବା ବେଳେ ନୂଆପଡା ଜିଲା ଖଡ଼ିଆଳର ଡ୍ୟାନ୍ସ ମାଷ୍ଟର ଧର୍ମେଶଙ୍କୁ ଏହି ଆୱାର୍ଡ ମିଳିଛି। ଧର୍ମେଶ ଜଣେ ଓଡିଶାରେ ଜଣାଶୁଣା ନୃତ୍ୟ ଗୁରୁ ଏବଂ କରାଟେ ଗୁରୁ ହୋଇଥିବାରୁ ସେ ବିଭିନ୍ନ ବଡ଼ ଟିଭି ଶୋ'ରେ ଯୋଗଦେଇ ସଫଳତା ଅର୍ଜନ କରିଛନ୍ତି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିଭିନ୍ନ ଅନୁଷ୍ଠାନକୁ ଯାଇ ନୃତ୍ୟ ଓ କରାଟେ ଶିକ୍ଷା ଦେଇଥାନ୍ତି। ଧର୍ମେଶ ନିଜ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଆଗକୁ ବଢେଇବାର ପ୍ରୟାସ ପାଇଁ ସବୁବେଳେ ଜନମାନସରେ ପ୍ରଶଂସା ପାଇଥାନ୍ତି।

# ବଢ଼ୁଛି ଜନ ଅସନ୍ତୋଷ, ପୋଲିସର ତଦନ୍ତ



ପୋଲିସ ଘଟଣାର ତଦନ୍ତ କରୁଛି।

**ସେବାଶ୍ରମ ନାବାଳିକାକୁ ଅପହରଣ ପରେ ବଳାତ୍କାର ଉଦ୍ୟମ ଘଟଣା**

ସିନାପାଲି,୪।୮ (ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଏକ ସେବାଶ୍ରମର ଛାତ୍ରୀ ନିବାସରେ ରହୁଥିବା ୮ବର୍ଷର ଜଣେ ନାବାଳିକାକୁ ଅପହରଣ ପରେ ବଳାତ୍କାର ଉଦ୍ୟମ ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଘଟଣାକୁ ଆଦିବାସୀ ସଂଘ ତୀବ୍ର ନିନ୍ଦା କରିଛି। ଏହାର ଉଚିତ ତଦନ୍ତ କରି ଦୋଷୀ ଏବଂ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦିବାସୀ ସଂଘ ଦାବି କରିଛି। ଏହାର ଉଚିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ୯ ତାରିଖରେ ବିରାଟ ଜନଆନ୍ଦୋଳନ କରିବାକୁ ଜିଲା ଆଦିବାସୀ କଲ୍ୟାଣ ସଂଘ ସାଙ୍ଗଠନିକ ସମ୍ପାଦକ ପ୍ରସନ୍ନ କୁମାର ମାଝି ଚେତବାନୀ ଦେଇଛନ୍ତି। ଶୁକ୍ରବାର ସିନାପାଲି ଥାନା ସବଇନ୍ସପେକ୍ଟର ଅନିତା ଜାନି ତଦନ୍ତ ଆରମ୍ଭ କରିଛନ୍ତି। ଉଦ୍ଧାର କରାଯାଇଥିବା ଜଙ୍ଗଲ ନିକଟକୁ ଯିବା ସହ ସେଠାର ସ୍ଥିତି ଅନୁଧାନ କରିବା ସହ ଉଦ୍ଧାର କରିଥିବା ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚାରି ବୁଝିଛନ୍ତି। ଛାତ୍ରୀ ନିବାସରେ କାର୍ଯ୍ୟରତ କର୍ମଚାରୀ, ଅପହୃତା ଛାତ୍ରୀ ଓ ତାଙ୍କ ବାପା, ମା'ଙ୍କୁ ପଚାରି ସବିଶେଷ ତଥ୍ୟ ସଂଗ୍ରହ କରି ଫେରିଛନ୍ତି। ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଥିବା ବେଳେ ତଦନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ପ୍ରକାଶ କରିଥିଲେ। ଅନେକ ସଙ୍ଗଠନ ପକ୍ଷରୁ ଏହାକୁ ଦୃଢ଼ ନିନ୍ଦା କରୁଥିବା ବେଳେ ପ୍ରସାଶନିକ କାର୍ଯ୍ୟାନୁଷ୍ଠାନ ଠିକ ଭାବେ ନ ହେଲେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ୨ ତାରିଖ ଅପରାହ୍ଣ ପ୍ରାୟ ୩ଟାରେ ଛାତ୍ରୀ ନିବାସର ଛାତ୍ରୀ ଜଣକ ଖାଇ ସାରି ନିକଟସ୍ଥ ନଳକୂପକୁ ପାଣି ପାଇଁ ଆସିଥିଲେ। କଳାହାଣ୍ଡି ଜିଲା ଲେଡେରେ ଗ୍ରାମର ଚଉବନ ହରପାଲ ନାମକ ବ୍ୟକ୍ତି ନାବାଳିକାକୁ ନିକଟସ୍ଥ ରାମଗଡ ଜଙ୍ଗଲକୁ ଟେକି ନେଇଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର ଉଦ୍ଧବ ସତନାମି ଜଙ୍ଗଲକୁ ଛତୁ ସଂଗ୍ରହ କରିବା ପାଇଁ ଯାଇଥିବା ବେଳେ ଜଙ୍ଗଲରୁ ଛାତ୍ରୀଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଘଟଣା ଜଣାପଡିବା ପରେ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ପାଇ ସିନାପାଲି ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ନେଇ ଅଟକ ରଖିଛି। ଏହି ଘଟଣାକୁ ନେଇ ନୂଆପଡ଼ା ଅତିରିକ୍ତ ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝି ଗୁରୁବାର ଅପରାହ୍ଣ ୩ଟାରେ ଆସି ଘଟଣାର ତଦନ୍ତ କରି ଫେରିଯାଇଥିଲେ। ସନ୍ଧ୍ୟାରେ ଛାତ୍ରୀ ନିବାସର ମେଟ୍ରନ ତାରାବତୀ ନାଏକ ସିନାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, ଦାବିପତ୍ର

ନୂଆପଡ଼ା,୪।୮ (ମକାରୁ ବେମାଲ)




ଦାବିପତ୍ର ଦେବା ପାଇଁ ଆସିଥିବା ଆଦିବାସୀ ସଂଘ କର୍ମକର୍ତ୍ତା।

ନୂଆପଡା ଜିଲା ସିନାପାଲି ବ୍ଲକରେ ଅନୁସୂଚିତଜନଜାତି ଓ ଅନୁସୂଚିତଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ସେବାଶ୍ରମର ଛାତ୍ରୀ ନିବାସର ୮ବର୍ଷର ନାବାଳିକାକୁ ଅପହରଣ ପରେ ବଳାତ୍କାର ଉଦ୍ୟମ ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେବାଶ୍ରମ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାୟିତ୍ୱହୀନ ଶିକ୍ଷୟିତ୍ରୀ,ଶିକ୍ଷକ ଓ ମେଟ୍ରନ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସହ ଜିଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାନୁଷ୍ଠାନ ଅଚଳ କରିଦେବୁ ବୋଲି ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଭାନୁ ପ୍ରତାପ ସିଂ ମାଝି, ସମ୍ପାଦକ ବାଲକୃଷ୍ଣ ଶବର, ଜୟରାମ ଶବର, ଭକ୍ତଭନ୍ଧୁ ଧରୁଆ, ଜ୍ଞାନେଶ୍ୱର ମାଝି, କାର୍ତିକେଶ୍ୱର ମଲ୍ଲିକ, ଘନଶ୍ୟାମ ଶବର, ବିଷ୍ଣୁ ମିର୍ଦ୍ଧା, ମହେଶ ଶବର, ବିଶେଶ୍ୱର ଶବର, ବିରେନ୍ଦ୍ର ବିଶ୍ୱାଳ, ଦୟାରାମ ମାଝି, ଜୟଧର ଶବର, ବିଶ୍ୱନାଥ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ

**ଆଜି ୪ ଦଫା ଦାବି ପୂରଣ ପାଇଁ ଦାବିପତ୍ର ପ୍ରଦାନ କରାଯିବ**

କୋକସରା,୪।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମିଳିତ ଶିକ୍ଷକ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ ଶୁକ୍ରବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶନିବାର ୪ ଦଫା ଦାବି ପୂରଣ ପାଇଁ ସ୍ଥାନୀୟ ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ନେଇ ଆଲୋଚନା କରାଯାଇଛି। ବ୍ଲକ ମିଳିତ ଶିକ୍ଷକ ସଂଘ ସମୁହଙ୍କ ପକ୍ଷରୁ ଶିକ୍ଷକ ସଂଘ ଭୁରିଶ୍ରବା ଜାଲଙ୍କ ସଭାପତିତ୍ୱରେ ରାଜ୍ୟ ସଂଘ ଉପଦେଷ୍ଟା ସତ୍ୟବାନ ପାଣିଗ୍ରାହୀ, ଜିଲା ଶିକ୍ଷକ ସଂଘ ସମ୍ପାଦକ ତଥା ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ଉପସ୍ଥିତ ରହି ଆଲୋଚନା କରିଥିଲା। ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଶନିବାର କୋକସରା କଲେଜ ଛକରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ବାହାରି ନିଜର ହକ ପୁରଣ ପାଇଁ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଇଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରସ୍ତୁତି ବୈଠକରେ ଉପସଭାପତି ବିର କିଶୋର ନାଗ, ସମ୍ପାଦକ ସୁଭାଷ ଚନ୍ଦ୍ର ବାଗ, ଯୁଗ୍ମ ସମ୍ପାଦକ ଦୁଲ୍ଲଭ ଚନ୍ଦ୍ର ପୂଜାରୀ, ଗୋଷ୍ଠି ସଂଯୋଜକ ଅଜିତ କୁମାର ସାହୁ, କୋଷାଧକ୍ଷ ଦିଲୀପ କୁମାର ସାହୁ, ବେଣୁଧର ନାଏକ, ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ବରିଷ୍ଠ ଶିକ୍ଷକ ଲିଙ୍ଗରାଜ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ବନ କ୍ରେଡିଟ୍ ପ୍ରକଳ୍ପ ସମ୍ପର୍କିତ ବୈଷୟିକ ତାଲିମ ଶିବିର




ତାଲିମ ଶିବିରରେ ଅଂଶ ଗ୍ରହଣକରୀମାନେ।

ଭବାନୀପାଟଣା,୪।୮ (ଉତ୍ତମ କୁମାର ଦାଶ)

ସମ୍ପ୍ରତି ପୃଥିବୀରେ ଜନସଂଖ୍ୟା ବୃଦ୍ଧି ଓ ମାନ ସମାଜର ସୌଖୀନ ଜୀବନଚର୍ଯ୍ୟା ପାଇଁ ମଣିଷ କରିଚାଲିଛି ନାନା ପ୍ରକାର ଅହେତୁକ କାର୍ଯ୍ୟ। ଯାହା ପରବର୍ତ୍ତୀ ସମୟରେ ତାର କୁପ୍ରଭାବର ପରିଣାମ ମଣିଷକୁ ହିଁ ଭୋଗିବାକୁ ପଡୁଛି। ତେଣୁ ଜଙ୍ଗଲ ନଷ୍ଟ, ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ, କୀଟ ନାଶକ ଔଷଧ ପ୍ରୟୋଗ, ବିଭିନ୍ନ ପ୍ରକାର କଳ କାରଖାନା, ଯାନବାହନ ଚଳାଚଳ ଇତ୍ୟାଦି କାର୍ଯ୍ୟ ଯୋଗୁ ବର୍ତ୍ତମାନ ପାଣି, ପବନ ସମେତ ମୃତ୍ତିକା ସ୍ୱୟ ପ୍ରଦୂଷଣ ହୋଇଗଲାଣି। ଏହାର ପ୍ରଭାବ ସିଧାସଳଖ ମଣିଷ ସମାଜ ଉପରେ ପଡୁଛି ଓ ପୃଥିବୀରେ ଅନେକ ପ୍ରାକୃତିକ ବ୍ୟବସ୍ଥାରେ ଅନିୟମିତତା ଦେଖାଯାଉଛି। ଏସବୁ ବିଷୟରେ ଜନ ସଚେତନତା, ନିୟନ୍ତ୍ରଣ ଓ ଜୈବିକ ପନ୍ଥାରେ ଚିରସ୍ଥାୟୀ ଚାଷ ପ୍ରଣାଳୀ ଇତ୍ୟାଦିକୁ ଜନାଭିମୁଖୀ କରିବାପାଇଁ ଡବ୍ଲ୍ୟୁଏନ ଭି(ଭେଲ୍ୟୁ ନେଟୱାର୍କ ଭେଞ୍ଚର୍), ଆଇଏଫ ଏଚଡିଓଏଫଏଫଆଇଡି ଭବାନୀପାଟଣାଙ୍କ ମିଳିତ ସହଯୋଗରେ କଣ୍ଟାବାଞ୍ଜି, ଲାଞ୍ଜିଗଡ, ମୁନିଗୁଡା, ବିଷମକଟକ ଓ ନର୍ଲା ବ୍ଲକରେ ପ୍ରାୟ ୪୫ ଶହ ହେକ୍ଟର ଜମିରେ କାର୍ବନ କ୍ରେଡିଟ ପ୍ରକଳ୍ପ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସଫ୍ଟୱେର ଆପ ମାଧ୍ୟମରେ ସେହି ପ୍ରକଳ୍ପର ପ୍ରାଥମିକ ତଥ୍ୟ ସଂଗ୍ରହ ପାଇଁ ୨ ଦିନ ଧରି ଭବାନୀପାଟଣାରେ ପ୍ରକଳ୍ପର ଷ୍ଟାଫମାନଙ୍କୁ ସଫ୍ଟୱେର ଆପ ସମ୍ପର୍କିତ ଅଧିକ ବୈଷୟିକ ଜ୍ଞାନ ଆହରଣ ନିମନ୍ତେ ତାଲିମ ପ୍ରଦାନ କରାଯାଇଥିଲା। ଆଇଏଫଏଚଡିର ରାଜ୍ୟ ମୁଖ୍ୟ ସୁବାଷ ନାଏକ ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଫଏଫଆଇଡିର ରାଜ୍ୟ ସଂଯୋଜକ ଅରୁଣ କୁମାର ବିଶ୍ୱାଳ ଓଡ଼ିଶା ଯୋଗଦେଇ ଏଫଏଫଆଇଡି.ର କାର୍ଯ୍ୟକ୍ରମ ଉପରେ ବିଷଦ ଭାବରେ ଆଲୋକପାତ କରିଥିଲେ। ଶିବିରରେ ଭିଏନଭିର ରିଲେସନସିପ ମ୍ୟାନେଜର ଆର. ଅନୁଷା ଉପସ୍ଥିତ ସମସ୍ତଙ୍କୁ ଭିଏନଭି ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲାବେଳେ ଭିଏନଭିର ଡାଟାବେସ ମ୍ୟାନେଜର ଅରବିନ୍ଦ ଭି. ଆପ ମାଧ୍ୟମରେ ତଥ୍ୟ ସଂଗ୍ରହ ସମ୍ପର୍କରେ ତାଲିମ ଦେଇଥିଲେ। ଲ୍ୟାଣ୍ଡ ୟୁଜ କଂସଲଟାନସି ଫିଲିପ କାର୍ବନ କ୍ରେଡିଟ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରେ ଆଇଏଫଏଚଡି କଳାହାଣ୍ଡି ଜିଲା ସଂଯୋଜକ ଗନ୍ଧର୍ବ ଗଉଡ଼ ଧନ୍ୟବାଦ ଦେଇଥିଲେ।

## ଶିକ୍ଷକ ସଂଘର ପ୍ରସ୍ତୁତ ବୈଠକ

କର୍ଲାମୁଣ୍ଡା,୪।୮ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ବ୍ଲକ ସଦରସ୍ଥିତ ଯୁକ୍ତ ଦୁଇ ମହାବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଆସନ୍ତା ଶନିବାର ୩ ଦଫା ଦାବି ନେଇ ହେବାକୁ ଥିବା ଶୋଭାଯାତ୍ରା ଅୟୋଜନ ନିମନ୍ତେ ବୈଠକରେ ଆଲୋଚନା କରାଯାଇଛି। ଏଥିରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣାଙ୍କ ସଭାପତିତ୍ୱରେ କର୍ଲାମୁଣ୍ଡା ବ୍ଲକ ସମ୍ପାଦକ ସୁଦର୍ଶନ ସାହୁ, କେସିଙ୍ଗା ବ୍ଲକ ସମ୍ପାଦକ କୁଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ଶନିବାର ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରା ସହ ୩ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗଣ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ଉଜ୍ଜ୍ୱଳ କୁମାର ସାହୁ ସଂଯୋଜନା କରିଥିବା ବେଳେ ସୁଦର୍ଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କ୍ଷୀର ସାଗର ସାହୁ, ରୂପାଧର କୁମାର, ଦୁଷ୍ମନ୍ତ ଲେଙ୍କା, ବିଭୁତି ସେଠ, ମନୋଜ କୁମାର ମିଶ୍ର, ତୁଳାମତି ସାହୁ, ମନୋଜ ଦାସ, ପ୍ରସନ୍ନ କୁମାର ସାହୁ, ରାଉତ ସୁନା, ରିଟନ ନାଗ, ଫକୀର ଭୋଇ, ଜିତେନ୍ଦ୍ର ସାହୁ, ଅଭିମନ୍ୟୁ ରଣା, ଐଶ୍ୱର୍ଯ୍ୟ ସାହୁ, ଥବିର ଭୋଇ, କିଶୋର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ତହସିଲଦାରଙ୍କୁ ପଞ୍ଚାୟତ ପକ୍ଷରୁ ଚିଠି

**ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଜାଗା ଚିହ୍ନଟ**

କୋକସରା,୪।୮ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ମାର୍ଟ ବସଷ୍ଟାଣ୍ଡ, ମିନି ଷ୍ଟାଡିୟମ ସହ ଜିମ, ସ୍ମାର୍ଟ ପାର୍କ ଓ ମଡେଲ ଶ୍ମଶାନ ନିର୍ମାଣ ପାଇଁ ଅନୁଦାନ ମିଳିଛି। ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ପାଇଁ ଜାଗା ଯୋଗାଇ ଦେବାକୁ ଶୁକ୍ରବାର କୋକସରା ପଞ୍ଚାୟତ ପକ୍ଷରୁ ଲିଖିତ ଅନୁରୋଧ କରାଯାଇଛି। ସୂଚନା ମତେ ପୂର୍ବରୁ କୋକସରା ଗ୍ରାମସଭା ଅଧିବେଶନ ଗତ ୧୨।୬।୨୩ରେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, କୋକସରା ତହସିଲଦାର ଦେବବ୍ରତ କରାଟି, ବିଡ଼ିଓ ଉତ୍ତମ କୁମାର ବାଗ, ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବୈଠକରେ ଏହି ସବୁ ପ୍ରକଳ୍ପ ନିର୍ମାଣ ପାଇଁ ଗ୍ରାମସଭା ଜରିଆରେ ଏକ କମିଟି ଗଠନ କରାଯାଇ ପ୍ରକଳ୍ପଗୁଡିକ ଅନୁମୋଦନ କରାଯାଇଛି। ପ୍ରକଳ୍ପ ନିର୍ମାଣ ପାଇଁ ଜାଗା ନିରୂପଣ ସ୍ଥାନୀୟ ତହସିଲଦାରଙ୍କୁ ସ୍ଥାନ ଚିହ୍ନଟ କରି ଯୋଗାଇ ଦେବାକୁ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଓ ଗ୍ରାମସଭା କମିଟି ସଙ୍ଗଠକ ମହେଶ ଗୁପ୍ତା, ମାନସ ବେହେରା, ଅମୂଲ୍ୟ ବିଶି, ଜିତାମିତ୍ର ପ୍ରଧାନୀ, କ୍ଷୀରସିନ୍ଧୁ ନେଗି, ମାନସ ପ୍ରଧାନୀ, ମହେନ୍ଦ୍ର ପ୍ରଧାନୀ, ସୁରଜ ନାଏକ ପ୍ରମୁଖ ତହସିଲଦାରଙ୍କୁ ଭେଟି ପଞ୍ଚାୟତ ପକ୍ଷରୁ ଚିଠି ପ୍ରଦାନ କରିଛନ୍ତି।



ତହସିଲଦାରଙ୍କୁ ଚିଠି ପ୍ରଦାନ କରାଯାଉଛି।

## ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେସିଙ୍ଗା,୪।୮ (ତ୍ରମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ସଦଭାବନା ସଭା ଗୃହରେ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅଧକ୍ଷ ନୃପରାଜ ଯାଦବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗତବର୍ଷର ବିବରଣୀ ପଠନ କରାଯାଇଥିଲା। ଆସନ୍ତା ଅଗଷ୍ଟ ୧୫ ତାରିଖରେ କିପରି ଧୁମଧାମରେ ସ୍ୱାଧୀନତା ଦିବସ ପାଳନ କରାଯିବ, ସେଥିପାଇଁ ପ୍ରତ୍ୟେକ ବିଭାଗ କମିଟି ଗଠନ କରାଯାଇଛି। ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କେସିଙ୍ଗା ଆଇଆଇସି ସତ୍ୟ କୁମାର ନନ୍ଦଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରସ୍ତୁତି ବୈଠକରେ ଅଧକ୍ଷ ନୃପରାଜ ଯାଦବ, କାର୍ଯ୍ୟ ନିର୍ବାହୀ ଅଧିକାରିଣୀ କିରଣ ବେହେରା, ଆଇଆଇସି ଏସ.କେ. ନନ୍ଦ, ପୂର୍ବତନ ଉପାଧକ୍ଷ ଗୋବିନ୍ଦ ବନଛୋରଙ୍କ ସମେତ କାଉନସିଲର ବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ, ଅବସରପ୍ରାପ୍ତ ଲେକଚର ବି.ଚନ୍ଦ୍ର ଶେଖର ଆଚାରି, କେସିଙ୍ଗା ମହାବିଦ୍ୟାଳୟ ଖେଳ ଶିକ୍ଷକ ଅଶ୍ୱିନି କୁମାର ପାଇକରାୟଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରସ୍ତୁତି ବୈଠକ ଅଂଶଗ୍ରହଣ କରିଥିଲେ।



ସ୍ୱାଧୀନତା ଦିବସ ପାଳନ ନେଇ ବୈଠକରେ ଆଲୋଚନା କରାଯାଉଛି।

## ସୁରକ୍ଷା ବ୍ୟବସ୍ଥାର ତଦାରଖକଲା ବିଏସ୍‌ସି

ଭବାନୀପାଟଣା,୪।୮ (ଉତ୍ତମ କୁମାର ଦାଶ)




ଉତ୍କେଳା ବିମାନ ବନ୍ଦର।

**ଉତ୍କେଳାରୁ ଉଡ଼ିବ ବିମାନ**

କଳାହାଣ୍ଡି ଜିଲାର ବହୁ ପ୍ରତିକ୍ଷିତ ଉତ୍କେଳା ବିମାନ ବନ୍ଦରରୁ ବିମାନ ଚଳାଚଳ ଖୁବଶୀଘ୍ର ଆରମ୍ଭ ହେବ। ଏକ ସ୍ୱତନ୍ତ୍ର ଟିମ ଉତ୍କେଳା ବିମାନ ବନ୍ଦର ତଦାରଖ କରି ସନ୍ତୋଷ ପ୍ରକାଶ କରିଛନ୍ତି। ଖୁବଶୀଘ୍ର ବିମାନ ଚାଲିବା ଆରମ୍ଭ ହେବ ବୋଲି କଳାହାଣ୍ଡି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗତ କିଛି ଦିନ ତଳେ ଏମ୍‌ପି ବସନ୍ତ ପଣ୍ଡାଙ୍କ ପ୍ରଶ୍ନରେ ବେସାମରିକ ବିମାନ ମନ୍ତ୍ରୀ ଉତ୍କେଳାକୁ ଦୁଇଟି ଲାଇସେନ୍ସ ମିଳିଥିବା ନେଇ ସୂଚନା ଦେଇଥିଲେ। ରାଜ୍ୟ ସରକାର ତତ୍ପର ଦେଖାଇ ଏହାର ଫାଇନାଲ ସୁରକ୍ଷା ବ୍ୟବସ୍ଥା ଦେଖିବା ଓ ସମସ୍ତ ପ୍ରୋଟୋକଲ ଅନୁଯାୟୀ ଅଛି କି ନାହିଁ ତାହା ଦେଖିବା ପାଇଁ ଉପନିର୍ଦ୍ଦେଶକ ଓ ଏସଏସ ମ୍ୟାନେଜମେଣ୍ଟକୁ ଚିଠି ଲେଖିଥିଲେ। ଏକ ସ୍ୱତନ୍ତ୍ର ଟିମ ଆସି ଉତ୍କେଳା ବିମାନ ବନ୍ଦର ତଦାରଖ କରି ଥିବା ସୂଚନା ମିଳିଛି। ତଦାରଖ ସମୟରେ ପୂର୍ତ୍ତ ବିଭାଗ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଗତ କିଛି ମାସ ତଳେ ଏକ ଲାଇସେନ୍ସ ଅନୁମୋଦନ ପାଇଁ ଦିଲ୍ଲୀ ଓ ଭୁବନେଶ୍ୱରରୁ ଡିଜିସିଆଇ କର୍ତ୍ତୃପକ୍ଷ ଆସିଥିଲେ। ହେଲେ କିଛିଟା ନିୟମରେ ତ୍ରୁଟି ବାହାର କରିଥିଲେ, ଯାହାର ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଠିକ୍ କରାଯାଇଥିଲା। ଏହି ବିମାନ ବନ୍ଦର କାର୍ଯ୍ୟକାରୀ ହେଲେ କେବଳ କଳାହାଣ୍ଡି ନୁହେଁ ବରଂ ରାୟଗଡା, ନୂଆପଡ଼ା, ବଲାଙ୍ଗୀର ଓ ନବରଙ୍ଗପୁର ଜିଲାବାସୀଙ୍କୁ ମଧ୍ୟ ଯୋଗାଯୋଗ କ୍ଷେତ୍ରରେ ସହାୟକ ହୋଇପାରିବ। ୧୯୬୨ରେ ସ୍ଥାପନ ହୋଇଥିଲା ଉତ୍କେଳା ବିମାନ ବନ୍ଦର। ସେ ସମୟରେ ଏହା ୧୨ରୁ ୫୦ ସିଟ ବିଶିଷ୍ଟ ଏୟାରକ୍ରାଫ୍ଟ ପାଇଁ ପ୍ରଯୁଜ୍ୟ ଥିଲା। ୨୦୧୬-୧୭ରେ ଉଡାନ ଯୋଜନାରେ ୩ କୋଟି ଟଙ୍କା ଅନୁଦାନ ମିଳିବା ପରେ ବିମାନ ବନ୍ଦର ସମ୍ପ୍ରସାରଣ, ରନୱେ, ପାଚେରି, ଡ୍ରେନ, ଦୁଇ ପାର୍ଶ୍ୱରେ ରାସ୍ତା, ସିଗନାଲ ରୁମ, କଣ୍ଟ୍ରୋଲ ରୁମ, ରେଷ୍ଟ ହାଉସ, ଗେଷ୍ଟ ହାଉସର ନିର୍ମାଣ ଆରମ୍ଭ କରାଯାଇଥିଲା। ପରେ ଆହୁରି ଅନୁଦାନ ରାଶି ବଢିବା ପରେ ଟର୍ମିନାଲ ବିଲ୍ଡିଂ, ଚେକ୍ଇନ, ଫ୍ୟୁଏଲ ଷ୍ଟେଶନ ଆଦି ନିର୍ମାଣ କରାଯାଇଛି। ସେହିପରି ଉତ୍କେଳା ଏୟାରଷ୍ଟ୍ରିପକୁ ଉଡାଣ ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ସାମିଲ କରାଯାଇଥିଲା। ଆବଶ୍ୟକ ଭିତ୍ତିଭୂମି ପାଇଁ ଅନୁମତି ମିଳିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିଙ୍କ ସହ ବେସରକାରୀ ବିମାନ ଚଳାଚଳ ସମ୍ପୃକ୍ତ କର୍ତ୍ତୃପକ୍ଷ ପର୍ଯ୍ୟାୟକ୍ରମେ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଉଡାଣ ଯୋଜନାରେ ୧୬ କୋଟି ବ୍ୟୟରେ ଭିତ୍ତିଭୂମି ପ୍ରସ୍ତୁତ ସରିଥିବା ବେଳେ ୨-ବି ଲାଇନସେନ୍ସ ପାଇଁ ପଦକ୍ଷେପ ନିଆଯାଇଛି। ଏହାସହ ବଡ଼ ଏୟାରପୋର୍ଟ ପାଇଁ ୫୫ କୋଟି ବ୍ୟୟର ଟେଣ୍ଡର ପରେ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ସରି ସାରିଛି। ଏହା ଦ୍ୱାରା ଉତ୍କେଳାରୁ ଭୁବନେଶ୍ୱର, ରାୟପୁର, ବିଶାଖାପାଟଣା, ଚେନ୍ନାଇ, ନୂଆଦିଲ୍ଲୀ, ମୁମ୍ବାଇ ଓ କୋଲକାତାକୁ ନିୟମିତ ବିମାନ ଚଳାଚଳ ପାଇଁ ଲକ୍ଷ୍ୟ ରଖାଯାଇଛି।

# ସୂଚନା ନ ଦେଇ ଡ୍ୟାମ୍‌ରୁ ଗେଟ ଖୋଲିଲେ

ଅମରପାଲି,୪।୮ (ପୀତାମ୍ବର ସାହୁ)

ଲଗାଣ ବର୍ଷା ପ୍ରଭାବରେ ବୀରମହାରାଜପୁର ଅଞ୍ଚଳରେ ଦେଖାଦେଇଥିଲା ବନ୍ୟା ପରିସ୍ଥିତି। ହଠାତ ହରିହର ଯୋର ଜଳସେଚନ ପ୍ରକଳ୍ପ (ଠେଙ୍ଗୋ ଡ୍ୟାମ୍)ରୁ ୬ଟି ଗେଟ ଖୋଲି ଦେବାରୁ ତଳମୁଣ୍ଡରେ ବନ୍ୟାପାଣି ଫୁଲି ଉଠିଥିଲା। ଫଳରେ ବ୍ୟାପକ କ୍ଷତି ହୋଇଛି। ରାତିରେ ବନ୍ୟାଜଳ ମାଡି ଆସିବାରୁ ଲୋକେ ମଧ୍ୟ ସତର୍କ ହୋଇପାରି ନ ଥିଲେ। ବନ୍ୟାଜଳ ପ୍ରଭାବରେ ମସିଣାପାଲି, ବରଘାଟ ଦାଦର, ବାରଝୁଲା, ପୁଲେଶ୍ୱର, ମାଣିକପୁର, ଲୁଦୁମୁଣ୍ଡା, ପଥରଘାଟ, କୃଷ୍ଣପାଲି, ତେନ୍ତୁଳିମହଦା, କୁଡ଼ାପଡା, ଦୁହୁଲପାଲି, ଗୋବିନ୍ଦପୁର, ବାଗବର ଆଦି ଅଞ୍ଚଳର ଚାଷ ଜମିରେ ଜଳାର୍ଣ୍ଣବ ହୋଇପଡ଼ିଥିଲା। ଜମିରେ ଥିବା କୃଷି ଯନ୍ତ୍ରପାତି, ଅନ୍ୟାନ୍ୟ ଉପକରଣ ବନ୍ୟା ଜଳରେ ଭାସି ଯାଇଥିବାବେଳେ ସାର, କୀଟନାଶକ ଆଦି ନଷ୍ଟ ହୋଇଯାଇଛି। ବାଗବାର ଗ୍ରାମରେ ଜଣେ ଚାଷୀଙ୍କ କୁକୁଡ଼ା ଫାର୍ମରେ ବନ୍ୟାଜଳ ପଶି ଯିବାରୁ ପ୍ରାୟ ୧୫ଶହ କୁକୁଡ଼ା ମରିଯାଇଛନ୍ତି। ଅନେକ ଉଠାଜଳସେଚନ ପ୍ରକଳ୍ପର ମୋଟର ଅଚଳ ହୋଇପଡିଛି। ବନ୍ୟାପାଣି କମିବା ପରେ ଚାଷ ଜମି ବାଲିଚର ହୋଇପଡ଼ିଛି। ଏତେ ପରିମାଣରେ ବନ୍ୟା ଜଳ କିଭଳି ପୂର୍ବରୁ ସୂଚନା ନ ଦେଇ ଜଳସେଚନ ବିଭାଗ ନିଷ୍କାସନ କଲା ତାହା ଏବେ ଲୋକେ ପ୍ରଶ୍ନ କରିଛନ୍ତି। ପ୍ରବଳ ବର୍ଷା ହେଉଥିବାବେଳେ ପୂର୍ବରୁ ସୂଚନା ନ ଦେଇ ୬ଟି ଗେଟ ଖୋଲିବାରୁ ବନ୍ୟା ହୋଇ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବୀରମହାରାଜପୁର ଥାନାରେ ଗୁରୁବାର ଠେଙ୍ଗୋ ଡ୍ୟାମର ଜଳ ପରିଚାଳନାରେ ତ୍ରୁଟି ଅଭିଯୋଗ କରି ଜଳସେଚନ ବିଭାଗର ଭାରପ୍ରାପ୍ତ ଯନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନାମରେ ଅଭିଯୋଗ କରିଛନ୍ତି କୃଷ୍ଣପାଲି ଗ୍ରାମର ଜଣେ ଚାଷୀ ଦାମୋଦର ହୋତା। ତାଙ୍କ ଅଭିଯୋଗକ୍ରମେ ହଠାତ ବନ୍ୟାଜଳ ମାଡି ଆସିବାରୁ ତାଙ୍କର ବ୍ୟାପକ ଚାଷ ଓ କୃଷି ଉପକରଣ ନଷ୍ଟ ହୋଇଛି। ପାଖାପାଖି ୬ରୁ ୭ ଲକ୍ଷ ଟଙ୍କା ତାଙ୍କର କ୍ଷୟକ୍ଷତି ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ଠିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗ କରିଛନ୍ତି। ଏନେଇ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଜେନାଙ୍କୁ ଯୋଗାଯୋଗ କରିବାରୁ ସେ ଏହାକୁ ଖଣ୍ଡନ କରିଛନ୍ତି। ଠେଙ୍ଗୋ ଡ୍ୟାମରୁ ଗେଟ ଖୋଲିବା ପାଇଁ ପୂର୍ବରୁ ସୂଚନା ଦିଆ ଯାଇଥିଲା। ଉପରମୁଣ୍ଡରେ ବନ୍ୟାପାଣିର ମାତ୍ରା ବଢ଼ି ଯିବାରୁ ଆମେ ଗେଟ ଖୋଲିବାକୁ ବାଧ ହେଲୁ। ଏକାବେଳେ ଗେଟ ଖୋଲା ନ ଯାଇ ଗୋଟାଏ ପରେ ଗୋଟିଏ ଗେଟ ଖୋଲିଛୁ। ଯଦି ଗେଟ ଖୋଲା ଯାଇ ନ ଥାନ୍ତା, ତାହେଲେ ଡ୍ୟାମ ଭାଙ୍ଗି ଯିବାର ଆଶଙ୍କା ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଉକ୍ତ ଘଟଣାର ଠିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।


ଠେଙ୍ଗୋ ଡ୍ୟାମ୍ ପ୍ରକଳ୍ପ।

- ବୀରମହାରାଜପୁରରେ ବନ୍ୟା ଘଟଣା
- ଠେଙ୍ଗୋର ଜଳ ପରିଚାଳନାରେ ତ୍ରୁଟି ଅଭିଯୋଗରେ ଥାନାରେ ଏତଲା
- ଅଭିଯୋଗକୁ ଖଣ୍ଡନ କଲେ ବିଭାଗୀୟ ସହକାରୀ ଯନ୍ତ୍ରୀ

## ସଂକ୍ଷେପରେ

### ସୋନପୁରରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ


ରାଜ କିଶୋର ମିଶ୍ର।

ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁରରେ ନୂତନ ଉପଖଣ୍ଡ ପୋଲିସ ଅଧିକାରୀ(ଏସ୍‌ଡିପିଓ) ଭାବେ ରାଜ କିଶୋର ମିଶ୍ର ଯୋଗ ଦେଇଛନ୍ତି। ମିଶ୍ର ଏଠାରେ ଏସଡିପିଓ ଭାବେ କାର୍ଯ୍ୟରତ ପୁଷ୍ପାଞ୍ଜଳି ନିଙ୍ଗିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ମିଶ୍ର ସମ୍ବଲପୁର ଜିଲା କୁଚିଣ୍ଡା ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିଲେ। କୁଚିଣ୍ଡାରେ ଯୋଗଦାନ ପୂର୍ବରୁ କଳାହାଣ୍ଡି ଜିଲାରେ ଡିଏସ୍‌ପି ଭାବେ ମିଶ୍ରଙ୍କର କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି। ଏପରିକି ୨୦୦୯ ପୂର୍ବରୁ ସୁବର୍ଣ୍ଣପୁର ଜିଲାର ତରଭା, ବିନିକା ଓ ଡୁଙ୍ଗୁରିପାଲି ଥାନାରେ ଓଆଇସି ଭାବେ ସେ କାର୍ଯ୍ୟ କରିଥିଲେ। ଜନସାଧାରଣଙ୍କ ସହଯୋଗରେ ସୋନପୁର ପୋଲିସ ଉପଖଣ୍ଡରେ ଆଇନଶୃଙ୍ଖଳା, ଟ୍ରାଫିକ୍ ନିୟନ୍ତ୍ରଣ ଦିଗରେ କାର୍ଯ୍ୟ କରିବେ ବୋଲି ମିଶ୍ର କହିଛନ୍ତି। ପ୍ରକାଶ ଯେ, ପୂର୍ବରୁ ସୋନପୁର ଏସଡିପିଓ ଭାବେ ଦାୟିତ୍ୱରେ ଥିବା ନିଙ୍ଗିଙ୍କ ରାଉରକେଲା ଡିଏସ୍‌ପି ଭାବେ ବଦଳି ହୋଇଛି । ସେ ଗୁରୁବାର ସନ୍ଧ୍ୟାରେ ଏଠାରୁ ରିଲିଭ୍ ହୋଇଛନ୍ତି ।

# ବୀରମହାରାଜପୁରରେ ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ଅମରପାଲି,୪।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଗତ ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ହରିହରଯୋର ମଧ୍ୟମ ଜଳସେଚନ ପ୍ରକଳ୍ପରୁ ଏକାସାଙ୍ଗରେ ୬ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ ଫଳରେ ତଳମୁଣ୍ଡରେ ବନ୍ୟାର ପରିସ୍ଥିତି ଦେଖାଦେଇ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଡ୍ୟାମ୍‌ର ତଳ ଅଞ୍ଚଳରେ ଥିବା ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପରେ ବ୍ୟାପକ ପରିମାଣରେ କ୍ଷତି ହୋଇଥିଲା। ବନ୍ୟାର ସ୍ଥିତି ଦେଖିବାକୁ ଶୁକ୍ରବାର ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାଏ ବୀରମହାରାଜପୁର ଅଞ୍ଚଳଗସ୍ତ କରି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲାପାଳ ପ୍ରଥମେ ମୃଷୁଣ୍ଡି ନିକଟସ୍ଥ ହରିହର ଯୋର ପୋଲ ନିକଟରେ ହୋଇଥିବା କ୍ଷୟକ୍ଷତି ଦେଖିବା ସହିତ ପରେ ଲୁଦୁମୁଣ୍ଡାଠାରେ ଥିବା ବିଭିନ୍ନ ଲିଫ୍ଟ ପଏଣ୍ଟ ଗୁଡିକର ସ୍ଥିତି ବୁଲି ଦେଖିଥିଲେ। ଶେଷରେ ଠେଙ୍ଗୋ ଡ୍ୟାମକୁ ଯାଇ ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ରିୟ ପାଢ଼ି, ସହକାରୀ ଯନ୍ତ୍ରୀ ଜଗନ ମାଝି, ଉପଜିଲାପାଳ ଅଶୋକ କୁମାର ଭୋଇ, ଟାଟା ପାୱାର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ, ବୀରମହାରାଜପୁର ତହସିଲଦାର ବିବୁଧ ଗଡନାୟକ, ଉଠାଜଳସେଚନ କନିଷ୍ଠ ଯନ୍ତ୍ରୀ ଶୁଶାନ୍ତ ସାମଲ ଏବଂ ଲୁଡୁରପଙ୍ଗ ସରପଞ୍ଚ ସୂର୍ଯ୍ୟକୁମାର ନନ୍ଦ ପ୍ରମୁଖଙ୍କ ସମେତ ପ୍ରକଳ୍ପ ଅଧିନସ୍ଥ ଅନେକ ଚାଷୀ ଉପସ୍ଥିତ ଥିଲେ। ବହୁ ଶୀଘ୍ର ସମସ୍ତ କ୍ଷତିଗ୍ରସ୍ତ ହୋଇଥିବା ପ୍ରକଳ୍ପର ରିପୋର୍ଟ ଆସିବା ପରେ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଶେଷରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବନ୍ୟା ଉପରେ ଏକ ରିଭ୍ୟୁ ବୈଠକ କରିଥିଲେ।


ଠେଙ୍ଗୋ ଡ୍ୟାମ୍‌ରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

# ବନ୍ୟା ପାଣିରେ ବୁଡ଼ିଗଲା ୪୦ ଉଠାଜଳସେଚନ ପଏଣ୍ଟ

ଅମରପାଲି,୪।୮ (ପୀତାମ୍ବର ସାହୁ)

ଲଘୁଚାପଜନିତ ଲଗାଣ ବର୍ଷାରେ ବୀରମହାରାଜପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାତ୍ର ସବୁଠୁ ବେଶୀ କ୍ଷତିଗ୍ରସ୍ତ ଚାଷୀମାନେ ହୋଇଛନ୍ତି। ଚାଷୀଙ୍କ ଧାନ ଜମି, ତଳି, ପନିପରିବା, କପା ଚାଷ ଆଦି ପାଣି ବୁଡି ରହିବା ସହ ବହୁ ପନିପରିବା ବନ୍ୟାପାଣିରେ ଭାସି ଯାଇଥିବା ଅଭିଯୋଗ ହୋଇଛି। ମରୁଡି ଅଞ୍ଚଳରେ ଚାଷୀମାନଙ୍କ ପାଇଁ ଥିବା ଉଠାଜଳସେଚ ପ୍ରକଳ୍ପର ବହୁତ କ୍ଷତି ହୋଇଥିବାବେଳେ ଅନେକ ପ୍ରକଳ୍ପ ପାଣି ଭିତରେ ବୁଡି ରହିଛି। ଆଉ କେତେକ ପ୍ରକଳ୍ପର ପାଣି ମୋଟର ସହ ପାଇପ, ଷ୍ଟାଟର ଆଦି ବନ୍ୟାପାଣିର ପ୍ରଖର ସ୍ରୋତରେ ବୋହି ନେଇଛି। ସେପଟେ ପ୍ରକଳ୍ପଗୁଡିକ ପାଇଁ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପାଣି ଭିତରେ ବୁଡି ରହିଥିବାବେଳେ ପାଣି ମାଡରେ କେତେ ସ୍ଥାନରେ ବିଦ୍ୟୁତ୍ ପୋଲ ଭାଙ୍ଗି ଯାଇଛି। ବ୍ଲକର ରୁଗୁଡିପାଲି, ତେଲିପାଲି, ଅଟଣ୍ଡା, ଖଇରମାଳ, ରଥପୁର, ଟିଁପିଲି, ଖମ୍ବେଶ୍ୱରିପାଲି, ବୁରୋଘାଟ, କୃଷ୍ଣପାଲି, ଦୁହୁଲପାଲି, ବାଗବର, ବାରଝୁଲା, ପୁଲେଶର, ଲୁଡୁରପଙ୍କ, ଲୁଦୁମୁଣ୍ଡା, ସୁବଲୟା, କମିରା, ମାଣିକପୁର ଆଦି ଗ୍ରାମର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ବହୁତ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକ ପଡିପାରେ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି। ଏ ନେଇ ବୀରମହାରାଜପୁର ବ୍ଲକ ଦାୟିତ୍ୱରେ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସାମଲଙ୍କୁ ପଚାରିବାରୁ ସେ କହିଥିଲେ, ବନ୍ୟାପାଣି କମି ନାହିଁ। ପ୍ରକଳ୍ପ ପାଖକୁ ନ ଯାଇ କ୍ଷତି ଆକଳନ କରିହେବ ନାହିଁ। କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବା ପରେ ଜିଲାପାଳ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଯାହା ନିର୍ଦ୍ଦେଶ ଦେବେ ସେ ନେଇ କାର୍ଯ୍ୟକରାଯିବ ବୋଲି କହିଥିଲେ। ହଠାତ ପ୍ରବଳ ବର୍ଷା ଲାଗିରହିବା ସହ ବନ୍ୟାଜଳ ମାଡି ଆସିବାରୁ ମୋଟରଗୁଡିକ ଉଦ୍ଧାର ମଧ୍ୟ କରିହେଲା ନାହିଁ। ଯଦି ଆଗୁଆ ସୂଚନା ମିଳିଥାନ୍ତା, ତେବେ କିଛି ମୋଟର ଏବଂ ଷ୍ଟାଟର ନଷ୍ଟ ହୋଇ ନ ଥାନ୍ତା ବୋଲି ପ୍ରକାଶ କରିଛନ୍ତି।


ବନ୍ୟା ପାଣିରେ ଅଚଳ ହୋଇ ପଡିଥିବା ଉଠାଜଳସେଚନ ପ୍ରକଳ୍ପ।

# ସିଦ୍ଧାର୍ଥ ଜୁନିୟର କଲେଜରେ ପ୍ରବେଶ ଉତ୍ସବ

ବିନିକା, ୪।୮ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜରେ ଅଧକ୍ଷା ରେଖା ପଧାନଙ୍କ ଅଧକ୍ଷତାରେ ଶୁକ୍ରବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମେ +୨ଛାତ୍ରୀଛାତ୍ରଙ୍କ ପ୍ରବେଶ ପଥରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରି ସ୍ୱାଗତ କରାଯାଇଥିଲା। ପରେ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ପ୍ରାଧାପକ ମନୋରଞ୍ଜନ ପଧାନ, ଅଧାପକ ନିରଞ୍ଜନ ପାଣ୍ଡିଆ, ଝସକେତନ ମେହେର, ସପ୍ତ ସାଗର ପଧାନ, ବିନୟ କୁମାର ସାହୁ, ଗରିବ ସାଲମା, ଧନେଶ୍ୱର ସାହୁ, ରୋହିତ ଧରୁଆ, ଝଲକ ମିଶ୍ର, ମନୀଷା ମଞ୍ଜରୀ ବଂଡକି, ମଧୁମିତା ମେହେର, ଆଶୁତୋଷ ପୁରୋହିତ ପ୍ରମୁଖ ଭାଗନେଇ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବା ସହିତ ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ। ଶେଷରେ ଅଧାପକ ଡ. ନୀଳମାଧବ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ କରି ଛାତ୍ରୀଛାତ୍ର କଲେଜରେ ପାଦ ଦେଇଥିବାରୁ ବେଶ ଖୁସିଥିବା ଦେଖିବାକୁ ମିଳିଥିଲା।

# ବର୍ଷାରେ ଭାଙ୍ଗିଲା ଘର: ବେସାହାରା ହେଲେ ପରିବାର

ବଘିଆପଡ଼ା, ୪।୮ (ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲାରେ ଗତ ଦୁଇ ଦିନ ଧରି ପ୍ରବଳ ବର୍ଷା ଯୋଗୁ ପୁରା ଜିଲା ବେହାଲ ହୋଇପଡିଥିଲା। ଗୁରୁବାର ବର୍ଷା ନ ଥିବାରୁ ଜିଲାବାସୀଙ୍କୁ ଟିକିଏ ଆଶ୍ୱସ୍ତି ମିଳିଥିଲା। ହେଲେ ଲଗାଣ ବର୍ଷା ଲୋକଙ୍କୁ ଦୁଃଖ ଦେଇଯାଇଛି। ଜିଲାର ବୌଦ୍ଧ ବ୍ଲକର ବ୍ରାହ୍ମଣପାଲି ପଞ୍ଚାୟତର ବ୍ରାହ୍ମଣପାଲି ଗ୍ରାମର ଚିତ୍ତରଞ୍ଜନ ନାଗ ଜଣେ ଗରିବ ଲୋକ। ଚାଳଛପର ଘରେ ତାଙ୍କର ୫ ପ୍ରାଣୀ କୁଟୁମ୍ବ ଚଳିଆସୁଥିଲେ। ଗତ ବୁଧବାର ଲଗାଣ ବର୍ଷା ଯୋଗୁ ଚିତ୍ତରଞ୍ଜନଙ୍କ ଘର ଭୁଶୁଡି ପଡିଛି। ଫଳରେ ପରିବାର ବେସାହାରା ହେବା ସହ ପଲିଥିନ ଏବେ ସେମାନଙ୍କୁ ସାହା ପାଲଟିଛି। ବର୍ଷା ଯୋଗୁ ଘରର ଖାଇବା ଜିନିଷ ନଷ୍ଟ ହେବା ସହ ଏବେ ପରିବାର ଲୋକ ସରକାରୀ ସାହାଯ୍ୟ ଅପେକ୍ଷାରେ ରହିଛନ୍ତି। ଘଟଣାସ୍ଥଳକୁ ବୌଦ୍ଧ ତହସିଲଦାର ଓ ବଘିଆପଡା ରାଜସ୍ୱ ନିରୀକ୍ଷକ ଯାଇ ତଦନ୍ତ କରିଥିବା ଜଣାପଡିଛି। ଏପଟେ ବଘିଆପଡା ରାଜସ୍ୱ ନିରୀକ୍ଷକ ଗଣେଶ ଭୁକ୍ତା କହନ୍ତି, ସରକାରୀ ନିୟମ ଅନୁଯାୟୀ ପରିବାରକୁ ସାହାଯ୍ୟ ଯୋଗାଇ ଦିଆଯିବ।


ପଲିଥିନ ତଳେ ପରିବାର ଲୋକ।

# ଲଗାଣ ବର୍ଷାରେ ଭାଙ୍ଗିଲା କାନ୍ଥ


ଭଙ୍ଗା ଚାଳ ଛପର ଘର ଆଗରେ ବୃଦ୍ଧା ହୀରା ମଲିକ।

ବୌଦ୍ଧ, ୪।୮ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଗତ ତିନି ଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଜିଲାର ବିଭିନ୍ନ ସ୍ଥାନରେ ବହୁ ଘର ଭାଙ୍ଗିଛି। ହରଭଙ୍ଗା ବ୍ଲକର ବାଣିଭୂଷଣପୁର ଗ୍ରାମପଞ୍ଚାୟତର ଠିକିକାଯୋର ଗ୍ରାମରେ ଜଣେ ବୃଦ୍ଧାଙ୍କୁ ଘରର କାନ୍ଥ ମାଡ଼ି ବସିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ଠିକିକାଯୋର ଗ୍ରାମରେ ୭୦ ବର୍ଷୀୟା ବୃଦ୍ଧା ହୀରା ମଲିକଙ୍କ ଘର। ସେ ଏକା ବାସକରନ୍ତି। ତାଙ୍କର କେହି ନ ଥିବାବେଳେ ସେ ଏକ ଭଙ୍ଗା ଚାଳଘରେ ରହିଆସୁଥିଲେ। ବର୍ଷାରେ ଘର ଗଳୁ ଥିବାବେଳେ ସେ ଜରିପାଲ ଖଣ୍ଡିଏ ପାଇ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଥିଲେ। ତହସିଲଦାର ତଦନ୍ତ କରି ଆଡେଣୀଗଡ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜରିପାଲ ଯୋଗାଇ ଦିଆଯାଇ ନ ଥିଲା। ଫଳରେ ଲଗାଣ ବର୍ଷା ଯୋଗୁ ଗୁରୁବାର ରାତିରେ ଘରର କାନ୍ଥ ଭାଙ୍ଗିଯାଇଥିଲା। କିନ୍ତୁ ବୃଦ୍ଧାଙ୍କ କିଛି ହୋଇ ନ ଥିଲା। ତୁରନ୍ତ ବୃଦ୍ଧାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

# ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଲେ ବିଧାୟକ

ବିନିକା, ୪।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷାର ପ୍ରଭାବରେ ବ୍ୟାପକ କ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିବାବେଳେ ଅନେକ ସ୍ଥାନରେ ଘରର କାନ୍ଥ ଭାଙ୍ଗି ଯାଇଛି। ଏକର ଏକର ଜମି ଧାନ ତଳି ଓ ପନିପରିବା ଫସଲ ନଷ୍ଟ ହୋଇଛି। ଶୁକ୍ରବାର ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିଧାୟକଙ୍କ ସହିତ ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ନଗରପାଳ ସୁବାଷ ଚନ୍ଦ୍ର ଭୋଇ, ସିଏମଏମ ଉମାକାନ୍ତ ସିଂ, ଉପନଗରପାଳ ତପସ୍ୱିନୀ ମେହେର, ବିଜେଡି ଟାଉନ ସଭାପତି ସୋମନାଥ ମିଶ୍ର, ବିଜେଡି ନେତା ସନ୍ତୋଷ ସାହୁ, ବିଜୟ ବରାଇ, ଦ୍ୱିନ ମେହେର, ଦ୍ୱାରିକା ସାହୁ, ଭୀମସେନ ସାହୁ, ଗୋପୀନାଥ ପଣ୍ଡା, ପୀତବାସ ମେହେର, ଜିତୁ ମଲ୍ଲିକ, ସୁଶାନ୍ତ ପଣ୍ଡା, ବିକାଶ କର୍ଣ୍ଣଙ୍କ ସମେତ କାଉନସିଲର ବହୁ ବିଜେଡି କର୍ମୀ ସାମିଲ ଥିଲେ। ବିଧାୟକ ବନ୍ୟା ପ୍ରଭାବିତ ବିନିକା ସହରାଞ୍ଚଳର ଜବଦା କୋଲପଡା, କଇରାପାଲି, ଉର୍ଲେ ଗ୍ରାମକୁ ଯାଇ ଲୋକଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଅବସରରେ କ୍ଷୟକ୍ଷତି ଆକଳନ ପାଇଁ ତହସିଲଦାର ପାଣିଗ୍ରାହୀ, ନଗରପାଳ ଭୋଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ବିଧାୟକ ପଦ୍ମନାଭ ବେହେରା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ପୋଖରୀ ହୁଡ଼ା ଭାଙ୍ଗି ଚାଷଜମି ନଷ୍ଟ

ପୁରୁଣାକଟକ,୪।୮ (ସୁକାନ୍ତ କୁମାର ପଟନାୟକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ତିନିଧରି ଲଗାଣ ବର୍ଷା ଯୋଗୁ ବିରାମଚନ୍ଦ୍ରପୁର ଗ୍ରାମର ବଡପୋଖରୀ ହୁଡ଼ାରେ ବିରାଟ ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ରୁଗୁଡି ସାହି ଭିତରେ ପାଣି ପଶିବା ସହିତ ଶତାଧିକ ଏକର ଚାଷ ଜମି ନଷ୍ଟ ହୋଇଛି। ବହୁ ଜମି ବାଲିଚର ହୋଇଥିବା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରେଲୱେ କାମରେ ନିୟୋଜିତ ଥିବା ବେସରକାରୀ ଠିକାସଂସ୍ଥା, ଏଆର୍‌ଏସ୍‌ଏସ୍‌ର ଭାରିଯାନ ଏହି ପୋଖରୀ ହୁଡାରେ ବାରମ୍ବାର ଯାତାୟାତ କରୁଥିବାରୁ ଏହା ଦୁର୍ବଳ ହୋଇରହିଥିଲା। ଲଗାଣ ବର୍ଷାରେ ବଡବନ୍ଧ ଜଳପୂର୍ଣ୍ଣ ହୋଇ ହୁଡା ଭାଙ୍ଗିଯାଇଛି। ଏହି ବଡପୋଖରୀ ଖରିଫ ଓ ରବି ଋତୁରେ ପ୍ରାୟ ଦୁଇହଜାର ଏକର ଚାଷଜମିକୁ ପାଣି ଯୋଗାଇଥାଏ। ପୋଖରୀ ହୁଡା ଭାଙ୍ଗିଯିବାରୁ ଏବର୍ଷ କିପରି ଚାଷ ହେବ ସେ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ଏହାସହ ଗ୍ରାମ ରାସ୍ତାଟି ଧୋଇଯାଇଥିବାରୁ ଗ୍ରାମବାସୀ ଯିବାଆସିବା କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ବଡ଼ବନ୍ଧ ହୁଡା ଭାଙ୍ଗିଯାଇଛି।

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବ୍ଲକ ଉପାଧ୍ୟକ୍ଷ

## କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରାଯିବ

ଅମରପାଲି,୪।୮ (ପୀତାମ୍ବର ସାହୁ)

ଲଘଚାପଜନିତ ଲଗାଣ ବର୍ଷାରେ ବୀରମହାରାଜପୁରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ଗରିବ ଲୋକଙ୍କ କଚ୍ଚା ଘର ଭାଙ୍ଗି ଯାଇଛି। ରାସ୍ତାଘାଟ, ପୋଲ ଭାଙ୍ଗି ଯାଇଛି। ଅନେକ ସ୍ଥାନରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସମ୍ପ୍ରତି ପରିସ୍ଥିତିରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ବନ୍ୟା ପରିସ୍ଥିତି ଆରମ୍ଭରୁ ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସବୁଠୁ ବେଶୀ ପ୍ରଭାବିତ ହୋଇଥିବା ମୁର୍ଷୁଣ୍ଡି ନିକଟସ୍ଥ ହରିହର ଯୋର ପୋଲ ଅଞ୍ଚଳ, ତେନ୍ତୁଳିମହଦା, କୁଡ଼ାପଡ, ଦୁହୁଲପାଲି, ଗୋବିନ୍ଦପୁର, ଦୁରଦୁରା, ଗରିଆମୁଣ୍ଡା, ସୁବଳୟା, ଫୁଲଚରା, କେନ୍ଦୁପାଲି, କମଲପୁର, କୃଷ୍ଣପାଲି ସମେତ ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ହେକ୍ଟର ହେକ୍ଟର ଚାଷ ଜମି ବାଲିଚର ହୋଇ ବ୍ୟାପକ ଧାନ ଓ କପା ନଷ୍ଟ ହୋଇଛି। ଚାଷୀଙ୍କୁ ଭେଟି କିଭଳି କ୍ଷତିପୂରଣ ପାଇ ପାରିବେ ସେନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ କ୍ଷୟକ୍ଷତିର ଆକଳନର ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକ ଉପାଧ୍ୟକ୍ଷଙ୍କ ସହିତ ବିଭିନ୍ନ ଯୁବକ ସଂଘର ସଦସ୍ୟ ଓ ଅନେକ ସ୍ୱେଚ୍ଛସେବୀ ଓ ଜନପ୍ରତିନିଧି ସାମିଲ ହୋଇ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଖୁବଶୀଘ୍ର କ୍ଷୟକ୍ଷତି ଆକାଳନ କରି ବନ୍ୟା ପ୍ରଭାବିତ ପରିବାରବର୍ଗଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ପ୍ରକାଶ କରିଛନ୍ତି।


ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ବନ୍ୟା ପ୍ରଭାବିତ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

# ସମର୍ପିତ ମନୋଭାବ ରଖି ରେଡ଼କ୍ରସ୍‌ରେ ସାମିଲ ହେବାକୁ ଆହ୍ୱାନ

ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଉଚ୍ଚ ବିଦ୍ୟାଳୟରେ ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଜୁନିୟର ରେଡ୍‌କ୍ରସ୍ ମାର୍ଗଦର୍ଶକମାନଙ୍କୁ ନେଇ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଏକ ଦିବସୀୟ ତାଲିମ ଶିବିରକୁ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମର୍ପିତ ତଥା ସେବା ମନୋଭାବ ରଖି ଛାତ୍ରୀଛାତ୍ର ରେଡ଼କ୍ରସରେ ସାମିଲ ହେବାକୁ ଭୋଇ ଆହ୍ୱାନ ଦେଇଥିଲେ। ସେହିପରି ଭଲ କାମ କରି ଜିଲାର ନାମକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଛନ୍ତି। ବୀରମହାରାଜପୁର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଉଲୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାର୍କଣ୍ଡ ମିଶ୍ର, ଜୁନିୟର ରେଡ଼କ୍ରସ ଅଫିସର ରବିଚନ୍ଦ୍ର ପଶାୟତ, ଧର୍ମଶାଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ମେହେର ପ୍ରମୁଖ ଯୋଗଦାନ କରି ସେବା ମନୋଭାବରେ ବ୍ରତୀ ହେବାକୁ କହିଥିଲେ। ଉଭୟ ଉଲୁଣ୍ଡା ଓ ବୀରମହାରାଜପୁରର ବିସିସି ପ୍ରହ୍ଲାଦ ନାୟକ, ବଳରାମ ପୁରୋହିତ, ବରିଷ୍ଠ ସାଧନ କର୍ମୀ ଚନ୍ଦ୍ରମଣି ବାଘ, ଚନ୍ଦ୍ରଶେଖର ମହାପାତ୍ର, ହୃଷିକେଶ ଚାନ୍ଦ ଓ ଜଗଦୀଶ ଦାଶ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଉଭୟ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ଜଣେ ଲେଖାଏଁ ମାର୍ଗଦର୍ଶକ ଯୋଗଦାନ କରି ତାଲିମ ଗ୍ରହଣ କରିଥିଲେ। ଚଳିତବର୍ଷ ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ସମେତ ୬୦ଟି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଜୁନିଅର ରେଡ଼କ୍ରସରେ ସାମିଲ କରି ମାନବୀୟ ସେବାରେ ବ୍ରତୀ କରିବାକୁ ଲକ୍ଷ୍ୟ ଥିବା ସୂଚନା ଦିଆଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ଼ ରାଧାକାନ୍ତ ଗଡତିଆ, ଉପସଭାପତି ଗତିକୃଷ୍ଣ ମିଶ୍ର ଓ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମାର୍ଗଦର୍ଶନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ପରେ ଧର୍ମଶାଳା ଉଚ୍ଚ ବିଦ୍ୟାଳୟ ଓ ବିଶିପଡା ଉଚ୍ଚ ବିଦ୍ୟାଳୟରେ ୩୧ଜଣ ଲେଖାଏଁ ଛାତ୍ରୀ ଛାତ୍ରଙ୍କୁ ନେଇ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ନୂତନ ୟୁନିଟ ଗଠନ ହୋଇଥିଲା।



ରେଡ୍‌କ୍ରସ୍ ମାର୍ଗଦର୍ଶକଙ୍କ ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

## ଜୁନିୟର ରେଡ୍‌କ୍ରସ୍ ମାର୍ଗଦର୍ଶକଙ୍କୁ ତାଲିମ

## ସଂକ୍ଷେପରେ

### ବିଷ ପିଇ ବ୍ୟକ୍ତିଙ୍କ ମୃତ୍ୟୁ

ବଡ଼ଗାଁ,୪।୮ ( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ କିଞ୍ଜିରକେଲା ଗାଁ ନିକଟ ସୁନାପଡାର ଜଣେ ବ୍ୟକ୍ତି ଶୁକ୍ରବାର ଅପରାହ୍ନରେ ବିଷ ପିଇ ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ଅଚିତ ବାଗ (୬୨)। ଘରେ କେହି ନ ଥିବାବେଳେ ଚାଷରେ ବ୍ୟବହୃତ ପାରାଗନ୍ ନାମକ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ବିଲରୁ ଫେରି ଦେଖିଲା ପରେ ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହୋବରୁ ତାଙ୍କୁ ସୁନ୍ଦରଗଡ ମେଡିକାଲ୍ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ୮ ଫୁଟ୍‌ର ଅଜଗର ଉଦ୍ଧାର

ରାଜଗାଙ୍ଗପୁର,୪।୮ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବନ ବିଭାଗ ଦ୍ୱାରା ଶୁକ୍ରବାର ୮ ଫୁଟର ଅଜଗର ଉଦ୍ଧାର କରାଯାଇଛି। ଜାମପାଲିସ୍ଥିତ ଓଆଇଏସ୍ଏଲ୍ କାରଖାନାର ପଛପଟ ପାଚେରି ବାହାରେ ତଥା ବଡ଼ଗଡ଼ିଆଲି ଗ୍ରାମରେ ଏକ ବମ୍ବୁର ଗଛ ଉପରେ ଅଜଗର ରହିଥିବା ଦେଖି ଗ୍ରାମବାସୀ ବନ ବିଭାଗ ଅଧିକାରୀ ଅସିତ ପଟ୍ଟନାୟକଙ୍କୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀ ସୁରେଶ ଲାକ୍ରା, ତେଲେଙ୍ଗା କୁଜୁର, ଯୋସେଫ ଲାକ୍ରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଅଜଗରକୁ କାବୁକରିଥିଲେ। ତାକୁ ମାଲିଡିହି ରିଜର୍ଭ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

### ଟ୍ରକ୍ ଚଲାଉଥିବା ବେଳେ ଚାଳକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୪।୮ (ମହେନ୍ଦ୍ର କୁମାର ସାହୁ): କୋଇଲା ବୋଝେଇ ଟ୍ରକ ଚଲାଉଥିବାବେଳେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ନାଇକେନବାହାଲ ନିକଟରେ ଥିବା ଏକ କାରଖାନା ଫାଟକ ନିକଟରେ। ମୃତକ ହେଲେ ଉତ୍ତରପ୍ରଦେଶ ରାଜ୍ୟର ସିଦ୍ଧାର୍ଥନଗର ଜିଲା ଇଟୁଆ ଥାନା ଅନ୍ତର୍ଗତ ହାତିବା ଗ୍ରାମର ଜୟପ୍ରକାଶ ଚୌଧୁରୀ(୪୦)। ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଜୟପ୍ରକାଶ ଛତିଶଗଡରୁ ଏକ ଟ୍ରକ ଯୋଗ କୋଇଲା ବୋଝଇ କରି ନାଇକେନବାହାଲ ନିକଟରେ ଥିବା ଏକ କାରଖାନାକୁ ଆଣୁଥିଲେ। ଟ୍ରକଟି କାରଖାନା ଫାଟକ ନିକଟରେ ପ୍ରବେଶ କରିବା ସମୟରେ ହଠାତ୍ ଚାଳକ ଜୟପ୍ରକାଶଙ୍କ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଟ୍ରକରେ ଥିବା ତାଙ୍କର ସହଯୋଗୀମାନେ ତୁରନ୍ତ ନିକଟସ୍ଥ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ,କର୍ମଚାରୀ କଲ୍ୟାଣ ବୋର୍ଡ ସଦସ୍ୟଙ୍କୁ ସମ୍ବର୍ଦ୍ଧନା



ଦେବଗଡ,୪।୮ (ଶଶାଙ୍କ ଶେଖର ଝାଙ୍କର): ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ପାଞ୍ଜିଆ ଭୋଇ ଓ ଓଡିଶା ମୋଟର ଯାନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡ ସଦସ୍ୟ ସୁଜିତ କୁମାର ପ୍ରଧାନଙ୍କୁ ବିଜେଡି ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ଉଭୟଙ୍କୁ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦେବଗଡ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଅମରେଶ ଜେନା, ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ଜିଲା ମହିଳା ବିଜେଡି ସଭାପତି ଅରୁଣୀ ପ୍ରଧାନ, ମହିଳା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦିକା ଅନୀତା ପାତ୍ର, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ଛାତ୍ର ବିଜେଡି ସଭାପତି ଭବାନି ସାହୁ, କାମାକ୍ଷା ଗଙ୍ଗଦେବ, ମାନସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ର ଛାତରୁ ଗଳୁଛି ପାଣି

- ମମତା ଗୃହ ଭରସା
- ନିମ୍ନମାନର କାମ ଅଭିଯୋଗ
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

କୁତ୍ରା,୪।୮ (ଦେବାଶିଷ ସାହୁ)




ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ କିରିଙ୍ଗସେରା ପଞ୍ଚାୟତ ଘଣ୍ଟଛପଲ ଗ୍ରାମରେ ଥିବା ବାଲା ଅଙ୍ଗନୱାଡି କେନ୍ଦ୍ର ଛାତରୁ ପାଣି ଗଳୁଛି। ଫଳରେ ପିଲାଙ୍କ ପାଠପଢ଼ା ଗୁରୁତର ବାଧାପ୍ରାପ୍ତ ହେଉଛି। ଛାତରୁ ପାଣି ଝରୁଥିବାରୁ ନିକଟରେ ଥିବା ମମତା ଗୃହରେ ପାଠପଢ଼ା ହେଉଥିବା ଦେଖିବାକୁ ମିଳିଛି। ବ୍ଲକ ତଥା ଜିଲା ପ୍ରଶାସନର ଦାୟିତ୍ୱହୀନତା ପାଇଁ କୋମଳମତି ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଥମେ ଏହି ଅଙ୍ଗନୱାଡି କେନ୍ଦ୍ରଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ଏହାକୁ ରୂପାନ୍ତରୀକରଣ କରାଇ ଆମ ଅଙ୍ଗନୱାଡି କେନ୍ଦ୍ର ନାମରେ ନାମିତ କରାଗଲା। ହେଲେ ୬ ମାସ ନ ପୂରୁଣୁ ଛାତରୁ ରଡ୍ ଦେଖାଯାଇ ପାଣି ଗଳୁଛି। ରୂପାନ୍ତରୀକରଣ ନାଁରେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବା ଗ୍ରାମବାସୀ ତଥା ଅଭିଭାବକ ମହଲରେ ଅଭିଯୋଗ ହେଉଛି। ସରକାର ଶିକ୍ଷାର ବିକାଶ ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରୁଛନ୍ତି। ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରା ପାଇଁ ସରକାରଙ୍କ ଯୋଜନା ବାଟବଣା ହେବା ସହ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେଉନାହିଁ। ତେଣୁ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ମରାମତି କରିବାକୁ ଅଭିଭାବକ ମହଲରୁ ଦାବି ହେଉଛି। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ଏହା ବ୍ଲକ ତରଫରୁ ନିର୍ମାଣ କରାଯାଇନାହିଁ। ଏହା ସିଧାସଳଖ ଜିଲାରୁ ନିର୍ମାଣ କରାଯାଇଛି। ତଥାପି ଏହାର ତଦନ୍ତ କରାଯିବ ବୋଲି ସେ କହିଥିଲେ। ଏ ବିଷୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ, ଠିକ୍ ଭାବେ ଉତ୍ତର ଦେଇ ନ ପାରି ଡ୍ରେନେଜ ପାଇପରେ ମଇଳା ଜମାହୋଇ ଯାଇଥିବ। ସେଥିପାଇଁ ପାଣି ଗଳୁଥିବ କହିବା ସହ ଯାଇ ଦେଖିବେ ବୋଲି ସେ କହିଛନ୍ତି।

## ଦୁର୍ଗେଶିନୀଙ୍କୁ ଶୁଭେଚ୍ଛା ଜଣାଇଲା ବିଜେଡି



ଦୁର୍ଗେଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସୁନ୍ଦରଗଡ଼,୪।୮ (ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ସୁର୍ଗୁଡା ଗ୍ରାମର ଦୁର୍ଗେଶିନୀ ପଟେଲ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ ୧୧୯ନମ୍ବର ର୍‍ୟାଙ୍କ ରଖି ସଫଳତା ହାସଲ କରିଥିବାରୁ ବିଜେଡି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସରେ ଗୁରୁବାର ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଉଦିତ ପଟେଲ ଓ ଜୟନ୍ତଙ୍କ ଝିଅ ଦୁର୍ଗେଶିନୀ। ବିଜେଡି ଉପସଭାପତି ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଉପସଭାପତି ଜନ୍ମେଜୟ ମହାପାତ୍ର, ଗୋପବନ୍ଧୁ ମହାନ୍ତି, ବେଣୁଧର ତାଣ୍ଡିଆ, ଟାଉନ ବିଜେଡି ସଭାପତି ଲଲାଟ ପରିଡ଼ା, ଜିଲା ବିଜେଡି ସମ୍ପାଦକ ପଞ୍ଚା ବାର୍ଲା, ଜୟନ୍ତୀ ନାୟକ, ନନ୍ଦିନୀ ପଟେଲ, ମମତା ପଟେଲ, ଲୁସି ନାୟକ, ୨ ନମ୍ବର ୱାର୍ଡ କାଉନସିଲର ଅନିଲ ମହାପାତ୍ର, ପୂର୍ବତନ ଟାଉନ ବିଜେଡି ଉପସଭାପତି ଅଶୋକ ମହାନ୍ତିଙ୍କ ଉପସ୍ଥିତିରେ ତାଙ୍କୁ ଫୁଲହାର ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲା ବିଜେଡି ଉପସଭାପତି ତ୍ରିପାଠୀ ଦୁର୍ଗେଶିନୀ କିପରି ସଫଳତା ପାଇଛନ୍ତି ସେ ବିଷୟରେ କହିଥିଲେ। ଉପସ୍ଥିତ ସମସ୍ତ ବିଜେଡି କର୍ମକର୍ତ୍ତା ଦୁର୍ଗେଶିନୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଜାତି ସମାଜ ଦ୍ୱାରା ସୁସ୍ଥ ପରିବେଶ ସୃଷ୍ଟି ପାଇଁ ପ୍ରୟାସ

ବଡ଼ଗାଁ, ୪।୮ (ଅଶୋକ ଷଡ଼ଙ୍ଗୀ)



ସୁନ୍ଦରଗଡ଼ ଜିଲାରେ ଅନେକ ଜାତି ଧର୍ମର ଲୋକ ବସବାସ କରନ୍ତି। ଆଦିବାସୀ ଏଠାକାର ମୂଳ ଅଧିବାସୀ। ପ୍ରକୃତିର କୋଳରେ ବଢ଼ିଥିବା ଆଦିବାସୀ ସମାଜ ଜଙ୍ଗଲ, ପାହାଡ଼, ଝରଣାର ସୁରକ୍ଷା ପ୍ରତି ସଚେତନ ଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଭିନ୍ନ ରହିଛି। ଯେଉଁ କାରଣରୁ ଜଙ୍ଗଲ କ୍ଷୟ, ବୃକ୍ଷହାନି ବଢ଼ିଚାଲିଛି। ଫଳରେ କିଛି ବର୍ଷ ହେଲା ଅନିୟମିତ ବୃଷ୍ଟି, ସ୍ୱଳ୍ପ ବୃଷ୍ଟି କିମ୍ବା ଅନାବୃଷ୍ଟି ସହ ବିଶ୍ୱତପନ ବଢ଼ିଚାଲିଛି। ଏହାକୁ ହୃଦୟଙ୍ଗମ କରି ସଚେତନ ଥିବା ଭୂୟାଁ ସମାଜର କର୍ମକର୍ତ୍ତା ନିଜ ଜାତି ସମାଜ ଲୋକଙ୍କ ଦ୍ୱାରା ନିଜ ନିଜ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାର ଭୂୟାଁ ସମାଜକୁ ନେଇ ଗଠିତ ହୋଇଛି ୨୪ଟି ସାନିଗାଦି। ଏହାକୁ ୫ ଶହ ଘର ଭୂୟାଁ ସମାଜ କୁହାଯାଏ। ଏହି ୫ ଶହ ଘର ଭୂୟାଁ ସମାଜର ସଭାପତି ତଥା ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ୫ ଶହ ଘର ବିକାଶ ସଂଘ ସୁନ୍ଦରଗଡ଼ର ସଭାପତି ଅଜେକ କୁମାର ପ୍ରଧାନ, ଉପ ସଭାପତି ଠଣ ସୁନ୍ଦର୍ ଚୌଧୁରୀ, ସମ୍ପାଦକ ପ୍ରଦୀପ କାଲୋଙ୍କ ଉପସ୍ଥିତିରେ ଗୁରୁବାର ପୂର୍ବ ନିଷ୍ପତ୍ତି ଅନୁଯାୟୀ ବଡ଼ଗାଁ ବ୍ଲକ ପାଣ୍ଡେରପାଲି ସାନିଗାଦିର ଧୁମାଗଡା ଗ୍ରାମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜ କର୍ମକର୍ତ୍ତାଙ୍କ ସହ ଦୁଷ୍ମନ୍ତ ଭୋଇ, ରଣଜିତ ବରିହା, ଦିବାକର କାଲୋ, ଜଟିଆ ଭୋଇ, ଲବଣୀଧର ବରିହା, ଭଗବାନ ବରିହା, ବଟକୃଷ୍ଣ ଭୋଇ ପ୍ରମୁଖ ରାସ୍ତା ପାର୍ଶ୍ୱରେ ୬୦ ନିମ୍ବ ଓ କରଞ୍ଜ ବୃକ୍ଷ ଚାରା ରୋପଣ କରିଥିଲେ। ଏହିପରି ୩ଟି ଜିଲାର ୨୪ଟି ସାନିଗାଦିର ବିଭିନ୍ନ ଗ୍ରାମରେ ଜାତି ସମାଜ ଲୋକଙ୍କ ଦ୍ୱାରା ସୁସ୍ଥ ଓ ସୁରକ୍ଷିତ ପରିବେଶ ସୃଷ୍ଟି ପାଇଁ ପ୍ରତିବର୍ଷ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଥିବା ସମାଜ କର୍ମକର୍ତ୍ତାଙ୍କଠାରୁ ଜଣାପଡ଼ିଛି। ଭୂୟାଁ ସମାଜ ପକ୍ଷରୁ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଆରମ୍ଭ କରାଯାଇଥିବା ଏଭଳି ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଘରେ ସଶସ୍ତ୍ର ଡକାୟତି

ସୁନ୍ଦରଗଡ଼/ହେମଗିର,୪/୮ (ଜୟ ନାରାୟଣ ମେଣ୍ଡୁଲି/ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବର୍ତ୍ତମାନର ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ଗୋପାଳ ପଧାନଙ୍କ ବିଲେଇମୁଣ୍ଡାସ୍ଥିତ ବାସଭବନରେ ଗୁରୁବାର ରାତିରେ ସଶସ୍ତ୍ର ଡକାୟତି ହୋଇଛି। ୫ ଜଣ ଡକାୟତ ଘର ପଛପଟ ଦେଇ ପଶିବା ସହ ଘରେ ଥିବା ସମସ୍ତ ସଦସ୍ୟଙ୍କୁ ବାନ୍ଧି ବନ୍ଧୁକ ମୁନରେ ଘରେ ଥିବା ସମସ୍ତ ସୁନା, ରୁପା, ଟଙ୍କା, ଏପରିକି ତାଙ୍କର ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଓ ଜାଇଲୋ ଗାଡିକୁ ଲୁଟ କରି ଫେରାର ହୋଇଯାଇଛନ୍ତି। ଏ ନେଇ ହେମଗିରି ଥାନାରେ ଅଭିଯୋଗ ହେବାପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ୫ ଜଣ ଡକାୟତ ଘର ପଛପଟ ଦେଇ କବାଟ ଭାଙ୍ଗି ପ୍ରଥମେ ଗୋପାଳ ପଧାନଙ୍କ ପୁଅ ଆଶିଷଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ଏହାପରେ ଆଶିଷ ଓ ତାଙ୍କ ସ୍ତ୍ରୀଙ୍କୁ ବାନ୍ଧିବା ସହ ପରେ ଘର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ବାନ୍ଧି ଦେଇଥିଲେ। ଦୀର୍ଘ ଦେଢ଼ ଘଣ୍ଟା ଧରି ଲୁଟପାଟ କରିବା ପରେ ଡାକାୟତମାନେ ସେଠାରୁ ଫେରାର ହୋଇଥିଲେ। ଅପରପକ୍ଷରେ ଗୋପାଳ ପ୍ରଧାନ ସ୍ଥାନୀୟ ଏକ କୋଇଲା ପରିବହନ ସଙ୍ଗଠନର ସଭାପତି ରହିଥିବା ସହ ତାଙ୍କର କୋଇଲା ପରିବହନ ବ୍ୟବସାୟ ମଧ୍ୟ ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ(ରାତି୯ଟା) ପୋଲିସ ଡକାୟତଙ୍କ ବିରୋଧରେ କୌଣସି ଟେର ପାଇନାହିଁ। ତେବେ ଜାଇଲୋ ଗାଡି ଛତିଶଗଡ଼ରୁ ଜବତ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## ଓସିଏସ୍ ପରୀକ୍ଷାରେ ସଫଳତା



ଆଂଶି କେଶର ଲାକଡା



ଆଶିଷ କୁମାର ହେସ

କୁତ୍ରା,୪।୮ (ଦେବାଶିଷ ସାହୁ)

ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ କୁତ୍ରା କନ୍ଦେଇମୁଣ୍ଡା ପଞ୍ଚାୟତ ତେଲିଘଣା ଗ୍ରାମର ଆଂଶି କେସର ଲାକଡା ୩୫୫ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଆନନ୍ଦ କୁମାର ଲାକଡା ଏବଂ ମା'ଆନ୍ନା ବେର୍ନାଟେଡ ଏକ୍କାଙ୍କ ଝିଅ ଆଂଶି। ସେ ଦେଢ ବର୍ଷ ହେଲା କଟକରେ ରାଜସ୍ୱ ନିରୀକ୍ଷକଭାବେ କାର୍ଯ୍ୟ କରୁଛନ୍ତି। ସେହିପରି କନ୍ଦେଇମୁଣ୍ଡା ପଞ୍ଚାୟତ ଗୁଲେଇ ପଡ଼ାଗ୍ରାମର ଆଶିଷ କୁମାର ହେସ ୩୭୪ ରାଙ୍କ ରଖି ସଫଳତା ହାସଲ କରିଛନ୍ତି। ଓଡ଼ିଶା ପୋଲିସରୁ ଅବସର ଗ୍ରହଣ କରିଥିବା ଧନେଶ୍ୱର ହେସ ଗୃହିଣୀ ନେଲିଗ୍ରେସଙ୍କ ୩ ପୁଅ ମଧ୍ୟରୁ ସାନ ପୁଅ ଆଶିଷ। ତାଙ୍କ ସଫଳତାର ଶ୍ରେୟ ସେ ବାପା ମା' ଏବଂ ପରିବାର ତଥା ତାଙ୍କୁ ପାଠ ପଢାଇଥିବା ସମସ୍ତ ଗୁରୁଜନଙ୍କୁ ଦେଇଛନ୍ତି। ହଲେ ସେ ଭଲ ର୍‍ୟାଙ୍କ ପାଇ ପାରି ନ ଥିବା ପ୍ରକାଶ କରିବା ସହ ଏଥିରେ ଉନ୍ନତି ପାଇଁ ଆଗକୁ ଆଉ ପରୀକ୍ଷା ଦେବେ ବୋଲି ସେ କହିଛନ୍ତି।

## ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୪।୮ (ଜୟ ନାରାୟଣ ମେଣ୍ଡୁଲି)



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଜିଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଜିଲାପାଳ ଡ. ପରାଗ ହର୍ଷଦ ଗଭାଲିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଦଭାବନା ଭବନଠାରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସ୍ୱାଧୀନତା ଦିବସ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ପଡ଼ିଆଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହି ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ରିଜର୍ଭ ପୋଲିସ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଅଗଷ୍ଟ ୧୧, ୧୨ ଓ ୧୩ରେ ପ୍ୟାରେଡ୍ ଅଭ୍ୟାସ କରାଯିବ। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ୱାଧୀନତା ଦିବସଦିନ ଭୋରୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ୍ ପରିବେଷଣ କରାଯିବ ଏବଂ ପ୍ରଶାସନ ଦ୍ୱାରା ସହର ମଧ୍ୟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ସେହିପରି ସକାଳ ୭:୩୦ ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ୯:୧୫ରେ ରିଜର୍ଭ ପଡ଼ିଆଠାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ, ଜେଲ ତଥା ଅସ୍ଥାଗୃହରେ ଫଳ ତଥା ମିଷ୍ଟାନ୍ନ ବଣ୍ଟନ କରାଯିବ। କାର୍ଯ୍ୟକ୍ରମପରେ ଜିଲା ପ୍ରଶାସନ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ବେହେରା, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ବେହେରା, ଡେପୁଟି କଲେକ୍ଟର (ଆପତ କାଳୀନ) ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସୁନ୍ଦରଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ସମସ୍ତ ବିଭାଗୀୟ ଅଧିକାରୀ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ ।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିୟୋଗ

ବଡ଼ଗାଁ,୪।୮ ( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଟିକିଲିପଡ଼ା ଗ୍ରାମର ଗୌନ୍ତିଆ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜନ୍ମେଜୟ ପୁରୋହିତ(୮୫)ଙ୍କ ଶୁକ୍ରବାର ଦେହାନ୍ତ ଘଟିଛି। ସେ ବ୍ଲକରେ ୨ଥର ଅଧ୍ୟକ୍ଷ, ଭୁ ବନ୍ଧକ ବ୍ୟାଙ୍କରେ ୨ଥର ସଭାପତି ଓ ଜନତା ପାର୍ଟିର ସୁନ୍ଦରଗଡ଼ ଜିଲା ସଭାପତି ଥିଲେ। ଗତ ୨ମାସ ହେଲା ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମହିଳାଙ୍କଠାରୁ ଶିଶୁପୁତ୍ର ଛଡ଼ାଇବାକୁ ଉଦ୍ୟମ

ଲହୁଣୀପଡ଼ା,୪।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଯାତ୍ରୀ ପ୍ରତିକ୍ଷାଳୟରେ ଆଶ୍ରୟ ନେଇଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ଅସହାୟ ମହିଳାଙ୍କ କୋଳରୁ ୪ ଦିନର ଶିଶୁ ପୁତ୍ରକୁ ଛଡାଇ ନେବାର ଉଦ୍ୟମ କରାଯାଇଥିବା ବେଳେ ଖବର ପାଇ ଲହୁଣୀପଡ଼ା ପୋଲିସ ମହିଳାଙ୍କ ସହ ଶିଶୁ ପୁତ୍ରକୁ ଉଦ୍ଧାର କରିଥିବା ଜଣାପଡ଼ିଛି। ବିଡିଓ ଅନୁରାଗ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅସହାୟ ମହିଳାଙ୍କୁ ପଞ୍ଚାୟତ ଗେଷ୍ଟ ହାଉସରେ ରହିବାର ବ୍ୟବସ୍ଥା କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଲହୁଣୀପଡା ଡାକ୍ତରଖାନାରେ ପ୍ରସବପରେ ମହିଳା ଜଣଙ୍କ ଡିସଚାର୍ଯ୍ୟ ହୋଇ ଘରକୁ ଆସିଥିଲେ। ହେଲେ ଘର ମାଲିକ ତାଙ୍କୁ ଘରେ ରହିବାକୁ ବାରଣ କରିଥିଲେ। ବାଧ୍ୟ ହୋଇ ସେ ଯାତ୍ରୀ ପ୍ରତିକ୍ଷାଳୟକୁ ପଳାଇ ଆସିଥିଲେ। ଅସହାୟ ତାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ମହିଳାଙ୍କ କୋଳରୁ ୪ ଦିନର ଶିଶୁ ପୁତ୍ରକୁ ଛଡାଇ ନେଇ କଲିକତା ନେବାକୁ ଯୋଜନା ଚଳାଇଥିଲେ। ଏହାକୁ ମହିଳା ଜଣଙ୍କ ବିରୋଧ କରିଥିଲେ। ସେଠାରେ ଥିବା ଲୋକେ ହୋ ହାଲ୍ଲା କରିବାରୁ ସେମାନେ ସେଠାରୁ ପଳାଇଥିଲେ। ଏ ନେଇ ବିଡିଓ ଅନୁରାଗ ମିଶ୍ର ଜାଣିବା ପରେ ତାଙ୍କରି ନିର୍ଦ୍ଦେଶ କ୍ରମେ ସରପଞ୍ଚ ନେଲସନ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ଗେଷ୍ଟ ହାଉସରେ ଅସହାୟ ମହିଳାଙ୍କୁ ରଖିବାର ବ୍ୟବସ୍ଥା କରାଯାଇଥିଲା।

## ଜୀତବାହାନ ଟପ୍ପୋ ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଉପସ୍ଥିତ ଖେଳାଳୀ ଓ ଅତିଥିମାନେ।

କୁଆଁରମୁଣ୍ଡା,୪।୮ (ମହେନ୍ଦ୍ର କୁମାର ସାହୁ)

### ଜଗଦୀଶପୁର ବିଜୟୀ

କୁଆଁରମୁଣ୍ଡା ବ୍ଲକ ଡୁମେରଯୋର ପଞ୍ଚାୟତ ଫୁଟବଲ୍ ପଡିଆରେ ଜୀତବାହାନ ଟପ୍ପୋ ମେମୋରିଆଲ ଫୁଟବଲ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଉରକେଲା ସାଂଗଠନିକ ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ରାଇବେର୍ଣ୍ଣା–ଜଗଦୀଶପୁର ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଜଗଦୀଶପୁର ଟିମ୍ ୨–୦ ଗୋଲ୍ ଦେଇ ରାଇବେର୍ଣ୍ଣା ଟିମ୍‌କୁ ପରାସ୍ତ କରିବା ସହ ବିଜୟୀ ହୋଇଥିଲା। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ କୁଜୁର ଉପସ୍ଥିତ ରହି ବିଜୟୀ ଜଗଦୀଶପୁର ଟିମ୍ ଓ ପରାଜିତ ରାଇବେର୍ଣ୍ଣା ଟିମ୍‌କୁ ପୁରସ୍କୃତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଲକ୍ଷ୍ମୀଧର ପାଣିଗ୍ରାହୀ, ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୨ ସପ୍ତାହ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୨ ଟିମ୍ ଅଂଶ ଗ୍ରହଣ କରିବେ।

## ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ଗୁରୁମନ୍ତ୍ର

ସୁନ୍ଦରଗଡ,୪।୮ (ଜୟ ନାରାୟଣ ମେଣ୍ଡୁଲି)




### ବିଜେଡିର କାର୍ଯ୍ୟକାରିଣୀ ବୈଠକ

ସୁନ୍ଦରଗଡ ସାଙ୍ଗଠନିକ ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ସଭାପତି ବିନୟ ଟୋପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡାଇ ଯୋଗଦେଇ ତୃଣମୂଳ ସ୍ତରରେ ସଙ୍ଗଠନକୁ ଅଧିକ ମଜବୁତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମଗୁଡିକୁ ତୃଣମୂଳ ସ୍ତରକୁ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଯୋଗଦେଇ ଆଗାମୀ ଦିନରେ ଜିଲାରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ଲୋକସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ହେଲେ ସମସ୍ତଙ୍କୁ ମନ ମନାନ୍ତର ଭୁଲି ସଙ୍ଗଠନ ପାଇଁ ତୃଣମୂଳ ସ୍ତରରେ ଅଧିକ ପରିଶ୍ରମ କରିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୁନର୍ଗଠିତ ଜିଲା ବିଜୁ ଜନତା ଦଳର ନୂତନ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ଏହି ବୈଠକରେ ୪ଟି ଦଳୀୟ ଚିଠା ପ୍ରସ୍ତାବ ଯଥା ରାଜନୈତିକ, ସଂକଳ୍ପ, ସାଙ୍ଗଠନିକ ଓ ଧନ୍ୟବାଦ ପ୍ରସ୍ତାବ ଆଗତ କରଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ଯୋଗେଶ ସିଂ, ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରି ସଭାପତି ବୈକୁଣ୍ଠ ନାଏକ, ରାଜମାତା ପଦ୍ମିନୀ ଶେଖର ଦେଓ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ରାଜ୍ୟ ମହିଳା ଉପସଭାନେତ୍ରୀ, ସୁନିତା ବିଶ୍ୱାଳ, ସୁନ୍ଦରଗଡ ପୌର ଉପାଧକ୍ଷ ଲଲାଟେନ୍ଦୁ ପରିଡା, ଟିଡିସିସି ଅଧକ୍ଷା ଚାମେଲୀ ଓରାମ, ବରିଷ୍ଠ ନେତା ସୋନ୍ତୋଷ ଅମାତ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ଜିଲା ଛାତ୍ର ବିଜେଡି ସଭାପତି ସୟଦ ସେହେବୋଜ ହୁସେନ, ସୁଭଦ୍ରା ସଡଙ୍ଗୀ, ବସନ୍ତ ସାହୁ, ସୋରୋଜ ସାହୁ, ଶିବାଜି ନାଏକ, ରୋଶନ ସାହୁଙ୍କ ସହ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ବିଜୁ ଯୁବ ଛାତ୍ର ମହିଳା ଜନତା ଦଳର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମଡେଲ ଡିଗ୍ରୀ କଲେଜକୁ ରାସ୍ତା ସମସ୍ୟା

ଖଡ଼ିଆଳ,୪।୮ (ସୁଜିତ୍ କୁମାର ପ୍ରଧାନ)


ମଡେଲ ଡିଗ୍ରୀ କଲେଜ ରାସ୍ତା।

ନୂଆପଡା ଜିଲା ଖଡ଼ିଆଳଠାରେ ଥିବା ଜିଲାର ଏକମାତ୍ର ମଡେଲ ଡିଗ୍ରୀ କଲେଜ ରାସ୍ତା ସମସ୍ୟାରେ ଗତି କରୁଛି। କଲେଜ ଯିବା ପାଇଁ କେନାଲ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଖାଲଖମାଲରେ ଭର୍ତ୍ତି ସାଙ୍ଗକୁ କାଦୁଅରେ ବହୁ କଷ୍ଟରେ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଖଡ଼ିଆଳ ସହର ପୁଟୁପଡା ୧୧ ନମ୍ବର ୱାର୍ଡଠାରେ ଥିବା ଏହି କଲେଜର ଯାତାୟାତ ସୁବିଧା ପ୍ରତି ସରକାର ବର୍ଷ ବର୍ଷ ଧରି ଚୁପ ହୋଇ ବସିଛନ୍ତି। କଲେଜ ୨୦୧୬ରେ ସ୍ଥାପନ ହେବାଠାରୁ ଯିବାକୁ ଭଲ ରାସ୍ତା ନାହିଁ। ଏହି କଲେଜ ଯିବାକୁ ହେଲେ କେନାଲ ରାସ୍ତା ଓ ପୁଟୁପଡା ମୁଖ୍ୟ ରାସ୍ତାଠାରୁ ୨ କି.ମି. ରାସ୍ତା ଖାଲଖମାଲରେ ଭର୍ତ୍ତି ହୋଇଛି। ଅନେକ ସମୟରେ ଏହି ରାସ୍ତାରେ ଦୁର୍ଘଟଣାର ଶିକାର ହୋଇଛନ୍ତି ଛାତ୍ରୀଛାତ୍ର। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଶୁଣୁ ନ ଥିବା କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ରାସ୍ତା ଖରାପ ଯୋଗୁ କଲେଜକୁ ସବୁଦିନ ପାଠପଢି ଆସିପାରୁ ନ ଥିବା ଛାତ୍ରୀଛାତ୍ର କହିଛନ୍ତି। ବର୍ଷତମାମ ରାସ୍ତା ସମସ୍ୟା ଭୋଗୁ ଥିବାବେଳେ ବର୍ଷାରେ ସମସ୍ୟା ଦୁଇ ଗୁଣିତ ହୋଇଯାଏ। ଏହି ରାସ୍ତା ଉପରେ ଏଫସିଆଇ ଗୋଦାମ ଥିବାରୁ ବଡ଼ ବଡ଼ ଟ୍ରକ ଆସୁଥିବାରୁ ବିପର୍ଯ୍ୟସ୍ତ ହୋଇଯାଉଛି। ବର୍ଷବର୍ଷ ଧରି ରାସ୍ତା ସମସ୍ୟା ଭୋଗୁଥିବା ମଡେଲ ଡିଗ୍ରୀ କଲେଜ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ନେଇ ଲୋୟର ଇନ୍ଦ୍ର କେନାଲ ଡିଭିଜନ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ ଏଥିପାଇଁ ପ୍ରସ୍ତାବ ଦିଆହୋଇଛି, ମଞ୍ଜୁର ହୋଇ ଆସିଲେ କାମ ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି। ଖଡ଼ିଆଳ ଏନ୍‌ଏସି ଯନ୍ତ୍ରୀ ଅରୁଣ କୁମାର ପାତ୍ର ସହ ଯୋଗାଯୋଗ କରିବାରୁ ବର୍ଷା ଶେଷ ପରେ ରାସ୍ତା ଡ୍ରେନ ତିଆରି ହେବ ଏବଂ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରିବ ବୋଲି ସୂଚନା ଦେଇଛନ୍ତି।

## ଏନ୍‌ଏଚ୍‌ରେ ବହୁଛି ବର୍ଷାଜଳ

ଖଡ଼ିଆଳ,୪।୮ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହର ଦେଇ ଯାଇଥିବା ୩୫୩ ନଂ. ଜାତୀୟ ରାଜପଥ ପଦ୍ମପୁର ନିକଟରେ ବର୍ଷାଜଳ ପ୍ରବାହିତ ହେଉଛି। ପୂର୍ବରୁ ରାଜପଥରେ ବର୍ଷା ଜଳ ନିଷ୍କାସନ ନେଇ ପୋଲ ଏବଂ କଲଭର୍ଟ ନିର୍ମାଣ କରାଯାଇଛି। ଚାଷ ଜମିକୁ ଘର ଡିହ କରି ତାକୁ ବେଆଇନ ଭାବେ ପୋତି ଦେଉଛନ୍ତି। ବର୍ଷା ଜଳ ନିଷ୍କାସନ ରାସ୍ତା ମଧ୍ୟ ପୋତି ଦେଇଛନ୍ତି। ଫଳରେ ଜଳ ନିଷ୍କାସିତ ହେବା ବଦଳରେ ଅଟକି ରହି ଜାତୀୟ ରାଜପଥ ଉପରେ ପ୍ରବାହିତ ହେଉଛି। ଜଣେ ବ୍ୟକ୍ତି କ୍ୟାବିନ ନିର୍ମାଣ କରିଥିବା ବେଳେ ସେଠାରେ ପୋଲ ପୋତି ଦେଇଥିବା ଅଭିଯୋଗ ହେଉଛି। ଜମିର କିସମ ପରିବର୍ତ୍ତନ ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ପାରମ୍ପରିକ ଜଳ ନିଷ୍କାସନ ପଥ ବନ୍ଦ ନ ହେବା ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ ଅଟେ। ନଚେତ ସ୍ଥାନ ପରିବର୍ତ୍ତନ କରି ସେହି ବର୍ଷାଜଳ ନିଷ୍କାସନ ନେଇ ଅନ୍ୟ ପୋଲ ନିର୍ମାଣ ପରେ ପୂର୍ବ ଥିବା ପୋଲ ପୋତିବା ପାଇ ସ୍ୱୀକୃତି ଦେବା କଥା। ଏଭଳି ମନମୁଖୀ କାର୍ଯ୍ୟକଳାପ ହେଲେ ଆଗାମୀ ଦିନରେ ବର୍ଷାଜଳ ନିଷ୍କାସନ ସମସ୍ୟା ବ୍ୟାପକ ଦେଖାଦେବ।

**ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାଫଳ**

## ସଫଳ ତାଲିକାରେ ବିକାଶର ପୁରାତନ ଛାତ୍ରୀଛାତ୍ର


ମଧୁସ୍ମିତା ସାମଲ ।


ଆକାଶ ପଣ୍ଡା ।


ଦୁର୍ଗେଶିନୀ ପଟେଲ ।

ବରଗଡ଼,୪।୮ (ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାଫଳରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ୨ ପୂର୍ବତନ ଛାତ୍ରୀ ଏବଂ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଜଣେ ପୂର୍ବତନ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଉକ୍ତ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ୨୦୧୩-୨୦୧୫ ବ୍ୟାଚ୍‌ର ଛାତ୍ରୀ ମଧୁସ୍ମିତା ସାମଲ ର୍ୟାଙ୍କ-୧୪ରେ ରହିଛନ୍ତି। ସେହିପରି ୨୦୦୮-୨୦୧୨ ବ୍ୟାଚ୍‌ର ଛାତ୍ରୀ ଦୁର୍ଗେଶିନୀ ପଟେଲ ର୍ୟାଙ୍କ-୧୧୯ରେ ରହିଥିବାବେଳେ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ୨୦୧୪-୨୦୧୬ ବ୍ୟାଚର ଛାତ୍ର ଆକାଶ ପଣ୍ଡା ର୍ୟାଙ୍କ-୧୭୬ରେ ରହିଛନ୍ତି। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଅନାଥ ଚନ୍ଦ୍ରକାନ୍ତୀଙ୍କୁ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ମିଳିଲା

ସୋନପୁର,୪।୮ (ମୃତ୍ୟୁଞ୍ଜୟ ଶତପଥୀ)



ଚନ୍ଦ୍ରକାନ୍ତି ହାତୀ।

ସୋନପୁରସ୍ଥିତ ଉତ୍କଳ ବାଳାଶ୍ରମରେ ନିଜ ସାନ ଭଉଣୀଙ୍କ ସହ ରହୁଥିବା ଚନ୍ଦ୍ରକାନ୍ତି ହାତୀଙ୍କୁ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି। ଟାଟା ପାୱାର ସାଉଥର୍ନ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏସ୍‌ଓଡିଏଲ)ର ବରହମପୁର ସ୍ଥିତ କାର୍ଯ୍ୟାଳୟରେ ସେ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପ୍ରଥମ ୬ ମାସ ପ୍ରୋବେସନ ପିରିୟଡରେ ତାଙ୍କୁ ୨୩ ହଜାର ୭୮ ଟଙ୍କା ଲେଖାଏଁ ମାସିକ ଦରମା ମିଳିବ। ତରଭା ବ୍ଲକ ବଘିଆମୁଣ୍ଡା ଗ୍ରାମର ଅନାଥ ଚନ୍ଦ୍ରକାନ୍ତି ଓ ତାଙ୍କ ସାନ ଭଉଣୀ ଅସହାୟ ଅବସ୍ଥାରେ ଥିଲେ। ୨୦୨୦ ମସିହାରେ ଜିଲା ପ୍ରଶାସନ ୨ ଭଉଣୀଙ୍କୁ ଉତ୍କଳ ବାଳାଶ୍ରମରେ ରଖି ପାଠ ପଢିବାର ବ୍ୟବସ୍ଥା କରିଥିଲେ । ବରଗଡରୁ ଆଇଟିଆଇ ଶିକ୍ଷା ସମାପ୍ତି ପରେ ଚନ୍ଦ୍ରକାନ୍ତି ସୋନପୁର ପୋଲିଟେକ୍‌ନିକ୍‌ରେ ଇଲେକ୍ଟ୍ରିକାଲ ଟ୍ରେଡ୍‌ରେ ଡିପ୍ଲୋମା କରିଥିଲେ। ଚନ୍ଦ୍ରକାନ୍ତିଙ୍କ ଏହି ସଫଳତାକୁ ନେଇ ଉତ୍କଳ ବାଳାଶ୍ରମର କର୍ମଚାରୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଚନ୍ଦ୍ରକାନ୍ତିଙ୍କ ଭଉଣୀ ଇନ୍ଦ୍ରାଣୀ ଏବେ ଉତ୍କଳ ବାଳାଶ୍ରମରେ ରହି ସୋନପୁର ପୋଲିଟେକ୍‌ନିକ୍‌ରେ ପାଠ ପଢୁଛନ୍ତି। ଦରମା ଅର୍ଥରେ ନିଜ ସାନ ଭଉଣୀଙ୍କୁ ପାଠ ପଢାଇବେ ବୋଲି ଚନ୍ଦ୍ରକାନ୍ତି କହିଛନ୍ତି ।

## ଡଙ୍ଗରୀଗୁଡ଼ା-କାଶୀବାହାଲ ରାସ୍ତା କାଦୁଅରେ ଭର୍ତ୍ତି

କୋକସରା,୪।୮
(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱରା ପ୍ରାଧାନମନ୍ତ୍ରୀ ସଡ଼କ ଯୋଜନାରେ ହୋଇଥିବା ଡ଼ଙ୍ଗରୀଗୁଡା-କାଶୀବାହାଲ ରାସ୍ତା ନିମ୍ନମାନର କାମ ଯୋଗୁ ନିର୍ମାଣର ୩ବର୍ଷ ମଧ୍ୟରେ ଖାଲଖମା ଓ କାଦୁଅ ଭର୍ତ୍ତି ହୋଇଛି। ରାସ୍ତା ସାରା ବଡ଼ବଡ଼ ଖାଲଖମାରେ କାଦୁଅ ଭର୍ତ୍ତି ହୋଇଛି। ବିଭାଗର ନିଘା ନ ଥିବାକୁ ନେଇ ଅଞ୍ଚଳବାସୀଙ୍କ ବଢୁଛି ଅସନ୍ତୋଷ। ସୂଚନା ମତେ ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଡଙ୍ଗରୀଗୁଡା ଛକଠାରୁ କାଶିବାହାଲକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ୩ ବର୍ଷ ମଧ୍ୟରେ ଶୋଚନୀୟ ହୋଇ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛ।


## ଭାରତୀୟ ବିମାନବନ୍ଦର ପ୍ରାଧିକରଣ
## AIRPORTS AUTHORITY OF INDIA

**ବିଜ୍ଞାପନ ନଂ. ୦୩/୨୦୨୩ ଅଧୀନରେ ବିଭିନ୍ନ ଶୃଙ୍ଖଳାରେ**
**କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଏବଂ କନିଷ୍ଠ କାର୍ଯ୍ୟନିର୍ବାହୀଙ୍କ ନିଯୁକ୍ତି**

ଭାରତୀୟ ବିମାନବନ୍ଦର ପ୍ରାଧିକରଣ ନିମ୍ନଲିଖିତ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇ ୱେବ୍‌ସାଇଟ୍ www.aai.aero ମାଧ୍ୟମରେ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:
(ଅନ୍ୟ କୌଣସି ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ)

| ପଦବୀ କୋଡ୍ | ପଦବୀର ନାମ | ଖାଲିପଦବୀ ସଂଖ୍ୟା ଏବଂ ସଂରକ୍ଷଣ: ମୋଟ | ୟୁଆର୍ | ଇଡବ୍ଲ୍ୟୁଏସ୍ | ଓବିସି (ଏନ୍‌ସିଏଲ୍) | ଏସ୍‌ସି | ଏସ୍‌ଟି | (ଅନ୍ତର୍ଭୁକ୍ତ ଖାଲିପଦବୀ) ପିଡବ୍ଲ୍ୟୁବିଡି (ଏ) | (ବି) | (ସି) | (ଡି ଓ ଇ) | ଏକ୍ସ-ଏସ୍‌ଏମ୍ |
|---|---|---|---|---|---|---|---|---|---|---|---|---|
| ୦୧ | କନିଷ୍ଠ ସହାୟକ (ଅଫିସ୍) | ୦୯ | ୦୬ | ୦୦ | ୦୨ | ୦୧ | ୦୦ | ୦୦ | ୦୦ | ୦୦ | ୦୦ | ୦୧ |
| ୦୨ | ବରିଷ୍ଠ ସହାୟକ (ଆକାଉଣ୍ଟସ୍) | ୦୯ | ୦୬ | ୦୦ | ୦୨ | ୦୧ | ୦୦ | ୦୦ | ୦୦ | ୦୦ | ୦୦ | ୦୧ |
| ୦୩ | କନିଷ୍ଠ କାର୍ଯ୍ୟନିର୍ବାହୀ (ସାଧାରଣ କ୍ୟାଡର୍) | ୨୩୭ | ୯୯ | ୨୩ | ୬୩ | ୩୫ | ୧୭ | ୦୫ | ୦୫ | ୦୨ | ୦୫ | ୦୦ |
| ୦୪ | କନିଷ୍ଠ କାର୍ଯ୍ୟନିର୍ବାହୀ (ଫାଇନାନ୍ସ) | ୬୬ | ୩୦ | ୦୬ | ୧୭ | ୦୯ | ୦୪ | ୦୩ | ୦୨ | ୦୦ | ୦୧ | ୦୦ |
| ୦୫ | କନିଷ୍ଠ କାର୍ଯ୍ୟନିର୍ବାହୀ (ଅଗ୍ନିଶମ ସେବା) | ୦୩ | ୦୩ | ୦୦ | ୦୦ | ୦୦ | ୦୦ | ୦୦ | ୦୦ | ୦୦ | ୦୦ | ୦୦ |
| ୦୬ | କନିଷ୍ଠ କାର୍ଯ୍ୟନିର୍ବାହୀ (ଆଇନ) | ୧୮ | ୧୦ | ୦୧ | ୦୪ | ୦୨ | ୦୧ | ୦୨ | ୦୦ | ୦୧ | ୦୦ | ୦୦ |

*ଖାଲିପଦବୀଗୁଡ଼ିକର ସଂଖ୍ୟା ଚୂଡ଼ାନ୍ତ ନୁହେଁ ଏବଂ ଏକାକୀ ଏଏଆଇର ବିଚାର କ୍ରମେ ବୃଦ୍ଧି କିମ୍ବା ହ୍ରାସିତ ହୋଇପାରେ ।*
ବ୍ୟବହୃତ ସଂକ୍ଷିପ୍ତ ଶବ୍ଦ: ୟୁଆର୍ = ଅଣସଂରକ୍ଷିତ, ଇଡବ୍ଲ୍ୟୁଏସ୍ = ଆର୍ଥିକ ଦୁର୍ବଳ ବର୍ଗ, ଓବିସି (ଏନ୍‌ସିଏଲ୍) = ଅନ୍ୟାନ୍ୟ ପଛୁଆ ବର୍ଗ (ଅଣ-କ୍ରିମି ଲେୟର୍), ଏସ୍‌ସି = ଅନୁସୂଚିତ ଜାତି, ଏସ୍‌ଟି= ଅନୁସୂଚିତ ଜନଜାତି, ପିଡବ୍ଲ୍ୟୁବିଡି = ବେଞ୍ଚମାର୍କ ଭିନ୍ନକ୍ଷମ ବ୍ୟକ୍ତି, ଏକ୍ସ-ଏସ୍‌ଏମ୍ = ପୂର୍ବତନ ସାମରିକ କର୍ମଚାରୀ
ପିଡବ୍ଲ୍ୟୁବିଡି ବର୍ଗ (ଏ), (ବି), (ସି), (ଡି) ଏବଂ (ଇ): ସବିଶେଷ ବିଜ୍ଞାପନରେ ସମ୍ପୃକ୍ତ ପଦବୀ କୋଡ୍ ପାଇଁ ଦିଆଯାଇଥିବା ଉପଯୁକ୍ତ ବର୍ଗର ବେଞ୍ଚମାର୍କ ଭିନ୍ନକ୍ଷମତା ଦେଖନ୍ତୁ ।

| କାର୍ଯ୍ୟକ୍ରମ | ତାରିଖ |
|---|---|
| ଅନ୍-ଲାଇନ୍ ଆବେଦନ ଆରମ୍ଭ ହେବା ତାରିଖ | ୦୫।୦୮।୨୦୨୩ |
| ଅନ୍-ଲାଇନ୍ ଆବେଦନ ପାଇଁ ଶେଷ ତାରିଖ | ୦୪।୦୯।୨୦୨୩ |
| ଅନ୍-ଲାଇନ୍ ପରୀକ୍ଷାର ସମ୍ଭାବ୍ୟ ତାରିଖ | ଏଏଆଇ ୱେବ୍‌ସାଇଟ୍ – www.aai.aeroରେ ଘୋଷଣା କରାଯିବ |

ବିବରଣୀ ପାଇଁ, ଦୟାକରି ଏଏଆଇ ୱେବ୍‌ସାଇଟ୍ www.aai.aeroରେ କ୍ୟାରିୟର୍ ସେକ୍ସନ ଏବଂ ତା୧୯।୦୮।୨୦୨୩ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାର ଦେଖନ୍ତୁ ।
CBC 03111/12/0002/2324
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍)


# ନିମ୍ନମାନର କେନାଲ କାମ, ତଦନ୍ତ ଦାବି

ବାଉଁଶୁଣୀ,୪।୮ (ଦେବାଶିଷ ନେପାକ): ବୌଦ୍ଧ ଜିଲାରେ ସାଲୁଙ୍କି ଜଳସେଚନ ବିଭାଗ ପକ୍ଷରୁ ଚାଲିଥିବା କେନାଲ କାମ ନିମ୍ନମାନର ହୋଇଥିବା ନେଇ ଜିଲା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଏହାର ତଦନ୍ତ କରିବାକୁ ଦଳ ଦାବି କରିଛି। ଏ ନେଇ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ ବୌଦ୍ଧ ସଦର ବ୍ଲକ ସାଲୁଙ୍କି ଜଳସେଚନ ବିଭାଗ ଦ୍ୱାରା ସାଲୁଙ୍କି କେନାଲର ବାମପାର୍ଶ୍ୱ ମୁଖ୍ୟ କେନାଲର



ବସ୍ତମପୁର ଶାଖା କେନାଲର ସିଙ୍ଗାରି ପର୍ଯ୍ୟନ୍ତ ଯାଇଛି। ଏହି କେନାଲର ବସ୍ତମପୁର (ଖଲିଆ) ନିକଟରେ ନିର୍ମାଣ ହୋଇଥିବା ସିମେଣ୍ଟ ଢଳାଇ କାନ୍ଥ ଅତି ନିମ୍ନମାନର ହୋଇଥିବାରୁ ଦୁଇମାସ ନ ଯାଉଣୁ ତାହା ଭାଙ୍ଗି ନଷ୍ଟ ହୋଇଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦଳ ଦାବି କରିଛି। ଜିଲା ଭାଜପା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ଭାଜପା ମୁଣ୍ଡାପଡା ମଣ୍ଡଳ ସଭାପତି ଯୀଶୁ ପ୍ରଧାନ, ସମ୍ପାଦକ ଭାଜପା ଜିଲା ଯୁବମୋର୍ଚ୍ଚା ଯଯାତି ପ୍ରଧାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଭାଗୀୟ ଅବହେଳା, ଚାଷୀ ମହଲରେ ଅସନ୍ତୋଷ

ଲୋଇସିଂହା,୪।୮ (ସୁଶାନ୍ତ ବାରିକ)

କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ବଲାଙ୍ଗୀର ଜିଲା ଲୋଇସିଂହା ନାରାୟଣ ସାଗର ସରପ୍ଲସର ୨ଫୁଟ ଅଧିକ ଉଚ୍ଚତା କରାଯାଇଛି। ଫଳରେ ବର୍ଷାଦିନରେ ସାଗରର ପାଣି ନିଷ୍କାସିତ ହୋଇପାରୁନାହିଁ। ସାଗରର ଉପରମୁଣ୍ଡରେ ଥିବା ଚାଷ ଜମିରେ ଦୀର୍ଘଦିନ ଧରି ପାଣି ଜମି ରହୁଛି। ଫଳରେ ଚାଷୀ କ୍ଷତିର ସମ୍ମୁଖିନ ହେଉଛନ୍ତି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରପ୍ଲସ ଉଚ୍ଚତାକୁ କମାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଚାଷୀମାନେ ବହୁ ବାର ଦାବି କରି ଆସୁଛନ୍ତି। ହେଲେ ଚାଷୀଙ୍କ ସମସ୍ୟାକୁ ବିଭାଗ କର୍ଣ୍ଣପାତ କରୁନାହାନ୍ତି। ବିଗତ କିଛି ବର୍ଷ ହେଲା ଚାଷୀମାନେ ପ୍ରକଳ୍ପରୁ ସୁବିଧା ପାଇବା ପରିବର୍ତ୍ତେ କ୍ଷତି ସହି ଆସୁଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ,କିଛିବର୍ଷ ପୂର୍ବେ ପୁରୁଣା ସରପ୍ଲସକୁ ଭାଙ୍ଗି ନୂତନ ସରପ୍ଲସ ନିର୍ମାଣ କରାଯାଇଛି। ସରପ୍ଲସର ଉଚ୍ଚତା ବଢାଇ ଯାଉଥିବା ଜାଣି ଚାଷୀମାନେ ସେତେବଳେ ପ୍ରତିବାଦ କରିଥିଲେ। ହେଲେ ଚାଷୀଙ୍କ କଥାକୁ ଗୁରୁତ୍ୱ ନ ଦେଇ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା।


## PANCHAYAT SAMITI, KHAIRPUT
## DIST: MALKANGIRI

**TENDER CALL NOTICE NO - 03/ 2023-24. Dt: 3.08.2023**

The Block Development Officer, Khairput invites sealed percentage rate tenders vide letter No........, dated:.......2023 on behalf of Governor of Odisha from registered & eligible registered contractors of Odisha State PWD/ CPWD having experience in construction of road, bridges and building works in conformity with detailed tender call notice for execution of 15 Nos. of work under PAB-2022-23 & IDF scheme on drawal of agreement in PS contract forms of Govt. of Odisha. Tender papers will be sold from 07.08,2023 to 18.08.2023 in office hour (working days only from 10.00AM to 5.30 PM) from Block office,Khairput and received on 19.08.2023 in office hour(working days only from 10.00 AM to 5.30 PM) in the office of the BDO, Khairput through Registered Post/Speed Post only. The Tender shall be opened on 21.08,2023 at 11.00 AM in the office of the BDO, Khairput. Term & condition and other details will be available in the office notice board and district website i.e. **https://malkangiri.nic.in.** Purchasing & depositing of Tender paper is the sole responsibility of the Tender applicant within the due time.

**Sd./-3.08.2023**
**Block Development Officer, Khairput**



## ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22, Ph: 2542983, 2542802, 2545526, 2542826
Fax: (0674) 2542102.Website: www.ohpcltd.com
Regd. Office CIN- U40101OR1995SGC003963
OHPC ISO 9001, 14001 & 45000

**ADVERTISEMENT NO. OHPC:HQ:HRD: RECTT: 02/2023 Dated: 04.08.2023**

**CAREER OPPORTUNITIES FOR YOUNG PROFESSIONALS**

**The Corporation intends to recruit young, bright and energetic Professionals as Management Trainees (MTs) & Diploma Engineer Trainees (DETs) in various disciplines.**
Odisha Hydro Power Corporation Limited ( OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-state project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as **Management Trainees (MTs) & Diploma Engineer Trainees (DETs) in various disciplines** as per the following for their placement at various units and project sites:

| MT (Finance) | DET (Electrical) | DET (Civil) |
|---|---|---|
| 07 | 18 | 02 |

**Important Dates:-**
The commencement of online registration & payment of application fee- 17.08.2023
Last date for payment of online application fee - 14.09.2023
The last date for submission of online application in complete shape - 14.09.2023
**The detailed advertisement containing the category wise vacancy position, eligibility criteria, remuneration, procedure for online application, and all other terms & conditions will be available shortly on the company's website– www.ohpcltd.com**
**DIRECTOR (HR) I/C**



## TENDER NOTICE
## STATE INSTITUTE OF HOTEL MANAGEMENT
**TITILAGARH ROAD, BALANGIR - 767001 (ODISHA)**
**No. 177 /SIHM/2023-24/TENDER** **Date: 04.08.2023**

Sealed tenders are invited from the reputed dealers/manufacturers/ distributors for supply of Student Uniform (readymade) for the Academic Session 2023-24.
Tenderers must be superscripted "Tender for supply of Student Uniform (Readymade) for the Academic Session 2023-24" on the top of the envelope which contains the tender documents and other required documents should reach the Office of the Principal, State Institute of Hotel Management, Titilagarh Road, Balangir - 767001 (Odisha) by Govt Speed Post/Regd. Post/Courier on or before 21.08.2023 till 5.00 p.m.
For further details kindly visit our website **www.sihmbalangir.org**
**Sd./- Principal**



## OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU (MDM), ANGUL
**No. 6807** **Dt.04.08.2023**

**TENDER CALL NOTICE**

Sealed tender in prescribed forms are invited from the intending Registered Firms/ Authorized licensing Transporting Contractors/Agents for undertaking the work of transportation of MDM Food Stuff quarterly from FSD, FCI/OSCSC, Angul/RRC, Angul/Selected Depot to all School points of Angul district under Mid-Day-Meal Programme for the year 2022-23 (Oct. 23 to Sept. 24). The tender paper/terms and condition can be obtained from the Office of the District Project Management Unit (MDM), Angul, O/o. the District Education Officer, Angul and also available at District website **(www.angul.nic.in)** from **04.08.2023 to 24.08.2023** on any working day during office hour on payment of 15,000/- (Rupees fifteen thousand) only in shape of Demand Draft (non refundable) in favour of District Education Officer, DPMU, MDM, Angul payable at Angul. In case of submission of downloaded tender paper, it must accompany the Demand Draft amounting Rs.15,000/- as mentioned above, failing which the tender application will be rejected. The tender shall be received by the District Education Officer, Angul during the office hour from 04.08.2023 to 24.08.2023 through **Registered Post/Speed Post** only and will be opened to be intimated later in the Office Chamber of Collector, Angul in presence of the members of the tender committee and the tenderers or their authorized representatives. There shall be two stages of bidding - Technical and Financial. The interested bidders must submit the Technical Bid in a envelope Super-scribed as **"Technical Bid for Tender of Transportation of Mid Day Meal Food Stuff in Angul district for 2023-24"**. The Financial Bid must be submitted in a separate envelope super-scribed as **"Financial Bid for Tender of Transportation of Mid Day Meal Food Stuff in Angul District for 2023-24"**. Both these envelope must then be placed in a third envelopes super-scribed as **"Tender of Transportation of Mid Day Meal Food Stuff in Angul district for 2023-24"**. The tenders received beyond the scheduled date and time shall be rejected. The undersigned reserves the right to reject/cancel/ withdraw any or all the tenders without assigning any reason thereof and shall bear no responsibility what so ever consequent upon such decisions.
**Sd./- Collector-cum-Chairman (MDM), Angul**



## OFFICE OF THE DIRECTOR FORESTRY TRAINING, ODISHA FOREST RANGERS' COLLEGE
**AT/PO/DIST:-ANGUL, PHONE NO / FAX NO-06764-233652**
**E-mail: directorofrcangul@gmail.com**
**NOTICE NO. 105/1F(ACTT.)**
**DATED,ANGUL THE 02nd AUGUST, 2023**

**TENDER CALL NOTICE FOR SUPPLY OF VEHICLE ON HIRE BASIS FOR USE IN OFFICIAL PURPOSE.**

**No.MM-113:**Sealed tenders are invited from interested Vehicle Owners/ Travel Agencies/ Tour Operators for providing electric/ Hybrid/ petrol/ diesel run Scorpio/ Creta/ Mahindra Marazzo/ any other similar higher model vehicle 01 No. of AC with commercial registration in accordance with Govt. of Odisha Finance Department Notification N0.30464/F dtd.06.09.2019 (Sl. No. 03) for official use on hiring basis at Odisha Forest Rangers' College, Angul on terms and conditions mentioned in the standard bidding documents so as to reach in the O/o the Director, Forestry Training, Odisha Forest Rangers' College, Angul on or before **31.08.2023 up to 02:00 P.M** through Registered / Speed Post/ Courier Service and can also be dropped in Tender Box placed in Office of the Director, Forestry Training, Odisha Forest Ranger's College, Angul. The vehicle should not be older than three years & should confirm to BS-VI or higher standard environmental norm. The tenders will be opened in the same office on the same day **at 04:00 P.M.** The standard bidding documents and terms and conditions can be obtained from Office of the Director, Forestry Training, Odisha Forest Rangers' College, Angul from **dt.04.08.2023 to 29.08.2023** during office hour by submitting a non-refundable Demand Draft to be drawn in favour of Director, Forestry Training, Odisha Forest Rangers' College, Angul payable at Angul for **Rs.1180/-(cost 1000/-+GST-18%-180/-)** (Rupees One Thousand One Hundred Eighty) only towards cost of tender paper.
**Sd./- Director, Forestry Training,**
**Odisha Forest Rangers' College, Angul**
OIPR-08126/11/0001/2324



## OFFICE OF THE TAHASILDAR, ASKA
## COMPETENT AUTHORITY FOR LAND ACQUISITION
No.4493 Date 01.08.2023

**PUBLIC NOTICE**

**Announcement of Award for acquisition of land for construction of National Highway**
**For Land owners/persons interested therein**

Kind attention of all land owners interested persons is invited to the Notification dated 11.11.2021 & 23.08.2022 issued under Section 3 A of the NH Act 1956 for acquisition of land for the building/ construction of a National Highway and the Notification dated 20.09.2022 & 09.12.2022 issued under Section 3 D of the NH act 1956 and published in the following newspapers.

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3 A | The Samaj | 25.01.2022 |
| | | | 23.09.2022 |
| | | The Dharitri | 26.01.2022 |
| | | | 23.09.2022 |
| 2 | Section 3 D | The Samaj | 13.11.2022 |
| | | | 03.01.2023 |
| | | The Dharitri | 11.11.2022 |
| | | | 04.01.2023 |

It is informed that the undersigned has announced the Award in respect of the said land under Section 3 G of the NH Act 1956 vide order dated 07.06.2023. The land acquiring agency (MoRTH/NHAI/NHIDCL) has placed the requisite amount of compensation at the disposal of the udnersigned. Notices have also been issued to the concerned landowners/ interested persons as required under Sectin 3 E of the NH Act 1956.

Accordingly, all the concerned land owners/interested persons are hereby informed / notified through this additional **Public Notice** that the claimants entitled to receive the compensation amount may collect their amount of compensation from the office of the undersigned on any working day between 10.30 A.M. to 3.00 P.M. within a period of 60 days and surrender or deliver the possession of the subject land to the undersigned failling which the possession of the subject land will be taken with police assistance on expiry of the period of 60 days.

**Sd./- Tahasildar, Aska-cum-Competent Authority**
**for Land Acquisition NH-59**

## ସଂକ୍ଷେପରେ

### ଲଗାଣ ବର୍ଷା: ବହୁ ପରିବାର ବାସହରା

ଜମନକିରା,୪।୮ (ରବୀନ୍ଦ୍ର ପ୍ରସାଦ ଦାନି)

ଚଳିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ଜମନକିରା ବ୍ଲକ ଅଞ୍ଚଳରେ ବହୁ ପରିବାର ବାସହରା ହୋଇପଡିଛନ୍ତି। ସୂଚନା ଅନୁଯାୟୀ, ବ୍ଲକ ଅଧୀନ ୨୧ ପଞ୍ଚାୟତରେ ବର୍ଷା ବିପ୍ୱାତ ଦେଖାଦେଇଛି। କେଉଁଠି ଚାଷଜମି ବୁଡିରହିଛି ତ ଆଉ କେଉଁଠି ଘରେ ପାଣି ପଶିବାରୁ ଲୋକେ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ଅନେକ ସ୍ଥାନରେ ମାଟିଘର ଭାଙ୍ଗି ଲୋକଙ୍କୁ ବେସାହାରା କରିଦେଇଛି। ଖାରସନମାଳ ପଞ୍ଚାୟତ କୁମୁକପାଲି ଗାଁର କୃପାସିନ୍ଧୁ ଭଇଁସା, ସେହି ଗାଁର ଲକ୍ଷ୍ମୀ ସେଠ, ବଡରମା ପଞ୍ଚାୟତ ଖରମୁଣ୍ଡା ଗାଁର ଭରତ ପ୍ରଧାନ, ଜମନକିରା ଖାଇରଡ଼ିହି ଗାଁର ବର୍ଜ ମୁଣ୍ଡାଙ୍କ ଘର ଭାଙ୍ଗିଯାଇଥିବାରୁ ସେମାନେ ଦୁର୍ଦ୍ଦଶାର ଜୀବନ ବିତାଉଛନ୍ତି। ଏ ସମ୍ପର୍କରେ ବିଡ଼ିଓ ପ୍ରସନ୍ନ କୁମାର ପଟେଲଙ୍କୁ ପଚାରିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ଥଇଥାନ କରାଯିବ ବୋଲି ସେ ମତ ରଖିଛନ୍ତି।

# ବ୍ୟାୟାମ ମନରେ ଏକାଗ୍ରତା ଆଣେ



ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବଲପୁର,୪।୮ (ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଶୁକ୍ରବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବ୍ରହ୍ମକୁମାରୀ ଆୟୋଜନ ଓ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ସହାୟତାରେ ଏହା ହୋଇଥିଲା। ସମ୍ବଲପୁର ଜୋନ ପରିଚାଳିକା ରାଜଯୋଗିନୀ ପାର୍ବତୀ ଯୋଗଦେଇ ସ୍ୱାସ୍ଥ୍ୟ, ସୁଖ ସମୃଦ୍ଧି ଓ କ୍ରୀଡ଼ା ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ମୁଖ୍ୟଅତିଥି ଓ ରାଜସ୍ଥାନରୁ ଆସିଥିବା ଡାକ୍ତର ବ୍ରହ୍ମାକୁମାରୀ ଗୀତା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବ୍ରହ୍ମକୁମାରୀ ନିକିତା ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ବ୍ୟାୟାମ ଅଭ୍ୟାସ କରାଇ ମନରେ ଏକାଗ୍ରତା ଆଣିବାକୁ ଆହ୍ୱାନ ଦେଇଥିଲେ। ସୁଖ ଓ ଶାନ୍ତି ଆମେ ବାହାରେ ଖୋଜି ଥାଉ। ମାତ୍ର ବାସ୍ତବ ସୁଖ ଆମ ଭିତରେ ହିଁ ଅଛି ବୋଲି ଅତିଥିମାନେ କହିଥିଲେ। ମହାବିଦ୍ୟାଳୟର ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା ଓ ବ୍ରହ୍ମକୁମାରୀ ଦୀପା ସୂଚନା ପ୍ରଦାନ କରିଥିଲେ ।

# ସାମାଜିକ କର୍ମୀଙ୍କ ପରଲୋକ

କୁଚିଣ୍ଡା,୪।୮ (ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ କଟୁପାଲି ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ଧନୁର୍ଜୟ ଧୁରୁଆଙ୍କ ଶୁକ୍ରବାର ବୁର୍ଲା ଭିମ୍ସାରରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ତାଙ୍କୁ ୭୮ବର୍ଷ ହୋଇଥିଲା। ସେ ରକ୍ତଚାପ ଓ ମଧୁମେହ ରୋଗରେ ପୀଡିତ ଥିଲେ। ସେ ଦୀର୍ଘବର୍ଷ ଧରି ସମାଜସେବା ସାଙ୍ଗକୁ ଲକ୍ଷେ ଘର ପାଣ ସମାଜର ସଭାପତି ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବାସଭବନରେ ମୃତଦେହ ପହଞ୍ଚିବା ପରେ କୁଚିଣ୍ଡା ବ୍ଲକ ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ, ଉପଦେଷ୍ଟା ଟିକେଶ୍ୱର ହଂସ, ରତ୍ନାକର କୁସୁମ, ଗୟାନନ୍ଦ ଭଞ୍ଜ, ଗୋପବନ୍ଧୁ ସିଂ, ସନାତନ କୁସୁମ, ତ୍ରିନାଥ ଲୁହା ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# କେନ୍ଦ୍ରୀୟ ବିଦ୍ୟାଳୟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ଦେବଗଡ଼,୪।୮ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ଶୁକ୍ରବାର ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ଉନ୍ନୟନ ପାଣ୍ଠିରୁ ଅଢେଇ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପ୍ରକଳ୍ପଟି ନିର୍ମାଣ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସବିହା ସେଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏଥିସହ ଉକ୍ତ ପ୍ରକଳ୍ପରୁ ପ୍ରଥମେ ପାଣି ପିଇବା ସହ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରକଳ୍ପଟିକୁ ଉତ୍ସର୍ଗିକୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ମଧ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ପାଣିଗ୍ରାହୀ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷାଦାନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ ପ୍ରାଥମିକ ଶ୍ରେଣୀରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟରେ ରହିଥିବା ସମସ୍ୟାର କିଭଳି ସମାଧାନ କରାଯାଇ ପାରିବ ସେ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର କାର୍ଯ୍ୟ କରାଯିବ ବୋଲି ବିଧାୟକ ପ୍ରତଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅରବିନ୍ଦ ଦିକ୍ଷିତ, ମୁକେଶ କୁମାର, ନମିତା ଶ୍ରିବାସ୍ତବ, ରେଣୁ କୁମାରୀ, ଏସକେ ବେହେରା, ନମ୍ରତା ବଡପଣ୍ଡା, ନିଧି ପାଣ୍ଡେ, କୌଶଲ୍ୟା କୁମାରୀ, ସୁବିଦ ବୁଧିଆ, ପଦ୍ମଲୋଚନ ପୁରହିତ, ଋତୁପର୍ଣ୍ଣା ପ୍ରଧାନଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ରହିଥିଲେ।

### ପତଞ୍ଜଳି ଯୋଗକେନ୍ଦ୍ର ପକ୍ଷରୁ ଜଡିବୁଟି ଦିବସ

ସମ୍ବଲପୁର,୪।୮ (ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ହୀରାକୁଦ କଲୋନୀସ୍ଥିତ ନିଃଶୁଳ୍କ ପତଞ୍ଜଳି ଯୋଗ କେନ୍ଦ୍ରଠାରେ ଶୁକ୍ରବାର ଜଡିବୁଟି ଦିବସ ପାଳିତ ହୋଇଯାଇଛି। ପ୍ରାତଃରେ ପ୍ରାର୍ଥନା କାର୍ଯ୍ୟକ୍ରମ ପରେ ପତଞ୍ଜଳି ଯୋଗ ସମିତି ରାଜ୍ୟ ମହିଳା ପ୍ରଭାରୀ ଜେ ଗିରିଜା ଦେବୀଙ୍କ ପରିଚାଳନାରେ ସଭା ହୋଇଥିଲା । ଏଥିସହ ବିଭିନ୍ନ ଯୋଗ ମୁଦ୍ରା ଓ ଆସନ ଅଭ୍ୟାସ କରାଯାଇଥିଲା। ପରେ ହୀରାକୁଦ କଲୋନୀ ଅଞ୍ଚଳରେ ନିମ୍ବ, ଅଁଳା, ପିଜୁଳି, ହରିଡା, ବାହାଡା, ତୁଳସୀ ଆଦି ଚାରା ରୋପଣ କରାଯାଇଥିଲା। ସୁଶାନ୍ତ ସାହୁ, ଅରୁଣ ବିହାରୀ, ପଙ୍କଜିନୀ ରାଉତ, ଅଞ୍ଜନା ବାରିକ, କଲ୍ୟାଣୀ ଚିନ୍ଦ୍ରା, ପଦ୍ମିନୀ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ



ସମାରୋହରେ ମଞ୍ଚାସୀନ ଅତିଥି ।

ସମ୍ବଲପୁର,୪।୮ (ବି.ଶଙ୍କର)

ରୋଟାରି କ୍ଲବ ଅଫ ସମ୍ବଲପୁରର ଅଧିଷ୍ଠାନ ଉତ୍ସବ ଫାର୍ମ ରୋଡସ୍ଥିତ ଡ. ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଟାଟା ପାୱାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲୋ ମୁଖ୍ୟଅତିଥି ଓ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ସଞ୍ଜିତ ସିଂ ଅରୋରା ସମ୍ମାନିତ ଅତିଥି ଥିଲେ। କ୍ଲବର ବିଦାୟୀ ସଭାପତି ରଞ୍ଜିତ ସିଂ ହୁରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ୨୦୨୩-୨୪ ବର୍ଷ ପାଇଁ କ୍ଲବର ନୂତନ ସଭାପତି ଭାବେ ସୁଜିତ କୁମାର ପାଣିଗ୍ରାହୀ ଓ ସମ୍ପାଦକ ଭାବରେ ୱାସେ ମଲ୍ଲିକଙ୍କ ସମେତ ସମସ୍ତ ନୂତନ ପଦାଧିକାରୀ ଶପଥପାଠ କରିଥିଲେ। ନୂତନ ଭାବେ ଦାୟିତ୍ୱ ନେଇଥିବା ସଭାପତି ଓ ସମ୍ପାଦକ ଚଳିତ ବର୍ଷ କ୍ଲବ ପକ୍ଷରୁ ଏକହଜାର ବୃକ୍ଷରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ।


## ଭାରତୀୟ ବିମାନବନ୍ଦର ପ୍ରାଧିକରଣ
## AIRPORTS AUTHORITY OF INDIA

G20 भारत 2023 INDIA

### ବିଜ୍ଞାପନ ନଂ. ୦୩/୨୦୨୩ ଅଧୀନରେ ବିଭିନ୍ନ ଶୃଙ୍ଖଳାରେ
### କନିଷ୍ଠ ସହାୟକ, ବରିଷ୍ଠ ସହାୟକ ଏବଂ କନିଷ୍ଠ କାର୍ଯ୍ୟନିର୍ବାହୀଙ୍କ ନିଯୁକ୍ତି

ଭାରତୀୟ ବିମାନବନ୍ଦର ପ୍ରାଧିକରଣ ନିମ୍ନଲିଖିତ ପଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଏଏଆଇ ୱେବ୍‌ସାଇଟ୍ www.aai.aero ମାଧ୍ୟମରେ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:
(ଅନ୍ୟ କୌଣସି ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ)

| ପଦବୀ କୋଡ୍ | ପଦବୀର ନାମ | ଖାଲିପଦବୀ ସଂଖ୍ୟା ଏବଂ ସଂରକ୍ଷଣ | | | | | | | | | | |
|---|---|---|---|---|---|---|---|---|---|---|---|---|
| | | ମୋଟ | ୟୁଆର୍ | ଇଡବ୍ଲ୍ୟୁଏସ୍ | ଓବିସି (ଏନ୍‌ସିଏଲ୍) | ଏସ୍‌ସି | ଏସ୍‌ଟି | (ଅନ୍ତର୍ଭୁକ୍ତ ଖାଲିପଦବୀ) ପିଡବ୍ଲ୍ୟୁବିଡି (ଏ) | (ବି) | (ସି) | (ଡି ଓ ଇ) | ଏକ୍ସ-ଏସ୍‌ଏମ୍ |
| ୦୧ | କନିଷ୍ଠ ସହାୟକ (ଅଫିସ୍) | ୦୯ | ୦୬ | ୦୦ | ୦୨ | ୦୧ | ୦୦ | ୦୦ | ୦୦ | ୦୦ | ୦୦ | ୦୧ |
| ୦୨ | ବରିଷ୍ଠ ସହାୟକ (ଆକାଉଣ୍ଟସ୍) | ୦୯ | ୦୬ | ୦୦ | ୦୨ | ୦୧ | ୦୦ | ୦୦ | ୦୦ | ୦୦ | ୦୦ | ୦୧ |
| ୦୩ | କନିଷ୍ଠ କାର୍ଯ୍ୟନିର୍ବାହୀ (ସାଧାରଣ କ୍ୟାଡର୍) | ୨୩୭ | ୯୯ | ୨୩ | ୬୩ | ୩୫ | ୧୭ | ୦୫ | ୦୫ | ୦୨ | ୦୫ | ୦୦ |
| ୦୪ | କନିଷ୍ଠ କାର୍ଯ୍ୟନିର୍ବାହୀ (ଫାଇନାନ୍ସ) | ୬୬ | ୩୦ | ୦୬ | ୧୭ | ୦୯ | ୦୪ | ୦୩ | ୦୨ | ୦୦ | ୦୧ | ୦୦ |
| ୦୫ | କନିଷ୍ଠ କାର୍ଯ୍ୟନିର୍ବାହୀ (ଅଗ୍ନିଶମ ସେବା) | ୦୩ | ୦୩ | ୦୦ | ୦୦ | ୦୦ | ୦୦ | ୦୦ | ୦୦ | ୦୦ | ୦୦ | ୦୦ |
| ୦୬ | କନିଷ୍ଠ କାର୍ଯ୍ୟନିର୍ବାହୀ (ଆଇନ) | ୧୮ | ୧୦ | ୦୧ | ୦୪ | ୦୨ | ୦୧ | ୦୨ | ୦୦ | ୦୧ | ୦୦ | ୦୦ |

*ଖାଲିପଦବୀଗୁଡ଼ିକର ସଂଖ୍ୟା ଚୂଡ଼ାନ୍ତ ନୁହେଁ ଏବଂ ଏକାକୀ ଏଏଆଇର ବିଚାର କ୍ରମେ ବୃଦ୍ଧି କିମ୍ବା ହ୍ରାସିତ ହୋଇପାରେ ।*

ବ୍ୟବହୃତ ସଂକ୍ଷିପ୍ତ ଶବ୍ଦ: ୟୁଆର୍ = ଅଣସଂରକ୍ଷିତ, ଇଡବ୍ଲ୍ୟୁଏସ୍ = ଆର୍ଥିକ ଦୁର୍ବଳ ବର୍ଗ, ଓବିସି (ଏନ୍‌ସିଏଲ୍) = ଅନ୍ୟାନ୍ୟ ପଛୁଆ ବର୍ଗ (ଅଣ-କ୍ରିମି ଲେୟର), ଏସ୍‌ସି = ଅନୁସୂଚିତ ଜାତି, ଏସ୍‌ଟି= ଅନୁସୂଚିତ ଜନଜାତି, ପିଡବ୍ଲ୍ୟୁବିଡି = ବେଞ୍ଚମାର୍କ ଭିନ୍ନକ୍ଷମ ବ୍ୟକ୍ତି, ଏକ୍ସ-ଏସ୍‌ଏମ୍ = ପୂର୍ବତନ ସାମରିକ କର୍ମଚାରୀ
ପିଡବ୍ଲ୍ୟୁବିଡି ବର୍ଗ (ଏ), (ବି), (ସି), (ଡି) ଏବଂ (ଇ): ସବିଶେଷ ବିଜ୍ଞାପନରେ ସମ୍ପୃକ୍ତ ପଦବୀ କୋଡ୍ ପାଇଁ ଦିଆଯାଇଥିବା ଉପଯୁକ୍ତ ବର୍ଗର ବେଞ୍ଚମାର୍କ ଭିନ୍ନକ୍ଷମତା ଦେଖନ୍ତୁ ।

| କାର୍ଯ୍ୟକ୍ରମ | ତାରିଖ |
|---|---|
| ଅନ୍-ଲାଇନ୍ ଆବେଦନ ଆରମ୍ଭ ହେବା ତାରିଖ | ୦୫।୦୮।୨୦୨୩ |
| ଅନ୍-ଲାଇନ୍ ଆବେଦନ ପାଇଁ ଶେଷ ତାରିଖ | ୦୪।୦୯।୨୦୨୩ |
| ଅନ୍-ଲାଇନ୍ ପରୀକ୍ଷାର ସମ୍ଭାବ୍ୟ ତାରିଖ | ଏଏଆଇ ୱେବ୍‌ସାଇଟ୍ – www.aai.aeroରେ ଘୋଷଣା କରାଯିବ |

ବିବରଣୀ ପାଇଁ, ଦୟାକରି ଏଏଆଇ ୱେବ୍‌ସାଇଟ୍ www.aai.aeroରେ କ୍ୟାରିୟର୍ ସେକ୍ସନ ଏବଂ ତା୧୯।୦୮।୨୦୨୩ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାର ଦେଖନ୍ତୁ ।
CBC 03111/12/0002/2324
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍)


### ଜୀବିକା ମିଶନ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଜମନକିରା,୪।୮ (ରବୀନ୍ଦ୍ର ପ୍ରସାଦ ଦାନି)

ସମ୍ବଲପୁର ଜିଲ୍ଲା ନୀଳଡୁଙ୍ଗୁରି ଉଦ୍ୟାନ ଭବନଠାରେ ଜମନକିରା ବ୍ଲକର ୨୧ ପଞ୍ଚାୟତରୁ ସମସ୍ତ ୨୧ଜଣ ଏମବିକେ ଓ ୨୧ଜଣ ସିଆର୍‌ପି ଲୋକସ୍ ଆପ୍ ଉପରେ ପ୍ରଶିକ୍ଷଣ ନେଇଛନ୍ତି। ଏମାନେ ୩ ଦିନିଆ ପ୍ରଶିକ୍ଷଣ ନେଇ ଆଗାମୀ ଦିନରେ ବ୍ଲକରେ ଥିବା ଅନ୍ୟ ଏମ୍‌ବିକେମାନଙ୍କୁ ପ୍ରଶିକ୍ଷଣ ଦେବେ। ଓଡିଶା ଜୀବିକା ମିଶନ ପକ୍ଷରୁ ତେଲେଙ୍ଗାନା ରାଜ୍ୟରୁ ଆସିଥିବା ମାଷ୍ଟର ଟ୍ରେନର ଜି. ରାନି ଓ ଏମ୍. ମଥୁରା ତାଲିମ ଦେଇଥିଲେ। ଏହି ଟ୍ରେନିଂ ନେବା ପରେ ସମସ୍ତ କାର୍ଯ୍ୟ ଲୋକସ ଆପ୍ ମାଧ୍ୟମରେ କରିପାରିବେ। ସମ୍ବଲପୁରର ଶିବ ଶଙ୍କର ସାହୁ, ଜମନକିରା ବିଏଲ୍‌ସି ସରୋଜ କୁମାର ମିଶ୍ର ଶିବିର ପରିଚାଳନା କରିଥିବା ବେଳେ ଉଦ୍ୟାନ ଭବନର ସୁନିଲ ନାୟକ ସହଯୋଗ କରିଥିଲେ।

# ବର୍ଷା ବିପ୍ୱାତ: ଭାଙ୍ଗିଲା ଘର, ଧୋଇଗଲା ରାସ୍ତା

ନାକଟିଦେଉଳ,୪।୮ (ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ବ୍ଲକରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଧିକାଂଶ ଲୋକଙ୍କ ଘର ଭୁଶୁଡି ପଡ଼ିଥିବା ବେଳେ ରାସ୍ତା ଧୋଇଯାଇଛି। ବ୍ଲକର ଅନ୍ତର୍ଗତ ୧୪ ପଞ୍ଚାୟତର ବିଭିନ୍ନ ଗ୍ରାମ ପ୍ରଭାବିତ ହୋଇଛି। ଗୁରୁବାର ମଧ୍ୟାହ୍ନରେ ସାରାପାଲି ପଞ୍ଚାୟତ ଗୌଡ଼ପଡା ଗ୍ରାମର ଗୁରୁବାରୀ ବେହେରାଙ୍କ ଘର ଭାଙ୍ଗିଯାଇଛି। ବ୍ଲକରେ ପ୍ରାୟ ୫୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଶିମିଳି ନାଳଠାରେ ଶିମିଳିପାଳ କଟାର ବନ୍ୟାଜଳ ଆସି ଶିମିଳିପାଳ-ଶରଧାପୁର ରାସ୍ତା ଧୋଇଯାଇଛି। ଏହି ରାସ୍ତାରେ ଗାଡିମୋଟର ଚଳାଚଳ ବନ୍ଦ ରହିଥିବା ବେଳେ କେବଳ ସାଇକେଲ ଓ ବାଇକ୍ ଯାତାୟାତ ସମ୍ଭବ ହୋଇପାରୁଛି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ହୋଇଥିବା ରାସ୍ତା କାଉଁସୀପାଳ ନିକଟରେ ଧୋଇଯାଇଛି।


## PANCHAYAT SAMITI, KHAIRPUT
## DIST: MALKANGIRI

**TENDER CALL NOTICE NO - 03/ 2023-24. Dt: 3.08.2023**

The Block Development Officer, Khairput invites sealed percentage rate tenders vide letter No........, dated:.......2023 on behalf of Governor of Odisha from registered & eligible registered contractors of Odisha State PWD/ CPWD having experience in construction of road, bridges and building works in conformity with detailed tender call notice for execution of 15 Nos. of work under PAB-2022-23 & IDF scheme on drawal of agreement in PS contract forms of Govt. of Odisha. Tender papers will be sold from 07.08,2023 to 18.08.2023 in office hour (working days only from 10.00AM to 5.30 PM) from Block office,Khairput and received on 19.08.2023 in office hour(working days only from 10.00 AM to 5.30 PM) in the office of the BDO, Khairput through Registered Post/Speed Post only. The Tender shall be opened on 21.08,2023 at 11.00 AM in the office of the BDO, Khairput. Term & condition and other details will be available in the office notice board and district website i.e. **https://malkangiri.nic.in.** Purchasing & depositing of Tender paper is the sole responsibility of the Tender applicant within the due time.

**Sd./-3.08.2023**
**Block Development Officer, Khairput**

## ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22, Ph: 2542983, 2542802, 2545526, 2542826
Fax: (0674) 2542102.Website: www.ohpcltd.com
**Regd. Office CIN- U40101OR1995SGC003963**
OHPC ISO 9001, 14001 & 45000

**ADVERTISEMENT NO. OHPC:HQ:HRD: RECTT: 02/2023 Dated: 04.08.2023**

### CAREER OPPORTUNITIES FOR YOUNG PROFESSIONALS

**The Corporation intends to recruit young, bright and energetic Professionals as Management Trainees (MTs) & Diploma Engineer Trainees (DETs) in various disciplines.**
Odisha Hydro Power Corporation Limited ( OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80** MW) having **6 (six)** projects within the state and one inter-state project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as **Management Trainees (MTs) & Diploma Engineer Trainees (DETs) in various disciplines** as per the following for their placement at various units and project sites:

| MT (Finance) | DET (Electrical) | DET (Civil) |
|---|---|---|
| 07 | 18 | 02 |

**Important Dates:-**
The commencement of online registration & payment of application fee- 17.08.2023
Last date for payment of online application fee - 14.09.2023
The last date for submission of online application in complete shape - 14.09.2023
**The detailed advertisement containing the category wise vacancy position, eligibility criteria, remuneration, procedure for online application, and all other terms & conditions will be available shortly on the company's website– www.ohpcltd.com**
**DIRECTOR (HR) I/C**


### ରାମଚଣ୍ଡୀ ମନ୍ଦିରରେ ପଶିଲା ପାଣି, ସାଧାରଣ ଦର୍ଶନ ବନ୍ଦ

ବ୍ରଜରାଜନଗର,୪।୮ (ବିଜୟ ବରାଡ)

ବ୍ରଜରାଜନଗରସ୍ଥିତ ପଶ୍ଚିମ ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ ମା’ ରାମଚଣ୍ଡୀଙ୍କ ମନ୍ଦିରରେ ଇବ୍ ନଦୀର ବନ୍ୟାପାଣି ପଶିଛି। ଏଥିରେ ମା’ଙ୍କ ମନ୍ଦିର ପରିସର ଜଳାର୍ଣ୍ଣବ ହୋଇପଡିଛି। ଚଳିତ ବର୍ଷର ଏହା ପ୍ରଥମ ବନ୍ୟାଜଳ ହୋଇଥିବାରୁ ମା’ଙ୍କୁ ଦେଖିବା ଓ ମନ୍ଦିର ପାରିପାର୍ଶ୍ୱିକ ପରିବେଶର ଆନନ୍ଦ ନେବା ପାଇଁ ଶ୍ରଦ୍ଧାଳୁମାନଙ୍କ ସୁଅ ଛୁଟୁଛି। ହେଲେ ବିପଦ ଆଶଙ୍କା କରି ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ମା’ଙ୍କ ପ୍ରବେଶ ଦ୍ୱାରରେ ତାଲା ପକାଇଦେଇଛନ୍ତି। ତଥାପି ଝିପିଝିପି ବର୍ଷାରେ ଭକ୍ତମାନେ ଦୂରରେ ରହି ମା’ଙ୍କୁ ପ୍ରଣାମ କରି ଫେରୁଛନ୍ତି।


## TENDER NOTICE
## STATE INSTITUTE OF HOTEL MANAGEMENT
TITILAGARH ROAD, BALANGIR - 767001 (ODISHA)
No. 177 /SIHM/2023-24/TENDER Date: 04.08.2023

Sealed tenders are invited from the reputed dealers/manufacturers/ distributors for supply of Student Uniform (readymade) for the Academic Session 2023-24.
Tenderers must be superscripted “Tender for supply of Student Uniform (Readymade) for the Academic Session 2023-24” on the top of the envelope which contains the tender documents and other required documents should reach the Office of the Principal, State Institute of Hotel Management, Titilagarh Road, Balangir - 767001 (Odisha) by Govt Speed Post/Regd. Post/Courier on or before 21.08.2023 till 5.00 p.m.
For further details kindly visit our website **www.sihmbalangir.org**
**Sd./- Principal**

## OFFICE OF THE DISTRICT NODAL OFFICER (MDM)-CUM-DISTRICT EDUCATION OFFICER, DPMU (MDM), ANGUL
No. 6807 Dt.04.08.2023

### TENDER CALL NOTICE

Sealed tender in prescribed forms are invited from the intending Registered Firms/ Authorized licensing Transporting Contractors/Agents for undertaking the work of transportation of MDM Food Stuff quarterly from FSD, FCI/OSCSC, Angul/RRC, Angul/Selected Depot to all School points of Angul district under Mid-Day-Meal Programme for the year 2022-23 (Oct. 23 to Sept. 24). The tender paper/terms and condition can be obtained from the Office of the District Project Management Unit (MDM), Angul, O/o. the District Education Officer, Angul and also available at District website **(www.angul.nic.in)** from **04.08.2023 to 24.08.2023** on any working day during office hour on payment of 15,000/- (Rupees fifteen thousand) only in shape of Demand Draft (non refundable) in favour of District Education Officer, DPMU, MDM, Angul payable at Angul. In case of submission of downloaded tender paper, it must accompany the Demand Draft amounting Rs.15,000/- as mentioned above, failing which the tender application will be rejected. The tender shall be received by the District Education Officer, Angul during the office hour from 04.08.2023 to 24.08.2023 through **Registered Post/Speed Post** only and will be opened to be intimated later in the Office Chamber of Collector, Angul in presence of the members of the tender committee and the tenderers or their authorized representatives. There shall be two stages of bidding - Technical and Financial. The interested bidders must submit the Technical Bid in a envelope Super-scribed as **“Technical Bid for Tender of Transportation of Mid Day Meal Food Stuff in Angul district for 2023-24”**. The Financial Bid must be submitted in a separate envelope super-scribed as **“Financial Bid for Tender of Transportation of Mid Day Meal Food Stuff in Angul District for 2023-24”**. Both these envelope must then be placed in a third envelopes super-scribed as **“Tender of Transportation of Mid Day Meal Food Stuff in Angul district for 2023-24”**. The tenders received beyond the scheduled date and time shall be rejected. The undersigned reserves the right to reject/cancel/ withdraw any or all the tenders without assigning any reason thereof and shall bear no responsibility what so ever consequent upon such decisions.
**Sd./- Collector-cum-Chairman (MDM), Angul**

## OFFICE OF THE DIRECTOR FORESTRY TRAINING, ODISHA FOREST RANGERS’ COLLEGE
AT/PO/DIST:-ANGUL, PHONE NO / FAX NO-06764-233652
E-mail: directorofrcangul@gmail.com
NOTICE NO. 105/1F(ACTT.)
DATED,ANGUL THE 02nd AUGUST, 2023

### TENDER CALL NOTICE FOR SUPPLY OF VEHICLE ON HIRE BASIS FOR USE IN OFFICIAL PURPOSE.

**No.MM-113:**Sealed tenders are invited from interested Vehicle Owners/ Travel Agencies/ Tour Operators for providing electric/ Hybrid/ petrol/ diesel run Scorpio/ Creta/ Mahindra Marazzo/ any other similar higher model vehicle 01 No. of AC with commercial registration in accordance with Govt. of Odisha Finance Department Notification N0.30464/F dtd.06.09.2019 (Sl. No. 03) for official use on hiring basis at Odisha Forest Rangers’ College, Angul on terms and conditions mentioned in the standard bidding documents so as to reach in the O/o the Director, Forestry Training, Odisha Forest Rangers’ College, Angul on or before **31.08.2023 up to 02:00 P.M** through Registered / Speed Post/ Courier Service and can also be dropped in Tender Box placed in Office of the Director, Forestry Training, Odisha Forest Ranger’s College, Angul. The vehicle should not be older than three years & should confirm to BS-VI or higher standard environmental norm. The tenders will be opened in the same office on the same day **at 04:00 P.M.** The standard bidding documents and terms and conditions can be obtained from Office of the Director, Forestry Training, Odisha Forest Rangers’ College, Angul from **dt.04.08.2023 to 29.08.2023** during office hour by submitting a non-refundable Demand Draft to be drawn in favour of Director, Forestry Training, Odisha Forest Rangers’ College, Angul payable at Angul for **Rs.1180/-(cost 1000/-+GST-18%-180/-)** (Rupees One Thousand One Hundred Eighty) only towards cost of tender paper.
**Sd./- Director, Forestry Training,**
**Odisha Forest Rangers’ College, Angul**
OIPR-08126/11/0001/2324

## OFFICE OF THE TAHASILDAR, ASKA
## COMPETENT AUTHORITY FOR LAND ACQUISITION
No.4493 Date 01.08.2023

### PUBLIC NOTICE
**Announcement of Award for acquisition of land for construction of National Highway**
**For Land owners/persons interested therein**

Kind attention of all land owners interested persons is invited to the Notification dated 11.11.2021 & 23.08.2022 issued under Section 3 A of the NH Act 1956 for acquisition of land for the building/ construction of a National Highway and the Notification dated 20.09.2022 & 09.12.2022 issued under Section 3 D of the NH act 1956 and published in the following newspapers.

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3 A | The Samaj | 25.01.2022 |
| | | | 23.09.2022 |
| | | The Dharitri | 26.01.2022 |
| | | | 23.09.2022 |
| 2 | Section 3 D | The Samaj | 13.11.2022 |
| | | | 03.01.2023 |
| | | The Dharitri | 11.11.2022 |
| | | | 04.01.2023 |

It is informed that the undersigned has announced the Award in respect of the said land under Section 3 G of the NH Act 1956 vide order dated 07.06.2023. The land acquiring agency (MoRTH/NHAI/NHIDCL) has placed the requisite amount of compensation at the disposal of the udnersigned. Notices have also been issued to the concerned landowners/ interested persons as required under Sectin 3 E of the NH Act 1956.

Accordingly, all the concerned land owners/interested persons are hereby informed / notified through this additional **Public Notice** that the claimants entitled to receive the compensation amount may collect their amount of compensation from the office of the undersigned on any working day between 10.30 A.M. to 3.00 P.M. within a period of 60 days and surrender or deliver the possession of the subject land to the undersigned failling which the possession of the subject land will be taken with police assistance on expiry of the period of 60 days.

**Sd./- Tahasildar, Aska-cum-Competent Authority for Land Acquisition NH-59**

## ସଂକ୍ଷେପରେ

### ସ୍କୁଲ ସମ୍ମୁଖ ରାସ୍ତା ପାଲଟିଛି ମରଣଯନ୍ତା



ଖପ୍ରାଖୋଲ, ୪।୮ (ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ପୁତୁଲାମହୁଲ ଗାଁ ସ୍କୁଲ ସମ୍ମୁଖ ରାସ୍ତା ଏକପ୍ରକାର ମରଣଯନ୍ତା ପାଲଟିଛି। ଭାନପୁରରୁ ଧଣ୍ଡାମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା ଛକ ଠାରୁ ପୁତୁଲାମହୁଲ ଗାଁ କୁ ଯାଇଥିବା ରାସ୍ତା ବର୍ଷା ଦିନ ପାଇଁ କାଦୁଅରେ ପଚପଚ କରୁଥିବା ବେଳେ ମୋଟର ସାଇକେଲ ଆରୋହୀ, ସାଇକେଲ ଆରୋହୀ ଖସି ପଡୁଛନ୍ତି। ପ୍ରାୟ ୮ ଶହ ମିଟର ଏହି ରାସ୍ତାର ଅବସ୍ଥା ନ କହିଲେ ଭଲ। ଏପରି କି ଏହି ରାସ୍ତାରେ ସ୍କୁଲ ରହିଥିବାରୁ ପିଲା କାଦୁଅ ଯୋଗୁ ସ୍କୁଲ ଯିବାକୁ ଡରୁଥିବା ଅଭିଭାବକ ପ୍ରକାଶ କରିଛନ୍ତି। ସେହିପରି ଏହି ରାସ୍ତା ଦେଇ ସାଲେପାଲି ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବାବେଳେ ଗାଁର ସାପ୍ତାହିକ ବଜାର ମଧ ଯାଇଥାନ୍ତି। ତୁରନ୍ତ ଏହି ରାସ୍ତାର ମରାମତି କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏନେଇ ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ହୋତାଙ୍କୁ ପଚାରିବାରୁ କଣ ହୋଇଛି ଜାଣିନାହିଁ। ସ୍ଥାନୀୟ ସରପଞ୍ଚଙ୍କୁ କହି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ଜିଲାପାଳ ଅଫିସ ଘେରିଲେ ୧୨ଖଣ୍ଡ ଗାଁ ଲୋକ

**ଅନ୍ଧାରରେ ୧୨ଖଣ୍ଡ ଗାଁ**

- ଘେରାଉରେ ଯୋଗଦେଲେ ବିଧାୟକ
- ବିଦ୍ୟୁତ୍ ଯୋଗାଣ ଦାବି କଲେ
- ନଦୀ ଗର୍ଭରେ ବୁଡି ରହିଛି ବିଦ୍ୟୁତ୍ ଖୁଣ୍ଟ

ବଲାଙ୍ଗୀର/ଲୋଇସିଂହା, ୪।୮ (ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)



ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ବଲାଙ୍ଗୀର ଜିଲାପାଳ ଅଫିସ ସମ୍ମୁଖରେ ୧୨ ଖଣ୍ଡ ଗାଁର ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଲି ଓ ରତାଖଣ୍ଡି ଗ୍ରାମ ପଞ୍ଚାୟତର ୧୨ଖଣ୍ଡ ଗାଁର ଲୋକେ ଶୁକ୍ରବାର ଜିଲାପାଳ ଅଫିସ ଘେରାଓ କରିଥିଲେ। ଗତ ୭ ଦିନ ହେଲା ଏହି ୧୨ଟି ଗାଁର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିବା ଅଭିଯୋଗ କରିଛନ୍ତି। ରତାଖଣ୍ଡି ଓ ରେଙ୍ଗାଲି ପଞ୍ଚାୟତର ୧୨ଖଣ୍ଡ ଗାଁ ଅନ୍ଧାରରେ ଅଛି। ବିଦ୍ୟୁତ୍ ସରବରାହ ବନ୍ଦ ଯୋଗୁ ପାନୀୟ ଜଳ ଯୋଗାଣ, ସମବାୟ ସମିତିରେ ଚାଷୀ ପଞ୍ଜିକରଣ ଏପରିକି ବିଭିନ୍ନ କାର୍ଯ୍ୟ ବନ୍ଦ ହୋଇପଡିଛି। ଏହାକୁ ନେଇ ଉଭୟ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୀଘ୍ର ବିଦ୍ୟୁତ୍ ଯୋଗାଣ ଦାବିରେ ବିଧାୟକ ମୁକେଶ ମହାଲିଙ୍ଗ, ରତାଖଣ୍ଡି ସରପଞ୍ଚ ହିମାଞ୍ଚଳ ମେହେର, ରେଙ୍ଗାଲି ସରପଞ୍ଚ ସଭାଗିନୀ ରାଉତଙ୍କ ନେତୃତ୍ୱରେ ଗ୍ରାମବାସୀ ଶୁକ୍ରବାର ଜିଲାପାଳ ଚଞ୍ଚଳ ରାଣାଙ୍କ ନିକଟରେ ଫେରାଦ ହୋଇଛନ୍ତି। ଆଗାମୀ ୨୪ ଘଣ୍ଟା ମଧରେ ଏହି ସବୁ ଗାଁରେ ବିଜୁଳି ଯୋଗାଣ ନ ହେଲେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ବିଧାୟକ ମହାଲିଙ୍ଗ କହିଥିଲେ। ଏହାପରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆଙ୍କୁ ଦାବିପତ୍ର ଦେଇ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଥିଲେ। ଏହି ଦୁଇ ଗ୍ରାମପଞ୍ଚାୟତର ବିଭିନ୍ନ ଗାଁର ଶତାଧିକ ଲୋକ ପ୍ରଥମେ ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳ ଅଫିସ ସମ୍ମୁଖକୁ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରତାଖଣ୍ଡି ସରପଞ୍ଚ ହିମାଞ୍ଚଳ ମେହେର ପ୍ରଥମେ ସ୍ଥାନୀୟ ଲୋକଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ଅଭିଯୋଗ ମୁତାବକ, ସମ୍ପୃକ୍ତ ଅଞ୍ଚଳକୁ ଚୂଡାପାଲି ସେକ୍ସନ ଅନ୍ତର୍ଗତ ବାରପୁଡୁଗିଆ ଗ୍ରୀଡରୁ ବିଦ୍ୟୁତ ଯୋଗାଣ ହୋଇଛି। ନଦୀ ପାର ହୋଇ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ଲଘୁଚାପଜନିତ ବର୍ଷା ପରେ ଏବଂ ଲୋୟର ସୁକତେଲ ଡ୍ୟାମରେ ପାଣି ସଂରକ୍ଷଣ କରାଯିବା ଯୋଗୁ ବିଦ୍ୟୁତ୍ ଖୁଣ୍ଟ ଏବଂ ୧୧ କେଭି ତାର ନଦୀ ଗର୍ଭରେ ବୁଡି ରହିଛି। ଏଥିଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ କରିଦିଆଯାଇଛି। ଗତ ୪ ଦିନ ହେଲା ସମ୍ପୃକ୍ତ ଅଞ୍ଚଳ ଅନ୍ଧାରରେ ରହିଛି। ବର୍ଷାଦିନ ହୋଇଥିବାରୁ ସାପ ଏବଂ ସରୀସୃପ ଭୟ ରହିଛି। ଏହା ବ୍ୟତୀତ ସମବାୟ ସମିତି ଚାଷୀ ପଞ୍ଜିକରଣ ସାଙ୍ଗକୁ ଦୈନନ୍ଦିନ କାର୍ଯ୍ୟ ବନ୍ଦ ହୋଇପଡିଛି। ଅଞ୍ଚଳବାସୀ ପୂର୍ବାନୁମାନ କରି ଗତ ଜୁଲାଇ ୨୪ରେ ଲୋଇସିଂହା ବ୍ଲକ ପରିସରରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିବେଳେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେତେବେଳେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ବି ବିଭାଗ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଗଲାଣି। ବିଭାଗୀୟ ଅବହେଳାରୁ ୧୨ ଖଣ୍ଡ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋୟର ସୁକତେଲ ଜଳ ପ୍ରକଳ୍ପ ଡ୍ୟାମ କାର୍ଯ୍ୟକ୍ଷମ ହୋଇଯାଇଛି। ଏହି ପ୍ରକଳ୍ପ ଦୀର୍ଘସ୍ଥାୟୀ ହୋଇଥିବାରୁ ପୂର୍ବବତ ବାରପୁଡୁଗିଆ ଗ୍ରୀଡର ବିଦ୍ୟୁତ୍ ସରବରାହ ହେଲେ ଏପରି ନିୟମିତ ଅନିୟମିତତା ଲାଗି ରହିବ। ଏଣୁ ବିକଳ୍ପ ଭାବରେ ଲୋଇସିଂହା ବ୍ଲକର କନ୍ଦାଜୁରୀ କିମ୍ବା ଛତାମଖନା ନଚେତ ପାଟଣାଗଡ ବ୍ଲକ ଅନ୍ତର୍ଗତ ଘୁମେର ଗ୍ରୀଡରୁ ସମ୍ପୃକ୍ତ ଅଞ୍ଚଳକୁ ବିଦ୍ୟୁତ୍ ଯୋଗଣ କରିବାକୁ ଅଞ୍ଚଳବାସୀ ଦାବି କରୁଥିବା ରତାଖଣ୍ଡି ସରପଞ୍ଚ ମେହେର ସୂଚନା ଦେଇଛନ୍ତି।

## ଅଜଣା ଯୁବକଙ୍କ ମୃତଦେହ ଜବତ

**ହତ୍ୟା ନା ଆତ୍ମହତ୍ୟା ସନ୍ଦେହରେ**

ମୁରିବାହାଲ, ୪।୮ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ପତ୍ରାପାଲି 'କ'ଗ୍ରାମ ପଞ୍ଚାୟତ ଅଧିନସ୍ଥ ଜାମୁଟ ଗ୍ରାମ ନିକଟସ୍ଥ ଡୁଙ୍ଗୁରି ଖେଳପଡିଆ ପାଖରେ ଏକ ଜମିରୁ ଶୁକ୍ରବାର ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ କରାଯାଇଛି। ଖବର ନେବାରୁ ଜଣାଯାଇଛି ଯେ, ଉକ୍ତ ସ୍ଥାନରେ ଫୁଲପ୍ୟାଣ୍ଟ ଓ ଖାଲି ଦେହରେ ପ୍ରାୟ ୪୦ ବର୍ଷ ବୟସର ପତଳା ଶରୀର ଥିବା ଯୁବକଙ୍କ ମୃତଦେହ ପଡିଥିବା ଗ୍ରାମର କେତେକ ଯୁବକ ଦେଖିଥିଲେ। ପରେ ମୁରିବାହାଲ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବଦକରି କଣ୍ଟାବାଞ୍ଜିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ବୋଲି ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୁରିଆ ଲୁଗୁନ କହିଛନ୍ତି। ଏହା ଏକ ହତ୍ୟା ନା ଆତ୍ମହତ୍ୟା ସନ୍ଦେହରେ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଠିକ୍ ଜଣାପଡ଼ିବ ବୋଲି ପୋଲିସ କହିଛି।

## କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ସ୍ୱାଗତ ସମାରୋହ

ଦେଓଗାଁ, ୪।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ପ୍ରମୋଦ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଜୟ କୁମାର ଜାଲ, ଅଧ୍ୟାପକ ବଳରାମ ପଧାନ, ମଙ୍ଗଳ ସାହୁ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିବା ବେଳେ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କଲେଜ କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ, ଗ୍ରନ୍ଥାଗାର ଗୌରାଙ୍ଗ ବେମାଲ ତଥା ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବିଭିନ୍ନ ଦାବି ନେଇ ଯୁବ-ଛାତ୍ର କଂଗ୍ରେସର ବିକ୍ଷୋଭ



ଛାତ୍ର-ଯୁବ କଂଗ୍ରେସ ପକ୍ଷରୁ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦାବିପତ୍ର ଦିଆଯାଉଛି।

ବଲାଙ୍ଗୀର, ୪।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଆଗାମୀ କିଛିଦିନ ମଧରେ ୫-ଟି ସଚିବଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ଜିଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି। ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଓ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଯୁବ କଂଗ୍ରେସ ସଭାପତି ନାସିର ଖାଁନଙ୍କ ଉପସ୍ଥିତିରେ ବହୁ ଛାତ୍ରୀଛାତ୍ର, ଯୁବତୀ ଯୁବକ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳଙ୍କୁ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସହ ଜିଲାର ଅନ୍ୟାନ୍ୟ ମହାବିଦ୍ୟାଳୟ, ଆଇଟିଆଇ, ପଲିଟେକନିକ କଲେଜମାନଙ୍କରେ ଖାଲିପଡିଥିବା ଅଧ୍ୟାପକ ପଦବୀ ପୂରଣ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରକୁ ଆଧୁନିକକରଣ ତଥା ଏମବିଏ, ଏମସିଏ ପାଠ୍ୟକ୍ରମ ଖୋଲିବା, ବଲାଙ୍ଗୀର ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ସହ ପଶ୍ଚିମ ଓଡିଶାର ଭାଷା ଓ ସଂସ୍କୃତି ଅଧ୍ୟୟନ ପାଇଁ ପଶ୍ଚିମ ଓଡିଶା ଭାଷା ଓ ସଂସ୍କୃତି ଗବେଷଣା କେନ୍ଦ୍ର ସ୍ଥାପନ କରିବା ପାଇଁ ଦାବି କରାଯାଇଛି। ବଲାଙ୍ଗୀର ଏକ କୃଷିଭିତ୍ତିକ ତଥା ଦାଦନ ପ୍ରବଣ ଅଞ୍ଚଳ ଭାବେ ପରିଚିତ। ଏଠିକାର ଯୁବତୀ, ଯୁବକଙ୍କୁ ରୋଜଗାର ମିଳୁନାହିଁ। ଜିଲାରେ କୌଣସି ଶିଳ୍ପ କି କଳକାରଖାନା ନାହିଁ। ବଲାଙ୍ଗୀରରେ ଏକ ସୂତାକଳ ପ୍ରତିଷ୍ଠା କରାଯିବା ଓ ବହୁଦିନରୁ ବନ୍ଦ ପଡିଥିବା ଦେଓଗାଁ ସ୍ଥିତ ବିଜୟାନନ୍ଦ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ଏହି ସମାବେଶରେ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଓଡ଼ିଆ ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକସଭା

ଦେଓଗାଁ, ୪।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତଦୁଇ କଲେଜର କାର୍ଯ୍ୟରତ ଓଡିଆ ପ୍ରାଧ୍ୟାପକ ବିମଳ କିଶୋର ସାହୁଙ୍କ ବିୟୋଗରେ କଲେଜରରେ ଶୁକ୍ରବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବସନ୍ତ କୁମାର ମନହିରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସ୍ୱର୍ଗତ ସାହୁଙ୍କ ଅମରଆତ୍ମାର ସଦଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସମସ୍ତ ଅଧାପକ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରାଧାପକ ସାହୁ ଚଳିତମାସ ୧ ତାରିଖରେ ଦେହାନ୍ତ ହୋଇଥିବା ବେଳେ ୧୯୯୧ରୁ କଲେଜରେ କାର୍ଯ୍ୟରତ ଥିଲେ। ଏହି ଅବସରରେ ପ୍ରାଧ୍ୟପକ ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ରଞ୍ଜନ କୁମାର ପାଣିଗ୍ରାହୀ, ଦୂର୍ବାଦଳ ଘିଭେଲା, ଶୁଭଶ୍ରୀ ସାହୁ, ପ୍ରଶାନ୍ତ କୁମାର ଥନାପତି, ବାଳ ଶଙ୍କର ମେହେର ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜନସେବୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଜୟନ୍ତୀ

ବଲାଙ୍ଗୀର, ୪।୮ (ବୀରେନ୍ଦ୍ର କୁମାର ଝାଙ୍କର)

**ଜିଲାର ବିକାଶ ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ କୃଷ୍ଣଚନ୍ଦ୍ର**

କୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି କମିଟି ଓ ଜିଲା ସାମ୍ବାଦିକ ସଂଘ ମିଳିତ ଆୟୋଜନକ୍ରମେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଶୁକ୍ରବାର ସନ୍ଧ୍ୟାରେ ପୂର୍ବତନ ସାଂସଦ ଜନସେବୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୧୦୭ତମ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏହି ଜୟନ୍ତୀ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଏବଂ ବଲାଙ୍ଗୀର ଆକାଶବାଣୀ କେନ୍ଦ୍ର ଅବସରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ ତଥା ସୁସାହିତ୍ୟିକ ଭାଗିରଥି ମିଶ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ସଂଘ ପୂର୍ବତନ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିବାବେଳେ କବି ସନ୍ଦୀପ କୁମାର କୁଅଁର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥିମାନେ ସ୍ୱର୍ଗତ ପଣ୍ଡାଙ୍କ ସମାଜସେବା ଶିକ୍ଷାର ଉନ୍ନତି ଦିଗରେ କରିଯାଇଥିବା କାର୍ଯ୍ୟକୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧରେ ଜିଲା ସାମ୍ବାଦିକ ସଂଘ ପୂର୍ବତନ ସଭାପତି ହରିନାରାୟଣ ପୂଜାରୀ, ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ଗୋପବନ୍ଧୁ ଶତପଥି, ନବୀନ ପଶାୟତ, ସୁଧୀର ପଣ୍ଡା, ଚନ୍ଦ୍ରଚୁଡ ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ଚେତନାନନ୍ଦ ପଣ୍ଡା ଓ ଡାକ୍ତର ପଞ୍ଚଜନ୍ୟ ପଣ୍ଡା, ଗୁପ୍ତେଶ୍ୱର ପୁଷ୍ଟି, ନିରୋଜ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ବିଶ୍ୱଜିତ ପଟ୍ଟନାୟକ, ସୁବ୍ରତ ନାୟକ, ସୁନୀଲ ବେହେରା, ପ୍ରତାପ ଚନ୍ଦ୍ର ରଥ, ପଦ୍ମଚରଣ ଆଚାର୍ଯ୍ୟ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଶେଷରେ ସଙ୍ଗଠନ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜନସେବୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୧୦୭ତମ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

## ସରସ୍ୱତୀ ଶିଶୁମନ୍ଦିର କର୍ତ୍ତୃପକ୍ଷ କଲେ ରାସ୍ତା ମରାମତି

ସିନାପାଲି, ୪।୮ (ମନଫୁଲ ମେହେର)

**ପ୍ରଶାସନ ଶୁଣିଲାନି**

ନୂଆପଡ଼ା ଜିଲା ସିନାପାଲି ସହରସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିର ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଥିଲା। ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ନ ଥିବାରୁ ଶେଷରେ ଶିଶୁ ମନ୍ଦିର କର୍ତ୍ତୃପକ୍ଷ ରାସ୍ତା ଉପରେ ବାଲି ଓ ପଥର ଗୁଣ୍ଡ ପକାଇ ରାସ୍ତା ମରାମତି କରିଛନ୍ତି। ପ୍ରକାଶ ଯେ, ସିନାପାଲି ବ୍ଲକ କଲୋନୀଠାରେ ଶିଶୁ ମନ୍ଦିର ଗଳିର ଦୁଇ ପାର୍ଶ୍ୱରେ ଘରଗୁଡିକ ଗଢି ଉଠିଛି। ରାସ୍ତା ମରାମତି ଅଭାବରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଖାଲଖମାରେ ଭର୍ତ୍ତି ହୋଇ ରହିଥିବା ବେଳେ ଅଳ୍ପ ବର୍ଷାରେ ବର୍ଷା ପାଣି ଲହଡ଼ି ଭାଙ୍ଗୁଥିଲା। ଫଳରେ କୋମଳମତି ଶିଶୁମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସିନାପାଲି ସହର ବ୍ୟତୀତ ଅଞ୍ଚଳର ଶତାଧିକ କୋମଳମତି ଶିଶୁ ମନ୍ଦିରକୁ ପାଠ ପଢିବା ପାଇଁ ଆସିଥାନ୍ତି। ଏପରିକି ଅଭିଭାବକମାନେ ମଧ ପ୍ରତିଦିନ ଶିଶୁମାନଙ୍କୁ ନେବା ଆଣିବା କରୁଛନ୍ତି। ହେଲେ ରାସ୍ତା ପ୍ରତି ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ମଧ ଦୃଷ୍ଟି ନ ପଡ଼ିବାରୁ ଶେଷରେ ନିଜସ୍ୱ ଉଦ୍ୟମରେ ରାସ୍ତା ମରାମତି କଲେ। ଏହି ଘଟଣା ନେଇ ସଚେତନ ମହଲରେ ଅସନ୍ତୋଷ ଦେଖାଦେବା ସହ ପ୍ରଶାସନର ଅଣଦେଖାକୁ ତୀବ୍ର ନିନ୍ଦା କରିଛନ୍ତି। ପ୍ରକାଶ ଯେ, ଏହି ଶିଶୁ ମନ୍ଦିରରେ ୬୪୫ଜଣ ଶିଶୁମାନେ ପାଠ ପଢୁଛନ୍ତି। ଏପରି ଏକ ପ୍ରମୁଖ ରାସ୍ତା ଦୟନୀୟ ଅବସ୍ଥାରେ ଥାଇ ପ୍ରଶାସନର ନଜର ନ ପଡ଼ିବା କେତେଦୂର ଯଥାର୍ଥ ବୋଲି ସାଧାରଣରେ ମତପ୍ରକାଶ ପାଇଛି। କର୍ତ୍ତୃପକ୍ଷ ରାସ୍ତା ଉପରେ ବାଲି ଓ ପଥର ଗୁଣ୍ଡ ପକାଇ ଥିବାରୁ ଛାତ୍ରୀଛାତ୍ର ବେଶ ଖୁସି ଥିବା ଜଣାପଡ଼ିଛି।



ରାସ୍ତା ମରାମତି ପରେ ପିଲାମାନେ ଯାଉଛନ୍ତି।

# ବିସ୍ଥାପିତଙ୍କ ଅସ୍ଥାୟୀ କଲୋନୀ, ଶିବିର ପରିଦର୍ଶନ

ବଲାଙ୍ଗୀର, ୪।୮ (ବୀରେନ୍ଦ୍ର କୁମାର ଝାଙ୍କର)



ବିଧାୟକ ନରସିଂହ ମିଶ୍ରଙ୍କ ସହ ଝାଙ୍କରପାଲି ଥଇଥାନ କଲୋନୀରେ ରହୁଥିବା ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମର ଲୋକେ ଆଲୋଚନା କରୁଛନ୍ତି।

ଜିଲାର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପାଇଁ ବହୁ କଷ୍ଟରେ ଲୋକଙ୍କୁ ବୁଝାଇ ସୁଝାଇ ସେମାନଙ୍କ ଗାଁରୁ ଅଣାଯାଇଛି। ସେମାନଙ୍କୁ ନ୍ୟାଯ୍ୟ ଅଧିକାର ଦେବା ଏବଂ ସୁବିଧାରେ ରଖିବା ପାଇଁ ପ୍ରଶାସନ ଭରପୂର ଉଦ୍ୟମ କରିବା କଥା। ମାତ୍ର ଯେଭଳି ଭାବେ ବିସ୍ଥାପିତ ଲୋକେ ବର୍ଷାପାଣିରେ କଷ୍ଟ ଭୋଗୁଛନ୍ତି ତାହା ଦେଖିଲେ କଷ୍ଟ ହେଉଛି। ସେମାନଙ୍କୁ ଯୋଗାଇ ଦିଆଯାଇଥିବା ଅସ୍ଥାୟୀ ଘର ନିମ୍ନମାନର ହୋଇଛି। ସେଥିରୁ ପାଣି ଗଳୁଛି। ଏହାକୁ ସଜାଡିବାକୁ ୧୦ ଦିନ ତଳେ ପରିଦର୍ଶନରେ ଆସିଥିବାବେଳେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଏବଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲି। ମାତ୍ର ୧୦ ଦିନ ପରେ ଆଜି ଆସି ଦେଖିଲା ବେଳକୁ କୌଣସି କାମ ହୋଇନାହିଁ। ଲୋକେ ଯେଭଳି ଭାବେ କଷ୍ଟରେ ରହୁଛନ୍ତି ବୋଲି କହୁଛନ୍ତି ଏଥିରୁ ପ୍ରଶାସନ କ'ଣ କରୁଛି ଜଣାପଡୁନାହିଁ। ସେମାନଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇବା ପ୍ରଶାସନର କାମ। ବର୍ଷାଦିନରେ ଲୋକେ ପାଣି ଗଳୁଥିଲେ ସେ ଅସ୍ଥାୟୀ ଘର ଭିତରେ ରହିବେ କିପରି। ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ସୁବିଧା ଯୋଗାଇ ଦିଆଯାଉ। ବିସ୍ଥାପିତ ଲୋକଙ୍କୁ ଆନ୍ଦୋଳନ କରିବାକୁ ବାଧ କରା ନ ଯାଉ ବୋଲି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଶୁକ୍ରବାର ଝାଙ୍କରପାଲି ଥଇଥାନ କଲୋନୀ ପରିଦର୍ଶନ ବେଳେ ରୋକ୍‌ଠୋକ୍ ଶୁଣାଇଛନ୍ତି। ଅପରାହ୍ନରେ ଝାଙ୍କରପାଲି ଅସ୍ଥାୟୀ କଲୋନୀରେ ବିଧାୟକ ମିଶ୍ର ପହଞ୍ଚିଲା ପରେ ତାଙ୍କୁ ଶତାଧିକ ବିସ୍ଥାପିତ ସେମାନଙ୍କ ଅସୁବିଧା ସମ୍ପର୍କରେ ଜଣାଇଥିଲେ। ଅସ୍ଥାୟୀ ଘର ନିମ୍ନମାନର ହୋଇଥିବାରୁ ସାମାନ୍ୟ ବର୍ଷା ହେବା ମାତ୍ରେ କିଭଳି ପାଣି ଗଳୁଛି କହିଥିଲେ। ଗତ ଦୁଇଦିନର ଲଗାଣ ବର୍ଷାରେ ସେମାନେ କିଭଳି ଘୋର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଜଣାଇଥିଲେ। ବାରମ୍ବାର ଅଭିଯୋଗ କଲେ ମଧ କୌଣସି ଅଧିକାରୀ ଶୁଣୁ ନ ଥିବା କହିଥିଲେ। ପିଇବା ପାଣି ସମସ୍ୟା, ପାଇଖାନା ନ ଥିବାରୁ ଲୋକେ କିଭଳି ଅସୁବିଧା ସମ୍ମୁଖୀନ ହେଉଛନ୍ତି ଜଣାଇଥିଲେ। ଛୋଟ ଛୁଆମାନଙ୍କୁ ଠିକଣା ଭାବେ ଖାଇବାକୁ ଦିଆଯାଉ ନ ଥିବା ଲୋକେ ଅଭିଯୋଗ କରିଥିଲେ। ବର୍ଷାପାଣି ଗଳୁଥିବାରୁ ସେମାନେ ରନ୍ଧବଢ଼ା କରିପାରୁ ନ ଥିବା ଏବଂ ରାତିରେ ଶୋଇ ପାରୁ ନ ଥିବା ଜଣାଇଥିଲେ। ଅଭିଯୋଗ କଲେ ଅଧିକାରୀମାନେ କାଗଜପତ୍ରରେ ଲେଖିକରି ନେଉଛନ୍ତି ଓ କିଛି କାମ କରୁ ନ ଥିବା କହିଥିଲେ। ଅସ୍ଥାୟୀ ଜଗନ୍ନାଥ ମନ୍ଦିରରେ ପାଣି ଗଳୁଥିବାରୁ ଭଗବାନ ଜଗନ୍ନାଥ କିଭଳି ଭିଜୁଛନ୍ତି ବିଧାୟକଙ୍କୁ ଜଣାଇଥିଲେ। ଲୋକଙ୍କ ଠାରୁ ଅଭିଯୋଗ ଶୁଣିବା ପରେ ସେଠାରେ ଥିବା ଜଣେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ମିଶ୍ର ଲୋକେ କ'ଣ କହୁଛନ୍ତି ବୋଲି ପ୍ରଶ୍ନ କରିବାରୁ ଆମ ନିଜ ଅଫିସ ଘର ମଧ ଗଳୁଛି ବୋଲି ସେ ବିଧାୟକଙ୍କୁ ଜଣାଇଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ବିଧାୟକ ମିଶ୍ର ଫୋନ୍‌ରେ କଥାହୋଇ ତୁରନ୍ତ ସମାଧାନ ପନ୍ଥା ବାହାର କରିବାକୁ କହିଥିଲେ। ବିସ୍ଥାପିତଙ୍କ ସମସ୍ୟାର ସମାଧାନ ତୁରନ୍ତ କରା ନ ଗଲେ ଲୋକେ ଯଦି ଆନ୍ଦୋଳନକୁ ଓହ୍ଲାଇବେ ତେବେ ପ୍ରଶାସନ ଦାୟୀ ରହିବ ବୋଲି ରୋକ୍‌ଠୋକ୍ ଶୁଣାଇଥିଲେ। ୩୦୦ରୁ ଉର୍ଦ୍ଧ୍ୱ ଲୋକ ରହୁଥିବା ଝାଙ୍କରପାଳ ଥଇଥାନ କଲୋନୀରେ ମାତ୍ର ୩ଟି ପାଇଖାନା ଥିବାରୁ ଲୋକେ କିଭଳି ଶୌଚ ହେବେ ବୋଲି ପ୍ରଶ୍ନ କରିଥିଲେ। ପିଲାଙ୍କୁ କାହିଁକି

**ଆନ୍ଦୋଳନ କରିବାକୁ ଲୋକଙ୍କୁ ବାଧ କରନାହିଁ: ନରସିଂହ**

ଖାଇବାକୁ ଦିଆଯାଉନାହିଁ ବୋଲି ପଚାରିବା ସହ ଆଗାମୀ ୭ ଦିନ ପାଇଁ ଏଠାରେ ଥିବା ଏକ ଶହରୁ ଉର୍ଦ୍ଧ୍ୱ ଛୋଟ ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ବ୍ୟବସ୍ଥା ସେ ନିଜେ କରିବେ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପିଇବା ପାଣି ପାଇଁ ତୁରନ୍ତ ୨ଟି ନଳକୂପ ଖନନ କରିବାକୁ ସେ ଜିଲାପାଳ ଏବଂ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟାନ୍ୟ ସମସ୍ୟା କିଭଳି ଶୀଘ୍ର ଦୂର କରାଯାଇ ପାରିବ ସେନେଇ ଆଗାମୀ ୧୦ ତାରିଖରେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ଲୋକଙ୍କୁ କହିଥିଲେ। ସେଠାରୁ ଚୁଡାପାଲି ହାଇସ୍କୁଲ ହଷ୍ଟେଲରେ ରହୁଥିବା ଖଗସାବାହାଲ ଗ୍ରାମର ଲୋକଙ୍କ ଅସ୍ଥାୟୀ ଶିବିର ପରିଦର୍ଶନ କରିଥିଲେ। ପ୍ରଶାସନ କିଭଳି ସେମାନଙ୍କୁ ତରବରିଆ ଭାବେ ଘର ଛାଡିବାକୁ ବାଧ କରିବାରୁ ବନ୍ୟା ପାଣିରେ ସେମାନଙ୍କ ଘର ଆସବାବପତ୍ର ନଷ୍ଟ ହେଲା ବିଧାୟକଙ୍କୁ ଜଣାଇଥିଲେ। ଭୂମିହୀନ ମାନେ କିଭଳି ଶୀଘ୍ର ସରକାରୀ ସୁବିଧା ପାଇବେ ସେନେଇ ଜିଲାପାଳଙ୍କ ଆଲୋଚନା କରି ସବୁଧା କରିବେ ବୋଲି କହିଥିଲେ। ସେଠାରେ ସେମାନଙ୍କ ସୁରକ୍ଷିତ ରହିବା ପାଇଁ ପୋଲିସ ସୁରକ୍ଷା ଯୋଗାଇବାକୁ ଏସପିଙ୍କୁ ଫୋନ୍ କରି ଜଣାଇଥିଲେ।

## ଆଜି କ'ଣ କେଉଁଠି

ରାଉରକେଲା

- କୋହିନୁର ସର୍କସ ଉଦ୍‌ଘାଟନୀ ସମାରୋହ, ୧୩ ନଂ. ମେଳଣ ପଡିଆ, ସନ୍ଧ୍ୟା ୭ଟା।
- ଆଦିବାସୀ ପର୍ବ ପାଇଁ ପ୍ରସ୍ତୁତି ବୈଠକ, କଂଗ୍ରେସ କାର୍ଯ୍ୟାଳୟ, ସକାଳ ସାଢେ ୧୦ଟା।
- ଆର୍‌ଏସ୍‌ଏସ୍ ଓ ଜିଏମ୍‌ଏମ୍ ପକ୍ଷରୁ ଗଣବିକ୍ଷୋଭ, ବିଶ୍ରା ଛକ, ସକାଳ ୮ଟା।

## ଲୁହା ପାଇପ୍ ଚୋରି, ୨ ଗିରଫ

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ଟାଙ୍ଗରପାଲି ଥାନା ଅଧୀନ ଉକ୍ରଳ ନଗରରୁ ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ଘରେ ଥିବା ୨୦ରୁ ୨୨ଟି ଲୁହା ପାଇପ୍ ଚୋରି ଅଭିଯୋଗ ଗତ ମେ ୨୬ ତାରିଖରେ ହୋଇଥିଲା। ପୋଲିସ ଏହି ଘଟଣାରେ କଇଁଥାବସା ଅଞ୍ଚଳର ୨ଜଣଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୁଧୁ ବିନ୍ଧାଣୀ(୨୯) ଓ ସୁଶୀଲ ହୋ(୨୪)। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୮୩/୨୩) ରୁଜୁ କରି ପୋଲିସ ଉଭୟଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ବୁଧୁଙ୍କ ନାମରେ ବିଭିନ୍ନ ଥାନାରେ ୪୮ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ରହିଥିବା ପୋଲିସ କହିଛି।

## ବସ୍‌ଷ୍ଟାଣ୍ଡରୁ ଝୁଲନ୍ତା ମୃତଦେହ ଜବତ

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ସେକ୍ଟର-୩ ଥାନା ଅନ୍ତର୍ଗତ ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶୁକ୍ରବାର ସକାଳେ ଉଦ୍ଧାର କରିଛି। ମୃତକ ହେଲେ ସେକ୍ଟର-୨ ଖରିଆବାହାଲ ବସ୍ତି ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ବାବୁଲା ମହାପାତ୍ର(୬୩)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୬।୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ କୌଣସି କାରଣରୁ ଘରେ ଗଣ୍ଡଗୋଳ ହେବାରୁ ବାବୁଲା ଉତ୍ତ୍ୟକ୍ତ ହୋଇ ରାତି ପ୍ରାୟ ୧୧ଟାରେ ବାହାରକୁ ପଳାଇ ଯାଇଥିଲେ। ଶୁକ୍ରବାର ସକାଳେ ସେକ୍ଟର-୩ ଥାନା ନିକଟ ପ୍ରାଇଭେଟ ବସଷ୍ଟାଣ୍ଡର ପାର୍ଶ୍ୱବର୍ତ୍ତୀ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଲୋକେ ଦେଖିବାକୁ ପାଇଥିଲେ। ଏ ନେଇ ମୃତକଙ୍କ ପୁଅ ପ୍ରକାଶ ମହାପାତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଟ୍ୟାଙ୍କର ଧକ୍କାରେ ଆହତ ବୃଦ୍ଧ ମୃତ

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ ଜଣେ ବ୍ୟବସାୟୀ ଟ୍ୟାଙ୍କର ଧକ୍କାରେ ଆହତ ହୋଇ ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବୁରୁଟୋଲା ଅଞ୍ଚଳର ରାମେଶ୍ୱର ସିଂ(୬୦)। ଏ ନେଇ ପୋଲିସ ଏକ ମାମଲା (ନଂ.୭୧।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଉତ୍ସବ ପାଳିଲା ଜିଲା ଯୁବ କଂଗ୍ରେସ

ରାଉରକେଲା, ୪।୮ (ବିପ୍ଳବ ରଞ୍ଜନ ଦାଶ)

ମାନହାନି ମାମଲାରେ ସୁପ୍ରିମକୋର୍ଟରୁ ରାହୁଲ ଗାନ୍ଧୀଙ୍କୁ ରହିତାଦେଶ ମିଳିବା ପରେ ଏହାକୁ ସ୍ୱାଗତ ଜଣାଇଛି ରାଉରକେଲା ସାଙ୍ଗଠନିକ ଜିଲା ଯୁବ କଂଗ୍ରେସ। ଏହି ପରିପ୍ରେକ୍ଷୀରେ ଦଳ ପକ୍ଷରୁ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ବାଜା ବଜାଇ, ବାଣ ଫୁଟାଇ ଉତ୍ସବ ପାଳନ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ମୋତୀଲାଲ ଦୀପଙ୍କ ନେତୃତ୍ୱରେ ରାଉରକେଲା ଡିଏଭି ଛକରେ ଯୁବ କଂଗ୍ରେସ ନେତା ଏବଂ କର୍ମୀମାନେ ନାଚଗୀତ କରିଥିଲେ। ସେମାନେ ରାହୁଲ ଗାନ୍ଧୀଙ୍କ ଜୟଗାନ କରିଥିଲେ।

### ଡୁମକେଲାକୁ ପଞ୍ଚାୟତ କିମ୍ବା ଆର୍‌ଏମ୍‌ସିରେ ସାମିଲ ଦାବି

# ମହିଳାଙ୍କ ଆନ୍ଦୋଳନ ଚେତାବନୀ

ରାଉରକେଲା, ୪।୮ (ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅଧୀନ ଡୁମକେଲା ଗାଁ ଆଜିଯାଏ କୌଣସି ଗ୍ରାମପଞ୍ଚାୟତ କିମ୍ବା ରାଉରକେଲା ମହାନଗର ନିଗମରେ ସାମିଲ ହୋଇପାରିନାହିଁ। ଏଠାକାର ଲୋକମାନେ କେବଳ ଭୋଟ୍ ଦେଉଛନ୍ତି। ମାତ୍ର କୌଣସି ସରକାରୀ ସୁବିଧା ସେମାନଙ୍କ ପାଇଁ ଉପଲବ୍ଧ ହେଉନାହିଁ। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ସହଭୋଟ୍ ବର୍ଜନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ଡୁମକେଲାରେ ଖାଡିଆ ବସ୍ତି, ଖଟାଲ ବସ୍ତି, ଧୋବୀ ଲାଇନ ବସ୍ତି ଓ ମାଛୁଆର ଖଟାଲ ବସ୍ତି ରହିଛି। ଡୁମକେଲାର ଜନସଂଖ୍ୟା ୩ ହଜାରରୁ ଉର୍ଦ୍ଧ୍ୱ। ଏଠାରେ ପ୍ରାୟ ୮୦ଭାଗ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ଅଧିକାଂଶ ଲୋକ କୁଲି ମଜୁରୀ ତଥା ବିଲବାଡିରେ କାମ କରି ଜିବୀକା ନିର୍ବାହ କରନ୍ତି। ଡୁମକେଲା ରାଉରକେଲା ସହରକୁ ଲାଗିରହିଛି। ମାତ୍ର ଦୀର୍ଘବର୍ଷ ହେଲା ଏହି ଅଞ୍ଚଳକୁ କୌଣସି ଗ୍ରାମପଞ୍ଚାୟତ କିମ୍ବା ଆର୍‌ଏମ୍‌ସିରେ ସାମିଲ କରାଯାଇପାରିନାହିଁ। ଫଳରେ ଏହି ଅଞ୍ଚଳର ମୌଳିକ ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ସ୍ତରରେ କୌଣସି ଉଦ୍ୟମ କରାଯାଉନାହିଁ। ଡୁମକେଲା ଖାଡିଆ ତଳବସ୍ତି ଅଞ୍ଚଳକୁ ଛାଡିଦେଲେ ଆଉ କୌଣସି ବସ୍ତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏଥିସହ ବସ୍ତିରେ ଲାଗିଥିବା ସୋଲାର ଲାଇଟ ଅଚଳ ହୋଇ ପଡିଛି। ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଲଗାଣ ବର୍ଷାରେ ବସ୍ତି ରାସ୍ତାରେ ଯାତାୟାତ ଏକରକମ ଠପ୍ ହୋଇଯାଇଛି। ଏସବୁ ସମସ୍ୟାର ସମାଧାନ ପାଇଁ ବସ୍ତି ବାସିନ୍ଦା ନା ଆର୍‌ଏମ୍‌ସି ପାଖରେ ଫେରାଦ ହୋଇ ପାରୁଛନ୍ତି ନା ନିକଟସ୍ଥ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦାବି କରିପାରୁଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଡୁମକେଲାକୁ ଗ୍ରାମପଞ୍ଚାୟତ କିମ୍ବା ଆର୍‌ଏମ୍‌ସିରେ ସାମିଲ କରି ଅଞ୍ଚଳର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଡୁମକେଲାବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବସ୍ତିର ଆଦିବାସୀ ମହିଳା ନେତ୍ରୀ ବାସନ୍ତୀ ଖାଡିଆ କହିଛନ୍ତି। ସେହିପରି ଦୀର୍ଘ ୨ବର୍ଷ ହେଲାଣି ବସ୍ତିକୁ ପାନୀୟ ଜଳ ବ୍ୟବସ୍ଥା ଯୋଗାଇବା ପାଇଁ ଲକ୍ଷ୍ମୀନାରାୟଣ ମନ୍ଦିର ପାଖରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେବା ଯୋଗୁ ବସ୍ତିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏଥିସହ ବସ୍ତିର ବିପର୍ଯ୍ୟସ୍ତ ରାସ୍ତାଘାଟ ମରାମତି କରାଯାଉନାହିଁ। ତେଣୁ ସରକାର ଏ ନେଇ ପଦକ୍ଷେପ ନ ନେଲେ ଆଗକୁ ଆନ୍ଦୋଳନ ସହ ଭୋଟବର୍ଜନ କରାଯିବ ବୋଲି ଡୁମକେଲା ବସ୍ତିର ଭାରତୀ ଖାଡିଆ, ଓଷା ମାଝୀ, ସୁନିତା ଖାଡିଆ, ମମତା ଖାଡିଆ, ମୀନା ସୁନିଆନି, ନିରା ତନ୍ତୀ, ପ୍ରୀତି ଖାଡିଆ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀଙ୍କୁ ପଚାରିବାରୁ ସେ କହିଲେ, ଡୁମକେଲାବାସୀଙ୍କ ସମସ୍ୟା ବିଷୟରେ ସରକାରଙ୍କ ପାଖକୁ ରିପୋର୍ଟ ପଠାଯାଇଛି। ସରକାର ନିଶ୍ଚିତ ଭାବେ ଏହାର ନିଷ୍କର୍ସ ବାହାର କରିବେ ଏବଂ ଡୁମକେଲାବାସୀଙ୍କୁ ନ୍ୟାୟ ମିଳିବ ବୋଲି ମାଝୀ କହିଥିଲେ।



ଡୁମକେଲା ଅଞ୍ଚଳର ମହିଳାଗଣ।

## ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ରାଉରକେଲା ରେଳ ଷ୍ଟେଶନରୁ ଶୁକ୍ରବାର ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଶ୍ରୀଓମ୍ ନିଶାଦ(୧୯) ଏବଂ ସେ ବିହାର ପୂର୍ବ ଚମ୍ପାରଣ ଜିଲା ଭୁଆଲପଟିର ବାସିନ୍ଦା। ତାଙ୍କଠାରୁ ୧୪.୨୮୬ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୬୬।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଅବକାରୀ ମୋବାଇଲ ୟୁନିଟ୍‌ର ଏସ୍‌ଆଇ ଶ୍ରୀଧର ମହାନ୍ତି, ସୁନୀତା କେର୍କେଟା, ସପନ ସାହୁଙ୍କ ସମେତ ଅନ୍ୟମାନେ ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଷ୍ଟେଶନ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହିସମୟରେ ଶ୍ରୀଓମ୍‌ଙ୍କୁ ଧରିଯାଞ୍ଚ କରିବାରୁ ତାଙ୍କଠାରୁ ଗଞ୍ଜେଇ ଜବତ ହୋଇଥିଲା।



ଗିରଫ ଅଭିଯୁକ୍ତଙ୍କ ସହ ଅବକାରୀ ଅଧିକାରୀ।

## ବସ୍ତି ବାସିନ୍ଦାଙ୍କୁ ପଲିଥିନ ବଣ୍ଟନ



ପ୍ରଶାନ୍ତ ସେଠୀ ଶିଳ୍ପାଞ୍ଚଳ ଅଞ୍ଚଳରେ ପଲିଥିନ ବଣ୍ଟନ କରୁଛନ୍ତି।

ରାଉରକେଲା, ୪।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବସ୍ତି ଅଞ୍ଚଳରେ ରହୁଥିବା ଲୋକମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ସହରର ବହୁ ଗରିବ ଲୋକ ବସ୍ତି ଅଞ୍ଚଳରେ ପଲିଥିନ ଟାଣି ରହୁଥିବା ବେଳେ ବର୍ଷାରେ ତାହା ନଷ୍ଟ ହୋଇଯାଇଛି। ସେମାନଙ୍କ ଘରକୁ ବର୍ଷାପାଣି ପଶିଯାଇଛି। ଫଳରେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ସମୟରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଶୁକ୍ରବାର ବସ୍ତିବାସିନ୍ଦାଙ୍କୁ ସହାୟତାର ହାତ ବଢାଇଛନ୍ତି। ସେ ବସ୍ତିର ଗରିବ ଲୋକମାନଙ୍କୁ ଶୁକ୍ରବାର ପଲିଥିନ ବାଣ୍ଟନ କରିଛନ୍ତି। ଏହାସହ ବର୍ଷାରେ ଯେଉଁମାନଙ୍କ ଘର ଭାଙ୍ଗିଯାଇଛି ସେମାନଙ୍କୁ କିଭଳି ସରକାରୀ ସ୍ତରରେ ସହାୟତା ମିଳିବ ସେ ଦିଗରେ ଉଦ୍ୟମ କରିବେ ବୋଲି ସେଠୀ ବସ୍ତି ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ

ରାଉରକେଲା, ୪।୮ (ସଙ୍ଗୀତା ଜେନା)

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଘଟଣା

୨୦୧୫ରେ ରାଏବୋଗା ଥାନା ଅନ୍ତର୍ଗତ ଝୁନମୁର ବଛାଟୋଲା ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ରାଉରକେଲା ଅତିରିକ୍ତ ଦୌରା ଜଜ୍ ମନୋଜ କୁମାର ଅଭିଯୁକ୍ତ ଏମ୍‌ଜି ବୁଲୁଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମନା ପାଇଁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ଆଦେଶନାମାରେ କୁହାଯାଇଛି।

ସୂଚନା ଅନୁସାରେ, ୨୦୧୫ ଜୁଲାଇ ୨୩ ତାରିଖ ରାତିରେ ବଛାଟୋଲିର ଜଣେ ମହିଳାଙ୍କ ଘରକୁ ତାଙ୍କ ଦିଅରଙ୍କ ସାଙ୍ଗ ଅଭିଯୁକ୍ତ ବୁଲୁ ଯାଇଥିଲେ। ବୁଲୁ ଖାଇପିଇ ତାଙ୍କ ଘର ବାରଣ୍ଡାରେ ଶୋଇଥିଲେ। ପରିବାର ଲୋକେ ଶୋଇ ପଡ଼ିବା ପରେ ବୁଲୁ ଉକ୍ତ ମହିଳାଙ୍କ ଭିନ୍ନକ୍ଷମ ନଣନ୍ଦଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ଉକ୍ତ ଭିନ୍ନକ୍ଷମ ଯୁବତୀ ଜଣଙ୍କ ମୁକ ଓ ବଧିର ଥିବାରୁ ପାଟି କରି ନ ପାରି ଶବ୍ଦ କରିଥିଲେ। ଏହା ଶୁଣି ପରିବାର ଲୋକେ ତାଙ୍କ ଶୋଇବା ଘରକୁ ଯିବାରୁ ଅଭିଯୁକ୍ତ ବୁଲୁ ସେଠାରୁ ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ବୁଲୁଙ୍କୁ କାବୁ କରି ଥାନା ଜିମା ଦେଇଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ରାଏବୋଗା ପୋଲିସ ଏକ ମାମଲା (ନଂ.୩୫/୧୫) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ରାଉରକେଲା ଦୌରା ଜଜ୍ ଏହି ମାମଲାର ବିଚାର କରି ୧୩ ଜଣ ସାକ୍ଷୀ, ସମସ୍ତ ଦସ୍ତାବିଜ୍‌ର ଅନୁଧ୍ୟାନ କରି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ କରିଥିଲେ। ସରକାରୀ ଓକିଲ କୈଳାଶ ପ୍ରଧାନ ଏହି ମାମଲା ଲଢୁଥିଲେ।

## ଓଏଏସ୍ ପାଇଲେ ଜିଲା ନିୟୋଜନ ଅଧିକାରୀ



ଜ୍ୟୋତି ପ୍ରକାଶ ସେଠୀ।

ରାଉରକେଲା, ୪।୮ (ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଶା ଲୋକସେବା ଆୟୋଗ ପରିଚାଳିତ ଓଡିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷାରେ ରାଉରକେଲା ଜିଲା ନିୟୋଜନ ଅଧିକାରୀ ଜ୍ୟୋତି ପ୍ରକାଶ ସେଠୀଙ୍କୁ ସଫଳତା ମିଳିଛି। ସେ ୧୮୪ ର୍‍ୟାଙ୍କ ପାଇ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜ୍ୟୋତି ପ୍ରକାଶ ଗଞ୍ଜାମ ଜିଲା ଆସ୍କା ବ୍ଲକ ଲାହାଡା ଗ୍ରାମର ବାସିନ୍ଦା। ସେ ୨୦୧୮ରେ ପ୍ରଥମେ ସମ୍ବଲପୁରରେ ସହକାରୀ କୃଷି ଅଧିକାରୀ ଭାବେ ଚାକିରିରେ ଯୋଗ ଦେଇଥିଲେ। ୨୦୧୯ରେ ରାଜ୍ୟ ସଚିବାଳୟରେ ନିଯୁକ୍ତ ହେଲେ। ୨୦୨୦ରେ ଜ୍ୟୋତି ପ୍ରକାଶ ଓଡିଶା ଲୋକସେବା ଆୟୋଗରେ କୃତିତ୍ୱ ଲାଭ କରି ଓଡିଶା ପ୍ରଶାସନିକ ସେବା (ଓଏଏସ) ପରୀକ୍ଷା ପାଇଁ ଯୋଗ୍ୟ ଘୋଷିତ ହୋଇଥିଲେ। ସେ ୨୦୨୧ରେ ପରୀକ୍ଷା ଦେଇ ଓଏଏସ ପାଇ ରାଉରକେଲା ସମେତ ଗଞ୍ଜାମ ଜିଲାର ଗୌରବ ବୃଦ୍ଧି କରିଛନ୍ତି। ଜ୍ୟୋତି ପ୍ରକାଶ ସ୍କୁଲରେ ଜଣେ ମେଧାବୀ ଛାତ୍ର ଥିଲେ। ତାଙ୍କ ମା' ବାପା ନାହାନ୍ତି। ସେ ତାଙ୍କ ସ୍ତ୍ରୀ ମୋନାଲିସା ବେହେରାଙ୍କ ପ୍ରେରଣାରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଥିବା ପ୍ରକାଶ କରିଛନ୍ତି।

## ଆର୍‌ଡିସିଙ୍କୁ ଭେଟିଲା ରାଉରକେଲା ବଣିକ ସଂଘ



ଆର୍‌ଡିସିଙ୍କୁ ସଂଘର ସଦସ୍ୟ ସମ୍ବର୍ଦ୍ଧନା ଦେଉଛନ୍ତି।

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିନିଧି ମଣ୍ଡଳୀ ସଭାପତି ସୁନୀଲ କୟାଲଙ୍କ ନେତୃତ୍ୱରେ ଉତ୍ତର ମଣ୍ଡଳ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଲେଇଙ୍କୁ ଶୁକ୍ରବାର ସାକ୍ଷାତ କରିଛନ୍ତି। ଏହି ଅବସରରେ ଚ୍ୟାମ୍ବରର ସଦସ୍ୟମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ସୁନ୍ଦରଗଡ଼ ଜିଲାପାଳ ପରାଗ ହର୍ଷଦ ଗାଭାଲି ଉପସ୍ଥିତ ଥିଲେ। ଦୀର୍ଘଦିନରୁ ଚ୍ୟାମ୍ବରର ଜମି ବିବାଦ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଚ୍ୟାମ୍ବରର ପୂର୍ବତନ ସଭାପତି ସୁବ୍ରତ ପଟ୍ଟନାୟକ, ଉପସଭାପତି ଗୁରମିତ୍ ସିଂ, ନରେଶ ଆର୍ଯ୍ୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡେଙ୍ଗୁ, ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୪।୮ (ବିପ୍ଳବ ରଞ୍ଜନ ଦାଶ)

ଆରଏସପି ସହରୀ ଇଞ୍ଜିନିୟରିଂ ବିଭାଗ ଜନସ୍ୱାସ୍ଥ୍ୟ ୟୁନିଟ ଡେଙ୍ଗୁ ଓ ମ୍ୟାଲେରିଆର ମଳୋତ୍ପାଟନ ନେଇ ତତ୍ପର ହୋଇପଡିଛି। ଏହି କ୍ରମରେ ଇସ୍ପାତ ଗଜପତି ମାର୍କେଟ ଏବଂ ସେକ୍ଟର-୨୦, ସେକ୍ଟର-୬ ସ୍ଥିତ ଏଚ୍ ବ୍ଲକ ମାର୍କେଟରେ ଡେଙ୍ଗୁ ଏବଂ ମ୍ୟାଲେରିଆ ନିବାରଣ, ମୂଳୋତ୍ପାଟନ ଭିତ୍ତିକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହର ଇଞ୍ଜିନିୟରିଂ ବିଭାଗ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସିଏମ୍‌ଓ ଦୀପା ଲାଭାଙ୍ଗରେ ଯୋଗ ଦେଇଥିଲେ। ଏଥିରେ ବହୁସଂଖ୍ୟକ ଦୋକାନୀ, ଗ୍ରାହକ ଏବଂ ସର୍ବସାଧାରଣ ଉପସ୍ଥିତ ଥିଲେ। ଡାକ୍ତର ଲାଭଙ୍ଗରେ ମଶା ପ୍ରଜନନର ବିଭିନ୍ନ ପଦ୍ଧତି ଓ ଘରେ ତଥା ସ୍ୱଚ୍ଛତା ବଜାୟ ରଖିବାର ଉପାୟ ବିଷୟରେ ବର୍ଣ୍ଣନା କରିଥିଲେ। ଏଥିସହ ଏହି ମାରାତ୍ମକ ରୋଗର ନିୟନ୍ତ୍ରଣ ଜନିତ ସତର୍କତା ଏବଂ ପ୍ରତିଷେଧକ ବ୍ୟବସ୍ଥାରେ ଫୁଲ ହାଣ୍ଡି, ଡେଜର୍ଟ କୁଲର, ଅବ୍ୟବହୃତ ଟାୟାର ଆଦି ପରିଷ୍କୃତ ଭାବେ ରଖିବାକୁ କୁହାଯାଇଥିଲା। ମଶାରୀ ବ୍ୟବହାର ଓ ପୂର୍ଣ୍ଣ ସ୍ଲିଭ ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯାଇଥିଲା। ରୋଗର ଲକ୍ଷଣ ଓ ରୋଗ ଦମନକାରୀ ଔଷଧ ବିଷୟରେ ଆଲୋଚନା ସହ ସଚେତନମୂଳକ ଲିଫଲେଟ ପ୍ରଦାନ କରାଯାଇଥିଲା। ସମସ୍ତଙ୍କୁ ପରିଷ୍କାର ପରିଛନ୍ନ ରହିବା ସହିତ ପାରିପାର୍ଶ୍ୱିକ ପରିବେଶ ସଫାସୁତୁରା ରଖିବା ପାଇଁ ଦିଗ୍‌ଦର୍ଶନ ଦିଆଯାଇଥିଲା।



ଡେଙ୍ଗୁ, ମ୍ୟାଲେରିଆ ଉପରେ ସଚେତନ କରାଯାଉଛି।

## ତାଲା ଭାଙ୍ଗି ଚୋରି ଅଭିଯୋଗ

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ରଘୁନାଥପାଲି ଥାନା ଅନ୍ତର୍ଗତ ଭିନ୍ନକ୍ଷମ ଅନୁଷ୍ଠାନ ଆଞ୍ଚଳିକ ପୁନର୍ବାସ ଗବେଷଣା କେନ୍ଦ୍ର (ଆର୍‌ଆର୍‌ଆର୍‌ସି) କାର୍ଯ୍ୟାଳୟ ତାଲା ଭାଙ୍ଗି ଗୁରୁବାର ରାତିରେ ଚୋରି ହୋଇଛି। ଏ ନେଇ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ ବିଶିକେଶନ ନାୟକ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୪୩/୨୩) ରୁଜୁ କରି ତଦନ୍ତ କରୁଛି।

## ଏନ୍‌ଆଇଟି ଛାତ୍ର ନିଖୋଜ, ଥାନାରେ ଏତଲା

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଜଣେ ଛାତ୍ର ନିଖୋଜ ଅଛନ୍ତି। ସେ ହେଲେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍‌ର ଟି. ହେମନ୍ତ କୁମାର। ଏ ନେଇ ତାଙ୍କ ପିତା ସେକ୍ଟର-୩ ଥାନାରେ ଶୁକ୍ରବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ହେମନ୍ତ କୁମାର ଗତ ଜୁଲାଇ ୩୦ ତାରିଖରେ ଟ୍ରେନ ଯୋଗେ ରାଉରକେଲା ଆସିଥିଲେ। ତେବେ ସେ ୩୧ ତାରିଖ ସୁଦ୍ଧା ରାଉରକେଲାରେ ନ ପହଞ୍ଚିବାରୁ ତାଙ୍କ ପିତା ଟି. ଶ୍ରୀନିବାସ ରାଓ ରାଉରକେଲା ଆସି ଥାନାରେ ଏତଲା ଦେଇଥିଲେ।

# ରାଉରକେଲା ବିଜେଡି କାର୍ଯ୍ୟକାରିଣୀ ବୈଠକ

ରାଉରକେଲା, ୪।୮ (ସଙ୍ଗୀତା ଜେନା)

ପାନପୋଷ ରୋଡ୍ ସ୍ଥିତ ମନ୍ତ୍ରା ପ୍ୟାଲେସରେ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲାର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଓ ଶ୍ରମ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଉରକେଲା ବିଜେଡି ଜିଲା ସଭାପତି ହାଲୁ ମୁଣ୍ଡାରୀଙ୍କ ସମେତ ଜଣେ କାର୍ଯ୍ୟକାରୀ ସଭାପତି, ୧୦ଜଣ ଉପସଭାପତି, ୮ଜଣ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ, ୮ଜଣ ଯୁଗ୍ମ ସମ୍ପାଦକ, ୧୪ ଜଣ ଉପଦେଷ୍ଟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳକୁ ଅଧିକ ମଜବୁତ କରିବା ସହ ସମସ୍ତ ଲୋକ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଅତିଥିଗଣ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ପୋଲ ତଳ ରାସ୍ତା ଜଳାର୍ଣ୍ଣବ, ଯାତାୟାତରେ ବାଧା

ରାଉରକେଲା, ୪।୮ (ଦିନେଶ ମିଶ୍ର)

ରାଉରକେଲା ପାନପୋଷ ବସ୍ତିରେ ଜାମିଆ କଲୋନୀ, ଫାଦର କଲୋନୀ, ଜଗନ୍ନାଥ କଲୋନୀ, ପାଢୀ କଲୋନୀ ରହିଛି। ଏଠାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ସମସ୍ତ କଲୋନୀକୁ ରେଲୱେ ଫ୍ଲାଏ ଓଭରବ୍ରିଜ୍ ତଳ ରାସ୍ତା ଦେଇ ଯିବାକୁ ପଡିଥାଏ। ମାତ୍ର ବର୍ଷାଦିନ ଆସିଲେ ଏହି ଓଭରବ୍ରିଜ୍ ତଳ ରାସ୍ତା ଜଳାର୍ଣ୍ଣବ ହୋଇପଡେ। ବର୍ତ୍ତମାନ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଏଠାରେ ସର୍ବଦା ପାଣି ଜମି ରହି ଯାତାୟାତରେ ଅସୁବିଧା ହେଉଛି। ପାଣି ଜମିଥିବାରୁ ଗୋଟିଏ ଗାଡି ଯିବା ପରେ ଅନ୍ୟ ଏକ ଗାଡି ଯିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହି ବ୍ରିଜ୍ ତଳ ବାଟଦେଇ ରାଉରକେଲା ଶବ ବ୍ୟବଚ୍ଛେଦ ଗୃହକୁ ରାସ୍ତା ରହିଛି। ତେଣୁ ବର୍ଷାଦିନେ ମୃତଦେହ ବ୍ୟବଚ୍ଛେଦ ଗାଡିଗୁଡିକ ଅଧିକାଂଶ ସମୟ ରାସ୍ତାଜାମ୍ କରି ରଖୁଛି। ଫଳରେ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ପାନପୋଷ ବସ୍ତିର ବିଭିନ୍ନ କଲୋନୀକୁ ଯିବାକୁ ଏହା ବହୁ ପୁରାତନ ରାସ୍ତା ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ମରାମତି କରାଯାଇ ନ ଥିବାରୁ ଗର୍ତ୍ତମାନ ସୃଷ୍ଟି ହୋଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୀତାଦେବୀ ମାଝୀଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଓଭରବ୍ରିଜ୍ ରେଲୱେ ଜାଗାରେ ଥିବାରୁ ପ୍ରଶାସନ ଏହି ରାସ୍ତାକୁ ସମ୍ପ୍ରସାରଣ ଓ ମରାମତି କରୁପାରୁନାହିଁ। ଫଳରେ ଏହି ଓଭରବ୍ରିଜ୍ ତଳେ ବର୍ଷାଦିନେ ପାଣି ଜମି ରହିବା ସହ ଟ୍ରାଫିକ୍ ସମସ୍ୟା ଲାଗି ରହୁଛି। ତଥାପି ବିଭିନ୍ନ ସମୟରେ ବ୍ରିଜ୍ ତଳେ ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉଥିବା ମାଝୀ କହିଥିଲେ।



ବ୍ରିଜ୍ ତଳ ରାସ୍ତାରେ ପାଣି ଜମିଛି।

# କିଟ୍‌ର ଅମ୍ଲାନଙ୍କ କୃତିତ୍ୱ

ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ)

ଚାଇନାର ଚେଙ୍ଗଡୁଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ର ଅମ୍ଲାନ ବୋରଗୋହେନ ପ୍ରଥମ ଭାରତୀୟ ପୁରୁଷ ଆଥ୍‌ଲେଟ ଭାବେ ଆଥ୍‌ଲେଟିକ୍ସ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ସେ ପୁରୁଷ ୨୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ତାରକା ଆଥଲେଟ୍ ଜ୍ୟୋତି ୟାରାଜି ମହିଳା ୧୦୦ ମିଟର ହର୍ଡଲ୍ସରେ ନିଜ




ବ୍ରୋଞ୍ଜ ପଦକ ବିଜୟୀ ଜ୍ୟୋତି ୟାରାଜି ଓ ଅମ୍ଲାନ ବୋରଗୋହେନ।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

### ନିଜ ଜାତୀୟ ରେକର୍ଡ ଭାଙ୍ଗିଲେ ଜ୍ୟୋତି ୟାରାଜି

ଜାତୀୟ ରେକର୍ଡ ଭାଙ୍ଗିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଜ୍ୟୋତି ବ୍ୟକ୍ତିଗତ ଶ୍ରେଷ୍ଠ ୧୨.୭୮ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ୨୦୨୨ରେ ସେ ୧୨.୮୨ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ। ଏଥିସହ ସେ ହାଙ୍ଗଝୋଉ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଭିକ୍ଟୋରିଆ ଫର୍ଷ୍ଟର (୧୨.୭୨) ସ୍ୱର୍ଣ୍ଣ ଓ ୟାନି ଉ (୧୨.୭୬) ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ଅମ୍ଲାନ ସିଜନ ଶ୍ରେଷ୍ଠ ୨୦.୫୭ ସେକେଣ୍ଡ ସମୟ ନେଇ ଫାଇନାଲ୍ସରେ ପ୍ରବେଶ କରିଥିଲେ। ଏହି ଟାଇମିଂ ଯୋଗୁ ସେ ଏସିଆନ ଗେମ୍ସ ଯୋଗ୍ୟତା ପାଇଥିଲେ। ନିଜ ଟାଇମିଂରେ ଉନ୍ନତି ଆଣି ସେ ଫାଇନାଲ୍ସରେ ୨୦.୫୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଦକ୍ଷିଣ ଆଫ୍ରିକାର ସେବୋ ଇସାଡୋରେ ମାସୋସୋ ୨୦.୩୬ ଓ ଜାପାନର ୟୁଦାଇ ନିଶି ୨୦.୪୬ ସେକେଣ୍ଡ ସମୟ ସହ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିଲେ। ପୂର୍ବରୁ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଦୂତୀ ଚାନ୍ଦ ଭାରତର ପ୍ରଥମ ମହିଳା ଆଥଲେଟ୍‌ଭାବେ ଆଥ୍‌ଲେଟିକ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଇଟାଲିର ନାପୋଲିରେ ୨୦୧୯ରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ମହିଳା ୧୦୦ ମିଟରରେ ଏହି ସଫଳତା ପାଇଥିଲେ।

ଭାରତର ଆଉ ୨ ଆଥ୍‌ଲେଟ ସାଥ୍ୟା ତାମିଲାରଶନ ଓ ସିନ୍ଧୁଶ୍ରୀ ଗଣେଶ ମହିଳା ପୋଲଭଲ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ଫାଇନାଲ୍‌ରେ ସାଥ୍ୟା ୩.୬୦ ମିଟର ସହ ୭ମ ସ୍ଥାନ ପାଇଥିବାବେଳେ ଗଣେଶ ଓହରି ଯାଇଥିଲେ। ପୁରୁଷ ଜାଭେଲିନ ଥ୍ରୋରେ ବିକ୍ରାନ୍ତ ମଲିକ (୭୧.୧୫) ଓ ଅନୁଜ କଲେରା (୬୯.୪୯) ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ପୁରୁଷ ହାମର ଥ୍ରୋ ଫାଇନାଲ୍ସରେ ପ୍ରବେଶ କରିଥିଲେ ହେଁ ଅଜୟ କୁମାର ୧୧ଶ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଜ୍ୟୋତି ଓ ଅମ୍ଲାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଣ୍ଡି ଫ୍ଲାୱାର ଆର୍‌ସିବି ମୁଖ୍ୟ କୋଚ୍

ବେଙ୍ଗାଲୁରୁ, ୪।୮ (ପି.ଟି.)

ଅଭିଜ୍ଞ ଆଣ୍ଡି ଫ୍ଲାୱାର ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ମାଇକ୍ ହେସନ ଓ ସଞ୍ଜୟ ବାଙ୍ଗରଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ପୂର୍ବରୁ ଦଳର ଡାଇରେକ୍ଟର ଅଫ୍ କ୍ରିକେଟ ଅପରେଶନ ଏବଂ ମୁଖ୍ୟ କୋଚ୍ ରହିଥିବା ହେସନ ଓ ବାଙ୍ଗରଙ୍କ କାର୍ଯ୍ୟକାଳ ସେପ୍ଟେମ୍ବର ପର୍ଯ୍ୟନ୍ତ ରହିଥିଲା। ମାତ୍ର ଫ୍ରାଞ୍ଚାଇଜ ସେମାନଙ୍କ କାର୍ଯ୍ୟକାଳ ମିଆଦକୁ ବୃଦ୍ଧି କରିବା ଲାଗି ଆଉ ଚାହିଁ ନ ଥିଲା। ଆରସିବିର ମୁଖ୍ୟ ତଥା ଉପସଭାପତି ରାଜେଶ ମେନନଙ୍କର ଲଣ୍ଡନରେ ଫ୍ଲାୱାରଙ୍କ ସହ ଭେଟ ହୋଇଥିଲା। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଫ୍ଲାୱାରଙ୍କ ନାମକୁ ମେନନ ସୁପାରିସ କରିଥିଲେ। ଫ୍ଲାୱାର କୁଆଡେ କହିଥିଲେ, ୨୦୨୪ରେ ସେ ଆରସିବିକୁ ଆଗେଇ ନେବାକୁ ଚାହୁଁଛନ୍ତି। ଫ୍ଲାୱାର ଇଂଲଣ୍ଡ କ୍ରିକେଟ ଦଳ ସହିତ ଦୀର୍ଘ ୧୨ ବର୍ଷ ସଂଶ୍ଳିଷ୍ଟ ଥିଲେ। ଜିମ୍ବାୱେର ଏହି ପୂର୍ବତନ କ୍ରିକେଟର ପ୍ରଥମେ ୨୦୦୭ରେ ପିଟର ମୁର୍‌ସଙ୍କ ଅଧୀନରେ ସହକାରୀ କୋଚ୍ ଭାବେ କାର୍ଯ୍ୟ କରିଥିଲେ। ଏହାର ଦୁଇ ବର୍ଷ ପରେ ସେ ମୁଖ୍ୟ କୋଚ୍ ହୋଇଥିଲେ। ୨୦୧୪ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିଥିଲେ। ସେ ମୁଖ୍ୟ କୋଚ୍ ରହିଥିବା ବେଳେ ଇଂଲଣ୍ଡ ଟେଷ୍ଟ ଦଳ ବିଶ୍ୱର ନମ୍ବର ୱାନ ଟେଷ୍ଟ ଦଳରେ ପରିଣତ ହୋଇଥିଲା। ୨୦୧୦ ଦଳ ଟି୨୦ ବିଶ୍ୱକପ୍ ଟାଇଟଲ ଜିତିବା ସହ ୨୦୧୦-୧୧ରେ ଅଷ୍ଟ୍ରେଲିଆରେ ଆଶେସ ସଫଳତା ହାସଲ କରିଥିଲା।

# ଉଦ୍‌ଘାଟନୀ ମ୍ୟାଚରେ ଆର୍ଡୋର ବିଜୟୀ



ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ସହ ଅତିଥି, କର୍ମକର୍ତ୍ତା ଓ ଅନ୍ୟମାନେ।

## ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍ ଆରମ୍ଭ

ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ମେମୋରିଆଲ ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ ଲିଗ୍ ଶୁକ୍ରବାର ଆରମ୍ଭ ହୋଇଛି। ୟୁନିଟ-୧ ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଆର୍ଡୋର ଫୁଟବଲ ଏକାଡେମୀ ୬-୧ ଗୋଲରେ ଏମ୍‌ଏସ୍ ଇଲେଭେନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଙ୍କିତ ଯାଦବ ମ୍ୟାଚର ୫୨, ୬୫, ୬୮ ଓ ୭୨ତମ ମିନିଟରେ ଏକାକୀ ୪ଟି ଗୋଲ ଦେଇଥିଲେ। ଆର୍ଯ୍ୟନ କମଲ ୧୦ ଓ ବିଷ୍ଣୁ ଦାସ ୨୮ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ଏମ୍‌ଏସ୍ ଇଲେଭେନ ପକ୍ଷରୁ ମାନସ ରଞ୍ଜନ ମାରାଣ୍ଡି ୬୫ଷ୍ଠ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଚମତ୍କାର ପ୍ରଦର୍ଶନ ପାଇଁ ଅଙ୍କିତ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋବିନ୍ଦ ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୁଶାନ୍ତ ମିଶ୍ର, ଆଲୋକ ଦେହୁରି, ଶିବ ସାମନ୍ତରାୟ, ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ସୁଦୀପ୍ତା ଦାଶ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ, ସ୍ୱର୍ଗତ ଗତିକୃଷ୍ଣଙ୍କ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ ଆସୋସିଏଶନର ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେବା ପୂର୍ବରୁ ସ୍ୱର୍ଗତ ମନୋରଞ୍ଜନ ମହାନ୍ତି ଓ ଏସ୍.କେ. ରୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଅଂଶୁମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୪।୮ (ତପନ ସ୍ୱାଇଁ)

ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ଆଇଏସ୍‌ଟିଏଫ୍ ୱାର୍ଲ୍ଡ ଟୁର୍ ଅନ୍ତର୍ଜାତୀୟ ସଫ୍ଟ ଟେନିସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ଶୁକ୍ରବାର ଫେରିଥିବା ଓଡ଼ିଶାର ଅଂଶୁମାନ ବାବୁଙ୍କୁ ଭୁବନେଶ୍ୱରରେ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଛି। ଅଂଶୁମାନ ୨୧ ବର୍ଷରୁ କମ୍ ବର୍ଗରେ ସୂର୍ଯ୍ୟାକାଶଙ୍କ ସହ ପାର୍ଟନର ହୋଇ ଏହି ସଫଳତା ପାଇଥିଲେ। ଏହି ଅବସରରେ



ଭୁବନେଶ୍ୱରରେ ଶୁକ୍ରବାର ଅଂଶୁମାନ ବାବୁଙ୍କୁ ସ୍ୱାଗତ କରାଯାଉଛି।

ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ତଥା କୋଚ୍ ମହମ୍ମଦ ଆଜାମ, ସତୀଶ କୁମାର ବିଶ୍ୱକର୍ମା, ବାସୁଦେବ ଓଝା, ବଦ୍ରି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଜୁଲାଇ ୨୬ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍

# ମହିଳା କମ୍ପାଉଣ୍ଡ ଦଳକୁ ଐତିହାସିକ ସ୍ୱର୍ଣ୍ଣ

**ବର୍ଲିନ, ୪।୮ (ପି.ଟି.):** ତୀରନ୍ଦାଜୀ ବିଶ୍ୱକପ୍‌ରେ ଜ୍ୟୋତି ସୁରେଖା ଭେନମ, ଅଦିତି ସ୍ୱାମୀ ଓ ପରଣିତ କୌରଙ୍କୁ ନେଇ ଗଠିତ ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍ ଦେଶପାଇଁ ପ୍ରଥମ ଥର ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଫାଇନାଲରେ ସେମାନେ ଟପ୍ ସିଡ୍ ମେକ୍ସିକୋକୁ ୨୩୫-୨୨୯ରେ ହରାଇ ଦେଇଛନ୍ତି। ଏଥିସହିତ ଭାରତ ଚାମ୍ପିୟନଶିପ୍‌ର ପଦକ ତାଲିକାରେ ପ୍ରବେଶ କରିଛି। ପୂର୍ବରୁ ଭାରତ ସେମିଫାଇନାଲରେ ଗତଥରର ଚାମ୍ପିୟନ କଲମ୍ବିଆ ବିପକ୍ଷରେ ୨୨୦-୨୧୬ରେ ବିଜୟ ଲାଭ କରିଥିଲା। କ୍ୱାର୍ଟରଫାଇନାଲରେ ଦଳ ଚାଇନିଜ ତାଇପେକୁ ୨୨୮-୨୨୬ରେ ପରାସ୍ତ କରିଥିଲା। ଭାରତ ୧୯୮୧ରେ ଇଟାଲିର ଆଲାଠାରେ ବିଶ୍ୱ ଚାମ୍ପିୟନଶିପ୍‌ରେ ଏହାର ପ୍ରଥମ ପଦାର୍ପଣ କରିଥିଲା। ଭାରତୀୟ ତୀରନ୍ଦାଜମାନେ ପ୍ରଥମ ଥର ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ଭାରତ ଅତୀତରେ ରିକର୍ଭ ବିଭାଗରେ ୪ଥର ଏବଂ ଅଣ ଅଲିମ୍ପିକ କମ୍ପାଉଣ୍ଡ ବିଭାଗରେ ୫ଥର ଫାଇନାଲରେ ପ୍ରବେଶ କରି ପରାଜିତ ହୋଇଥିଲା।





ଆମର ଅନନ୍ୟ କଲେକ୍ଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ୍ୟ ଉପଲବ୍ଧ www.reliancejewels.com

**ଅନଗୁଳ:** ଅନୁ ଶପିଂ ମଲ୍, ଅମଳପଡା, ମେନ୍ ରୋଡ୍ ଫୋନ୍: 8249389498/06764-231280 | **ବରଗଡ଼:** ଓରିଏଣ୍ଟାଲ ହୋଟେଲ ବିଲ୍ଡିଂ, କେନାଲ ଏଭିନ୍ୟୁ ଲେନ୍ ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ ସାମ୍ନା, ଫୋନ୍: 7978165008, 8249056295 | **ବ୍ରହ୍ମପୁର (ଓଡିଶା):** ବଡ଼ ବଜାର, ନଦିଆ ଗୁରୁଜୀ ଛକ ସମ୍ମୁଖ, ବ୍ରହ୍ମପୁର, ଫୋନ୍: 7008995399/0680-2250017/18 | **ଭଦ୍ରକ:** ରିଲାଏନ୍‌ସ କ୍ଲେଭ୍‌ସ, ବାଲଗୋପାଳ ମନ୍ଦିର ସାମ୍ନା, କଚେରୀ ରୋଡ୍, ଭଦ୍ରକ. ଫୋନ୍: 9078000357/7377280211/8249081489 | **ଭୁବନେଶ୍ୱର:** **ଜନପଥ,** ସତ୍ୟ ନାଗର ଫୋନ୍: 7008218533/9835924332 | **କଟକ:** କ୍ୟାଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 7682848136/0671-2520011 | **ଢେଙ୍କାନାଳ:** ପ୍ଲଟ୍ ନଂ. 2720/23182, ଜଗନ୍ନାଥ ରୋଡ୍, ବ୍ୟାଙ୍କ ଅଫ୍ ବରୋଦା ସାମ୍ନା, ମୀନା ବଜାର, ଫୋନ୍: 9348432641 | **ଯାଜପୁର:** ପ୍ଲଟ୍ ନଂ. 923/924, ଗ୍ରାମ, ଭାଟିଆ, ୟୁନିଟ୍ ନଂ. 4, ଚୋର୍ଦା ବାଇପାସ୍ ଛକ, ଯାଜପୁର ରୋଡ୍, ଯାଜପୁର, ଫୋନ୍: 9078084953 | **ଝାରସୁଗୁଡ଼ା:** ସରବହାଲ ରୋଡ୍, ରିଲାଏନ୍‌ସ ଟ୍ରେଣ୍ଡ୍‌ସ ନିକଟ, ଝାରସୁଗୁଡ଼ା. ଫୋନ୍: 6645291740/9861925764/8926977419 | **କେନ୍ଦୁଝର:** ପ୍ଲଟ୍ ନଂ. 405/706, ମାଧପୁର ଛକ, ହୋଟେଲ ଅଙ୍କିତା ସାମ୍ନା | ଫୋନ୍: 7008752980 | **ରାଉରକେଲା:** ଗୁରନାମ ଟାୱର, ଉଦିତ ନଗର, କଚେରୀ ରୋଡ୍, ଫୋନ୍: 8120007888/8456006992 | **ସମ୍ବଲପୁର:** ବୁଢାରାଜା ମେନ୍ ରୋଡ୍, ସହଯୋଗ ନଗର, ସମ୍ବଲପୁର. ଫୋନ୍: 6372909946 | **ବାଲାଙ୍ଗୀର:** ପ୍ଲଟ୍ ନଂ. 265/1408, ତଳ ଏବଂ ପ୍ରଥମ ମହଲା, ଗୋପାଳଜୀ ରୋଡ୍, ମା' ସମଲେଶ୍ୱରୀ ମନ୍ଦିର ନିକଟ, ୱାର୍ଡ ନଂ. - 12, ଓଡ଼ିଶା : ଫୋନ୍: 7008120335

ଆମକୁ ଅନୁସରଣ କରନ୍ତୁ:



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ